ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମଇ ୨୦୨୩ ସଂଖ୍ୟା

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବନ୍ଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

‘ଆହ୍ୱାନ’ ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ନିଦାଘର କଷ୍ଟ ଦୂର କରିବା ହେତୁ ପ୍ରଚୁର ପାଣି ପିଅନ୍ତୁ, ଅତି ଆବଶ୍ୟକ ନ ହେଲେ ବାହାରକୁ ଯାଆନ୍ତୁ ନାହିଁ**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **ଗଳ୍ପ ବିଭାଗ** | | **୨୩** |
| ଅନେକ କଳାଛାଇ - ୨ | ଅଶୋକ ବିଶ୍ୱାଳ | ୨୪ |
| ବାପାଙ୍କୁ ଚିଠି ଟିଏ | ନିତ୍ୟରଞ୍ଜନ ନନ୍ଦ | ୩୬ |
| ମନ ସୁନ୍ଦର | କିରନ ସ୍ୱାଇଁ | ୪୧ |
| ବସୁଷେଣ | ସୁନନ୍ଦା ମହାନ୍ତି | ୪୪ |
| ମଳୟ ମୌସୁମୀ ମିଳନ | ବର୍ଷାରାଣୀ ମହାମଲ୍ଲିକ | ୭୦ |
| ମୃତ୍ୟୁ ଉତ୍ସବ | ସୁଧାଂଶୁ ଶେଖର ଦ୍ୱିବେଦୀ | ୯୨ |
| ପଟେ ପାଉଁଜି | ଅନନ୍ତ କୁମାର | ୯୫ |
| ପ୍ରେମ ଆଉ ବିରହ | ମମତା ସାଉ | ୯୯ |
| ଋତୁ ବଦଳେ | ବିନୟ ମହାପାତ୍ର | ୧୦୬ |
| ପ୍ରଥମ ଚିଠି | ବିଜୟ କୁମାର ସାହୁ | ୧୧୮ |
| ଗଛ ଓ ଗୁଗୁଲୁ | ବୈଶାଖୀ ଦୀପ | ୧୨୧ |
| ବିଡ଼ି (ନିଶା) | ପ୍ରହ୍ଲାଦ ସାହୁ | ୧୨୪ |


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| ଆକର୍ଷଣ | ରୁଦ୍ରକାନ୍ତ ରାଉତରାୟ | ୧୨୭ |
| ତ୍ରିଲୋଚନ କାନୁନଗୋ:ଏକ ଅମ୍ଳାନ ବ୍ୟକ୍ତିତ୍ୱ | ସଞ୍ଜୀବ କୁମର ଦାସ | ୧୩୨ |
| **କବିତା ବିଭାଗ** | | **୧୩୬** |
| ପ୍ରୋଷିତା ପ୍ରିୟା | ଶିବ ନାରାୟଣ ଦାଶ | ୧୩୭ |
| ଝଡ଼ର ପକ୍ଷୀ | ସ୍ୱର୍ଗତ ମାୟାଧର ଦାଶ | ୧୪୧ |
| ପିତା ମୋ ପ୍ରେରଣା | ବାସନ୍ତୀ ଲତା ଜେନା | ୧୪୨ |
| କୋଉଠୁ ପାଇବୁ ଯେ | କୀର୍ତ୍ତନ ସାହୁ | ୧୪୪ |
| କବିତା ଆଞ୍ଜୁଳେ | ମଧୁସ୍ମିତା ସାହୁ | ୧୪୬ |
| ଚକାନୟନ | ରାମ ପ୍ରସାଦ ସିଂହ | ୧୪୭ |
| କଲମ ମୋ କଥା କହେ | ରଞ୍ଜିତା ରାଉଳ | ୧୪୮ |
| ଶବ୍ଦ ସଂରଚନା | ରଶ୍ମୀରେଖା ମଲ୍ଲିକ | ୧୫୦ |
| ସଂସାରୀ ଠାକୁର ତୁହି | ବାଲାଜୀ ସେଠୀ | ୧୫୧ |
| ନାରୀ | ଦେବାର୍ଚ୍ଚନ ମେହେର | ୧୫୩ |
| ତୁମେ ଯେବେ ଆସ | ସୂର୍ଯ୍ୟକାନ୍ତ ମଲ୍ଲିକ | ୧୫୮ |
| ବହି | ବର୍ଷାରାଣୀ ମହାମଲ୍ଲିକ | ୧୬୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସୁଧୀର ପ୍ରେମ | ଭବାନୀ ଶଙ୍କର ଦାଶ | ୧୬୨ |
| ନଇଁ ଆସେ ସଞ୍ଜ | ମାନସ ରଞ୍ଜନ ନାୟକ | ୧୬୩ |
| ଝଡ଼ | ଦିନେଶ ମେହେର | ୧୬୫ |
| ହୋଇଗଲୁ ଆମେ ଏକ ନମ୍ବର | ପଙ୍କଜ କୁମାର ମଙ୍ଗଳ | ୧୬୬ |
| ଅବ୍ୟକ୍ତ ବେଦନା | ପ୍ରଭାତ କୁମାର ନାୟକ | ୧୬୭ |
| ଅକ୍ଷୟ ତୃତୀୟା | ପବିତ୍ରା ଧଳ (ମଲ୍ଲିକ) | ୧୬୮ |
| ବିଶ୍ୱକବି ରବିନ୍ଦ୍ରନାଥ | ସୁରେଶ ଚନ୍ଦ୍ର ପାଢ଼ୀ | ୧୭୧ |
| ନବବରଷ ଆଣୁ ହରଷ | ବିକାଶ କୁମାର ହୋତା | ୧୭୨ |
| ବିରହର ନିଆଁ | ପ୍ରତିମା ମେହେର | ୧୭୩ |
| ପ୍ରେମ  ବାସ୍ନା | ଆଶୁତୋଷ ମେହେର | ୧୭୪ |
| ମାନବିକତା | ସରୋଜିନୀ ମିଶ୍ର | ୧୭୫ |
| ଜାଗି ଉଠ | ପ୍ରଲିପ୍ତା ଶତପଥୀ | ୧୭୭ |
| ଅତୀତରେ ଗତବର୍ଷ | ଶଙ୍କର ବିଶ୍ୱାଳ | ୧୭୮ |
| ଜୀବନର ଝଡ଼ | ନିରଞ୍ଜନ ସାହୁ | ୧୮୦ |
| କାନେ କିଛି କୁହ | ଦିବାକର ନାୟକ | ୧୮୧ |
| ସୁହାଗିନୀ | ସୁହଂସ ଭୋଇ | ୧୮୨ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନବଘନ, ମିନୁ ଓ କଇଁତୋଳା | ନୀଳମଣି ଚାନ୍ଦ | ୧୮୩ |
| ହେ କାହ୍ନା | ସୌଦାମିନୀ ସାହୁ | ୧୮୫ |
| ମା ତାରିଣୀ | ରୀନା ସେଠୀ | ୧୮୬ |
| ତୁମକୁ ମୁଁ ଝୁରେ | ଶ୍ରୀମତୀ  ନିରୁପମା ପାଣି | ୧୮୭ |
| ସେଇ ଝିଅଟି | ସିଦ୍ଧେଶ୍ୱର ତ୍ରିପାଠୀ | ୧୮୮ |
| କୁହେଳିକା | ପ୍ରହ୍ଲାଦ ସାହୁ | ୧୮୯ |
| ମଶାଣି ତୁଳସୀ | ଦଣ୍ଡାସି ପ୍ରଧାନ | ୧୯୨ |
| ସବୁ ଏଠି କ୍ଷୁଧା | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୯୫ |
| ସ୍ୱପ୍ନର ନାୟିକା | ଯାଦବ ପ୍ରଦୀପ ପରୁଆ | ୧୯୬ |
| ମାଟି ମା’ ଓ ମମତା | ଚନ୍ଦନ କୁମାର ଜେନା | ୧୯୭ |
| ତମେ | ଶ୍ରୀକ୍ଷେତ୍ର ସୁନ୍ଦର | ୧୯୯ |
| ପିମ୍ପୁଡି ଓ ମନୁଷ୍ୟ | ଅମୃତନାରାୟଣ ଶତପଥୀ | ୨୦୦ |
| ଦୃଶ୍ୟାନ୍ତର | ନିହାର ରଞ୍ଜନ ଦାଶ | ୨୦୧ |
| ହୃଦୟ ବା ରୂପ | ମମତା ଦାଶ ମିଶ୍ର | ୨୦୩ |
| **ଲୋକଭାଷା ବିଭାଗ** | | **୨୦୪** |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୨୦୫ |
| ଦେଶ୍ ମାର୍ | ସୁନିଲ୍ କୁମାର ଅଗସ୍ତି | ୨୦୮ |
| **ପ୍ରବନ୍ଧ ବିଭାଗ** | | **୨୦୯** |
| କଳାକାରଙ୍କୁ ଚିହ୍ନନ୍ତୁ - ୨ | ସୌମ୍ୟରଞ୍ଜନ ସାମଲ | ୨୧୦ |
| ଜୀବନ କ'ଣ ଏତେ ମୂଲ୍ୟହୀନ ! | ସୌମ୍ୟରଞ୍ଜନ ପାଢ଼ୀ | ୨୧୪ |
| ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି... | ପଙ୍କଜ କୁମାର ପାଣିଗ୍ରାହୀ | ୨୧୮ |
| ଡ. ଆମ୍ବେଦକରଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ମୂଲ୍ୟାଙ୍କନ | ଅସିତ ମହାନ୍ତି | ୨୨୪ |
| ବିବର୍ତ୍ତନ ରେ ପରିବର୍ତ୍ତନ | ଗୌତମ ନାୟକ | ୨୨୯ |
| ଲାଳିକା | କିରନ ସ୍ୱାଇଁ | ୨୩୩ |
| ଓଡ଼ିଶାର ଗର୍ବ ସ୍ଥାପତ୍ୟ ଶିଳ୍ପୀ -ରଘୁନାଥ ମହାପାତ୍ର | ଅକ୍ଷୟ କୁମାର ରାଉତ | ୨୩୯ |
| **ବିଶେଷ ସୂଚନା** | | **୨୪୩** |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମଇ ୨୦୨୩ ସଂସ୍କରଣ ସହ ମୁଁ ଉପସ୍ଥିତ । ଆଶା କରୁଛି ପୂର୍ବ ସବୁ ସଂସ୍କରଣ ଭଳି ଏହି ସଂସ୍କରଣକୁ ମଧ୍ୟ ଆପଣ ମାନଙ୍କ ସ୍ନେହ ଓ ଭଲପାଇବା ଭରପୂର ମିଳିବ । ଆହ୍ୱାନର ଅବସ୍ଥିତି ଆପଣ ମାନଙ୍କ ପାଇଁ ହିଁ ସମ୍ଭବ । ଚଳିତ ସଂସ୍କରଣରେ ଅନେକ ନୂତନ ଲେଖକ ଲେଖିକାଙ୍କ ଆଲେଖ୍ୟ ସ୍ଥାନ ପାଇଛି, ସେଥିମଧ୍ୟରୁ କିଛି ଆଲେଖ୍ୟ ଖୁବ୍ ଶୀଘ୍ର ଆହ୍ୱାନ ୟୁଟ୍ୟୁବ୍ ଚ୍ୟାନେଲରେ ପୋଡ଼କାଷ୍ଟ ଭାବରେ ପ୍ରକାଶିତ ହେବ । ଆପଣମାନେ ଆମର ଏହି ୟୁଟ୍ୟୁବ୍ ଚ୍ୟାନେଲକୁ ଲାଇକ୍ ଏବଂ ସବସ୍କ୍ରାଇବ୍ କରି ଏହାକୁ ଅଧିକ ଲୋକପ୍ରିୟ କରିବାକୁ ଅନୁରୋଧ କରୁଛି । ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ ହେଉଥିବା ସମସ୍ତ ସାହିତ୍ୟିକଙ୍କୁ ବିନିତ ଅନୁରୋଧ ଆମ ଚ୍ୟାନେଲକୁ ନିଶ୍ଚୟ ସବସ୍କ୍ରାଇବ୍ କରନ୍ତୁ । (https://www.youtube.com/@aahwaan) ।

ଚଳିତ ବର୍ଷର ଗ୍ରୀଷ୍ମଋତୁ ଏକ ବିରଳ ଅନୁଭୂତି ସୃଷ୍ଟି କରୁଛି । ଅତ୍ୟନ୍ତ ଅସହନୀୟ ଉତ୍ତାପ ପାଇଁ ସ୍କୁଲ କଲେଜ ସବୁ ଛୁଟି କରିଦେବା ପରେ ପରେ ପାଣିପାଗ ଏମିତି ବଦଳିଛି ଯେ ବିଶ୍ୱାସ କରି ହେଉନି । କିଛି ଦିନ ବର୍ଷା ଏବଂ ଥଣ୍ଡା ପାଗ ରହିବା ପରେ ଏବେ କିଛି ଦିନ ହେବ ଅତ୍ୟଧିକ ଗୁଳୁଗୁଳି ଏବଂ ଦିନ ସମୟର ତାପମାତ୍ରା ବୃଦ୍ଧି ପାଇବାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଛି । ବ୍ରହ୍ମପୁର ଭଳି ରାଜ୍ୟର ଅନେକ ଉପକୂଳବର୍ତ୍ତୀ ଅଞ୍ଚଳରେ ବାୟୁରେ ଆର୍ଦ୍ରତା ଅଧିକ ଥିବା ହେତୁ ଅସହନୀୟ ଯନ୍ତ୍ରଣା ଅନୁଭବ ହେଉଛି । ଏହି ପାଗରେ ଅଂଶୁଘାତ ଜନିତ ମୃତ୍ୟୁ ହେବାର ସମ୍ଭାବନା ଅଧିକ ଥାଏ । ତେଣୁ ଅତି ଜରୁରୀ ହେଲେ ହିଁ ଘରୁ ବାହାରକୁ ଆସନ୍ତୁ । ଯଦି ବାହାରକୁ ଯାଉଛନ୍ତି, ସାଥିରେ ପାଣି ବୋତଲ ନିଶ୍ଚୟ ନେଇ ଯାଆନ୍ତୁ । ମୁଣ୍ଡକୁ ଘୋଡ଼ାଇ ରଖିବା ପାଇଁ, ପଗଡ଼ି, ଟୋପି, ଛତା କିମ୍ବା ତଲାରି ଆଦି ବ୍ୟବହାର ଅତ୍ୟନ୍ତ ଆବଶ୍ୟକ । ହାଲିଆ ଲାଗିଲେ କିମ୍ବା ମୁହଁ ବୁଲାଇବା ଭଳି ଅନୁଭବ ହେଲେ ତୁରନ୍ତ ଛାଇ ସ୍ଥାନ ଦେଖି ବସି ଯାଆନ୍ତୁ, କିମ୍ବା ଶୋଇ ଯାଆନ୍ତୁ । ପାଣି ଯଥେଷ୍ଟ ମାତ୍ରାରେ ପିଅନ୍ତୁ । ଯଦି ଆପଣଙ୍କୁ ଉଚ୍ଚ ରକ୍ତଚାପ ରୋଗ ନଥାଏ, ତା ହେଲେ ଆପଣ ଓଆରଏସ୍ ଲବଣରେ ସରବତ କରି ସାଥିରେ ନେଇ ଯାଆନ୍ତୁ । ଏବଂ ବାରମ୍ବାର ବ୍ୟବହାର କରନ୍ତୁ । ଅତ୍ୟଧିକ କଷ୍ଟ, ମାଂସପେଶୀ ବ୍ୟଥା, ମୁଣ୍ଡ ବ୍ୟଥା, ମୁହଁ ବୁଲାଇବା, ହାଲିଆ ଲାଗିବା କିମ୍ବା ଦୁର୍ବଳ ଲାଗିବା ଭଳି ଅବସ୍ଥା ଦେଖା ଦେଲେ, ଯଥାଶୀଘ୍ର ନିକଟସ୍ଥ ଡାକ୍ତରଖାନାରେ ହାଜର ହୋଇ ଉଚିତ ଉପଚାର କରାଇ ନିଅନ୍ତୁ । ବୟସ୍କ ବ୍ୟକ୍ତି, ରୋଗୀ ତଥା ଶିଶୁମାନଙ୍କୁ ଏହି ପାଗରେ ବାହାରକୁ ଯିବାକୁ ଦିଅନ୍ତୁ ନାହିଁ । ଅଧିକ ସୂଚନାପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମିତ ଭାବରେ ପ୍ରକାଶିତ ବିଜ୍ଞାପନ ଏବଂ ସୂଚନାକୁ ଧ୍ୟାନ ଦେଇ ପଢ଼ନ୍ତୁ । ମନେ ରଖନ୍ତୁ, ସାବଧାନତା ହିଁ ସୁରକ୍ଷା । ବେଳଥାଉ ଥାଉ ସାବଧାନ ହୋଇ ନିଜକୁ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିବେ ।

ଚଳିତ ମାସ ଦେଶରେ ଯେଉଁ ଖବର ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି ସେଇ ସବୁ ବିଷୟରେ ଆସନ୍ତୁ ସମ୍ୟକ ସୂଚନା ପଢ଼ି ଜାଣିବା । ଭାରତ ବିଗତ ଦିନରେ ଗୋଆଠାରେ ଦକ୍ଷିଣ ଏସୀୟ ଦେଶମାନଙ୍କର ଗୋଷ୍ଠୀ ସମୁହର ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ କରିଥିବା ବେଳେ ଏଥିରେ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ବିଲାବଳ ଭୁଟ୍ଟୋ ଅଂଶ ଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୟଶଙ୍କର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରୁଥିବା ଅବସରରେ ଭୁଟ୍ଟୋଙ୍କୁ ସମାଲୋଚନା କରିବା ସହ ପାକିସ୍ତାନ ସହ କାଶ୍ମୀର ସମ୍ବନ୍ଧରେ କୌଣସି ଆଲୋଚନା କରାଯିବ ନାହିଁ ବୋଲି ରୋକଠୋକ୍ ଭାବରେ ଜଣାଇବା ସହ ଏଥର ପାକ୍-ଅଧୀକୃତ କାଶ୍ମୀର ସମ୍ବନ୍ଧରେ ଚର୍ଚ୍ଚା କରାଯିବ ବୋଲି ଜଣାଇ ଦିଆଯାଇଥିଲା । ଭାରତର କଠୋର ମନ୍ତବ୍ୟ ପରେ ଭୁଟ୍ଟୋଙ୍କୁ ନିଜ ଛବିକୁ ମଳିନ ନ ହେବାପାଇଁ ପାକିସ୍ତାନରେ ପହଞ୍ଚିବା ପରେ ଭାରତ ବିରୋଧରେ ମନ୍ତବ୍ୟ ଦେବାକୁ ପଡ଼ିଥିଲା । ସେ ଯା'ହେଉ ଭାରତ ଭୂମିରେ ପ୍ରଥମ ଥର କୌଣସି ପାକିସ୍ତାନୀ ମନ୍ତ୍ରୀଙ୍କୁ ହଟହଟା ହେବାକୁ ପଡ଼ିଲା ଏବଂ ବିଶ୍ୱପଟ୍ଟଳରେ ଭାରତ ନିଜର ମତକୁ ସଠିକ ଭାବରେ ଉପସ୍ଥାପନ କରି ପାରିଲା ଏଥିପାଇଁ ଆମେ ନିଜକୁ ଗର୍ବିତ ମନେ କରୁଛୁ ।

ଏହା ଉପରାନ୍ତ ପାକିସ୍ତାନରେ ଚଳିତ ସପ୍ତାହରେ ହୋଇଥିବା ଗୃହଯୁଦ୍ଧ ଭଳି ସମସ୍ୟା ସମସ୍ତ ବିଶ୍ୱକୁ ଚକିତ କରିଦେଇଛି । ସୂଚନାଯୋଗ୍ୟ ଯେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ନିଆଜିଙ୍କ ଉପରେ ଅନେକ ଭ୍ରଷ୍ଟାଚାର ଆରୋପ ଥିବା ବେଳେ, ସେ ଏଥିପାଇଁ ଅଦାଲତରେ ହାଜିରା ଦେବାପାଇଁ ଯାଉଥିବା ବେଳେ ପାକିସ୍ତାନୀ ରେଞ୍ଜରମାନେ ବଳ ପୂର୍ବକ ତାଙ୍କୁ ଅଦାଲତ ପରିସରରୁ ଧକ୍କା ମାରି ଗିରଫ କରିନେବାର ଦୃଶ୍ୟ ଯେତେବେଳେ ପାକିସ୍ତାନରେ ପ୍ରସାରିତ ହେଲା ସେତେବେଳେ ଇମ୍ରାନ୍ ଖାନଙ୍କ ସମର୍ଥକ ମାନେ ସମଗ୍ର ଦେଶକୁ ଏକ ରକମ ବନ୍ଧକ ରଖି ଦେଲେ । ଯେଉଁ ଧରଣର ଗଣ୍ଡଗୋଳ ଏବଂ ଆତଙ୍କ ଦେଖିବାକୁ ମିଳିଲା ତାହା ଅବିଶ୍ୱସନୀୟ ଏବଂ ଅସାଧାରଣ ଥିଲା । ଇମ୍ରାନ୍ ଖାନଙ୍କୁ ଗିରଫ୍ କରାଯିବ ବୋଲି ପୂର୍ବାନୁମାନ କରି ସେ ନିଜେ ହିଁ ଗଣମାଧ୍ୟମ ଦ୍ୱାରା ନିଜ ସମର୍ଥକ ମାନଙ୍କୁ ସୂଚନା ଦେଇ କହିଥିଲେ ଯେ ବର୍ତ୍ତମାନର ସରକାର ତାଙ୍କୁ ହତ୍ୟା କରିବାକୁ ଚାହୁଁଛନ୍ତି । ତାଙ୍କର ଆହ୍ୱାନରେ ତେହେରିକ୍-ଏ-ପାକିସ୍ତାନର ସମର୍ଥକମାନେ ସମଗ୍ର ଦେଶକୁ ବନ୍ଧକ ରଖି ମୁଖ୍ୟତଃ ରକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କ ବାସଗୃହ ତଥା ସମ୍ପତ୍ତିକୁ ଧ୍ୱସ୍ତ କରିବାକୁ ଲାଗିଗଲେ । ଏହି ସମୟରେ ଇମ୍ରାନଙ୍କ ଦଳର ଉଚ୍ଚପଦରେ ଥିବା ନେତାମାନେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହିଂସାକାଣ୍ଡକୁ ବନ୍ଦ କରିବାକୁ କୌଣସି ପଦକ୍ଷେପ ନ ନେଇ ବରଂ ହିଂସାପାଇଁ ସମର୍ଥକ ମାନଙ୍କୁ ଉସୁକାଉଥିବା ଦେଖା ଯାଇଥିଲା । ଅନେକ ଯୁଦ୍ଧ ସ୍ମାରକୀ, ସରକାରୀ ସମ୍ପତ୍ତି, କାର୍ଯ୍ୟାଳୟକୁ ଦିନରାତି ହିଂସାରେ ନଷ୍ଟ କରିବା ପରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସ୍ୱୟଂ ଏହି ମାମଲାର ସଂଜ୍ଞାନ ନେଇ ସରକାରଙ୍କୁ ନିନ୍ଦା କରିବା ସହ ଇମ୍ରାନ ଖାନଙ୍କ ଗିରଫଦାରୀ ବେଆଇନ୍ ବୋଲି ଘୋଷଣା କରିବା ପରେ ମଧ୍ୟ ଦେଶରେ ହିଂସାକାଣ୍ଡ ଜାରୀ ରହିଥିବା ଜଣାଯାଇଛି ।

ଇମ୍ରାନ ସମର୍ଥକମାନେ ଯେଉଁ ସବୁ ହିଂସାକାଣ୍ଡ ଭିଆଇଥିଲେ ତାହାର ଭିଡ଼ିଓ ସବୁ ସୋସିଆଲ୍ ମିଡ଼ିଆରେ ବହୁଳ ଭାବରେ ପ୍ରସାର ହୋଇଥିଲା । ଭିଡ଼ରେ ଥିବା ସମର୍ଥକମାନେ ଆର୍ମିର ଅଫିସର ମାନଙ୍କ ଘରେ ପ୍ରବେଶ କରି ସେମାନଙ୍କ ଆସବାବପତ୍ର ସମେତ ଦାମୀ ଜିନିଷ ସବୁ ଚୋରାଇ ନେଉଥିବା ଦୃଶ୍ୟ ଆମୋଦକର ଥିଲା ।

ଦେଶ ବାହାରର ଅବସ୍ଥା ଅଣାୟତ ଥିବା ବେଳେ ଭାରତର ଅନେକ ରାଜ୍ୟରେ ଏବେ କେରଳ ଷ୍ଟୋରୀ ସିନେମାକୁ ନେଇ ବାକବିତର୍କ ଚାଲିଛି । କେରଳ ରାଜ୍ୟରେ ବ୍ୟାପକ ଭାବରେ ଧର୍ମାନ୍ତୀକରଣ କରାଯାଉ ସ୍ଥାନୀୟ ମହିଳା ଏବଂ କନ୍ୟାମାନଙ୍କୁ ବିଦେଶକୁ ପଠାଯାଇ ସେମାନଙ୍କ ଦ୍ୱାରା ଆତଙ୍କବାଦୀ କାର୍ଯ୍ୟକଳାପ କରାଯାଉଥିବାର ଖବର ପୁରୁଣା ନୁହେଁ । ବିଗତ ବର୍ଷମାନଙ୍କରେ କେରଳର ଅନେକ ମହିଳା ଏଭଳି ଭାବରେ ହଜି ଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ସଂଗଠନ ଆଇଏସଆଇଏସରେ ସାମିଲ ହୋଇଥିବା ନେଇ ଖବର ସମସ୍ତ ଗଣମାଧ୍ୟମ ପ୍ରକାଶିତ କରିଥିଲେ । ସେଭଳି କିଛି ମହିଳା ବର୍ତ୍ତମାନ ମଧ୍ୟ ଆଫଗାନିସ୍ତାନରେ ବନ୍ଦୀ ଥିବାର ଖବର ରହିଛି । ଏହି ମାମଲା ଉପରେ ଆଧାରିତ ଦ କେରଳ ଷ୍ଟୋରୀ ସିନେମା ରିଲିଜ୍ ହେବା ସହ ବିବାଦରେ ଛନ୍ଦି ହୋଇ ଯାଇଥିଲା । ଅନେକ ରାଜନୈତିକ ଦଳ ଏହାକୁ ଏକ ଧର୍ମବିଶେଷଙ୍କ ବିରୋଧରେ ଷଡ଼ଯନ୍ତ୍ର ହେଉଛି ଏବଂ ଦେଶର ଆଭ୍ୟନ୍ତରୀଣ ଅବସ୍ଥାକୁ ଅଶାନ୍ତ କରିବା ନେଇ ଅନେକ ଅଭିଯୋଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବା ସହ ସିନେମାକୁ ବିରୋଧ କରୁଛନ୍ତି ।

କେରଳ ଭାରତର ସବୁଠାରୁ ଅଧିକ ସାକ୍ଷରତା ହାର ଥିବା ରାଜ୍ୟ । ତଥାପି ଏହି ରାଜ୍ୟରୁ ଅନେକ ବ୍ୟକ୍ତି ବିଗତ ବର୍ଷମାନଙ୍କରେ ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ସଂଗଠନ ଆଇଏସଆଇଏସରେ ସାମିଲ ହେବାର ଖବର ସମସ୍ତଙ୍କୁ ଚକିତ କରିଦେଇଥିଲା । ଶିକ୍ଷିତ ଯୁବକ ଯୁବତୀମାନେ ସ୍ୱେଚ୍ଛାରେ ଏହି ସଂଗଠନରେ ଯୋଗ ଦେଇ କେହି କେହି ମୃତ୍ୟୁବରଣ କରିବା ବେଳେ କିଛି ପୁଣି ଦେଶକୁ ଫେରିବାର ବାଟ ଚାହିଁ ବସିଛନ୍ତି, ସୁଦୂର ବିଦେଶର ବନ୍ଦୀଶାଳା ମାନଙ୍କରେ । ସେହିମାନଙ୍କ ମଧ୍ୟରୁ ତିନିଜଣ ମହିଳାଙ୍କ କାହାଣୀ ଏହି ଚଳଚ୍ଚିତ୍ରରେ ପ୍ରକାଶିତ ହୋଇଛି । ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ କିଭଳି ଭାରତରେ ଥିବା ରକ୍ଷଣଶୀଳ ହିନ୍ଦୁ, ଶିଖ୍ ଏବଂ ଖ୍ରୀଷ୍ଟିୟାନ୍ ପରିବାରର ଝିଅମାନଙ୍କୁ ଯୋଜନାବଦ୍ଧ ଭାବରେ ଧର୍ମାନ୍ତରୀକରଣ କରାଉଛି ତାହା ଏହି ସିନେମାରେ ଦେଖିବାକୁ ମିଳୁଛି । ଏହା ଅତ୍ୟନ୍ତ ଗୁରୁତର ସମସ୍ୟା । ଏହାକୁ କୌଣସି ଭାରତୀୟ ସମର୍ଥନ କରିବ ନାହିଁ । କିନ୍ତୁ, ଅତ୍ୟନ୍ତ ଦୁଃଖର ବିଷୟ କିଛି ରାଜନୈତିକ ଦଳ ଏହାକୁ ମୁସଲମାନ୍ ମାନଙ୍କ ବିରୋଧରେ ଷଡ୍‌ଯନ୍ତ୍ର କହି ସିନେମାର ବିରୋଧ କରୁଛନ୍ତି ।

ସିନେମାରେ ନିର୍ମାତା କହିଥିଲେ ଯେ କେରଳରୁ ୩୨ ହଜାର ଝିଅ ହଜି ଯାଇଛନ୍ତି । ହେଲେ ଏହି ସଂଖ୍ୟା ସେ କେଉଁଠାରୁ ଆଣିଛନ୍ତି, ଯଦି ଏତେ ସଂଖ୍ୟକ ଝିଅ ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ସଂଗଠନ ଆଇଏସଆଇଏସରେ ସାମିଲ ହେଲେ, ସରକାର କିଭଳି ଜାଣି ପାରିଲେ ନାହିଁ, ଇତ୍ୟାଦି ଅନେକ ଅବାନ୍ତର ପ୍ରଶ୍ନ କରି ମୂଳ ଉଦ୍ଦେଶ୍ୟକୁ ଲୁଚେଇବାର ପ୍ରଚେଷ୍ଟା କରାଯାଉଛି । ସୁପ୍ରିମ୍ କୋର୍ଟରେ ଦାୟର ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି ଯେ କେରଳରୁ ବିଗତ ଅନେକ ବର୍ଷରେ ବତିଶି ହଜାରରୁ ଅଧିକ ଝିଅ ନିଖୋଜ ହୋଇଛନ୍ତି । ସମସ୍ତେ ଯେ କେବଳ ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ସଂଗଠନ ଆଇଏସଆଇଏସରେ ସାମିଲ ହୋଇଛନ୍ତି ତାହା କୁହାଯାଇ ନାହିଁ । ଏବଂ ସିନେମାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ମାତା ମଧ୍ୟ କହିନାହାନ୍ତି ଯେ ସବୁ ଝିଅ ଏଥିରେ ସାମିଲ ହୋଇଛନ୍ତି ବୋଲି, କିନ୍ତୁ ବିରୋଧ କରିବା ଲୋକ କିଛି ଉପାୟ ନ ପାଇଲେ ସେଇ ସଂଖ୍ୟାକୁ ନେଇ ବିରୋଧ କରିବାକୁ ଲାଗିଗଲେ । ଅବଶ୍ୟ ଦର୍ଶକମାନେ ବୁଝି ପାରୁଛନ୍ତି କାହିଁକି ଏହି ସବୁ ବିରୋଧ ହେଉଛି ।

ପଶ୍ଚିମ ବଙ୍ଗ ସରକାର ରାଜ୍ୟର ଆଭ୍ୟନ୍ତରୀଣ ଶାନ୍ତି ଭଙ୍ଗ ହେବା ଦର୍ଶାଇ ଏହି ସିନେମାକୁ ପ୍ରତିବନ୍ଧିତ କରିଦେଇଥିବା ବେଳେ ସୁପ୍ରିମକୋର୍ଟ୍ ଏହାକୁ ଭର୍ତ୍ସନା କରିଛନ୍ତି । ଦେଶର ଅନେକ ରାଜ୍ୟରେ ଏହି ସିନେମା ନିର୍ବିରୋଧ ଚାଲୁଥିବା ବେଳେ କାହିଁକି ଏହା ପଶ୍ଚିମ ବଙ୍ଗରେ ହିଁ ଅଶାନ୍ତ ବାତାବରଣ ସୃଷ୍ଟି କରିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି । ସିନେମା ଦେଖିବା ନ ଦେଖିବା ଦର୍ଶକଙ୍କ ଉପରେ ଛାଡ଼ି ଦିଆଯାଉ ବୋଲି ମନ୍ତବ୍ୟ ଦେଇଛନ୍ତି । ସେ ଯା ହେଉ ଅତୀତରେ କାଶ୍ମୀର ଫାଇଲ ସମୟରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିବା ସତ୍ତ୍ୱେ ସିନେମାଟି ବହୁ ଲୋକପ୍ରିୟତା ପାଇବାରେ ସକ୍ଷମ ହୋଇଥିଲା । ଠିକ୍ ସେହିଭଳି ବ୍ୟବସାୟିକ ଚଳଚ୍ଚିତ୍ର ମଧ୍ୟରେ ଏହି ସିନେମା ମଧ୍ୟ ନୂଆ କୀର୍ତ୍ତିମାନ ସ୍ଥାପନ କରିବ ଏଥିରେ ଦ୍ୱିମତ ନାହିଁ । ବର୍ତ୍ତମାନ ନଅ ଦିନ ହେବ ଏହା ସମଗ୍ର ଦେଶରେ ଚାଲୁଥିବା ବେଳେ ଏହାର ବ୍ୟବସାୟ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି ।

ଧର୍ମାନ୍ତୀକରଣ ଏକ କଳଙ୍କ ଏବଂ ଏହାକୁ ବିରୋଧ କରିବା ସର୍ବାଦୌ ଉଚିତ ପଦକ୍ଷେପ । ଏହି ସିନେମା ମାଧ୍ୟମରେ ଯୁବପୀଢ଼ିଙ୍କୁ ବଳପୂର୍ବକ କିମ୍ବା ଲୋଭ ଦେଖାଇ ଧର୍ମାନ୍ତୀକରଣ କିଭଳି କରାଯାଏ ତାହା ଦେଖାଯାଉଛି, ଏବଂ ଏହା ଦେଖିବା ପରେ କନ୍ୟା ଓ ମହିଳାମାନେ ସଚେତନ ହୋଇପାରିବେ, ଏଥିରେ ଦ୍ୱିମତ ନାହିଁ । ଆମେ ସମସ୍ତ ବନ୍ଧୁଙ୍କୁ ନିବେଦନ କରୁଛୁ ନିଜ ଝିଅମାନଙ୍କୁ ଏହି ସିନେମା ନିଶ୍ଚୟ ଦେଖାନ୍ତୁ । ସେମାନଙ୍କୁ ସଚେତନ କରାନ୍ତୁ, କିଭଳି ସେମାନଙ୍କୁ ଜାଲରେ ଫସାଇ ଧର୍ମ ବଦଳାଇବା ପାଇଁ ଏକ ବିଶାଳ ଯୋଜନା କାର୍ଯ୍ୟ କରୁଛି । ଆଉ କିଭଳି ସେମାନେ ଏହି ସବୁ ଦୁର୍ଘଟଣାକୁ ଏଡାଇ ପାରିବେ । ସମୟ ଥାଉ ଥାଉ ଆମେ ଆମ ପରିବାରର ସନ୍ତାନ ମାନଙ୍କୁ ଆମ ମହାନ ଧାର୍ମିକ ପରମ୍ପରା ଓ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଐତିହ୍ୟ ବିଷୟରେ ସଚେତନ କରାଇବା ଉଚିତ । ଆମେ ଆଧୁନିକତାର ଦ୍ୱାହି ଦେଇ ଧିରେ ଧିରେ ନିଜେ ହିଁ ନିଜ ପରମ୍ପରାଠାରୁ ଦୂରେଇ ଯାଉଛେ, ଯାହା ଫଳରେ ଆମ ସନ୍ତାନମାନେ ନିଜକୁ ଏହି ସବୁ ବିଷୟ ଠାରୁ ଅଲଗା ବୋଲି ଧରି ନେଉଛନ୍ତି । ଅତି ଉଚ୍ଚାକାଂକ୍ଷୀ ପରିବାରରେ ପିଲାମାନଙ୍କୁ କେବଳ ଶିକ୍ଷା ଗ୍ରହଣ, ଉଚ୍ଚ ଶିକ୍ଷା ଆଦି ପାଇଁ ବାଧ୍ୟ କରାଯାଉଥିବା ବେଳେ କିନ୍ତୁ ସେମାନଙ୍କୁ ଆମର ଧାର୍ମିକ ଆସ୍ଥା, ପରିବାର ବ୍ୟବସ୍ଥା, ପରମ୍ପରା ଓ ଅନୁଶାସନ ଆଦି ବିଷୟରେ ଅନଭିଜ୍ଞ ରଖାଯାଉଛି । ଯାହା ଭବିଷ୍ୟତରେ ସେମାନଙ୍କୁ ବିପଥଗାମୀ ହେବାକୁ ଉସୁକାଉଛି । ସେମାନଙ୍କୁ ଯିଏ ଯାହା କହିଲେ ସେମାନେ ବିଶ୍ୱାସ କରି ଯାଉଛନ୍ତି ।

ଆମେ ଓଡ଼ିଆ, ଆମ ଭଗବାନ ଆମ ଭଳି ଜୀବନଯାପନ କରନ୍ତି । ଆମର ପ୍ରତ୍ୟେକ ଦିନର ଆରମ୍ଭ ଓ ଶେଷରେ ଆମ ମହାପ୍ରଭୁ ଆମର ସାହା ଓ ଭରସା । ଆମେ ବର୍ଷରେ ବାରମାସରେ ତେର ପର୍ବ ପାଳନ କରୁଛୁ । ଯଦି କରୁନାହାନ୍ତି, ତାହେଲେ ଏବେ କରିବା ଆରମ୍ଭ କରି ଦିଅନ୍ତୁ । ଏହି ସବୁ ପର୍ବପର୍ବାଣୀ ହିଁ ଆମ ଯୁବପୀଢ଼ୀଙ୍କୁ ସଚେତନ କରିବ । ବିପଥଗାମୀ ହେବା ବଦଳରେ ସେମାନେ ନିଜର ମହାନ ପରମ୍ପରାକୁ ମନେ ପକାଇ ଗର୍ବିତ ଅନୁଭବ କରିବେ । ପ୍ରତ୍ୟେକ ପରିବାରରେ ଠାକୁର ଘରଟିଏ ରହୁ, ଅନ୍ତତଃ ସନ୍ଧ୍ୟାଦୀପ ଦେବାବେଳେ ପିଲାଙ୍କୁ ସେଠାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଉ । ପିଲାମାନଙ୍କ ମନରେ ଆସୁଥିବା ଅନେକ ପ୍ରଶ୍ନକୁ ଯଥେଷ୍ଟ ସ୍ନେହ ଓ ସମ୍ମାନ ଦେଇ ବୁଝେଇ ଦିଆଯାଉ । ଯେଉଁ ବନ୍ଧୁମାନେ ଏହି ବିଷୟରେ ଅଧିକ ଜ୍ଞାନ ରଖନ୍ତି ସେମାନେ ଏହି ବିଷୟରେ ଆଲେଖ୍ୟ ଲେଖି ପଠାନ୍ତୁ ଆମେ ତାହାକୁ ପୋଡ୍‌କାଷ୍ଟରେ ସମ୍ମିଳିତ କରି ପ୍ରକାଶ କରିବୁ ।

ଏହି ସମୟରେ ଆଉ ଗୋଟିଏ ଖବର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ତାହା ହେଉଛି, ଭାରତୀୟ କୁସ୍ତି ସଂଘର ସଦସ୍ୟମାନଙ୍କ ଦ୍ୱାରା ଦିଲ୍ଲୀରେ ଆୟୋଜିତ ହେଉଥିବା ଧାରଣା ଏବଂ ଆନ୍ଦୋଳନ । ହଠାତ ଦିନେ ଶୁଣାଗଲା ଯେ ପଦକ ବିଜେତା କୁସ୍ତି ଏବଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରୋତ୍ତଳକ ମାନେ ଦିଲ୍ଲୀରେ ଆନ୍ଦୋଳନ ଆରମ୍ଭ କରି ସଂଘର ସଭାପତିଙ୍କୁ ବରଖାସ୍ତ କରିବାପାଇଁ ଦାବୀ କରିଛନ୍ତି । କିନ୍ତୁ କାହିଁକି ତାହା ସହଜରେ ବୁଝି ହେଲାନି । ତେଣେ ସରକାରଙ୍କୁ ସମର୍ଥନ ଦେଉଥିବା କିଛି ଗଣମାଧ୍ୟମ ଏହି ଆନ୍ଦୋଳନ ବିରୋଧରେ ପ୍ରସାରଣ କରିଲେ । କିଛିଦିନ ଆନ୍ଦୋଳନ କରିବା ପରେ ବି ଯେତେବେଳେ ଏହା ଅଧିକ ପ୍ରସାର ହୋଇପାରିଲା ନାହିଁ, ସେତେବେଳେ ସଂଘର ସଦସ୍ୟ ମାନଙ୍କ ଦ୍ୱାରା ସଭାପତିଙ୍କ ବିରୋଧରେ ଶାରିରୀକ ନିର୍ଯ୍ୟାତନା ଦେଉଥିବାର ଅଭିଯୋଗ ଆସିଲା । ଗଣମାଧ୍ୟମକୁ ସୂଚନା ଦେଇ ଆନ୍ଦୋଳନରତ ସଦସ୍ୟମାନେ କହିଲେ ଯେ ଅନ୍ୟୁନ ହଜାରେ ଜଣ ବିଦ୍ୟାର୍ଥୀଙ୍କ ସହ ଖରାପ ଓ ଅଶାଳୀନ ବ୍ୟବହାର ହୋଇଛି । ଏହାପରେ ଗଣମାଧ୍ୟମ ମାନେ ଏହି ଆନ୍ଦୋଳନକୁ ଗୁରୁତ୍ୱ ଦେବା ଆରମ୍ଭ କରିଦେଲେ । ହେଲେ ପ୍ରଶ୍ନ ଉଠିଲା ଯେତେବେଳେ ଏତେ ଗୁଡିଏ ପିଲା ସଭାପତିଙ୍କ ଦ୍ୱାରା ନିର୍ଯ୍ୟାତନାର ଶୀକାର ହେଉଥିଲେ, କିଏ ବି କାହିଁକି ଏହି ବାବଦରେ ଅଭିଯୋଗ କରିଲେ ନାହିଁ । ଯଦିବା ପୋଲିସ ପାଖକୁ ଗଲେ ନାହିଁ, ଅନ୍ତତଃ ସେମାନେ କୁସ୍ତି ସଂଘର ଶୋଷଣ ଓ ନିର୍ଯ୍ୟାତନା କମିଟିକୁ ଜଣାଇ ପାରିଥାନ୍ତେ ! ଗଣମାଧ୍ୟମରେ ପ୍ରଶ୍ନରେ ଘାଇଲା ହୋଇଥିବା ଆନ୍ଦୋଳନ କର୍ମୀମାନେ ହାତମୁଠା କିଛି ଖେଳାଳୀଙ୍କୁ ଆଗକୁ କରିଦେଲେ । ସେମାନଙ୍କ ବୟାନ ରେକର୍ଡ୍ କରିବା ସମୟ ଆସିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ନିଜ ପ୍ରତି ହୋଇଥିବା ଅଶାଳୀନ ବ୍ୟବହାର ସମ୍ବନ୍ଧରେ କୌଣସି ସଠିକ୍ ସୂଚନା, ତାରିଖ, ଦିନ ଓ ପରିସ୍ଥିତି ବିଷୟରେ କହି ପାରିଲେ ନାହିଁ । ଜଣେ ପ୍ରମୁଖ ଖେଳାଳୀ ଦେଇଥିବା ମନ୍ତବ୍ୟରେ କହିଥିଲେ ଯେ ସେ ଦେଶରେ ଆୟୋଜିତ ଏକ ଖେଳ ସ୍ପର୍ଦ୍ଧା ସମୟରେ ନିର୍ଯାତନାର ଶିକାର ହୋଇଥିଲେ, ପରେ ଜଣାପଡ଼ିଲା ସେଇ ସମୟରେ ସେ ସେହି ସ୍ପର୍ଦ୍ଧାରେ ଅଂଶଗ୍ରହଣ ହିଁ କରିନଥିଲେ । ଠିକ୍ ସେଭଳି ଅନ୍ୟଜଣେ ବିଦେଶରେ ନିର୍ଯ୍ୟାତନା ହୋଇଥିବା କଥା କହିବା ବେଳେ ସେଇ ଖେଳ ସମୟରେ ସଭାପତି ଭାରତରେ ହିଁ ଥିବାର ପ୍ରମାଣ ମିଳିଲା । ଏହି ସବୁ ମିଥ୍ୟା ଅଭିଯୋଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ଆନ୍ଦୋଳନ ପ୍ରତି ଲୋକଙ୍କ ଆକ୍ରୋଶ ବଢ଼ିବା ଦେଖି ଅନେକ ରାଜନୈତିକ ବ୍ୟକ୍ତିଙ୍କୁ ଏହି ଆନ୍ଦୋଳନରେ ସାମିଲ କରାଗଲା ।

ରାକେଶ ଟିକାଏତ, ବୃନ୍ଦା କରାତ, ଅରବିନ୍ଦ କେଜରିବାଲ, ପ୍ରିୟଙ୍କା ଗାନ୍ଧୀ ସମେତ ଅନେକ ବିରୋଧୀ ଦଳ ନେତା ଏହି ଆନ୍ଦୋଳନକୁ ନିଜର ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିବା ଦେଖାଗଲା । ହେଲେ ଏହାର କୌଣସି ସୁଫଳ ମିଳିଲା ନାହିଁ । ସଭାପତିଙ୍କୁ ଗିରଫ କରାଯିବା ନେଇ ସର୍ବୋଚ୍ଚ ଅଦାଲତରେ ଦାବୀ କରିବାପରେ ସର୍ବୋଚ୍ଚ ନ୍ୟାୟାଳୟ କିନ୍ତୁ ଏହା ବିପରୀତ ମନ୍ତବ୍ୟ ଦେବାପରେ ଆନ୍ଦୋଳନ ନିଜ ଗୁରୁତ୍ୱ ହରେଇବା ଭଳି ମନେ ହେଉଛି । ତଥାପି ଅନେକ ଆନ୍ଦୋଳନରେ ବସିଛନ୍ତି ।

ଘଟଣା ବିଷୟରେ ଯାହା ସବିଶେଷ ଜଣାଯାଇଛି, ତାହା ହେଉଛି ବର୍ତ୍ତମାନ ସଂଗଠନର ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ନେତୃତ୍ୱରେ ଭାରତ ଅନେକ ବୈଦେଶିକ ଖେଳ ସ୍ପର୍ଦ୍ଧାରେ ଅତି ଉଚ୍ଛ୍ୱସିତ ପ୍ରଶଂସାର ପାତ୍ର ହୋଇ ପାରିଛି । ଅନେକ ମେଡାଲ୍ ଜିତିବାରେ ସକ୍ଷମ ହୋଇଛି । ହେଲେ ଏଭଳି ସମୟରେ ଖେଳାଳୀ ମାନେ କାହିଁକି ତାଙ୍କର ବିରୋଧ କରୁଛନ୍ତି ? କଥା ହେଉଛି, ଜାତୀୟ ସ୍ତରରେ କୁସ୍ତି ଏବଂ ଭାରୋତ୍ତଳନ ପାଇଁ ଅଧିକାଂଶ ଖେଳାଳୀ ହରିଆନାରୁ ଆସିଥାନ୍ତି । ଯେଉଁମାନେ ଭଲ ଖେଳନ୍ତି ସେମାନେ ହରିଆନାରେ ରହିବା ସମୟରେ ଅନ୍ୟ ଖେଳାଳୀମାନେ ଅନ୍ୟ ରାଜ୍ୟରେ ଯାଇ ଭଲ ଖେଳି ସେହି ରାଜ୍ୟପାଇଁ ମନୋନୀତ ହୁଅନ୍ତି ।  ବସ୍ତୁତଃ ଯେତେବେଳେ ଦେଖାଯାଏ ସର୍ବାଧିକ ଖେଳାଳୀ କେବଳ ହରିଆନାର ହିଁ ରହିଥାନ୍ତି । ଏହି ଅବ୍ୟବସ୍ଥାକୁ ସଜାଡିବା ପାଇଁ ସଭାପତି ନିଷ୍ପତ୍ତି ନେଇଥିଲେ ଯେ ଜଣେ ଖେଳାଳୀ କେବଳ ନିଜ ରାଜ୍ୟରୁ ହିଁ ଖେଳି ପାରିବ, ଏବଂ ଏମିତି ହେଲେ କେବଳ ଅଳ୍ପ ଖେଳାଳୀ ହିଁ ସୁଯୋଗ ପାଉଥିଲେ । ତେଣୁ ଖେଳାଳୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।

ପୁଣି ନୂଆ ନିୟମ ଲାଗୁ କରାଗଲା ଯେ, ଯେଉଁ ଖେଳାଳୀ ମାନେ ଅଲିମ୍ପିକ୍ ଖେଳିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯିବେ ସେମାନେ ରାଷ୍ଟ୍ରୀୟ ସ୍ତରରେ ଖେଳିବା ଜରୁରୀ ଏବଂ ଯେଉଁମାନେ ଜାତୀୟ ସ୍ତରରେ ଜିତିବେ କେବଳ ସେମାନେ ହିଁ ଅଲିମ୍ପିକ କୁ ଯିବେ । ହେଲେ କିଛି ବରିଷ୍ଠ ଖେଳାଳୀ, ଏହି ନିୟମକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ସେ ଯା ହେଉ ଏହି ଆନ୍ଦୋଳନ କିନ୍ତୁ ବର୍ତ୍ତମାନ ବାଟବଣା ହୋଇ ଏକ ରକମ ଦେଶବିରୋଧୀ ଆନ୍ଦୋଳନରେ ପରିଣତ ହୋଇ ଗଲାଣି । ଏଠାରେ ଅନେକ ବିଭ୍ରାନ୍ତିକର ଆହ୍ୱାନ ଦିଆଯିବାର ଭିଡ଼ିଓ ଭାଇରାଲ୍ ହେଲାଣି । ବ୍ରାହ୍ମଣବାଦରୁ ଆଜାଦୀ ଠୁ ଆରମ୍ଭ କରି ମୋଦୀ ତେରି କବର ଖୋଦେଗି ଭଳି ବକ୍ତବ୍ୟ ଏଠାରେ ଖୋଲାଖୋଲି କୁହାଯାଉଥିବା ଦେଖିବାକୁ ମିଳୁଛି । ଏହି ସବୁ ଦୃଶ୍ୟ ଦର୍ଶକ ମାନଙ୍କ ମନରେ ସ୍ୱତଃ ପ୍ରଶ୍ନ ସୃଷ୍ଟି କରୁଛି, ଯେ ଏହି ଆନ୍ଦୋଳନ କିଶାନ ଆନ୍ଦୋଳନ ଭଳି ଦେଶକୁ ଅସ୍ଥିର କରିବା ପାଇଁ କରା ଯାଉନାହିଁ ତ ? ଖେଳାଳୀ ମାନେ ଯେତେ କହିଲେ ବି ଏଠାରେ ଉପସ୍ଥିତ ରାଜନୀତିଜ୍ଞ ମାନଙ୍କ କାର୍ଯ୍ୟ ଆମକୁ ସନ୍ଦେହ କରିବାକୁ ବାଧ୍ୟ କରୁଛି । ଅପରପକ୍ଷରେ ସଭାପତି ବ୍ରିଜ ଭୂଷଣ ଶରଣ ସିଂ ମନ୍ତବ୍ୟ ଦେଇ କହିଛନ୍ତି ଯେ ଯଦି ତାଙ୍କ ବିରୋଧରେ ଆସିଥିବା ଗୋଟିଏ ବି ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହୁଏ ତେବେ ସେ ଆତ୍ମହୁତି ଦେବେ । ଏହି ସବୁ କାରଣରୁ ଏହି ଆନ୍ଦୋଳନ ବର୍ତ୍ତମାନ ସନ୍ଦେହର ଘେରରେ ରହିଛି । ଭବିଷ୍ୟତରେ କଣ ହେବ ବା ନ ହେବ ତାହା ତ କୁହାଯାଇ ପାରିବ ନାହିଁ, କିନ୍ତୁ ଶୁଣାଯାଉଛି ଅନେକ ଖେଳାଳୀ ଏବେ ଏହି ଆନ୍ଦୋଳନ ତ୍ୟାଗ କରି ବିଭିନ୍ନ ଖେଳ ଶିବିର ମାନଙ୍କରେ ଯୋଗ ଦେବାକୁ ଚାଲିଗଲେଣି । କେବଳ ଆନ୍ଦୋଳନଜୀବି ମାନେ ହିଁ ଏଠାରେ ନିଜ ପାଇଁ ଯଥେଷ୍ଟ ସୁଯୋଗ ଦେଖୁଛନ୍ତି ।

ଚଳିତ ସମୟର ସର୍ବଶ୍ରେଷ୍ଠ ଖବର ଯାହା ଜନମାନସକୁ ଅତ୍ୟନ୍ତ ମାତ୍ରାରେ ଆନ୍ଦୋଳିତ କରିଥିଲା ତାହା ହେଉଛି ଆମ୍ ଆଦମୀଙ୍କ ଶୀଶମହଲ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ କାଳେ ନିଜ ବାସସ୍ଥାନର ନବୀକରଣରେ ମାତ୍ର ପଞ୍ଚଚାଳିଶି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ଗୋଟିଏ ଗଣମାଧ୍ୟମ ସଂସ୍ଥା ଯେତେବେଳେ ଖବର ପ୍ରଘଟ କରିଲେ ସେତେବେଳେ ସମଗ୍ର ଦେଶରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁହାକୁହି ଆରମ୍ଭ ହୋଇଗଲା । ଅରବିନ୍ଦ କେଜରିବାଲ୍ ଯେ କି ଦିଲ୍ଲୀର ଶାସନ ଭାର ଗ୍ରହଣ ସମୟରେ କହିଥିଲେ ଯେ ସେ ଜଣେ ଆମ୍ ଆଦମୀ ବା ସାଧାରଣ ଲୋକ ଏବଂ ସେ ରହିବା ପାଇଁ ଦୁଇ କୋଠରୀର ଘର ହିଁ ଯଥେଷ୍ଟ । ସେ କୌଣସି ଚାକଚକ୍ୟକୁ ପ୍ରୋତ୍ସାହନ ଦେବେ ନାହିଁ । ଦାମୀ ଗାଡ଼ି ବା ଅଫିସ ନେବେ ନାହିଁ, ତାଙ୍କର କୌଣସି ମନ୍ତ୍ରୀ ମଧ୍ୟ ସେଭଳି କୌଣସି ଖର୍ଚ୍ଚିଳ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବେ ନାହିଁ । ଏବେ ନିଜ ବାସସ୍ଥାନକୁ ମରାମତି କରିବା ପାଇଁ ଏତେ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରିଛନ୍ତି । ଏହି ଖବର ପ୍ରଘଟ ହେବାପରେ ଗଣମାଧ୍ୟମରେ ଉପସ୍ଥିତ ହୋଇ ଆମ୍ ଆଦମୀ ପାର୍ଟିର ପ୍ରବକ୍ତାମାନେ କହିଥିଲେ ଯେ ଯେହେତୁ ମୁଖ୍ୟମନ୍ତ୍ରୀଙ୍କ ବାସସ୍ଥାନ ଅନେକ ବର୍ଷରୁ ମରାମତି ହୋଇନଥିଲା ତେଣୁ ଏହା କରାଯାଇଛି । ସେମାନେ ଅନ୍ୟ ରାଜ୍ୟ ତଥା ପ୍ରଧାନମନ୍ତ୍ରୀଙ୍କ ବାସସ୍ଥାନ ପାଇଁ ହେଉଥିବା ଖର୍ଚ୍ଚ ବିଷୟରେ ଜଣାଇଥିଲେ । ହେଲେ ମୁଖ୍ୟ ପ୍ରଶ୍ନ ଉଠୁଥିଲା ଯେ ଯଦି ତୁମ ଦଳ ସାଧାରଣ ଲୋକଙ୍କ ଦଳ କହି ଜିତିଥିଲ ତା ହେଲେ ଏତେ ଗୁଡ଼ାଏ ଖର୍ଚ୍ଚ କରିବା କଣ ଯୁକ୍ତିଯୁକ୍ତ ହେଲା କି ? ହଉ ମନେକର ଘର ମରାମତି ଆବଶ୍ୟକ କରୁଥିଲା, ତା ହେଲେ ସେଥିପାଇଁ ବିଦେଶରୁ ଦାମୀ ମାର୍ବଲ ଆଣି ପକାଇବା କଣ ଅତି ଜରୁରୀ ଥିଲା କି ? ସେ ଯା ହେଉ ଏହି ଖବର ପରେ ସାଧାରଣରେ ଅରବିନ୍ଦ କେଜରିବାଲଙ୍କ ଛବି ମଳିନ ହୋଇଥିଲା । ହେଲେ ବି ଦଳ ତରଫରୁ ଏହି ଖର୍ଚ୍ଚକୁ ଯଥାର୍ଥ ବୋଲି ସୁଚନା ଦିଆଯାଇଥିଲା ।

ପରେ ପରେ ଏହି ବିଷୟକୁ ନେଇ ଯେତେବେଳେ ନୁଆ ନୁଆ ଖବର ସବୁ ଆସିଲା, ସେତେବେଳେ ସବୁ ଆଶ୍ଚର୍ଯ୍ୟ ହୋଇଗଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଘରେ ଲାଗିଥିବା ପ୍ରତ୍ୟେକ ଜିନିଷର ଦରଦାମ ଖୋଲିକରି ଗଣମାଧ୍ୟମ ଜଣାଇଲେ । ଲକ୍ଷାଧିକ ଟଙ୍କାର ପରଦା, କୋଟି କୋଟି ଟଙ୍କାର ମାର୍ବଲ, ଲକ୍ଷାଧିକ ଟଙ୍କାର ଶୌଚାଳୟ, ଇତ୍ୟାଦି ଅନେକ ଜିନିଷର ତାଲିକା ଗଣମାଧ୍ୟମର ହସ୍ତଗତ ହୋଇଥିଲା । ସୂଚନାଯୋଗ୍ୟ ଯେ ନିର୍ବାଚନ ସମୟରେ କେଜରିବାଲ୍ ଶୀଲା ଦିକ୍ଷିତ ବହୁତ ଖର୍ଚ୍ଚ କରୁଛନ୍ତି କହି ଆକ୍ଷେପ କରିଥିଲେ । ହେଲେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଣମାଧ୍ୟମ ଜଣାଇଥିଲା ଯେ ଶେଷ ଥର ଯେତେବେଳେ ଶୀଲା ଦିକ୍ଷିତ ନିଜ ବାସସ୍ଥାନକୁ ମରାମତି କରିଥିଲେ ସେଥିରେ କେବଳ ବାର ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଅନେକ ମୁଖ୍ୟମନ୍ତ୍ରୀ ନିଜ ନିଜ ବାସସ୍ଥାନକୁ ମରାମତି କରିଛନ୍ତି ହେଲେ କେହି ବି କୋଟିଏ ପର୍ଯ୍ୟନ୍ତ ଯାଇ ନାହାନ୍ତି । ଏହି ଖବର ଜାତୀୟ ସ୍ତରରେ ଆଲୋଡନ ସୃଷ୍ଟି କରୁଥିଲା ।

ହେଲେ ପୁଣି ଥରେ ଯେଉଁ ଖବର ଆସିଲା ତାହା ଆହୁରି ଆଶ୍ଚର୍ଯ୍ୟଜନକ ଥିଲା । କୁହାଗଲା ମୁଖ୍ୟମନ୍ତ୍ରୀଙ୍କ ବାସ ସ୍ଥାନ ନିକଟରେ ଥିବା ଆଠଟି କ୍ୱାର୍ଟରରେ ରହୁଥିବା କର୍ମଚାରୀଙ୍କୁ ବାଧ୍ୟ କରି ସେଠାରୁ ହଟେଇ ଦିଆଯାଇଛି । ହୁଏତ ମରାମତି କାମ ଆବଶ୍ୟକ ଥାଇପାରେ ବୋଲି ସମସ୍ତେ ସନ୍ଦେହ କରୁଥିବା ବେଳେ ପରେ ଜଣା ପଡ଼ିଲା ଯେ ସେ ସବୁ କ୍ୱାର୍ଟରକୁ ଭାଙ୍ଗି ଦିଆଯାଇଛି । ଏବଂ ମୁଖ୍ୟମନ୍ତ୍ରୀଙ୍କ ବାସସ୍ଥାନକୁ ବି ଭାଙ୍ଗି ଦିଆଯାଇ ସେ ସ୍ଥାନରେ ବହୁତଳ ବିଶିଷ୍ଟ ଏକ ବିଶାଳ ପ୍ରାସାଦ ନିର୍ମାଣ କରାଯାଇଛି । ଏଥିପାଇଁ ବେଆଇନ ଭାବରେ ନିର୍ମାଣ କାର୍ଯ୍ୟ କରାଯିବା ସହିତ ସେହି ଅଞ୍ଚଳରେ ଅନେକ ବହୁ ବର୍ଷ ପୁରୁଣା ଗଛ ସବୁକୁ କାଟି ଦିଆଯାଇଛି । ନିୟମ ରହିଛି ଯେ, ଏହି ଅଞ୍ଚଳରେ କୌଣସି ନୂତନ ନିର୍ମାଣ କରାଯାଇ ପାରିବ ନାହିଁ, ଏବଂ ଏଠାରେ ସବୁଜବଳୟ ସୃଷ୍ଟି କରାଯାଇଛି ଯାହାକୁ କଟା ଯାଇ ପାରିବ ନାହିଁ । କିନ୍ତୁ ଦିଲ୍ଲୀ ସରକାର ସେ ସବୁ କାର୍ଯ୍ୟ କରିଛନ୍ତି ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏ ସବୁ କାର୍ଯ୍ୟ କାଳେ କରୋନା ସମୟରେ ହୋଇଛି । ଯେତେବେଳେ ସମୁଦାୟ ଦେଶରେ କରୋନା ପାଇଁ ହାହାକାର ବ୍ୟାପିଥିଲା ଏବଂ ଦିଲ୍ଲୀ ସରକାର ଅର୍ଥାଭାବ ଦର୍ଶାଇ ଲୋକଙ୍କୁ ଅକ୍ସିଜେନ୍ ଯୋଗାଇ ପାରୁନଥିଲେ ସେଇ ସମୟରେ ଏହି ନିର୍ମାଣ କାର୍ଯ୍ୟ କରାଯାଇଛି । ଆଉ ଏହି ନୂତନ କୋଠା କାଳେ ପ୍ରଧାନମନ୍ତ୍ରୀଙ୍କ ବାସସ୍ଥାନ ଠାରୁ ବି ବିଶାଳ ବୋଲି ଗଣମାଧ୍ୟମ ଜଣାଇଛନ୍ତି ।

ଆଶ୍ଚର୍ଯ୍ୟର କଥା, ଦିନେ ଯେଉଁ ବ୍ୟକ୍ତି ରାଜନୀତି କରିବ ନାହିଁ କହି ନିଜ ସନ୍ତାନମାନଙ୍କ ଶପଥ ଖାଉଥିଲା ସେଇ ବ୍ୟକ୍ତି ରାଜନୀତି କରିବା ପରେ ଦୁର୍ନୀତିଘୋର ବି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲା ? ଭ୍ରଷ୍ଟାଚାରର ବିରୋଧ କରି କରି ଯେଉଁ ବ୍ୟକ୍ତି ରାଜନୀତିରେ ପ୍ରବେଶ କରିଥିଲା ସେଇ ବ୍ୟକ୍ତିଙ୍କ ଶାସନରେ ହିଁ ଦୁଇଜଣ ମନ୍ତ୍ରୀ ଭ୍ରଷ୍ଟାଚାର ମାମଲାରେ ଗିରଫ ହୋଇଗଲେ ? ଲମ୍ବା ନୀଳ ସାର୍ଟ, ହାବାଇ ଚପଲ, ପାଞ୍ଚ ଟଙ୍କିଆ ପେନ୍ ପକେଟରେ ପୁରେଇ ନିଜକୁ ସାଧାରଣ ଲୋକ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଯେ ଭିତରେ କେତେ ଭ୍ରଷ୍ଟ ତାହା ଏବେ ସମୁଦାୟ ଦେଶ ଜାଣି ସାରିଥିବ । ହେଲେ ସୁଦ୍ଧା କିଛି ଲୋକ ଏଭଳି ଲୋକଙ୍କୁ ଭୋଟ ଦେବେ କାରଣ ଆମ ଦେଶରେ ମାଗଣା ବଣ୍ଟନ ବ୍ୟବସ୍ଥା ଯେ କରିବ ସେ ଭୋଟ ନିଶ୍ଚୟ ପାଇବ । ମାଗଣା ବିଜୁଳୀ ଓ ପାଣି ଆଶାରେ ଦିଲ୍ଲୀର ଜନସାଧାରଣ ଦୁଇ ଦୁଇଥର ଏହି ପାଖଣ୍ଡିକୁ ବିଜେତା କରିଛନ୍ତି । ଦେଖାଯାଉ ଭବିଷ୍ୟତରେ କଣ ହେଉଛି ।

ସଦ୍ୟ ଦେଖିବାକୁ ପାଇଲି ଗୋଟିଏ ଓଡ଼ିଆ ସିନେମାର ପ୍ରଥମ ଦିନର ବ୍ୟବସାୟର ଲେଖାଯୋଖା । ରାଜ୍ୟର ଅନେକ ସ୍ଥାନରେ ମୁକ୍ତିଲାଭ କରିଥିବା ଫାଲଗୁନ୍ ଚୈତ୍ର ସିନେମା ପ୍ରଥମ ଦିନରେ ସଂଗ୍ରହ କରିଛି ମାତ୍ର ତେଷଠି ହଜାର ଟଙ୍କା । ଭବାନୀପାଟଣାର ଗୋଟିଏ ପ୍ରେକ୍ଷାଳୟରେ ସଂଗ୍ରହ ହୋଇଛି ମାତ୍ର ଆଠଶହ ଟଙ୍କା । ଏଭଳି କାହିଁକି ହୋଇଛି ଏବେ ଆମେ ଚିନ୍ତା କରିବା ସମୟ ଆସିଛି । ଦକ୍ଷିଣ ଭାରତରେ ନିର୍ମିତ ସିନେମା ଶହେ କୋଟି ଆଦାୟ କରୁଥିବା ବେଳେ ଓଡ଼ିଶାରେ ଓଡ଼ିଆ ସିନେମାର ଏହି ଅବସ୍ଥା ପାଇଁ ଦାୟୀ କିଏ ? ଯଦି ଗୋଟିଏ ସିନେମା ଦିନରେ ମାତ୍ର ହଜାରେ ଟଙ୍କାର ବ୍ୟବସାୟ କରିବେ ତା ହେଲେ କୌଣସି ସିନେମା ହଲ୍ ମାଲିକା କାହିଁକି ସିନେମା ପାଇଁ ଅର୍ଥବ୍ୟୟ କରିବ ? କୌଣସି ପ୍ରଯୋଜକ କାହିଁକି ସିନେମାରେ ଅର୍ଥ ଖଟେଇବ ? ?

ଆଶା କରୁଛି, ଆହ୍ୱାନ ଇ-ପତ୍ରିକାର ଏହି ସଂସ୍କରଣ ଆପଣଙ୍କୁ ଭଲ ଲାଗିବ । ଆପଣଙ୍କ ମତାମତ ନିଶ୍ଚୟ ଜଣାଇବେ । ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**, ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

### ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅନେକ କଳାଛାଇ - ୨



ଅଶୋକ ବିଶ୍ୱାଳ

ଅବିନାଶ ରାସ୍ତାକୁ ଅନାଇଲା । କିଛି ପିଲା ସ୍କେଟିଙ୍ଗ କରି ଜୋରରେ ଆଗେଇ ଆସୁଥିଲେ । ସେମାନେ ହସୁଥିଲେ, ମୁହଁ ସମସ୍ତଙ୍କ ଉଜ୍ଜ୍ୱଳ ଥିଲା । ତା'ପରେ ଅବିନାଶ ସନ୍ଧ୍ୟାରେ ସମୁଦ୍ରକୂଳ ରାସ୍ତାରେ ବହୁତ ବୁଲିଲା । ତା'କୁ ସମୁଦ୍ର ଦେଖିବାକୁ ଭଲଲାଗେ । ସେପଟେ ରସ ଆଇଲାଣ୍ଡରେ କିଛି ଆଲୋକ ଜଳି ଉଠିଛି । ଅବିନାଶ ସମୁଦ୍ରକୁ ଅନାଇଲା, ସମୁଦ୍ର ଜୁଆରିଆ, ଢେଉ ସବୁ ମାଡି ଆସୁଛି । ଅନେକ ଛୋଟ ଛୋଟ ବୋଟ ପାଣିରେ ନଙ୍ଗର ପକାଇଥିଲା, ସେଗୁଡାକ ପ୍ରାୟ ଅନ୍ଧାର ଭିତରେ ଲୁଚିଯାଉଥିଲେ । ଏତେ ଅଧିକ ବୋଟ ଅବିନାଶ କେବେ ଦେଖିନଥିଲା । ସେପଟେ ପାହାଡ କଳା ହୋଇଆସିଲାଣି । ପାଣିର ରଙ୍ଗ ଗାଢ ନୀଳ, ସମୁଦ୍ରର ରଙ୍ଗ କେମିତି ଅଲଗା ଲାଗୁଥିଲା । ଦୂରରୁ ଲାଗୁଥିଲା ସମୁଦ୍ରକୁ କିଏ ଯେମିତି ତୂଳୀରେ ଆଙ୍କି ଦେଇଛି, ରଙ୍ଗକୁ ନିଜ ହିସାବରେ ଦେଇ ଦେଇଛି, ଆଉ ପିଲାଟିଏ ଯେତେପାରେ ନିଜ ହିସାବରେ କଳା ଧଳା ଗାରମାନ ପାଣିରେ ମାରି ଦେଇଛି । ତା'କୁ ଭାଙ୍ଗି ପଡୁଥିବା ଲହଡିର ସ୍ୱର ସଙ୍ଗୀତର ଝଙ୍କାର ଭଳି ଲାଗୁଥିଲା । ସେ ଟିକେ ମୁଣ୍ଡ ବୁଲାଇଲା, ସହରର କିଛି ଭାଗ ଦେଖାଯାଉଥିଲା, ସେପଟେ ନିଅନ୍ ଆଲୋକ ଜଳି ଉଠିଛି, ପାଣି ଝଲମଲ କରୁଛି । ସମୁଦ୍ର ପାଣିର ରଙ୍ଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଦଳିଯାଉଛି । ଏବେ ପାଣିରେ ଯେମିତି କିଏ ଧଳା ରଙ୍ଗ ଢାଳି ଦେଇଛି, ସେ ରଙ୍ଗ ନୀଳ ପାଣିକୁ ଧଳା କରିଚାଲିଛି ଆଉ କଳା ପାହାଡ ଉପରେ ଧଳା ଆସ୍ତରଣ କିଏ ଟାଣି ଦେଉଛି ।

ଏବେ ଫ୍ଲାଗ ପଏଣ୍ଟରେ ଏକ ଗାର୍ଲ୍ସ ବ୍ୟାଣ୍ଡ ମଧୁର ସଙ୍ଗୀତ ତୋଳୁଥିଲେ । ଝିଅମାନଙ୍କ ଦେହରେ ଲାଲ ଚେକ କୋଟ ଆଉ ସେହି ରଙ୍ଗର ସ୍କଟ ଥିଲା । ସମସ୍ତେ ଧଳା ଲେଗିଙ୍ଗସ ପିନ୍ଧିଥିଲେ । ମୁଣ୍ଡରେ ଲାଲ କ୍ୟାପ, କିଛିଟା ସୈନ୍ୟଙ୍କ ଭଳି ଲାଗୁଥିଲା, ରସିଆନ ଟାଇପ ନା ବ୍ରିଟିଶ ଟାଇପ କେଜାଣି ? ବ୍ୟାଗପାଇପ କିଛିଙ୍କ ହାତରେ । ସେମାନେ ଏକ ଲୟରେ ନିଜର ଧୂନ ବଜାଇ ଚାଲିଥିଲେ । ପଛରେ 'ଆଜାଦି କା ଅମୃତ ମହୋତ୍ସବ' ଲେଖାହୋଇଥିବା ଏକ ବ୍ୟାନର ଲାଗିଥିଲା । ଫ୍ଲାଗପୋଷ୍ଟ ଚାରିପାଖେ ଛୋଟ ଗ୍ୟାଲେରୀରେ କିଛି ଲୋକବସି ସେହି ଧୂନକୁ ଉପଭୋଗ କରୁଥିଲେ । ପଛରେ ସୁନ୍ଦର ଲାଇଟ ପୋଷ୍ଟରୁ ଆଲୋକ ଝରି ଆସୁଥିଲା । ସେ ଝିଅମାନେ ବେଶ ଉଜ୍ଜ୍ୱଳ ଦେଖାଯାଉଥିଲେ । ଉପର ଆକାଶରେ ତଥାପି ଅତି ହାଲୁକା ଆଲୋକ ଥିଲା । ଗ୍ୟାଲେରୀରୁ ୧୯୪୩ ମସିହା ଲେଖାହୋଇଥିବା ସ୍ମାରକୀ ଦେଖାଯାଉଥିଲା । ତା' ତଳେ ଲେଖା ହୋଇଥିଲା ଭାରତର ପ୍ରଥମ ତ୍ରିରଙ୍ଗା ଉଡିଛି ।

ଅବିନାଶ କିଛି ସମୟ ସେହି ଗ୍ୟାଲେରୀରେ ବସିଗଲା । ବାହାରେ ମଧୁର ଧ୍ୱନୀ, ସେମାନଙ୍କ ମ୍ୟୁଜିକ ଆଉ ଢେଉର ଭାଙ୍ଗି ପଡୁଥିବା ଶବ୍ଦ ଥିଲା । ସେ ନିଜ ଭିତରକୁ ସବୁ ଶବ୍ଦକୁ ଟାଣି ନେଉଥିଲା । ସେ ନିଜ ଭିତରେ ସମୁଦ୍ରରେ ବଦଳୁଥିବା ରଙ୍ଗ ଦେଖୁଥିଲା । ଉପର ଆକାଶ ଯଦିଓ ସାମାନ୍ୟ ଆଲୋକିତ, ସମୁଦ୍ର କ'ଣପାଇଁ ରଙ୍ଗ ପରିବର୍ତ୍ତନ କରିଦେଉଛି ? ସେ ନିଜ ଭିତରେ କିଛିସ୍ମାରକୀର ଚିହ୍ନମାନ ଖୋଜୁଥିଲା । ତା' ମନ ଭିତରେ ପ୍ରଶ୍ନ ଆଉ ଉତ୍ତରମାନ ଗଢି ହେଉଥିଲା । ଅଜଣା ମଣିଷ !ଐତିହ୍ୟ ! ନୂଆ, ପୁରୁଣା ଦୁନିଆ । ପ୍ରକୃତ ସ୍ମାରକୀ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେମାନେ ଆସନ୍ତି, ମୋତେ ତଉଲି ଛାଡି କିଛି ନକହି ଚାଲିଯାଆନ୍ତି । ସେମିତି ଅବହେଳିତ ଭଗ୍ନ ହୋଇ ପଡିରହିଥାଏ; ଉପରେ ପଡିଥାଏ ଥାଏ କେତେ ଧୂଳି, ବୁଢ଼ିଆଣୀର ଅଳନ୍ଧୁ ଆଉ ଗଛର ଚେରମାନ ମୋତେ ଜାଲରେ ବାନ୍ଧିଦେଇଥାଏ । ବେଳେ ସେମାନେ ଟିକିଏ ଫୁଙ୍କି ଦିଅନ୍ତି ମାତ୍ର, ଧୂଳି ଟିକେ ଝାଡି ପରିଷ୍କାର ଦେଖାଯିବ । କେଇ ପାଖେ ଅପରାହ୍ନ ଯାଏ ରୁହନ୍ତିନି,  କାଳେ ସନ୍ଧ୍ୟା ହୋଇଯିବ । ଆଜି କେବଳ କିଛି ସ୍ଥାନ ନେଇଛି । କିଛି ସ୍ଥାନ ନେଇଛି କାଗଜର, ପୁସ୍ତକର କିଛି ଲେଖା ଆଉ କିଛି ସ୍ତମ୍ଭର  । କିନ୍ତୁ ସ୍ଥାନ ତ ନେଇଛି, ଆଉ ଧୀରେ ଶୀର୍ଣ୍ଣ, ଜୀର୍ଣ୍ଣ ଆଉ ଭଙ୍ଗୁର ହୋଇଯାଉଛିକାଲି  । କିଛି ଛାଇ ଲମ୍ବିଯାଉଛି, ଚନ୍ଦ୍ରଧୌତ ରଜନୀରେ କାହା ପାଦଶବ୍ଦ ଶୁଣାଯାଏ  । କୁଜ୍ଝଟିକା ଆଚ୍ଛାଦିତ ସକାଳେ କିଛି ପକ୍ଷୀ ଡାକ ଥାଏ, ସଂନ୍ଧ୍ୟାରେ କିଛି ଜୁଳୁଜୁଳିଆ ପୋକ ଏଠିସେଠି ବସିରହିଥାନ୍ତି, ବାଦୁଡି ଶବ୍ଦ ନକରି ଉଡିଯାଉଥାଏ  । ଲମ୍ବା ଖୋଜରେ କିଏ ଚାଲୁଥାଏ, ଶବ୍ଦ ଟିକିଏ ହୁଏନି; ଛାଇ ପଡ଼ିବ କେମିତି, ଭାବିହୁଏ ସିନା  ।- ଏମିତି କିଛି ଲମ୍ବା ଆବୃତ୍ତି ଶୁଣିଲା ଅବିନାଶ  ।

ଅବିନାଶ ତୁମେ ଐତିହ୍ୟ ନା ମନୁଷ୍ୟ ଖୋଜୁଛ ? ନା, ଖୋଜୁଛ ଏକ ଅମଳୀନ ସ୍ମାରକୀ, କାହାକୁ ଖୋଜୁଛ ଅବିନାଶ ?- ତା଼଼' ଭିତରେ ପ୍ରଶ୍ନ ତା' ପାଇଁ ଥିଲା  ।

ଏକଦମ ଅଲଗା ଏକ ମଣିଷକୁ, ଅଜଣା ମଣିଷ  ।- ଅବିନାଶ ଭିତରେ କିଏ ଉତ୍ତର ଦେଉଥିଲା  ।

ମନୁଷ୍ୟ, ମୃଗମାଂସ ଭକ୍ଷଣ କରେନି  । ତୁମେ ତା'କୁ ଦେଖି ଆଶ୍ଚର୍ଯ୍ୟ ହୋଇଯିବ  । ଅଜଣା କହିବ ?

ଲକ୍ଷ, ଲକ୍ଷ, କୋଟି କୋଟି ମନୁଷ୍ୟ ଦୁନିଆରେ ଭରି ରହିଛନ୍ତି  । ଦୁନିଆରେ କେତେ କୋଟି ମାଂସହାରୀ ନୁହନ୍ତି  । ପୋଷତତ୍ତ୍ୱ ଅନ୍ୟରୁ ମିଳେ  । ସେଥିରେ କି ମହତ୍ତ୍ୱ ଅଛି ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୃଷ୍ଣ ଅରଣ୍ୟରେ ଐତିହ୍ୟର ନିଦର୍ଶନ । ସେ ମନୁଷ୍ୟ ଦେଖିବ ଅବିନାଶ ?

ଅଲଗା ଲୋକ କଥା କହୁଛ ।

କହିପାର ।

ସେମିତିଆ ଯାଦୁରୁ ବାହାରି ଆସିଥିବା ମଣିଷ ଛଡା ଆଉ କିଛି ଉଦାହରଣ ଅଛି ତୁମର ପାଖରେ ।

ତାହାହେଲେ ତୁମେ ଏକ ଭଗ୍ନ ଐତିହ୍ୟ ସହ ଜଡିତ ମଣିଷ ଖୋଜୁଛକି ? ଏକ ମହାନ ଐତିହ୍ୟର ଆରମ୍ଭ ନା ସମାପ୍ତି କହିପାର ଅବିନାଶ ।

ମନୁଷ୍ୟ ଐତିହ୍ୟ ତ ଗଢେ । ଐତିହ୍ୟ ଏକ ଇଟାଖଞ୍ଜା କୋଠାମାତ୍ର, ସମୟ ସହ ଟଳିପଡେ । ତେଣୁ ଆଉ ଏକ ମଣିଷ କଥା କ'ଣ କହିବ ?

ଐତିହ୍ୟ ଭିତରୁ, ଇତିହାସ ଭିତରୁ ତୁମେ ମଣିଷ ଖୋଜିନିଅ ଅବିନାଶ । ଖୋଜିପାରିବ ତ ?

ଖୋଜିବାକୁ ତ ପଡେ ।

ଖୋଜିନିଅ ତେବେ ଅବିନାଶ ।-

ତୁମେ ସେହି କଥାମାନ କହୁଛ ତ । ମଣିଷ ନିଜର ଆମୋଦପାଇ, ବିସ୍ମୃତ ଭାବର ଆହ୍ଲାଦ ପାଇଁ, ଏକ ସ୍ଥାନରେ କିଛି ଅଲଗା ତିଆରି କରେ ଆଉ ତାହା ପରେ କୀର୍ତ୍ତିରାଜି ହୋଇଯାଏ । ମଣିଷ ଆଉ ତା'ର ଆମୋଦର କୀର୍ତ୍ତୀ । ନା, କହୁଛ ପ୍ରାକୃତିକ ଭାବେ ଗଢି ଉଠିଥିବା ବିସ୍ମୟ ଆଉ ପରେ ତା'କୁ ମଣିଷ କୀର୍ତ୍ତୀ ବୋଲି ଭାବିନେଇଛି । ସେଇମିତି କିଛିର କଥା । ପ୍ରକୃତିର ବିସ୍ମୟ ସହଜ ଲାଗେ, ବୁଝିହୋଇଯାଏ, କିନ୍ତୁ ବ୍ୟାପକ । ହୋଇହୋଇଯାଏ ସ୍ମୃତି, କିଛି ପାଦଛାପ ଛାଡି ତ ଦିଏନା । ଆଉ ନିଜ ପାଦଛାପ ତଳେ ଗଢି ହୋଇଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରାସାଦକୁ ତୁମେ ଐତିହ୍ୟ କହିବ ? ମୋତେ କ'ଣ ଖୋଜିବାକୁ କହୁଛ ତୁମେ ?

ଦୁଇଟାକୁ । ନିଜ ହିସାବରେ ଖୋଜିନିଅ ଅବିନାଶ ।

ଏକ ମୃତ ଅତୀତ ଅତି ଜ୍ୱଳନ୍ତ ଦିଶିବ, ତା'କୁ ଖୋଜିବାକୁ ମୁଁ ଧାଉଁଥିବି । ହଜିଯାଇଥିବା ବର୍ଷମାନଙ୍କୁ ଧରି ମୁଁ ଧାଉଁଥିବି, ଲୁଚୁଥିବା ମୁହଁମାନଙ୍କ ସହ ଭଗ୍ନ ପ୍ରସ୍ତରଖଣ୍ଡ ଭିତରେ ମୁଁ ଲୁଚକାଳି ଖେଳୁଥିବି । ମୋ ଭାବିବାର ଯାଦୁକରୀ ଶବ୍ଦକୁ ମୁଁ ପ୍ରକାଶ କରିବି ବାକ୍ୟରେ, ମୋ ଏକାନ୍ତ ମୁହୁର୍ତ୍ତ ଆଗରେ ସେଇଠୁ ଚୋରାଇଥିବା ଆଲୋକକୁ ଖୋଲିଦେଇ ନିଜ ଟେବୁଲକୁ ମୁଁ ଆଲୋକିତ କରିଦେବି ।- ଅବିନାଶ ଏତିକି କହି ହସିଲା ।

ସବୁଆଡ ଆଲୋକିତ ହୋଇଯାଉ, ପଡୁଥାଉ ଆଲୋକର ଛାୟା ପାଣିର ଉପରେ, ହଜିଯିବାଯାଏଁ । କେହିତ ନାହଁ ଦେଖିବାକୁ, କେବେ ରାତି ନୁହେଁ, ରାତି କେବଳ ଅନ୍ଧାର ଦେଇପାରେ ଆଉ ଦିନରେ ଆଲୋକର ଆବଶ୍ୟକତା ନଥାଏ, କେବଳ ଛାଇ ଆଲୁଅ ଭିତରେ ସେ ଦେଖିବାଟା ରହୁ ।- ପୁଣି ନିଜ ଭିତରେ ଅବିନାଶ ଏକ ଏକ ଧାଡି ସ୍ୱଷ୍ଟ ଭାବେ ଶୁଣୁଥିଲା ।

ତା'ପରେ ଅବିନାଶ ଗ୍ୟାଲେରୀରୁ ଉଠି ଏମିତି ଭାବିଭାବି ଅବିନାଶ ସମୁଦ୍ର କୂଳରେ ଅନେକ ସମୟ ଚାଲିଲା । ଲୋକମାନେ ଚାଲୁଥିଲେ, କିଛି ଗାଡି ଜୋରରେ ଯାଉଥିଲା, ଆଉ ରାସ୍ତାରେ ମଧୁର ଧ୍ୱନୀ ଥିଲା । ସେ ନିଜକୁ ଭୁଲି ସେମିତି ଚାଲିଥିଲା, ଗୋଡ ଯେଉଁଆଡେ ନେଇଯାଉଛି, ସେ ଆଡକୁ ସେ ଯାଉ । ସେ ନିଜ ଭିତରେ ଏକଦମ ମଗ୍ନ ଥିଲା । ରାସ୍ତା ପରିଷ୍କାର ପରିଚ୍ଛନ୍ନ । ଉପରୁ ବର୍ଷା ପଡ଼ିବାରୁ ସେ ପ୍ରକୃତିସ୍ଥ ହେଲା । ଆଣ୍ଡାମାନରେ ବର୍ଷା ଆକସ୍ମିକ ହୋଇଯାଏ । ତା'କୁ ଫେରି ଯିବାକୁ ପଡ଼ିବ, ନିଜ କଳ୍ପନାକୁ ସ୍ଥିର କରିବାକୁ ପଡ଼ିବ । ସେ ନିଜ କୋଠରୀକୁ ଜଲଦି ଫେରିଆସିଲା । ଏବେ ଅବିନାଶ ଆଗରେ ଏକ ବହି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୋଲା ହୋଇ ପଡିଥିଲା । ସେଥିରେ ଏକ କଳା ଜଙ୍ଗଲୀ ଲୋକର ପ୍ରାୟ ନଗ୍ନଚିତ୍ର । ତା'କୁ ଲାଗୁଥିଲା ସେ ଛବି ଯେମିତି ତା' ସହ କଥା ହେଉଛି ।

ସେ ଛବି ଅବିନାଶକୁ ଏକ ବନ୍ଧନହୀନ ନଗ୍ନତାର ଛବି ଲାଗିଲା । ତା'ର ଖୋଲାପାଦ ଭୂମିକୁ ଟିକେ ଠେଲି ଦେଉଛି । ବାଲି ଟିକିଏ ଜାଗା ଦେଇଦେଉଛି ତା' ପାଦକୁ, ମାଟିରେ ତା' ଛାପରହିଯାଉ । ସେଠି କିଛି ଝରିପଡିଥିବା ପତ୍ର ଥିବ, ଟିକେ ମକଚି ହୋଇଯିବ । ଆଉ ତା' ଉପରେ ଏକ ତୂଳୀକାରେ ଅଙ୍କିତ ଚିତ୍ର, ନିଜ ହିସାବରେ ଅତୁଳନୀୟ ଛବି । ସବୁ ଅନାବୃତ, ମସ୍ତକରୁ ସ୍ତନ, ନାଭିରୁ ନିମ୍ନାଙ୍ଗ ପର୍ଯ୍ୟନ୍ତ, ସେଇଟା ତ ଆଖି ଚାହେଁ, ପ୍ରଶଂସା କରିବାକୁ । ନଗ୍ନ ଆଉ ନଗ୍ନତା, ଭିନ୍ନ କିନ୍ତୁ ତା'କୁ ଭାଷାର ଛଦ୍ମାବରଣ ଭିତରେ ଏକ କରିଦେଇ କେମିତି ମାଂସ ପାଇଁ ଲୋଲୁପ ଦୃଷ୍ଟିରେ ଚାହେଁ । ସୁବର୍ଣ୍ଣ ମୃଗ ମାଂସ ଭକ୍ଷଣ କରୁଥିବ କ'ଣ ! ସି-ଇ-ଇ- ତା' ଭିତରୁ ଏକ ଶବ୍ଦ ବାହାରି ଆସିଲା ।

ଲୋକମାନଙ୍କୁ ନଗ୍ନ ଆଉ ବର୍ବର ଭାବେ ଚିତ୍ରିତ କରାଯାଇଛି । ନିଜ କ୍ୟାମରାର ଲେନସରେ କେବଳ ମଣିଷର ନଗ୍ନତାକୁ ପ୍ରଦର୍ଶନ କରିବାକୁ ଚାହାନ୍ତି । ନଗ୍ନତା ଏକ କଣ୍ଟ୍ରାଷ୍ଟ । ପୁରା ପରିଚ୍ଛଦ ଆଉ ଆଦିମ ନଗ୍ନତା ଏକଦମ ବିପରୀତ, ଏକ ଗ୍ଲସି ମ୍ୟାଗାଜିନରେ ଅପୂର୍ବ କମ୍ବିନେସନ । ନଗ୍ନ, ଏକ ପୂର୍ଣ୍ଣ ଅବୟବ । ଏ ଭିତରେ ପରାଭବ, ଏକ ଶୋମ୍ୟାନର କୌଶଳ, ଧାର୍ମିକ ଗ୍ଲାନିର ପ୍ରବାହ ଅନ୍ତେ ଏକ ମହାସମୁଦ୍ର ଆଉ ସେଇଠି ଲହଡିର ଶବ୍ଦ । କ'ଣ କହୁଛ ଅବିନାଶ ?

ମଣିଷ ଧୂଳିରେ ଜର୍ଜ୍ଜରିତ, ଅଶୋଧିତ ହୋଇଯାଇଛି ନିଜ ଭାବନାର ପ୍ଲାବନରେ, କିନ୍ତୁ ସମୁଦ୍ର କେବେ ଅଶୋଧିତ ହୋଇନପାରେ । ସମୁଦ୍ରର ଲହଡି କେବେ ଅଶାନ୍ତ ନହୋଇପାରେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୁମେ ଦେଖିଲନି କି ଅବିନାଶ ପାଣିର ରଙ୍ଗ ବଦଳିଗଲା ଆଉ ଏ ଚିତ୍ର ? ମଣିଷ ମନକୁ ଏକଦମ ଧରିଆଣେ । କଳା କରିଦେବାକୁ ପାଣିକୁ । କଳାପାଣି ଆଗକୁ, ଆହୁରି ଆଗକୁ ।

ସେମାନେ ଯେ ଦ୍ୱୀପବାସୀ, ବାହାରର ସଭ୍ୟତା ଦେଖିନାହାନ୍ତି । ସେମାନଙ୍କ ହିସାବରେ ଲୋକମାନେ କେବଳ ମାଟିରେ ଚାଲନ୍ତି ଆଉ ପାଣିରେ ପହଁରନ୍ତି । ପାଣିରେ ଖଟ ଉପରେ କେବେ ଚାଲନ୍ତିନି । ତେଣୁ ଜାହାଜରେ ଆସୁଥିବା ଲୋକଙ୍କୁ ସେମାନେ ଅନ୍ୟ ଏକ ଜୀବ ଭାବୁଥିବେ । ଏବେବି ଦେଖୁନ । ମୃଗକୁ ଶରବିଦ୍ଧ କରନ୍ତି, ସ୍ୱର୍ଣ୍ଣିମ ସୁନ୍ଦର ଜୀବକୁ କେବଳ ଘୃଣାରେ ହତ୍ୟାକରନ୍ତି ? ଅବିଶ୍ୱାସ୍ୟ । ତେଣୁ ତୁମକୁ ସ୍ୱଷ୍ଟୀକରଣ ଦରକାର ।- ଅବିନାଶକୁ ଲାଗିଲା କିଏ ତା'କୁ କହୁଛି । ଅତି ସ୍ୱଷ୍ଟ ଭାବରେ ପଚାରୁଛି । ଅବିନାଶ ମୁଣ୍ଡ ହଲାଇଲା ।

ଅଜଣା ପ୍ରାଣୀକୁ ବିଶ୍ୱାସ କରିପାରନ୍ତିନି । ତେଣୁ ସେମାନେ ଅଜଣା ହୋଇଯାଇଛନ୍ତି ।

- ଅବିନାଶ ପୁଣି ମୁଣ୍ଡ ଜୋରରେ ହଲାଇଲା । କଥାଟା ବୁଝିହେଉନି ।

ମୁଁ ଅଜଣା ଦେଶରୁ ଆସିଛି ତ, ଲୁକ୍କାୟିତ ବ୍ୟକ୍ତିଙ୍କ ପାଇଁ ମୁଁ ଯେ ଅଜଣା । ମୋତେ ତୁମେ ଦେଖି ତ ପାରୁନ, ସେହି କାରଣରୁ ମୁଁ ଯେ ଅଜଣା । ନିଜକୁ ଛଳନା ଭିତରେ ହଜାଇ ତ ଦିଅ, ଯାହା କ୍ରମେ କ୍ଷୟ ହୋଇଯାଏ । ହାତରେ ମୋର କିଛି ଭୟର ଗୋଲକ ତ ନାହିଁ, ଏକ ଅଜଣା ଜାଗାପାଇଁ ମୁଁ ଏକ ଜାହାଜ । ଡରିବାକୁ କିଛି ନାହିଁ, ନିଜ ଡର ଛଡା । ହାତ ଧରି କେହି ନେଇଯିବ । ନଦେଖିବାରୁ, ନଶୁଣିବାରୁ, ନ ଭାବିବାରୁ, ମୁଁଁ ଅଜଣା ।- ନିଜ ଭିତରେ କିଏ ଯେମିତି କବିତା ଆବୃତ୍ତି କରୁଥିଲା ।

ଅବିନାଶ, ନିଜ ଆଗରେ ତୁମେ ଦେଖିବ ଖଦ୍ୟୋତ । ତୁମ ଦୃଷ୍ଟିରେ ତାରାର ଆଲୁଅ ବାନ୍ଧି ହୋଇଯିବ । ତୁମେ ହାତ ପାହାନ୍ତାରେ ନେସି ହୋଇଯାଉଥିବ । କେମିତି ହାତକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ସ୍ଥିର କରି ରଖିପାରିବ ? ଜାଣିଛ ଅବିନାଶ ସେମାନେ କ୍ଷୁଧା ପାଇଁ ବଣ୍ୟ ଶୂକର ତୀର ବିଦ୍ଧ କରନ୍ତି, କିନ୍ତୁ ମୃଗ ବଧ କରନ୍ତିନିଜର ଆକ୍ରୋଶର ପୁଷ୍ଟି ପାଇଁ । ଏଇଥିରୁ କ'ଣ ତୁମେ ସେମାନଙ୍କ ମନରେ ଥିବା ଦ୍ୱନ୍ଦକୁ ବୁଝିପାରୁନ ?- ସେ ଭାଷା ତା' କାନରେ ସ୍ପଷ୍ଟ ଥିଲା ।

ଏକ ଲୌହ ସିନ୍ଦୁକ ଭିତରେ ବନ୍ଦ ଥିବା ଦ୍ୱନ୍ଦ । କ୍ଷୁଧାର ଗଭୀରତା ଆଉ ତୀରର ପ୍ରବାହ, ଏ ଭିତରେ କେବଳ ବାୟୁ ଆଉ ଆଲୋକ ଅଛି ଅବିନାଶ । ନିଜ ଭିତର ପୂର୍ବ ଆଲୋକକୁ ନିର୍ବାପିତ କରିବାକୁ ଭାବିନାହାନ୍ତି । ସେମାନଙ୍କ ହିସାବରେ ଦେଖିଲେ ସବୁ ସହଜ ଲାଗେ ।- ଅବିନାଶ ନିଜ ଭିତରେ ଲମ୍ବା ସ୍ୱରମାନ ଶୁଣୁିଥିଲା । ସବୁର ଅର୍ଥ ତା'କୁ ଅସ୍ପଷ୍ଟ ଲାଗୁଥିଲା ।

୩-

ପରଦିନ ସକାଳେ ଅବିରାମ ବର୍ଷା ଚାଲିଲା । ଅବିନାଶ ପହଞ୍ଚିବା ପରେ ପ୍ରଥମେ ଏତେ ବର୍ଷା ଦେଖିଲା । ପବନ ଜୋରରେ ବୋହୁଥିଲା ଆଉ ଆକାଶରେ ଜଳୀୟବାଷ୍ପ ଭରିଯାଇଥିଲା । ତଳ ସମୁଦ୍ର ମଧ୍ୟ ଦେଖାଯାଉନଥିଲା । ଗଛର ପତ୍ରସବୁ ନଟୁପରି ଘୁରୁଥିଲା ଆଉ ବଡ଼ ନଡିଆଗଛର ବାହୁଙ୍ଗାମାନ ପତକା ପରି ହଲୁଥିଲା । ପବନର ସୁ ସୁ ଗର୍ଜନରେ ଆଉ ସବୁ ଶବ୍ଦ ଲୁଚିଯାଉଥିଲା । ଅନ୍ୟଥା ଆଣ୍ଡାମାନର ସକାଳ ସୂର୍ଯ୍ୟସ୍ନାତ ଆଉ ମୃଦୁମଳୟ ଦେହରେ ଶିହରଣ ଆଣେ । ଏଠି ଏତେ ଗରମ ଲାଗେନା । ପକ୍ଷୀଙ୍କର ମଧୁର ଗୀତରେ ଘର ଭରିଯାଏ । ଅବିନାଶ ପ୍ରଥମେ ଶୁଣେ ପକ୍ଷୀଙ୍କର ଡାକ, ତା'ପରେ ନିଦ ଭାଙ୍ଗିଯାଏ । ବାହାରକୁ ଆସେ ଦେଖେ ଆକାଶ, ବାଦଲ ସକାଳର କିରଣରେ ଇଷତ୍ ଲାଲ ହୋଇଯାଇଛି,ସବୁ ଭାସିଯାଉଛି, କେତେ କଳ୍ପନା କରିବସେ ଅବିନାଶ । ନିଜ ମନକୁ ମନ କବିତା ତିଆରି କରେ । ନିଜେ ନିଜ ଆଗରେ ଆବୃତ୍ତି କରେ, ସେ ଭିତରେ ଭୁଲିଯାଏ ତା'ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଠାକୁ ଆସିବାର ଉଦ୍ଦେଶ୍ୟ । ଏଠାକୁ ସେ ଆସିଛି ମଣିଷ ଖୋଜିବାକୁ । ତା'ପରେ ବହି ପଢେ ଆଉ ଭାବିବାକୁ ଲାଗିଯାଏ ।

ସେଦିନ ଅବିନାଶ ବାହାରକୁ ଅନାଇଲା । ହଠାତ୍ ସବୁ ଅରଣ୍ୟମୟ ଦେଖଗଲା । କିଛି ଲୋକ କାମ କରୁଛନ୍ତି । ସମସ୍ତେ କଇଦୀ, ସେମାନଙ୍କ ଭିତରେ କଥାବାର୍ତ୍ତା ଚାଲିଛି । ସେମାନଙ୍କ ଉପରେ ଅତ୍ୟାଚାରର ଏକ ଏକ ଅଧ୍ୟାୟ ଲେଖି ହୋଇଯାଉଥିଲା । ତା'ପରେ ସେ ସବୁଠାରୁ କୁହୁଡିଆ ଦିନକୁ ଅନାଇଲା । ପବନ କମି ଗଲାଣି, କିନ୍ତୁ ବୋହୁଛି । ସବୁଆଡ ଧିରେ କୁହୁଡିଆ ହୋଇଯାଇଛି । ଏମିତି କୁହୁଡି ତ ଉଚ୍ଚ ପାହାଡରେ ଦେଖାଯାଏ, କିନ୍ତୁ ଏଠାରେ ଦେଖାଯିବା କେମିତି ଅସ୍ୱାଭାବିକ ଥିଲା । ଆଃ, ଆଉ କିଛି ଦେଖାଯାଆନ୍ତା କି ? କେବଳ କୁହିଡି ଭିତରେ ଘୋଡାଇହୋଇ ବସିବାକୁ ତା'କୁ ଇଛା ନଥିଲା । ସକାଳେ ସେ ଗୀତ ଶୁଣୁଥାନ୍ତା । କିନ୍ତୁ ସବୁ ଲୁଚିଯାଇଥିଲା । ସେ ଆଖି ବନ୍ଦ କରିଦେଲା । ଅବିନାଶ ଆଖି ବନ୍ଦ କରିଦେବା ମାତ୍ରେ ତା'କୁ ଲାଗିଲା ସେ ବାଦଲ ସହ ଭାସିଯାଉଛି ଆଉ ଏକ ଭଙ୍ଗା ପ୍ରାସାଦ ପାଖରେ ପହଞ୍ଚି ଯାଉଛି ।

ବର୍ଷା ଲାଗିରହିଥିବ ଅବିନାଶ । ଆଣ୍ଡାମାନ ତ ବର୍ଷାବନ ଅଞ୍ଚଳ । ସେ ଭିତରେ ମଣିଷ ପତ୍ରରେ ଲାଗିଥିବା ହୀରାକୁ ଖୋଜେ । ସକାଳ ସୂର୍ଯ୍ୟରେ ବର୍ଷାର ବିନ୍ଦୁ ହୀରା ଲାଗେନି କି ?

ଅବିନାଶ କାକର ବିନ୍ଦୁକୁ ଚମକୁଥିବା ଦେଖିଥିଲା । ବର୍ଷା ପାଣି ମଧ୍ୟ ଚମକେ । ସେଇ ଚମକିବା ଆଲୋକ ମନରେ ଆଶା ନେଇଆସେ । ଆଲୋକ ସହ କିଛି ସଂମ୍ପର୍କ ଅଛି ତେବେ ଆଶାର ।

ଆଶା ଅବିନାଶ, ମଣିଷକୁ ବଞ୍ଚିବାକୁ ଶିଖାଏ, ଅସମ୍ଭବ କାମ କରିବାକୁ ପ୍ରେରଣା ଦିଏ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

- ତା' ଭିତରେ କିଏ କହୁଥିବାର ଶୁଣିଲା ।

ମଣିଷ କାଲିପାଇଁ କାହିଁକି ବଞ୍ଚେ ଅବିନାଶ ? ଅବିନାଶ, ଏ ପୋକା ପତ୍ର ଆଉ ଭଙ୍ଗା ପଥରର କାନ୍ଥକୁ ଦେଖୁଛ ?

ଏତେ ବର୍ଷା ପରେ ଅବିନାଶ ମୋହାଚ୍ଛନ୍ନ ଭଳି ପତ୍ରକୁ ଅନାଇଲା । ବଢିଆ ପାନପତ୍ର ଭଳି ପତ୍ରର ଆକାର । ସବୁ ପତ୍ରରେ କିନ୍ତୁ କଣା ହୋଇଛି, ବୁଲା ପୋକମାନେ ଗୋଟାଏ ପତ୍ରକୁ ବି ଛାଡିନାହାନ୍ତି । ଭିନ୍ନ ଭିନ୍ନ ଆକାରର କଣାମାନ କରିଦେଇଛନ୍ତି । କିନ୍ତୁ ପତ୍ର ଝଡିଯାଇନି ବା ହଳଦିଆ ପଡିଯାଇନି । ଅବିନାଶ ନିରିଖେଇ ଅନାଇଲା । କାହିଁ ପୋକଟିଏ ଦେଖିପାରୁନଥିଲା । କେବେ ସେଗୁଡାକ ପତ୍ରକୁ କଣା କରିଦେଇଥିବେ । ପାଖରେ ଭଙ୍ଗା କାନ୍ଥ, ବେଶ ମୋଟା । ଖଣ୍ଡ ପଥରକୁ ମଝିରେ ଯୋଡି ଏକ କାନ୍ଥ ତିଆରି କରାଯାଇଛି ଆଉ ଠିକ ଆଣ୍ଠୁଏ ଉଚ୍ଚରେ ଭାଙ୍ଗିଯାଇଛି । ଚାରିପାଖରେ ବେତ ବଣ ବା ଆଉ ସେହିପରି କିଛି ଛୋଟ ଗଛର ବଣ ଥିଲା ।

କାନ୍ଥର ପଥର ପରି ଶଖିଲା ପୋକା ପତ୍ରକୁ ପାଇଲନି ଯେ ।

ଅବିନାଶ କିଛି ଶୁଖିଲା ପୋକା ପତ୍ର ବା ଭାଙ୍ଗି ପଡିଥିବା ପଥର ଖୋଜୁଥିଲା । କାହିଁ ସେ ପଥର ? ତଳେ କିଛି ପଡିନି । ପଥର କାନ୍ଥରେ ଶିଉଳି ମାଡିଯାଇଛି ବା ଛୋଟ ଘାସ ଜାତୀୟ ଗୁଳ୍ମ ଅଛି । ଘରର ଆକାର ଜାଣି ହେଉଛି । ତଳୁ ରାସ୍ତାରୁ ଏକ ସିମେଣ୍ଟ ପାହାଚର ଶିଡି ଉପରକୁ ଉଠିଯାଇଥିଲା । କଡ କାନ୍ଥରେ ଶିଉଳୀ ଧାର ହୋଇ ଏକ ସବୁଜ ଭେଲଭେଟର ରୂପ ଦେଉଥିଲା । ଶିଡିଟା ଆଶ୍ଚର୍ଯ୍ୟ ଭାବେ ଭାଙ୍ଗିନଥିଲା । ଯେତେବେଳେ ସବୁଭାଙ୍ଗିଯାଇଛି, ଏ ଅଭଙ୍ଗା ଶିଡି ? ଏହାକୁ ଦେଖାଇବାର ଉଦ୍ଦେଶ୍ୟ ?

ନଗ୍ନ ଐତିହ୍ୟ, ଅବିନାଶ ଯେମିତି ଶୁଣିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଁ ଅବିନାଶ, ଏକ ନଗ୍ନ ଐତିହ୍ୟ । – ଆଉଥରେ ସେ ଶୁଣୁଥିଲା । ସେ ଶବ୍ଦ ସେମିତି ତା' ପାଖକୁ ଭାସି ଆସୁଥିଲା ।

ତୁମ ଆଗକୁ ଜଣା ଆଉ ଅନ୍ୟ କିଛି ଦେଖାଯିବ ନାହିଁ, କେବଳ ନୀଳ ଆକାଶ, ଭାସୁଥିବା ମେଘ ଆଉ ବେତ କଣ୍ଟାର ଅତି ମୁନିଆ କଳା ଧାର ଦେଖିବ । ସେ କଣ୍ଟା ତୁମ ଦେହରେ ପ୍ରତି ମୁହୂର୍ତ୍ତରେ ଫୁଟିଯାଉଥିବ ଆଉ ତୁମ ଦେହରୁ ରକ୍ତ ଝରିଚାଲୁଥିବ । ଏହାକୁ ତୁମେ ନଗ୍ନ ଐତିହ୍ୟ କହିବନି କି ଅବିନାଶ । ଏପଟୁ ତୁମେ ଆଉ ଥରେ ସେ ଶିଡିକୁ ଅନାଅ । ପୋକଖିଆ ପତ୍ରରୁ ତଳକୁ ଓହ୍ଲାଇଯାଉଛି ଏକ ଏକ ଛାୟା । ଅବିନାଶ ତୁମେ ଐତିହ୍ୟ ତଳେ ନାଚୁଥିବା ଲଙ୍ଗଳା ମଣିଷମାନଙ୍କୁ ଦେଖ, ସଂମ୍ପୂର୍ଣ ଉଲଗଂ ଶରୀର । ଏ ପଟୁ ଜଣେ କିଏ ହସିହସି ଅନାଉଛି ଆଉ ସେପଟେ ଜଣେ କିଏ ଉଦଣ୍ଡ ନଗ୍ନ ନୃତ୍ୟ କରୁଛି । ଜୀବନର ଦୁଇ ମୋଡକୁ ପାଖରୁ ଦେଖ ଅବିନାଶ । ରାସ୍ତାରୁ ଉପରକୁ ଦେଖିଲେ ଦେଖିବ ସୁନୀଳ ଆକାଶ ଆଉ ନଭଶ୍ଚୁମ୍ବୀ ପ୍ରାସଦ ଆଉ ଉତ୍ତୁଙ୍ଗ କପାଳ, ଆଉ ଭଗ୍ନ ପ୍ରାସାଦ ଉପରୁ ତଳୁକୁ ଦେଖିଲେ କେବଳ ଦେଖିବ ଅସହାୟ ପ୍ରାୟ ବସ୍ତ୍ରହୀନ ନଗ୍ନ ମଣିଷ । ଉପରକୁ ଅନାଇଲେ ଦୁଇ କମାଣର ମୁହଁ, ଆଉ ତଳୁ ଦେଖିଲେ ଏକ ଏକ ହାତମୁଠି ।

ଅବିନାଶ ଏମିତି କିଛି ପ୍ରାସାଦରୁ ଆରମ୍ଭ ହୋଇଥିଲା ଏକ ନୀରବ ଦ୍ୱୀପର ଗ୍ୟାଙ୍ଗମାନଙ୍କ ପଦଯାତ୍ରା । ସେମାନେ ଅସହାୟ କଇଦୀ ଥିଲେ । ସେମାନଙ୍କୁ ତୁମେ ଅଜଣା ମଣିଷ ହିସାବରେ ଦେଖ । ସେମାନଙ୍କ ପୂର୍ଣ ପରିଚୟ କେବେ ପାଇବନି ।

ଅବିନାଶ କିଛି ବୁଝିପାରିଲାନି । ସେ ନୀରବ ରହିଲା । ତା' ପାଖରେ ସେଇ ପୋକା ପତ୍ର, ଆଉ ଭଙ୍ଗା ପାସାଦ ଥିଲା ।

ତୁମେ ଏ ଲାଲ ରଙ୍ଗର ନବ ପଲ୍ଲବକୁ ଭଲଭାବରେ ନିରୀକ୍ଷଣ କର । ସେ ପତ୍ରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ କିଛି ନୂଆ ଦେଖିପାରୁଛ କି ?

କାହାକୁ ନୂଆ କହୁଛ ?

ତୁମେ ଲାଲ ରଙ୍ଗ ଭିତରେ ବହୁ ରଙ୍ଗ ଖୋଜିନିଅ, ଖୋଲା ପତ୍ର ଜାଗାରେ ବୁଜି ହୋଇ ଖୋଲିବାକୁ ଯାଉଥିବା ପତ୍ରମାନଙ୍କୁ ଖୋଜିନିଅ । ପ୍ରତିଟି ଆକାର ଭିତରୁ ସେମାନଙ୍କ ନାଚୁଥିବା ଚିତ୍ରକୁ ଖୋଜିନିଅ । ସେମାନଙ୍କ ହାତପାଦର ଭଙ୍ଗୀକୁ ଦେଖିନିଅ । ତା'ପରେ ଜାଣ ସେମାନେ କେମିତି ନିଜକୁ ମୁକ୍ତ କରିଦେଉଛନ୍ତି । ସେମାନେ କେମିତି ଆକାଶକୁ ଛୁଇଁ ଯାଉଛନ୍ତି ନିଜ ନୃତ୍ୟର ଗତିରେ । କେବେ ଭାବିପାରିଛ କି ପତ୍ର, ଯାହାର ରଙ୍ଗ ସବୁଜ, କ'ଣପାଇଁ ଏମିତି ଲାଲ ରଙ୍ଗରୁ ଆରମ୍ଭ କରେ ?

ଜୀବନଟା ଆରମ୍ଭ ତ ଲାଲ ରଙ୍ଗରୁ ତାହାହେଲେ ।

ଆଉ ଶେଷଟା ?

କ୍ରମଶଃ. . .

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପାଙ୍କୁ ଚିଠିଟିଏ...



ନିତ୍ୟ ରଞ୍ଜନ ନନ୍ଦ

ପୂଜନୀୟ ବାପା,

ମୋର ପ୍ରଣାମ ନେବେ । ଆଜି ସୁଦୂର ଆମେରିକାରୁ ଥାଇ ଏ ଚିଠି ଲେଖୁଛି । କିଛି କଥା ତୁମକୁ ସାମ୍ନାରେ କହିବାର ସାହସ ନାହିଁ । ସେଥିପାଇଁ ଚିଠି ଟିଏ ଲେଖୁଛି, କ୍ଷମା କରିଦେବେ ।

ଆଜି ସକାଳୁ ସକାଳୁ ଆମ ଓଡିଶାର ଗୋଟେ ପ୍ରସିଦ୍ଧ ଖବର କାଗଜରୁ ଜାଣିବାକୁ ପାଇଲି ଯେ ତୁମେ ତୁମର ସବୁ ସ୍ଥାବର ଅସ୍ଥାବର ସମ୍ପତି ଗୋଟେ ବୃଦ୍ଧାଶ୍ରମକୁ ଦାନରେ ଦେବା ପାଇଁ ଇଛାପତ୍ର କରି ଦେଇଛ । ସେ ଖବର କାଗଜର ସୂତ୍ର ଅନୁସାରେ ତୁମର ଗୋଟେ ବୋଲି ପୁଅ ତୁମର ଦେଖା ଚାହାଁ ନ କରିବାରୁ ତୁମେ ଏମିତି ଏକ ପଦକ୍ଷେପ ନେଇଚ ।

ବାପା, ଆପଣଙ୍କର ଏଇ ଗୋଟେ ନିଷ୍ପତି ଯୋଗୁଁ ସମାଜର ଆଖିରେ ଆଜି ମୁଁ ଗୋଟେ କୁଳାଙ୍ଗାର, ଅପଦାର୍ଥ, ସ୍ୱାର୍ଥପର ପୁଅ । ହେଲେ ଆଜି ମୁଁ ନିଜ କୁ ନିଜେ ପ୍ରଶ୍ନ କରୁଛି, ମୋର ଏ ପରିସ୍ଥିତି ପାଇଁ ଦାୟୀ କିଏ ? ବାପା ତୁମେ ନୁହଁ ତ ?

ମୋ ବାପା, ମୋ ପାଇଁ ଭଗବାନ ।

ଭଗବାନ କେବେ କଣ ଭୁଲ କରି ପାରନ୍ତି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା , କେବେ ନୁହେଁ ?

ତେବେ ଭୁଲ ରହିଲା କଉଠି ?

ମୋ ଅବସ୍ଥା ଆଜି ଏମିତି କାହିଁକି ହେଲା ? ଜୀବନରେ ବାପା ଆପଣଙ୍କ କଥାକୁ ବେଦର ଗାର ମାନି ମୁଁ ଚଳିଆସିଛି । ତେବେ ଆଜି କଉଠି ଭୁଲ ରହିଗଲା ?

ବାପା, ମୋର ନର୍ସରୀ ଶ୍ରେଣୀ ଠାରୁ ଆରମ୍ଭ କରି ହେତୁ ହେଲା ଦିନ ଯାଏ ଆପଣଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପାଠ ପଢି ଆସିଛି । ମୋର ମନେ ଅଛି ପଞ୍ଚମ ଶ୍ରେଣୀ ବୃତି ପରୀକ୍ଷାରେ ଆମ ଜିଲାରେ ମୁଁ ଦ୍ୱିତୀୟ ସ୍ଥାନ ଅଧିକାର କରି ବୃତି ପାଇବା ପାଇଁ ମନୋନୀତ ହୋଇଥିଲି। କିନ୍ତୁ ସେଦିନ ଆପଣ ଖୁସି ହେଇ ନଥିଲେ । ସ୍କୁଲରୁ ଫେରିଲା ବେଳେ ମୋତେ ପ୍ରଶ୍ନ ଟିଏ ପଚାରିଥିଲେ । ଚନ୍ଦ୍ରରେ ପାଦ ଦେଇଥିବା ପ୍ରଥମ ବ୍ୟକି କିଏ ? ମୁଁ ତତ୍‌କ୍ଷଣାତ ଉତର ଦେଇଥିଲି, ନୀଳ ଆର୍ମଷ୍ଟ୍ରଙ୍ଗ। କିଛି ସମୟ ପରେ ପଚାରିଲେ ଚନ୍ଦ୍ରରେ ପାଦ ଦେଇଥିବା ଦୃତୀୟ ବ୍ୟକ୍ତି ନାମ କଣ ? ମୁଁ କହିପାରିନଥିଲି । ଆପଣ କହିଥିଲେ କେହିବି ଦ୍ୱିତୀୟ ବ୍ୟକ୍ତିର ନାମ ମନେ ରଖନ୍ତିନି । ସମସ୍ତେ ପ୍ରଥମକୁ ମନେ ରଖନ୍ତି । ଜୀବନରେ ସବୁ ବେଳେ ପ୍ରଥମ ହେବା ପାଇଁ ଚେଷ୍ଟା କର ।

ସେହି ଦିନ ଠୁ ମୁଁ ପ୍ରଥମ ହେବା ପାଇଁ ଧାଇଁ ଚାଲିଛି । ସେଇଟା କଣ ମୋର ଭୁଲ ?

ଯେଉଁ ବୟସରେ ମୋ ସାଙ୍ଗ ମାନେ ଖେଳ କୁଦରେ ମାତିଥାନ୍ତି, ମୁଁ ସେ ବୟସରେ ପାଠ ପଢୁଥିଲି, କାରଣ ଦ୍ୱିତୀୟ ହେବାର ଭୟ ମୋ ମୁଣ୍ଡରେ ଥିଲା ।

ଷଷ୍ଠ ଶ୍ରେଣୀରୁ ମୋତେ ଆପଣ ଆଇଆଇଟି(IIT) କେମିତି ପଢ଼ିବି ସେଥିପାଇଁ ମୋତେ ଫିଟିଯି (FIITJEE) ଭଳି କୋଚିଂ କ୍ଲାସରେ ଆଡ଼ମିସନ କରିଦେଲେ । ବାର ବର୍ଷ ବୟସରେ ଆପଣ ମୋତେ ଇଂଜିନିୟର କରିବା ପାଇଁ ଏକ ପ୍ରକାର ମନସ୍ଥ କରିସାରିଥିଲେ । କେବେବି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିବାକୁ ଚେଷ୍ଟା କରି ନଥିଲେ ମୋର ପସନ୍ଦ କଣ । ମୁଁ କେତେ ସୁନ୍ଦର ଗପ ସବୁ ଲେଖୁଥିଲି । ମୁଁ ଲେଖିଥିବା ରଚନାକୁ  ଆମ ଓଡ଼ିଆ ସାର ସବୁ ପିଲାଙ୍କୁ ପଢି ଶୁଣାଉଥିଲେ । ହେଲେ ଆପଣଙ୍କ ନଜରରେ କେବଳ ବିଜ୍ଞାନ ଆଉ ଗଣିତ ହିଁ ଜରୁରୀ ପାଠ ଥିଲା, ଓଡ଼ିଆ ଇତିହାସ ଚିତ୍ରାଙ୍କନ ଆଦି କେବଳ କାମଚଳା ପାଠ ।

ମୁଁ ଆପଣଙ୍କ ଇଛା ମୁତାବକ ଦଶମରେ କୃତିତ୍ୱ ସହକାରେ ପ୍ରଥମ ଶ୍ରେଣୀରେ ପାସ କଲି । ସବୁ ପିଲା ମାନଙ୍କ ପରି ମୋରବି କଲେଜ ଜୀବନରେ କିଛି ସ୍ୱାଧୀନତା ମିଳିବ ବୋଲି ଆଶା କରିଥିଲି । କିନ୍ତୁ ଆପଣ ମୋତେ କଲେଜ ହିଁ ପଠାଇଲେ ନାହିଁ  । ସୁଦୂର ରାଜସ୍ଥାନର କୋଟା ସହରରେ କୋଚିଂ ପାଇଁ ପଠେଇ ଦେଲେ । ନାମକୁ ମାତ୍ର ଗୋଟେ କଲେଜରେ କେବଳ ପରୀକ୍ଷା ଦେଇଥିଲି ଯୁକ୍ତ ଦୁଇ ପାସ ହେବା ପାଇଁ । ମୁଁ ବି ଆଜ୍ଞାଧୀନ ପୁତ୍ର ଭାବେ କିଛି ଆପତ୍ତି କରିନଥିଲି  । ଆପଣଂକ ଆଶା ଅନୁସାରେ ପ୍ରଥମ ଚେଷ୍ଟାରେ ଆଇଆଇଟି (IIT) ପଢିବା ପାଇଁ ଚୟନ ହେଇଗଲି । ମୋର କଠିନ ପରିଶ୍ରମ ଆଉ ଆପଣଙ୍କ ଆଶୀର୍ବାଦରୁ ଆଇ ଆଇ ଟି  (IIT)ରେ ପ୍ରଥମ ହେଇ ଆମେରିକା ର ନାସା (NASA) ରେ ଚାକିରୀ ପାଇଗଲି ।

ବାପା ଆପଣ କେତେ ଖୁସି ହେଇନଥିଲେ ସେଦିନ ।  ଆମ ଗାଁ ଯାକର ଲୋକଙ୍କୁ ଭୋଜି ଦେଇଥିଲେ , କାରଣ ଆପଣଂକ ପୁଅ ନାସାରେ ଚାକିରୀ ପାଇଛି । ଆପଣଙ୍କର ବହୁତ ଦିନ ର ସ୍ୱପ୍ନ ପୁରଣ ହୋଇଛି ।

ପିଲାଟି ଦିନରୁ ଆପଣ ମୋତେ ଗୋଟେ ପାଠପଢା ମେସିନ ବନେଇ ଦେଲେ । ମୋ ମନରେ ସାମାଜିକ ଚଳଣି ଅପେକ୍ଷା ଗଣିତର ସୂକ୍ଷ୍ମ ତି ସୁକ୍ଷ୍ମ ସମୀକରଣ ର ସମାଧାନ ସବୁ ଭର୍ତି କରାଇଦେଲେ । ଆପଣ ସ୍ୱପ୍ନ କୁ ସାକାର କରିବାକୁ ଯାଇ ମୁଁ ଏତେ ଉଚ୍ଚ ପହଂଚି ଯାଇଛି ଯେ ତଳକୁ ଆସିବା ପାଇଁ ସମୟ ହିଁ ନାହିଁ  ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିଛ ବାପା, ଆପଣ ସବୁଠୁ ଖୁସି ହେବା କଥା ଯେ ମୁଁ ମହାକାଶଚାରି ଭାବେ ଯିବା ପାଇଁ ମନୋନୀତ ହେଇଚି । ଏକ ହଜାର ରୁ ଅଧିକ ପ୍ରାର୍ଥୀଙ୍କୁ ପଛରେ ପକାଇ ମୁଁ ଆଜିବି ପ୍ରଥମ ହେଇଚି । କିନ୍ତୁ ପ୍ରଥମ ଥର ପାଇଁ ଆପଣ ଖୁସି ନୁହନ୍ତି । କାରଣ ମୁଁ ଏବେ ଆଉ ଆପଣଂକୁ ସମୟ ଦେଇପାରୁନି । ଆଜି ପରିଣତ ବୟସରେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି । ମୁଁ ଜାଣେ ଆପଣଂକ ଅସୁସ୍ଥତା , ମାଆ ର ମୃତ୍ୟୁ ପରେ ଆପଣଙ୍କ ନିଃସଙ୍ଗତା । ଆପଣ ଚାହାନ୍ତି ପୁଅ ପାଖରେ ରୁହନ୍ତୁ , ନିଜ ଗାଁ ରେ । ଆପଣ କିନ୍ତୁ ନିଜ ଗାଁ ଛାଡି ବିଦେଶରେ ରହିବାକୁ ନାରାଜ । ଆପଣ ଏବେ ହୃଦୟଙ୍ଗମ କରୁଥିବେ ଯେ ଏତେ ପରିଶ୍ରମ କରି ଯେଉଁ ସଫଳତାର ଶିଖରରେ ପହଂଚିବା ପାଇଁ ମୋତେ ଜୀବନ ଯାକ ପ୍ରେରଣା ଦେଇ ଆସୁଥିଲେ, ସେଇ ସଫଳତା ଆଜି ଆପଣ ଆଉ ମୋ ଭିତରେ ପାଚେରୀ ହେଇ ଛିଡା ହେଇଚି ।

ପିଲା ଦିନର ଖେଳକୁଦ, ସାଙ୍ଗସାଥି ଙ୍କ ସହ ମଉଜମଜଲିସ ର ଅନୁଭୂତି କେବଳ ପାଠ ପଢା ପାଇଁ ହରେଇଛି । କିଶୋର ଅବସ୍ଥା ରେ କଲେଜ ଜୀବନ ବି ପାଠ ପାଇଁ ଦେଖି ପାରିଲିନି ।ଏବେ ସେ ପାଠ ପଢାର ଫଳ କଣ ? ମୋର ଉଚ୍ଚ ସଫଳତା , ଆଉ ଆପଣ ମୋ ମଧ୍ୟ ରେ ବହୁତ ଦୂରତ୍ୱ ।

ବାପା, ମୁଁ ଆପଣଂକ ପୁଅ । ଆଜି ଯାଏ ଆପଣଙ୍କ କଥା କୁ ମାନି ଚାଲିଥିଲି । ଆଜି ବି ମାନିବି । ଆପଣ ମୋ ଉପରେ ଅଭିମାନ କରି ସବୁ ସମ୍ପତି ବୃଦ୍ଧାଶ୍ରମକୁ ଦାନ କରି ଦେଇଛନ୍ତି । ମୁଁ ଏହାକୁ ସ୍ୱାଗତ କରୁଛି । ବାପା, ମୁଁ ବି ତ ଆପଣଙ୍କ ସମ୍ପତି । ସତ କହିବାକୁ ଗଲେ ପରୋକ୍ଷରେ ଆପଣ ମୋତେ ବି ବୃଦ୍ଧାଶ୍ରମକୁ ଦାନ କରି ଦେଇଛନ୍ତି । ତେଣୁ ମୁଁ ମଧ୍ୟେ ସବୁ କିଛି ତ୍ୟାଗ କରି ମୋ ନିଜ ଦେଶକୁ ଫେରିବାର ନିଷ୍ପତି ନେଇସାରିଛି । ମୋର ସବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମ୍ପତିକୁ ଆପଣଙ୍କ ବୃଦ୍ଧାଶ୍ରମକୁ ଦାନ କରି ଆପଣଂକ ପାଖେ ପାଖେ ରହିବି । ଜୀବନରେ ପ୍ରଥମ ହେବା ପାଇଁ ବହୁତ ଧାଇଁ ସାରିଲିଣି । ଏବେ ମୁଁ ପୁରା କ୍ଲାନ୍ତ । ଆଉ ଉଡିବାକୁ ଇଛା ନାହିଁ । ଯେତେଦିନ ପାରିବି ଆପଣଙ୍କ ସେବା କରିବି ।

କାରଣ, ମୋ ବାପା, ମୋ ଚଳନ୍ତି ଭଗବାନ । ଆପଣଙ୍କ ସେବା ହିଁ ମୋର ପ୍ରଥମ କର୍ତବ୍ୟ ।

ଇତି

ଆପଣଂକ ଆଜ୍ଞାଧୀନ ପୁଅ

ଡିଏଲଏ -୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ବର

ମୋ - ୯୪୩୭୧୭୮୪୭୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମନ ସୁନ୍ଦର



କିରନ୍ ସ୍ୱାଇଁ

ଜଙ୍ଗଲରେ ଅନେକ ପ୍ରକାରର ଗଛ ଦେଖାଯାଆନ୍ତି । କେତେକ ବଡ଼ ତ କେତେକ ଛୋଟ । କେତେକ ମୋଟା କେତେକ ପତଳା । କେତେକ ରଙ୍ଗ ବେରଙ୍ଗର କେତେକ ଗୋଟିଏ ରଙ୍ଗର । କାହାର ପତ୍ର କର୍କଶ ତ କାହାର କୋମଳ । କିଏ ଦୀର୍ଘାୟୁ ତ କିଏ ଅଳ୍ପାୟୁ । କିଏ ଥୁଣ୍ଟା କିଏ ପତ୍ର ପରିପୂର୍ଣ୍ଣ । କିଏ କଣ୍ଟାଯୁକ୍ତ କିଏ ସୁକୋମଳ । ଆଉ କେତେକ ଫୁଲ, ଫଳ, ଲତା, ଗୁଳ୍ମଜାତୀୟ ଉଦ୍ଭିଦ । ଏମିତି ଈଶ୍ୱର ସମସ୍ତଙ୍କୁ ନିଜସ୍ୱ ସତ୍ତାରେ ପରିପୂର୍ଣ୍ଣ କରିଛନ୍ତି ।

ଗୋଟିଏ ଜଙ୍ଗଲରେ ଗୋଟେ ଛୁଞ୍ଚି ଭଳି ପତ୍ର ଥିବା ଗୋଟେ କଣ୍ଟା ଗଛ ଥିଲା ଆଉ ତା ପାଖରେ ଗୋଟେ ସୁନ୍ଦର କୋମଳ ଗଛ ରହୁଥିଲା । ସୁନ୍ଦର ଗଛକୁ ସମସ୍ତେ ବେଶି ଆଦର କରୁଥିଲେ, ତା କାଠରେ ମଣିଷମାନେ କେତେ ଘରର ଜିନିଷ ପତ୍ର ସବୁ ତିଆରି କରୁଥିଲେ । ଖଟ, ଚୌକି, ଆଲମାରୀ ଆଦି ଅନେକ ଜିନିଷ ସେହି ଗଛର କାଠରେ ନିର୍ମିତ ହୋଇ ବେଶ୍ ସୁନ୍ଦର ଦେଖାଯାଉଥିଲା । ସେହି ଗଛରେ ମୋଟା ମୋଟା ପତ୍ର ଶୋଭା ପାଉଥିଲା । ଏହା ଦେଖି ପାଖରେ ଥିବା କଣ୍ଟା ଗଛଟି ଭାରି ମନ ଦୁଃଖରେ କାନ୍ଦୁଥିଲା । ଏକଦା କଣ୍ଟା ଗଛ ମନ ଦୁଃଖ କଥା ବୁଝି ସୁନ୍ଦର ଗଛଟି ତାକୁ ବୁଝାଇ କହିଲା – "ଭାଇ ତୁ ନିଜର ଗୁଣକୁ ଦୁର୍ବଳତା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଝୁଛୁ । ନିଜ ମହତ୍ତ୍ୱକୁ ପ୍ରଥମେ ଦେଖ୍ । ତୋର ପତ୍ର ସବୁ କଣ୍ଟା ହେଲେ ମଧ୍ୟ ତୁ କେତେ ପକ୍ଷୀଙ୍କୁ ଆଶ୍ରା ଦେଇଛୁ । କଣ୍ଟା ଭରିଭରିକି ରହିବା ଯୋଗୁଁ ତୋର କେହି କ୍ଷତି କରି ପାରୁନାହାନ୍ତି । ପକ୍ଷୀମାନେ ନିର୍ଭୟରେ ଅନ୍ୟ ଜୀବଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇଛନ୍ତି ଓ ତୋ ଶାଖାପ୍ରଶାଖାରେ ବସା କରି ରହିଛନ୍ତି । ମୁଁ ସୁନ୍ଦର କୋମଳ କିନ୍ତୁ ମୁଁ କାହାକୁ ଛାଇ ଦେଇ ପାରୁନାହିଁ, ମୁଁ ଡେଙ୍ଗା ଓ ମୋ ଦେହରେ କମ୍ ଶାଖା ପ୍ରଶାଖା ଅଛି କିନ୍ତୁ ମୁଁ କାହାକୁ ଆଶ୍ରା ଦେଇ ପାରୁନାହିଁ । ଅତ୍ୟନ୍ତ ପ୍ରାଣୀମାନେ ତୋ ଗଛ ଛାଇରେ ଘଡ଼ିଏ ବସି ଥକା ମେଣ୍ଟାଇ ପାରୁଛନ୍ତି । ଭଗବାନ କାହାକୁ ବି ସମ୍ପୂର୍ଣ୍ଣ ଭାବରେ ପରିପୂର୍ଣ୍ଣ କରି ନାହାନ୍ତି । ସମସ୍ତଙ୍କୁ ଗୋଟେ ଗୋଟେ ଉଦ୍ଦେଶ୍ୟରେ ଗଢ଼ିଛନ୍ତି । କିଛି ଗୁଣ ନୁହଁ କିଛି ଅବଗୁଣ ନୁହଁ । କେହି କେବେ ଦୁର୍ବଳ ନୁହନ୍ତି । ସମସ୍ତେ ନିଜ ନିଜ ସ୍ଥିତିରେ ସବଳ । ତେଣୁ ମନ ଦୁଃଖ କରିବା ଅପେକ୍ଷା ତୁ ତୋ ମନକୁ ସୁନ୍ଦର ରଖ । କାରଣ ମନ ସୁନ୍ଦର ଥିଲେ ହୃଦୟ ସୁନ୍ଦର ଥିଲେ ଆକାରର, ରୂପର, ରଙ୍ଗର, ଗୁଣର କିଛି ଆବଶ୍ୟକତା ନାହିଁ । ମନର ସୁନ୍ଦରତା ରେ ପୃଥିବୀକୁ ଜିଣି ପାରିବ । ହୃଦୟରେ ସଦ୍ ଭାବନା ଥିଲେ ପରୋପକାର ସମ୍ଭବ ହେବ । ଜଗତର ମଙ୍ଗଳ ହେବ । ଏଣୁ ବାହ୍ୟ ଆବରଣ ନୁହଁ ମନର ସୁନ୍ଦରତା ହିଁ ପ୍ରକୃତ ସୁନ୍ଦରତା” । ଏହା ଶୁଣି କଣ୍ଟା ଗଛ ନିଜ ଭୁଲ୍ ବୁଝି ପାରିଲା । ନିଜ ଗୁଣ ଚିହ୍ନି ପାରିଲା । ଆଉ ଭଗବାନଙ୍କୁ ନିଜର ସୃଷ୍ଟି ନିମନ୍ତେ ଧନ୍ୟବାଦ ଦେଲା ।

ପୁଣି ସେ ଜଙ୍ଗଲରେ ନାନା ରକମର ଗଛ ସୃଷ୍ଟି ହେଲେ କେତେକ ବିନାଶ ହେଲେ । କଣ୍ଟା ଗଛ ଓ ସୁନ୍ଦର ଗଛ ନିଜ ନିଜ କର୍ତ୍ତବ୍ୟରେ ଲାଗି ରହିଲେ । ପବନର ସ୍ୱର ସହିତ ମନ ଖୁସିରେ ସବୁ ଗଛମାନେ ଆନନ୍ଦରେ ଜଙ୍ଗଲରେ ଝୁମି ଉଠୁଥିଲେ । ଅନୁରୂପ ଭାବରେ ମନୁଷ୍ୟ ନିଜ ଓ ଅନ୍ୟର ଦୁର୍ବଳତା ସବଳତା ମଧ୍ୟରେ ଫରକ ନ କରିବା ଆବଶ୍ୟକ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେହି ଦୁର୍ବଳ ନୁହନ୍ତି । ଭଗବାନ ସମସ୍ତଙ୍କୁ ସମାନ ଗୁଣରେ ଗଢ଼ିଛନ୍ତି ସେ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ସମସ୍ତଙ୍କୁ ପରସ୍ପରର ଉପକାର ପାଇଁ ସେ ସୃଷ୍ଟି କରିଛନ୍ତି । କେବଳ ଆବଶ୍ୟକ ବାହ୍ୟ ଆଡ଼ମ୍ବରରୁ, ବାହ୍ୟ ଆଚରଣରୁ ମୁକ୍ତ ହୋଇ ନିଜ ମନକୁ ସୁନ୍ଦର କରିବାର, ନିଜକୁ ପରିବର୍ତ୍ତନ କରିବାର । କାରଣ ମନ ସୁନ୍ଦର ଥିଲେ ସବୁ ସୁନ୍ଦର । ସଫା ସୁନ୍ଦର ହୃଦୟରେ ଜଗତର ମଙ୍ଗଳ ସାଧନ ହୋଇ ପାରିବ । ମନ ସୁନ୍ଦର ରହିଲେ, ହୃଦୟ ସଫା ରହିଲେ ମଣିଷ ଈଶ୍ୱରଙ୍କ ସର୍ଜନାକୁ ବୁଝି ପାରିବ । କର୍କଶ ମନରେ ସବୁକିଛି କର୍କଶ ଓ ସୁନ୍ଦର ମନରେ ସବୁକିଛି ସୁନ୍ଦର । ଗୋଟିଏ ସୁନ୍ଦର ମନର ଦୃଷ୍ଟି ସବୁ କିଛି ସୁନ୍ଦର କରିପାରିବ । ମନର ସୁନ୍ଦରପଣରେ ସମଗ୍ର ପୃଥିବୀର ସୁନ୍ଦରପଣକୁ ଅନୁଭବ କରାଯାଇ ପାରିବ ।

କିରନ୍ ସ୍ୱାଇଁ ( Kiran Swain)

ବହିଆପଦର, ବରପାଲି, ଜିଲ୍ଲା - ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବସୁଷେଣ



ସୁନନ୍ଦା ମହାନ୍ତି

ମହାଭାରତରେ ବସୁଷେଣ ଚରିତ୍ରଟିକୁ କିଏ କେଉଁ ଦୃଷ୍ଟିରେ ଅନୁଧ୍ୟାନ କରିଛି ଜଣାନାହିଁ, ହେଲେ ସେହି ଚରିତ୍ର ପ୍ରତି ସମ୍ମାନ, ସଂଭ୍ରମ, ଶହନଶୀଳତା, କାରୁଣ୍ୟତା ଆଜି ଭାରତୀଙ୍କ ମନରେ ଏଭଳି କାୟା ବିସ୍ତାର କରିଛି, ଯେ ନିଜକୁ ସେହି ସମୟର ଚରିତ୍ରରେ ଉପସ୍ଥାପନା କରି ତାଙ୍କ ପ୍ରେମିକାଟିଏ ହେବାର ଲୋଭ ଅସମ୍ଭବ ହେଲେ ବି ଅତି ପିଲାଦିନୁ ସେହି ଚରିତ୍ରପ୍ରତି ତାଙ୍କର ଅହେତୁକ ଦୁର୍ବଳତା ପରବର୍ତ୍ତୀ ସମୟରେ ସେ ନିଜକୁ ସେହି ମହିମାମୟ ସୁପୁରୁଷ ତଥା ପୁରୁଷଶ୍ରେଷ୍ଠ ବ୍ୟକ୍ତିଙ୍କ ପ୍ରେମିକା ଭାବି ହୋଇଛନ୍ତି ଆହ୍ଲାଦିତା ଓ କେବେ ମନ୍ତ୍ରମୁଗ୍ଧ ତଥା ହୃଦୟ ଶାଶ୍ୱତ ।

ପିଲାଦିନରୁ ମାଆର ମମତା ପାଇନଥିବା, ଏକ ବିଡ଼ମ୍ବିତ ଭାଗ୍ୟ ନେଇ ଜନ୍ମିଥିବା, ଅହରହ ଆତ୍ମଗ୍ଲାନିରେ ଜର୍ଜ୍ଜରିତ ହୋଇଥିବା ସୁତ ପୁତ୍ରଙ୍କୁ ମୋର ଏହି ଗଳ୍ପ ମାଧ୍ୟମରେ ଭୂମିଷ୍ଠ ପ୍ରଣାମ, ସେହି ପ୍ରଣାମ ପହଞ୍ଚିପାରେ ନପାରେ ହେଲେ ଆନ୍ତରିକତା, ସ୍ୱାଭିମାନ, ନୈସର୍ଗିକ, ଆଧ୍ୟାତ୍ମିକଭରା ପ୍ରଣାମ ମୂଲ୍ୟର କଳନା ବା ତୁଳନା ନାହିଁ ଭାରତୀଙ୍କ ପାଖରେ, ସେଥିପାଇଁ ତ ବିବାହର ବହୁ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି କୋଳେଇ ନେଇଛନ୍ତି ଅନାଥ ପିଲାଟିକୁ ପୋଷ୍ୟ ପୁତ୍ର ଭାବରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଦିନ କଲେଜ ଜୀବନରେ ଦୀପକର ଚାଲିଚଳନ, ଢଂଗଢାଂଗ, ବ୍ୟବହାର ନିଆରା ଲାଗୁଥିଲା, ସବୁ ବୁଝିବି ନ ବୁଝି ପାରିବାର ଛଳନା କରି ଅନ୍ୟମନସ୍କ ହୋଇ କରିଡରରେ ଠିଆ ହୋଇଥିଲେ ତ ତଡ଼ିତ ବେଗରେ ଶିଡ଼ିଟପି ଦୀପକ ଆସିଥିଲା ତାଙ୍କ ସାମ୍ନାକୁ ଆଉ ଆଙ୍ଗୁଳି ନିର୍ଦ୍ଦେଶ କରି ଧମକ ଦେଉଥିଲା ତାଙ୍କୁ, "ଏ ଝିଅ ତୁ ମତେ କାହିଁ ଚାହିଁଥିଲୁ ?" ତ ନିର୍ବାକ ତଥା ନିର୍ଭୀକ ଭାରତୀ ଦୀପକର ମନଗହନରେ ଦେଖିଥିଲେ, ପ୍ରେମର ପ୍ରତିଶୋଧ ପରାୟଣ ନିଆଁ, ସେ ଖାଲି ହସିଦେଇଥିଲେ, ଆଉ ସାଙ୍ଗଟି ତାଙ୍କପାଇଁ ପ୍ରତିକ୍ରିୟା ପ୍ରକାଶ କରୁଥିଲା ଏମିତି ଯେ, ଭାରତୀ ତତେ ଚାଂହିଥିଲା ତୁ ଜାଣିଲୁ କେମିତି ? ତୁ ନିଶ୍ଚୟ ତାକୁ ଚାହିଁଥିଲୁ ନା ? ତାର ଏପରି ଯୁକ୍ତିରେ ଭାରତୀ ହସିଦେଇ ମନେ ପକାଉଥିଲେ ସେହି ଦାମ୍ଭିକ, ପୁରୁଷଶ୍ରେଷ୍ଠ ବାସୁଷେଣଙ୍କୁ, କାହିଁ ଏ ଛାର ଦୀପକ, କାହିଁ ସେ ବୀରପୁଙ୍ଗବ ? ? ? ସତରେ ତୁଳନା ନାହିଁ ।

ସମେସ୍ତେ କହନ୍ତି ସେ କୁଆଡେ କଲେଜ ଜୀବନରେ ବହୁତ ସୁନ୍ଦରଥିଲେ ତ ସାରମାନେ ଲେକଚର ଦେଉ ଦେଉ ଯଦି କେବେ ଭାରତୀଙ୍କୁ ଭିନ୍ନ ଦୃଷ୍ଟିରେ ଅବଲୋକନ କରୁଥିଲେ ତ ଭାରତୀ କେବଳ ନିଜପାଖରେ ସେହି ନାଟକ, ଡ୍ରାମା, ଥିଏଟର ଓ ସିରିଏଲରେ ଦେଖିଥିବା ବସୁଷେଣଙ୍କ ଉପସ୍ଥିତି ହିଁ ପାଖରେ ଅନୁଭବ କରିଥିଲେ ଓ ଚାହାଣୀରେ ଜଣେଇ ଦେଉଥିଲେ ସେ ଆଉ କାହାର ପତ୍ନୀ ରୂପରେ, ପ୍ରେମିକା ରୂପରେ, ଆଉ କାହାର ପୃଷ୍ଠପୋଷକତାରେ ସମୃଦ୍ଧା, ସେ ନୁହନ୍ତି ନିଶିଗନ୍ଧା, ତାଙ୍କ ଗର୍ବ, ଦମ୍ଭ, ଦାମ୍ଭିକତା ଦେଖିଲେ କେହି ପାଖ ମାଡ଼ନ୍ତି ନାହିଁ ତାଙ୍କୁ ଦୃଷ୍ଟି ତୋଳି ଚାହିଁବାକୁ ।

ଘରେ ମାଆ ବହୁ ଅନୁନୟ ବିନୟ କରିଥିଲେ, ତାଙ୍କୁ ବାହାହେବାକୁ, ହେଲେ ତାଙ୍କର ଏକାଯିଦ, ମୁଁ ବିବାହ କରିପାରିବିନି ମାଆ, ମୁଁ ବିବାହିତା, ମାଆ କାବା ହୋଇ ପଚାରନ୍ତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେବେ, କେଉଁଠି, କେମିତି କାହାକୁ କୋର୍ଟ ବିବାହ କଲୁକି ର ଉତ୍ତରରେ ସେ ହସିଦେଇ କୋଳରେ ଲୋଟିପଡି ଗଡିଯାନ୍ତି ତ ମାଆ ଉଠୁମ ତୋ ରଙ୍ଗଢଙ୍ଗ ମତେ କିଛି ଭଲ ଲାଗୁନି କହି କାନ୍ଦିପକାନ୍ତି, ତୁ କଣ ମୀରା, ତୁ କଣ ରାଧା, ତୁ କଣ ବୋଲି ନିଜକୁ ଭାବିଛୁ ? ? ? ?

ବାପା କେତେ କେଉଁଠୁ ପ୍ରସ୍ତାବ ଆଣନ୍ତି ତାଙ୍କପାଇଁ, ହେଲେ ସେ ନିରୁତ୍ତର, ବାପା କେବଳ ଅପ୍ରସ୍ତୁତ ହୁଅନ୍ତିନାହିଁ ଆସ୍ତେ ଆସ୍ତେ କ୍ଷୀଣ ହୋଇଯାନ୍ତି ହେଲେ ଭାରତୀଙ୍କ ଭିତରେ ଚମକୁଥାନ୍ତି କେହିଜଣେ ରାଜକୀୟ ଠାଣିରେ, ଦମ୍ଭ ଆଉ ଦାମ୍ଭିକତାରେ ।

ନିରୋଳାରେ ଭାରତୀ ପ୍ରଶ୍ନ ପଚାରନ୍ତି ବସୁଷେଣଙ୍କୁ କଣ ପାଇଲେ ଆର୍ଯ୍ୟପୁତ୍ର ? କଣ ପାଇଲ ଦାନୀ ହୋଇ ? କଣ ରହିଲା ତୁମ ଦାନର ମୂଲ୍ୟ ? ସେଦିନ ତୁମକୁ ସ୍ୱପ୍ନରେ ସୂର୍ଯ୍ୟ ଦେବତା ଚେତେଇ ଦେଲାପରେ ବି ତୁମେ କାହିଁକି ଶୁଣିଲନି ତାଙ୍କ କଥା ? କାହିଁକି ସମସ୍ତଙ୍କ ସ୍ୱାର୍ଥରେ ତମେ ପଡିଲ ବଳି ? ତମେ କଣ ଜାଣିନଥିଲ, ସବୁ ଯୁଗରେ ବି ସ୍ୱାର୍ଥୀ ଭିକାରୀ ଥାଆନ୍ତି ବୋଲି ?

ବସୁଷେଣ ସତେ ଯେମିତି କହୁଥାନ୍ତି କଣ ପାଇଁ ବଂଚିବାର ମୋହ ରଖିଥାନ୍ତି କୁହ ? ମାଆ ଯେଉଁଠି ମୋ ପରିଚୟ ଦେବାକୁ କୁଣ୍ଠାବୋଧ ପ୍ରକାଶ କରନ୍ତି, ଭାଇମାନେ ଯେଉଁଠି ମତେ ଥଟା ପରିହାସ କରନ୍ତି, ମୁଁ କାହା ପାଇଁ ବଞ୍ଚିଥାନ୍ତି ? କିଏ ମତେ ଭଲପାଏ ? କାହାର ଥିଲା ମୋ ପ୍ରତି ଆସକ୍ତି ? ତ ଭାରତୀଙ୍କ ଆଖିରୁ ଝରିଯାଏ କେତେ ଯେ ତତଲା ଲୁହ ତାର ହିସାବ ନାହିଁ ! ଭାରତୀ କାନ୍ଦିବାର ଦେଖିଲେ ବାପାମାଆ ବିଚଳିତ ହୋଇପଡନ୍ତି, କଣ ସମସ୍ୟା କହ ? କେମିତି ବା କିପରି ବର ତୋର ପସନ୍ଦ କହ ? ତ ନିରୁତ୍ତର ଭାରତୀଙ୍କୁ ବୁଝାଇପାରନ୍ତି ନାହିଁ ବାପା ମାଆ ଅବା ନିକଟ ସମ୍ପର୍କୀୟ ମାମୁଁ ମାଇଁ ଅଜା ଆଇ ନା ପାଖରେ ରହୁଥିବା ଜେଜେ, ଜେଜେମାଆ ଦାଦା ବଡବାପା ବଡ଼ମା ଖୁଡୀ, ଶେଷକୁ ଭାରତୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାଛିନେଲେ ଚାକିରୀ ଜୀବନ ।

ଆଜିକାଲିର ଏକତରଫା ପ୍ରେମରେ ଅଧିକାଂଶ କହିଲେ ଭୁଲ ହେବନି । ସ୍ଥାନୀୟ ଯୁବକ ପ୍ରାୟେ ଶହେରୁ ଅନେଶତ ଭାଗ ଚାଁହୁଥିଲେ ତାଙ୍କ ସହ ବିବାହ ବନ୍ଧନ, କଣ ବୋଲି ଭାବନ୍ତି କେଜାଣି ଯୁବ ସମାଜ ନିଜକୁ ? ? ଅନ୍ୟର ଯେ ମନ ଅଛି ଏକଥା ଭୁଲିଯାଇ କେବଳ ସେ ସୁନ୍ଦରୀ, ଶିକ୍ଷିତା ସର୍ବୋପରି ରୋଜଗାରକ୍ଷମ ହୋଇଥିବାରୁ ପ୍ରସ୍ତାବ ପରେ ପ୍ରସ୍ତାବ ପିତାମାତାଙ୍କ ନିକଟରେ ତ ଅଜସ୍ର ଚିଠି, ଭେଟି, ଗ୍ରୀଟିଙ୍ଗସ ଠୁ ଆରମ୍ଭ କରି ପ୍ରେମପତ୍ର ଏବଂ ଟେଲିଫୋନରେ ବାର୍ତ୍ତା ଓ ମେସେଜ ! କଣ କରିବେ ଭାରତୀ, ଜଗିରଖି ନଚାଲିଲେ ଜୀବନ ପ୍ରତି ବି ବିପଦ ଅଛି ତଥାପି ତାଙ୍କୁ ଲାଗେ ଯୋଦ୍ଧା ବସୁଷେଣ ତାଙ୍କ ପାଖେ ପାଖେ, ସେହି ଆସ୍ପର୍ଦ୍ଧା ଓ ଦିବ୍ୟକାନ୍ତି ଚେହେରାରୁ ଦୀପ୍ତି ଆଉ ଆଭା ଜ୍ୱାଜ୍ଜୁଲ୍ୟମାନ, ହେଉ ପଛେ କଳ୍ପନା ତାରି ଭିତରେ ସେ ସାଉଁଟାନ୍ତି ବାସ୍ତବତା, ପଚାରନ୍ତି ପୁଣି, କାହିଁକି ଆର୍ଯ୍ୟ କାହିଁକି ତୁମର ଏ ଭାଗ୍ୟ, ତୁମ ପ୍ରତି ସମସ୍ତଙ୍କର ଏତାଦୃଶ କପଟ, କାହିଁକି ତମର ଏ ଭାଗ୍ୟ, କାହିଁକି ତମେ ଅଭିଶପ୍ତ ? ଉତ୍ତରରେ ପ୍ରତିଥର ପରି ଛାୟାଟି ହସୁଥାଏ ଆବେଗର ଆସ୍ପର୍ଦ୍ଧାରେ କୋମଳ ନୟନ ମେଲି ତ ହଲଚଲ ହୋଇଯାନ୍ତି ଭାରତୀ, ମୁଖନତ କରି ଭୂମିପରେ ସାଉଁଟାଉଥାନ୍ତି ନଖ ।

ଦୃଷ୍ଟି ଗୋଚର ହୁଏ ଅନ୍ୟମାନଙ୍କର, କିଏ କଣ ଭାବେ ତାଙ୍କ ବିଷୟରେ, ସହକର୍ମୀଙ୍କ ପ୍ରଶ୍ନିଳ ଆଖି, ସାଙ୍ଗସାଥିଙ୍କର ଆଙ୍ଗୁଳି ନିର୍ଦ୍ଦେଶ ତାଙ୍କ ଆଡକୁ, କିଏ କହେ ଘନିଷ୍ଠ ହୋଇ, ଖୋଲି କହୁନୁ କାହିଁକି କାହାକୁ ଭଲପାଉ ଭାରତୀ ? କିଏ ସେ, ଜାତିଗୋତ୍ର ସମାନ ନୁହେଁ କି ? ତଥାପି ସେ ନିରୁତ୍ତର, ତାଙ୍କ ପାଇଁ ମାଆ ରୋଗ ଶଯ୍ୟା ରେ, ବାପା ଆଶଙ୍କାଗ୍ରସ୍ତ ।

ଭାରତୀ ଶୁଣନ୍ତି ସେହି ଭୀରୁ କାପୁରୁଷମାନଙ୍କ କଥା ଓ କାହାଣୀ, ଝିଅଟିଏ ଆଜି ଏସିଡ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାଡରୁ ରକ୍ଷା ପାଉନି, ବିଚ ରାସ୍ତାରେ ମାନମହତ ରକ୍ଷାକରିପାରୁନି, ନିରୋଳା ରାସ୍ତାରେ ଶକ୍ତ ପ୍ରହାରରେ ଜୀବନ ହାରିଛି ତ କେବେ ଗଣଦୁଷ୍କର୍ମର ଶିକାର ହେଉଛି, ଆଉ ଏସବୁ ପ୍ରାୟ ଅବିବାହିତା ଝିଅଟି କ୍ଷେତ୍ରରେ ଘଟୁଛି ତ ବଦଳିଗଲା ଭାରତୀଙ୍କ ପରିଚୟ, ସେ ପିନ୍ଧିଲେ ବସୁଷେଣଙ୍କ ନାମରେ ସିନ୍ଦୁର, ତାଙ୍କରି ନାମରେ ଆଖିରେ ମାଖିଲେ କଜ୍ଜ୍ୱଳ, ପାଦରେ ଦେଲେ ଅଳତାର ଗାର, ହାତରେ ଚୁଡ଼ି, ଜଗତ ସ୍ତଂବିଭୂତ, ଆବାକ, ସାଙ୍ଗସାଥିଙ୍କର ଜିଜ୍ଞାସା ସବୁକୁ ବେଖାତିର କରି ସେ ହେଲେ ବଧୂବେଶ ହେଲେ ଭାବିଥିଲେ ଯାହା ଫଳ ହେଲା ଓଲଟା, ମାଆ ଚାଲିଗଲେ ପରପାରିକୁ ବାପା ହେଲେ ଶଯ୍ୟାଶାୟୀ, ବନ୍ଧୁବାନ୍ଧବଙ୍କ ତୀର୍ଯ୍ୟକ ଦୃଷ୍ଟିରେ ଅସହିଷ୍ଣୁ ଭାବରେ । ସେ ଦେଖନ୍ତି ବସୁଷେଣଙ୍କୁ, ସେହି ଦିପ୍ତିମୟ କାନ୍ତି, ଉଚ୍ଚାଶୀର, ଅତ୍ୟନ୍ତଯୋଦ୍ଧା ଓ ସାହାସୀ ବସୁଷେଣଙ୍କୁ, ରାତିରେ ସୂର୍ଯ୍ୟଦେବ କହିଗଲେ ନା ତୁମକୁ ଦାନୀ ନହେବା ପାଇଁ, ତୁମ ଦାନ ତୁମର ଶେଷ ପରିଣତି ଡାକି ଆଣିବ ବୋଲି ତୁମକୁ ସତର୍କ କରିଦେଇ ଗଲେ ନା ତଥାପି ତମେ ଇନ୍ଦ୍ରଙ୍କ ମାୟାବୀ ରୂପରେ କାହିଁକି ଭୁଲିଗଲ ଜୀବନ ଧାରଣର ମୂଲ୍ୟବୋଧ, ଆଉ ଜଣେ ପିତାଙ୍କର ଆକୁଳ ବିକଳ କାତରତା ପୂର୍ଣ୍ଣ ଲୋତକ ଭରା ଆଖି ।

ବସୁଷେଣ ହସୁଥିଲେ ଆତ୍ମତୃପ୍ତିର ହସ, ସେ ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ, ଜୀବନସାରା ପିତାଙ୍କ ସ୍ନେହ ନପାଇଥିବା ପୁତ୍ରର ମୃତ୍ୟୁ ପାଇଁ କାହିଁକି ଏତେ ସ୍ନେହ ? ଜୀବନସାରା ମାଆ ବୋଲି ସମ୍ବୋଧନ କରିବାକୁ ପାଇନଥିବା ତାଙ୍କ ମୃତ୍ୟୁରେ କିବା ଦୁଃଖ ! ଭାରତୀଙ୍କ ଆଖିରେ ଲୁହ, ତାଙ୍କୁ ଜଳଜଳ ଦିଶୁଥାଏ ବସୁଷେଣଙ୍କ କର୍ଣ୍ଣରୁ ରକ୍ତ ଧାରଧାର ଓ ରକ୍ତ ରଂଜିତ ଛାତି, ବୁଝାନ୍ତି ଭାରତୀ, ଦେବେକୀ ଯଶୋଦା ଭିତରୁ କିଏ କୃଷ୍ଣ ଙ୍କ ପ୍ରିୟ? ତୁମେ କାହିଁକି ଶିଖି ପାରିଲନି ସେକଥା, ଅଟ୍ଟହାସ୍ୟ କରିଉଠନ୍ତି ବସୁଷେଣ, ଜୀବନରକ୍ଷା କରିବାକୁ ଯାଇ ଦେବକୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟେକିଦେଲେ ଯଶୋଦାଙ୍କ ହାତରେ ହେଲେ କୁନ୍ତିଦେବୀ ମୋ ଜୀବନ ଚାଲିଯିବା ପାଇଁ ଭସାଇଦେଇଥିଲେ ନା ମତେ ନଇରେ ? କାନରେ ହାତଦିଅନ୍ତି ଭାରତୀ ତଥାପି ମାର ସ୍ନେହ ମମତାର ଅନେକ ଉଦାହରଣରେ ବୁଝାଉଥାନ୍ତି, ହେଲେ ନିଜ ମାଆର ମୃତ୍ୟୁ ଓ ପରେ ପରେ ପିତାଙ୍କ ମୃତ୍ୟୁର ଶେଷ ବାକ୍ୟ, ଭାରତୀ ତୁ ମୋ କଥା ରଖିଲୁନି, ଅବସାଦ ଅବଶୋସରେ ତୋ ମାଆର ସହଯାତ୍ରୀ ହେବାକୁ ଆଉ କେତେ କ୍ଷଣ ? ? ବାକ୍ୟଟି ତାଙ୍କ କର୍ଣ୍ଣ ପଟଳରେ ଗୁଂଜରିତ ହେଉଥାଏ । ଭାରତୀଙ୍କ ପିତା ଚାଲିଗଲେ ଆଉ ସେ ଅନାଥ ହେବା ପୁର୍ବରୁ ଅରଫାନ ପିଲାଟିଏକୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରି ଆଉ ନିଜକୁ ଅନାଥ ମନେ କରୁନଥିଲେ, ଆଉ ତାହା ଦ୍ୱାରା ଅନେକଙ୍କ ମୁଁହ ବନ୍ଦ କରିବାକୁ ଚେଷ୍ଟା କରିବାକୁ  ଯାଇ ବି ତଥାପି ନିର୍ଯାତିତା, ସମ୍ମାନହୀନା ରୂପେ ପରିଗଣିତା ହେବାକୁ ପଡୁଥିଲା ସେମିତି କିଛି ସ୍ୱାର୍ଥୀ ଭିକ୍ଷୁକ ମାନଙ୍କ ଦ୍ୱାରା । ଧନରେ ଲୋଭ, ଧନରେ ସ୍ୱାର୍ଥ ରଖୁଥିବା ଲୋକମାନେ ଅପସରି ଯାଉଥିଲେ ଜୀବନର ଚଲାପଥରୁ ଜଣଙ୍କ ପରେ ଜଣେ କାରଣ ବସୁଷେଣଙ୍କ ଆଦର୍ଶରେ ସେ ସମସ୍ତ ପୈତୃକ ସମ୍ପତ୍ତି କରିଦେଇଥିଲେ ବଡବାପା ଦାଦାଙ୍କ ନାମରେ, ମାସକୁ ମାସ ମୋଟା ଅଙ୍କର ସାହାଯ୍ୟ ଯୋଗାଇ ଦେଉଥିଲେ ଜେଜେମାଆ ଜେଜେଙ୍କ ପାଳନ ପାଇଁ, ସବୁ ବନ୍ଧୁ ବାନ୍ଧବଙ୍କ ମୁଁହ ପାଟି ଚୁପ ସିନା ହେଲେ ବି ଏ ବୟସରେ ତାଙ୍କ ସାନିଧ୍ୟ ପାଇବାକୁ ଅନେକେ ଆଗେଇ ଆସୁଥିଲେ ।

ବନ୍ଧୁତାର ଖାତିରିରେ, ପାରିପାର୍ଶିକ ସହନଶୀଳତାରେ କେହି ଥରେ ତାଙ୍କୁ, ନିଜକୁ ସୁନ୍ଦରୀ ବୋଲି ଟିକେ ଭାବ କହିବାରେ, ସେ ଅନୂଢ଼ା କିଶୋରୀ ସଦୃଶ ଗର୍ବ ଗୌରବ ଲାଭ କରି ନିଜକୁ ଧନ୍ୟ ମନେକରି କହୁଥିଲେ ଦେଖତ ବସୁଷେଣ, ତୁମ ପ୍ରେମିକା, ପ୍ରାଣପ୍ରିୟାର ସୌନ୍ଦର୍ଯ୍ୟରେ ଆଜି ବି ଜଗତ ମୁଗ୍ଧ, ତମେ ନିଷ୍ପତ୍ତି ବଦଳେଇ ନିଅ, ଡେରିକରନା, ହେଲେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନେଡି ଗୁଡ଼ କହୁଣିକୁ ବୋହିସାରିଥିଲା ।

ସମ୍ମୁଖଭାଗେ ଯୁଦ୍ଧରେ ଅର୍ଜ୍ଜୁନଙ୍କ ରଥରେ ସାରଥୀ ନିଜେ ଶ୍ରୀକୃଷ୍ଣ, କପଟପାଶାରେ କବଳିତ ବସୁଷେଣ, ଭଗ୍ନ ମନୋବଳ, ସୂର୍ଯ୍ୟପୁତ୍ରଙ୍କ କର୍ଣ୍ଣ ଓ ବକ୍ଷ ଆଜି ରକ୍ତ ଜର୍ଜ୍ଜରିତ, ସମସ୍ତ ସମ୍ଭାବନା ଆଜି ତାଙ୍କ ପାଖରେ ପରାହାତ, ଆଉ ଶେଷକୁ ସାରଥୀ ବସୁଷେଣ ଚିତ୍କାର କରୁଥିଲେ, ଅଟହାସ୍ୟ କରି କହୁଥିଲେ ଇନ୍ଦ୍ରଙ୍କୁ, ତାଚ୍ଛଲ୍ୟ କରୁଥିଲେ, ହେ ଇନ୍ଦ୍ର, ଦେଖିଯାଅ ଦାନନେଇ ତୁମେ ମହାନ ନା ଦାନଦେଇ ମୁଁ କୀର୍ତ୍ତିମାନ ? ? ? ? ସ୍ୱର୍ଗରୁ ସୂର୍ଯ୍ୟଦେବ ବି ମଥାନୁଆଇଁ ବସୁଷେଣଙ୍କ ସୂର୍ଯ୍ୟାସ୍ତ ସହିନପାରି ପୁତ୍ରଶୋକରେ ଅଭିଭୂତ ହେଉ ହେଉ ବି ପରମ ଶାନ୍ତି ଲଭୁଥିଲେ ପିତୃତ୍ୱର ସାର୍ଥକତା, ବୀରତ୍ୱର ପରାକାଷ୍ଠା ଆଗରେ ମୁଣ୍ଡ ନଇଁଯାଉଥିଲା ସଗର୍ବରେ ସୂର୍ଯ୍ୟଦେବଙ୍କର ।

ଭାରତୀଙ୍କୁ ଯେବେ ତା ପରଦିନ ସମସ୍ତେ ଦେଖିଲେ ପାଟିଖୋଲି କେହିକିଛି କହିପାରୁନଥିଲେ, କାରଣ ବିବର୍ଣ୍ଣା ଭାରତୀଙ୍କ ହାତରେ ନଥିଲା ଚୁଡ଼ି, କପାଳରେ ନଥିଲା ସିନ୍ଦୁର କି ଗଳାରେ ନଥିଲା ମଙ୍ଗଳସୂତ୍ର, ହେଲେ କାହାପାଇଁ ତାଙ୍କର ବିଧବା ବେଶ କେହି ଜାଣିପାରୁନଥିଲେ ।

ଭାରତୀ ପଢୁଥିବା ସେଇ କଲେଜ ଜୀବନର ଦୀପକ ଯେବେ ସେହି ବ୍ୟାଚ ବନ୍ଧୁମିଳନରେ ଦେଖାହେଲା, ତ, ସେ ବି ଚମକି ପଡିଥିଲା ଭାରତୀଙ୍କୁ ଦେଖି କିନ୍ତୁ ପଚାରି ପାରୁନଥିଲା ଆରେ ତୁ କେବେ କୋଉଠି କୋଉଦିନ ବାହାହେଲୁ ପୁଣି ଏବେ କଣ କେମିତି....... ? ? ? ? ଇତ୍ୟାଦି କିଛିବି ପଚାରି ପାରୁନଥିଲା ଦୀପକ ତଥାପି ଶିଡ଼ି ପରେ ଶିଡ଼ି ଦେଇ ଭାରତୀ ସହ ତଳକୁ ଆସିଥିଲା ତ ଭାରତୀ ସାଥିରେ ଛୋଟ ତିନି କି ଚାରି ବର୍ଷର ପୁଅକୁ ଦେଖି ଅଭିଭୂତ ହୋଇ ନିର୍ବାକ ଆଖିରେ ଚାଂହିଥିଲା ଖାଲି, ଭାରତୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବୟବ ବହୁଦୂର ପର୍ଯ୍ୟନ୍ତ ଦେଖାଯିବା ଯାଏଁ ।

ଭାରତୀ କିନ୍ତୁ ମଜ୍ଜିଯାଇଥିଲେ ସେଇ ବସୁଷେଣଙ୍କ ଭାବନାରେ, କଣ କଲ ସୂର୍ଯ୍ୟପୁତ୍ର ? କାହିଁକି କରିଦେଲ ଦାନ ? ଥରେ ବି ଭାବିଲନି ତୁମ ପିତା ସୂର୍ଯ୍ୟଦେବ ମାତା କୁନ୍ତିଦେବୀ ତଥା ଧୀବର ଜନକଜନନୀଙ୍କ କଥା ବା ଥରେ ଚାଂହିଲନି ମୋ ଆଡ଼େ ? ଉତ୍ତରରେ ସଗର୍ବରେ ବସୁଷେଣ ସତେ ଯେମିତି ତାଙ୍କର ବୀରତ୍ୱ, ସାହାସିକତା, ନିର୍ଭିକତା, ଦାନୀକର୍ଣ୍ଣର ବିଶେଷ ଗୁଣଗୁଡିକୁ ବିଶେଷଣ କରିଚାଲିଥିଲେ. ସେଦିନ ବାମନ ରୂପୀ ଭଗବାନଙ୍କ ଦ୍ୱାରା ରାଜା ବଳିଙ୍କୁ ପାତାଳେ ଚାପିବା କଥା ଆଲୋଚିତ ହେଉଥାଏ, ଅତିରୁ ଇତି କଥାର ମହତ୍ୱ ପ୍ରତିପାଦନ କରିବାକୁ ବଳିଙ୍କର ପାତାଳ ଗମନରେ ସମେସ୍ତେ ଦୋଷ ଦେଇ ଦାନବରାଜା ବଳୀଙ୍କୁ ଛି ଛାକର କରୁଥିଲେତ ହଠାତ ଉତକ୍ଷିପ୍ତ ହୋଇ ପାଟି କରି ଚିତ୍କାର କରିଉଠିଲେ ଭାରତୀ "କଣ ଜାଣିଛ ତୁମେ ମାନେ ଦାନର ମହତ୍ୱ କଣ ବୁଝିଛ ତୁମେ ମାନେ ଦାନୀର ମହତ୍ୱ, କଣ ବା ଭାବିଛ ଦାନମାନୀଙ୍କ ବିଷୟରେ ?", କହୁକହୁ ଚେତା ହରାଇ ତଳେ ପଡ଼ିଯାଇଥିବା ଭାରତୀଙ୍କୁ ପ୍ରକୃଷ୍ଠ କରିବାରେ ପାଞ୍ଚ କି ଛ ଘଣ୍ଟା ତ ଅତି କମରେ ଲାଗିଥିଲା କିନ୍ତୁ କେହି କିଛି ବୁଝିପାରୁନଥିଲେ, କଲବଲ କରି ଚାଁହୁଥିଲେ ଭାରତୀ ମୁଁହକୁ କେବଳ ।

ଭାରତୀଙ୍କୁ କିନ୍ତୁ ଜଳଜଳ ଦିଶୁଥିଲା ଦୁର୍ଯ୍ୟୋଧନଙ୍କ ରଥର ସାରଥୀ, ସ୍ୱାର୍ଥୀ ଇନ୍ଦ୍ରଙ୍କୁ ସବୁକିଛି ଦାନ କାରିସାରିବା ପରେ ବି କେତେ ଜାଜ୍ଜୁଲ୍ୟମାନ ପ୍ରତୀୟ ହେଉଥିଲେ, ଗାରିମାର ଗୌରବାନ୍ୱିତ ହୋଇ କିଏ କହିଲା ଦାନ କରି ଦାନୀ ହୋଇ ତାଙ୍କର ହାନି ହେଲା ବୋଲି, ? ? ? ବରଂ ସେ ତ କାଳଜୟୀ, ଯୁଗାନ୍ତରୀ ହୋଇଗଲେ ।

ଛୋଟ ପିଲାଙ୍କ ସ୍କୁଲରେ ପଢୁଥାଏ ପୁଅ, ସେଦିନ ସ୍କୁଲରେ ବାର୍ଷିକ ଉତ୍ସବ ଥାଏ ଭାରତୀଙ୍କୁ ସମୟ ନଥିଲା ପୁଅ ସହ ସ୍କୁଲ ଯିବାକୁ ତ ପୁଅ ଅଭିମାନ କରିଥିଲା, ସମସ୍ତଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଭିଭାବକ ମାନେ ଆସିଥିବେ, ତାକୁ ବୁଝାଇ ସୁଝାଇ ସ୍କୁଲ ବସରେ ଛାଡି ପୁଣି ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରିଥିଲେ, ତ ବସରୁ ଓହ୍ଲେଇ ଫ୍ୟାନସି ଡ୍ରେସରେ ମୁଁ କର୍ଣ୍ଣ ମୁଁ କର୍ଣ୍ଣ, ମୁଁ ଦାନବୀର ହରିଶ୍ଚନ୍ଦ୍ରଙ୍କ ପରି ଦାନୀକର୍ଣ୍ଣ, ମୁଁ ମାଆ, ମୁଁ ସୁତ ପୁତ୍ର କର୍ଣ୍ଣ କହି ଦଉଡି ଆସୁଥିଲା ।

ବେହୋସ ହୋଇଗଲେ ଭାରତୀ ଚେତା ଫେରିଲା ପରେ ଠାଏ କରି ଚାପୁଡ଼ାଟିଏ କଷି ଦେଇ ପୁଅ ଗାଲରେ କହୁଥିଲେ ତୁ କର୍ଣ୍ଣ ହୋଇପାରିବୁନି ତୁ କର୍ଣ୍ଣ ହୋଇ ପାରିବୁନି, ଛୋଟ ପିଲାଟି କିଛି ବୁଝି ନପାରି ଫୁଲି ଫୁଲି କାନ୍ଦୁଥିଲା କିଛି ସମୟ ତ, ହୋସ ଆସିଥିଲା ଭାରତୀଙ୍କୁ, ପିଲାଟିକୁ କୋଳକୁ ନେଇ ସେଦିନ ସେ ଏତେ କାନ୍ଦିଥିଲେ ବୋଧହୁଏ ଜୀବନରେ ଆଗରୁ ଏମିତି କେବେ କାଂଦିନଥିଲେ, ତଥାପି ମନହୃଦୟ ଭିତରେ ବସିଥିବା ସେହି ଚରିତ୍ର ବସୁଷେଣଙ୍କ ପ୍ରତିମୂର୍ତ୍ତି ଯିଏ ହୃଦୟ ସିଂହାସନରେ ବସି ମୁରୁକି ମୁରୁକି ହସୁଥିଲେ ତ, ଭାରତୀ ଆଜି ପ୍ରଥମଥର ଜାଣିଲେ ତାଙ୍କୁ ସତରେ ପ୍ରେମ ହୋଇଯାଇଛି ବିଗତ ଦିନରୁ ଆଜିଯାଏଁ ତ ଭବିଷ୍ୟତରେ ସେ କେବଳ ପ୍ରେମିକାଟିଏ, ପୁତ୍ରର କର୍ଣ୍ଣ ପୋଷାକ ତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଯେମିତି, ପୁଅକୁ କୋଳକୁ ନେଇ କଇଁ କଇଁ କାନ୍ଦୁଥିଲେ ପିଲାଟି କିନ୍ତୁ କଣ ବୁଝିଲା କେଜାଣି କର୍ଣ୍ଣଙ୍କ ବେଶ ପୋଷାକ ବଦଳାଇ ଦୂରକୁ ଫୋପାଡ଼ି ମାଆ କୋଳରେ ଲୋଟି ଯାଇଥିଲା, ଭାରତୀଙ୍କ ଅନ୍ତରରେ ବସୁଷେଣଙ୍କ ପ୍ରତିବିମ୍ବ ପ୍ରତିଫଳିତ ହେଉଥିଲା ଆଉ ଆଜି ପ୍ରଥମ ଥର ମନେ ହେଲା ସେ ଭାରତୀ ନୁହନ୍ତି ସେତ ଦ୍ରୌପଦୀ କେବଳ ଦ୍ରୌପଦୀ ।

ନିଜକୁ ଦ୍ରୌପଦୀ ବୋଲି ଭାବିନେଲା ପରେ ଭାରତୀଙ୍କ ଆଖି ରେ ଦୃଷ୍ଟି ଗୋଚର ହେଲା, ଅଗ୍ନିସମ୍ଭୁତା ଦ୍ରୌପଦୀ ପିତା ଦ୍ରୁପଦଙ୍କ ମାନ ରକ୍ଷା ପାଇଁ ସୃଷ୍ଟି ଯାଜ୍ଞସେନୀ ଭାବରେ, ସେଦିନ ଦ୍ରୌପଦୀଙ୍କ ସ୍ୱୟମ୍ବର ସଭାରେ ସମସ୍ତ ବୀର ଜଣ ଜଣ କରି ହାରିଗଲା ପରେ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁର୍ଯ୍ୟୋଧନ ଦୁଃଶାସନ ଆଦି ବୀର କ୍ଷତ୍ରିୟ ପୁତ୍ର ମାନେ ଲଜ୍ଜ୍ୟାନତ ଶୀର ପୋତି ବସିଥିବା ବେଳେ ବସୁଷେଣ ହିଁ ସମର୍ଥ ହୋଇଥିଲେ ଶରଭେଦ କରିବାକୁ, ଆଉ ପ୍ରଥମ ଦେଖାରେ ମନ ହୃଦୟ କିଣି ନେଇଥିଲେ ଦ୍ରୌପଦୀଙ୍କର, ହେଲେ ଏ କଣ ସେ ସୁତପୁତ୍ର କହି ତାଙ୍କ ବୀରତ୍ୱକୁ ଅସ୍ୱୀକାର କରାଗଲା, ପ୍ରଥମ ବିଜେତା ଅପମାନିତ ହେଲେ ସତ ତଥାପି ସେହି ବୀରଦୀପ୍ତି ଚେହେରା ଦ୍ରୌପଦୀଙ୍କ ହୃଦୟରେ ରହିଗଲା ଚିରକାଳ, ହୃଦୟର ନିବୃତ କକ୍ଷରେ ସେହି ଦିନଠୁଁ ସେ ଉପବେଶନ କରିଛନ୍ତି ବୁଝିବାକୁ ବାକି ନଥିଲା ଭାରତୀଙ୍କୁ ।

ପଞ୍ଚୁପାଣ୍ଡବଙ୍କ ସ୍ତ୍ରୀ ଦ୍ରୌପଦୀ ହେଲେ ପାଞ୍ଚାଳୀ, ମାତା କୁନ୍ତିଙ୍କ ଆଦେଶ ଓ ଶ୍ରୀକୃଷ୍ଣଙ୍କ ପରାମର୍ଶ ଶିରୋଧାର୍ଯ୍ୟ ତାଙ୍କ ପାଇଁ, ସେ ବି ଜାଣନ୍ତି ପିତାଙ୍କ ପ୍ରତିଶୋଧ ନେବା ପାଇଁ ଜାଜ୍ଞସେନୀଙ୍କୁ ହେବାକୁ ପଡିବ ପାଞ୍ଚାଳୀ, ଧରି ରଖିବାକୁ ପଡିବ ଏକତା ସୂତ୍ରର ରଜ୍ଜୁରେ, ସେ ତ ଅଗ୍ନିଶମ୍ଭୁତା ହେଲେ ତାଙ୍କର ରକ୍ତ ମାଂସ ଶରୀରରେ ଥିବା ମନ ଭିତରେ ଥାନ୍ତି ସେହି ପ୍ରଥମ ପୁରୁଷ, ଯାହାଙ୍କୁ ସୁତପୁତ୍ର କହି ବାରଣ କରାଯାଇଥିଲା, ସ୍ୱୀକୃତି ଦିଆଯାଇନଥିଲା ବିଜେତାର, ହେଲେ ଜିତି ସାରିଥିଲେ ଦ୍ରୌପଦୀଙ୍କ ମନ ଓ ହୃଦୟ ହୁଏତ ପ୍ରଥମ ପୁରୁଷ ରୂପେ ସ୍ୱୟମ୍ବର ସଭାରେ ।

ଦ୍ୱିତୀୟ ଦେଖା ତାଙ୍କର କୁରୁସଭାତଳେ, ବସ୍ତ୍ର ହରଣ କାଳେ, ପାପୀ ଦୁରାଚାରୀ ଦୁର୍ଯୋଧନ, ଦୁଃଶାସନ, ଶକୁନି ଇତ୍ୟାଦି ଙ୍କର ହୁଙ୍କାର ରଡି, ପାଣ୍ଡବ ମାନଙ୍କର ନୀରବତା, ଗୁରୁ ଗୁରୁଜନ ଯଥା ଦ୍ରୋଣାଚାର୍ଯ୍ୟ ଭୀଷ୍ମ ପିତାମହ, ଗାନ୍ଧାର ନରେଶ ସମେସ୍ତେ ଥିଲେ ନିର୍ବିକାର ତ ମହାମାନୀ ଜ୍ଞାନୀ ଗୁଣୀ ବସୁଷେଣ ଚୁପ ନରହି କଣ କରିଥାନ୍ତେ ! ଶ୍ରୀକୃଷ୍ଣଙ୍କ ସାହାଯ୍ୟ ସହଯୋଗ ଓ ବନ୍ଧୁବତ୍ସଳତା ତଥା ତାଙ୍କ ଭକ୍ତି ଓ ମାଗୁଣି ସେଦିନ ବିବସ୍ତ୍ରା ହେବାରୁ ରକ୍ଷା କରିଥିଲା ଦ୍ରୌପଦୀଙ୍କୁ ହେଲେ ସେହି କାପୁରୁଷ ମାନଙ୍କର ଲୋଲୁପ ଦୃଷ୍ଟି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏବେ ବି ଦୃଷ୍ଟି ଗୋଚର ହୁଏ, ବସୁଷେଣ ଥିଲେ ନିର୍ଲିପ୍ତ, ନାଥିଲା କାମୁକତା ନାଥିଲା ଆପତ୍ତି କେବଳ ଦୁର୍ଯ୍ୟୋଧନର ବନ୍ଧୁ ହିସାବରେ ଉପସ୍ଥିତି ମାତ୍ର, ସେଇଥିପାଇଁତ ଏଯାଏଁ ସେ ଦ୍ରୌପଦୀଙ୍କର ହୃଦୟ ଶିରୋମଣି ।

ଦୁର୍ଯ୍ୟୋଧନ ଦେଖିଥିଲା ବସୁଷେଣଙ୍କ ବୀରତ୍ୱ, ବସୁଷେଣ ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଥିଲେ, ପ୍ରଥମେ ଦ୍ରୁପଦ ରାଜ୍ୟକୁ ପରାସ୍ତ କରି ସେଠାରୁ କର ଆଦାୟ କଲେ, ଏହାପରେ ଉତ୍ତର ଦିଗରେ ଯାତ୍ରା କରି ଅଙ୍ଗ, ବଙ୍ଗ କଲିଙ୍ଗ ମଗଧ ମଷ୍ଟହ୍ୟ କୋଶଳ ଆଦି ଦେଶର ଶାସକଙ୍କୁ ପରାଜିତ କରି ସେମାନଙ୍କଠାରୁ କର ଆଦାୟ କଲେ ତତ୍ପରେ ଦକ୍ଷିଣ ଦିଗରେ ଆହୁରି ଅନେକ ରାଜାଙ୍କୁ ପରାସ୍ତ କରି, କୁଣ୍ଡୀନ ନଗରୀର ରାଜା ରୁକ୍ମି ବିନାଯୁଦ୍ଧ ରେ ବସୁଷେଣଙ୍କ ସହ ସନ୍ଧି ସ୍ଥାପନ କରିଥିଲେ, ଏହି ସଫଳ ବିଜୟରେ ଦୁର୍ଯ୍ୟୋଧନ ବସୁଷେଣଙ୍କୁ ଅଭିନନ୍ଦନ ଜଣାଇ ତୁମେ ମୋର ପରମ ମିତ୍ର କହି ମନ କିଣି ନେଲେ ହେଲେ କପଟୀ କୁଚକ୍ରୀ ଦୁର୍ଯ୍ୟୋଧନ ବସୁଷେଣଙ୍କ ବାହୁବଳ ପାଇବାପାଇଁ ପରମ ମିତ୍ର ବନିଯାଇଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଦ୍ରୌପଦୀଙ୍କର ହୃଦୟଙ୍ଗମ ହୁଏ ।

ଏଇ କିଛି ଦିନ ହେବ ନିଜକୁ ଦ୍ରୌପଦୀ ଭାବୁଥିବା ଭାରତୀ, ପୁଅ ଭିତରେ ବସୁଷେଣଙ୍କୁ ହିଁ ଦେଖନ୍ତି ତଥାପି ମନ ବୁଝେନି ମନ ବିଦ୍ରୋହ କରେ ପୁଅ ଯେତେବେଳେ ପିତାଙ୍କ ପରିଚୟ ଅନ୍ୱେଷଣରେ ଭାରତୀଙ୍କୁ ପଚାରେ, ଭାରତୀ କୁହନ୍ତି ବସୁଷେଣ ତ ପୁଅ କାହିଁରୁ କେତେ ଯେ ପ୍ରଶ୍ନ କରିଉଠେ, ଯେମିତିକି ସେ କେବେ କାହିଁକି କିପରି ମୃତ୍ୟୁ ବରଣ କାଲେ ? ତ ମାଆ ଚିହିଁକି ଉଠନ୍ତି ତତେ କିଏ କହିଲା ସେ ମୃତ, ସେ ଏବେବି ଜୀବିତ, ପୁଣି ପୁଅର ଅନେକ ପ୍ରଶ୍ନ, ସେ କେଉଁଠି ? ଆମେ କାହିଁକି ତାଙ୍କ ପାଖରେ ରହୁନେ ବା ସେ କାହିଁକି ଆମ ପାଖେ ରହୁନାହାନ୍ତି ଇତ୍ୟାଦି ପ୍ରଶ୍ନ ରେ ମାଆ ଭାରତୀଙ୍କ ଆଖିରେ ଲୁହ ଆଉ ଭଗ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୃଦୟ ମନ ଏବେ ରୋଗାକ୍ରାନ୍ତ କରୁଛି ତାଙ୍କୁ ତ, ପୁଅ ଚୁପ ରହିଲେ ବି ସାଙ୍ଗମାନଙ୍କ କଥାରେ ମାଆକୁ ସନ୍ଦେହ ଦୃଷ୍ଟିରେ ଦେଖେ ମାଆର ବୈଧବ୍ୟ ବେଶ ତାମନରେ ବଡ ହେଲାପରେ ପ୍ରଶ୍ନବାଚୀ ହୋଇ ଠିଆ ହୁଏ ।

ପୁଅର ଭବିଷ୍ୟତ ଭାରତୀଙ୍କ ଭଙ୍ଗା ମନ ହୃଦୟ ସାଙ୍ଗକୁ ରୋଗ ଭିତରେ ସମୟ ଗଡିଚାଲିଲା, ପୁଅର ଏ ବର୍ଷ ମାଟ୍ରିକୁଲେସନ ପରୀକ୍ଷା, ତ ସ୍କୁଲର ଶେଷବର୍ଷ ହେଉଥିବାରୁ ଗୁରୁଦିବସରେ ତର୍କ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇ ମାଆଙ୍କ ଅନୁମତିରେ ରାତିସାରା ବହିପତ୍ର ପଢି ପୁଅ ପ୍ରସ୍ତୁତ ହେଉଥିଲା ଗୁରୁଦିବସ ଦିନ ସର୍ବଶ୍ରେଷ୍ଠ ଦାନୀ ଉପରେ ଲେଖିବାକୁ ତ କେବେ ମହାଭାରତ କେବେ ଆଦିକବି ସାରଳା ଦାସଙ୍କ ଲିଖିତ ମହାଭାରତ ତଥା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ତଥା ବ୍ୟାସଦେବଙ୍କ ଲିଖିତ ମହାଭାରତ ପଢି ପ୍ରସ୍ତୁତ ହୋଇ ନୋଟ କରିଚାଲୁଥିଲା ମହାଦାନୀ କର୍ଣ୍ଣଙ୍କ ଉପରେ ।

ମାଆ ଭାରତୀ ବି ଭାବୁଥିଲେ ବସୁଷେଣଙ୍କ କଥା, ପ୍ରଥମେ ନିଜକୁ ବ୍ରାହ୍ମଣ ବୋଲି ପରିଚୟ ଦେଇ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କଠୁ ଶିଖିଲ ବିଦ୍ୟା, କୁଶଳୀ ନିପୁଣ ହେଲ ସବୁବିଦ୍ୟା ସହ ଧନୁର୍ବିଦ୍ୟାରେ ହେଲେ କୌରବ ପାଣ୍ଡବ ମଧ୍ୟରେ ତୁମ ମୂଲ୍ୟ ନଥିଲା ତ ଗୁରୁ ସନ୍ଦେହ କଲେ ତୁମ କୃତିତ୍ୱକୁ, ଗୁରୁ ବି ଚାଁହୁ ନଥିଲେ ପ୍ରିୟ ଶିଷ୍ୟ ପାଣ୍ଡବମାନଙ୍କ ଠୁ ବଳି ଅର୍ଜ୍ଜୁନଙ୍କଠୁ ବଳି ତମେ ବଡ ଯୋଦ୍ଧା ରୂପେ ପରିଗଣିତ ହୁଅ ବୋଲି, ହେଲେ ତମେତ ଅଗ୍ର ପାଣ୍ଡେଜ୍ଞ, ତୁମ ପ୍ରତି ଏ ଅନ୍ୟାୟ କାହିଁକି ଆର୍ଯ୍ୟ ପୁତ୍ର ? ତୁମ କପାଳରେ ଏତେ ସବୁ ନାସ୍ତିବାଚକ ଭାଗ୍ୟରେଖା କେମିତି କିଏ ଲେଖିଲା ହେ ଆର୍ଯ୍ୟ ବୀରପୁଙ୍ଗବ ?

ପୁଅ ରୁମରେ ବିକ୍ଷିପ୍ତ ଭାବେ ଖେଳା ହୋଇ ପଡ଼ିଥିବା ମୋଟା ମୋଟା ବହି ସହ ମହାଭାରତ ଓ ତାହାର ଓଡ଼ିଆ ଅନୁବାଦ ଦେଖି ସ୍ତବ୍ଧ ହେଇଥିଲେ ଭାରତୀ, ଏସବୁରୁ କଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସବୁ ପଢୁଛି ପୁଅ, ମହାଭାରତ ଯୁଗରେ ଗୁରୁଭକ୍ତିର ପରାକାଷ୍ଠା ରଖିଯାଇଥିବା ଅର୍ଜୁନ ତଥା ଅନ୍ୟ ବୀରପୁରୁଷ ମାନଙ୍କ କଥା ପୁଅ ନିଶ୍ଚୟ ପଢୁଛି, ହେଲେ ବସୁଷେଣ ତୁମ ଗୁରୁଭକ୍ତିର ପରାକାଷ୍ଠା କାହିଁ? ଗୁରୁ ଚାହିଁଥିଲେ ତୁମରି ମୁଖରୁ ତୁମ ପରିଚୟ ପାଇବା ପାଇଁ, ଇଚ୍ଛା କରିଥିଲେ ତୁମ କୋଳରେ କିଛି ସମୟ ଶୋଇଯିବାପାଇଁ ତମେ ବି ହାରିଯାଇନଥିଲତ, ଭାବୁ ଭାବୁ ପାଇଥିଲେ ପୁଅ ଲିଖିତ ତର୍କ ପ୍ରତିଯୋଗିତା ଉପରେ ଲେଖାଟିଏ ।

ପୁଅ ଲେଖିଥିଲା କର୍ଣ୍ଣଙ୍କୁ ଶ୍ରେଷ୍ଠ ଦାନୀ ରୂପେ ବର୍ଣ୍ଣନା କରି, "କର୍ଣ୍ଣଙ୍କର ଦିବ୍ୟ କବଚ ଓ କୁଣ୍ଡଳ ଥିଲା ତାଙ୍କର ଜନ୍ମଗତ. କୁଣ୍ଡଳ ଓ କବଚ ହେତୁ ମୃତ୍ୟୁ ତାଙ୍କୁ ସ୍ପର୍ଶ କରିବା କଠିନ ଥିଲା, କର୍ଣ୍ଣଙ୍କ ଭଳି ମୃତ୍ୟୁଞ୍ଜୟ ଯୋଦ୍ଧା କୌରବଙ୍କ ସପକ୍ଷରେ ଥିବାରୁ ପାଣ୍ଡବମାନଙ୍କର ଚିନ୍ତା ବଢ଼ି ଯାଇଥିଲା. ଧର୍ମରାଜ ଯୁଧିଷ୍ଠିର ଇନ୍ଦ୍ରଙ୍କୁ ଆପଣା ଚିନ୍ତା ସମ୍ପର୍କରେ ଜଣାଇଲେ, ଇନ୍ଦ୍ର ଆଶ୍ୱାସନା ଦେଲେ ଓ ନିଶ୍ଚିତ ରାହିବାକୁ ଉପଦେଶ ଦେଲେ, ଆସନ୍ନ ଯୁଦ୍ଧର ପରିମାଣ ସମ୍ପର୍କରେ ଅନେକ ବେଳଯାଏଁ ଭାବି ଭାବି ଶୋଇଯାଇଥାନ୍ତି କର୍ଣ୍ଣ, ହଠାତ ରାତିରେ ଏକ ସ୍ୱପ୍ନ ଦେଖିଲେ, ଜଣେ ତେଜୋଦୀପ୍ତ ବ୍ରାହ୍ମଣ ତାଙ୍କ ସମ୍ମୁଖରେ ଠିଆ ହୋଇ କହୁଛନ୍ତି ବସୁଷେଣ ମୁଁ ତୁମଠାରୁ ଏକ ସତ୍ୟବଚନ ଚାଁହୁଛି, ତୁମେ ମୋତେ କଥା ଦିଅ, ଯଦି କୌଣସି ବ୍ରାହ୍ମଣ ତୁମକୁ କବଚ କୁଣ୍ଡଳ ମାଗନ୍ତି ତାହାଲେ ତାଙ୍କୁ ମନା କରିଦେବ । ଶ୍ରେଷ୍ଠଦାନୀ କର୍ଣ୍ଣଙ୍କ ଉତ୍ତର ଥିଲା, କାହିଁକି, ନା ଏହା କେବେ ସମ୍ଭବ ନୁହେଁ, ପ୍ରାଣ ଚାଲିଗଲେ ମଧ୍ୟ, ସ୍ୱପ୍ନରେ ବ୍ରାହ୍ମଣ କହିଲେ, ପୁତ୍ର ମୁଁ ତୁମର ପିତା ସୂର୍ଯ୍ୟଦେବ, ଦେବରାଜ ଇନ୍ଦ୍ର ପାଣ୍ଡବମାନଙ୍କ ସୁରକ୍ଷା ନିମନ୍ତେ ଛଦ୍ମବେଶ ଧାରଣ କରି ତୁମ୍ଭ ପାଖକୁ ଆସିବେ, କବଚ କୁଣ୍ଡଳ ନେଇ ତୁମକୁ ସମ୍ପୂର୍ଣ୍ଣ ଶକ୍ତିହୀନ କରିବାକୁ ଚାହାନ୍ତି ସେମାନେ, ମୋ କଥା ମାନ ବସୁଷେଣ, ନମ୍ରତା ସହକାରେ କର୍ଣ୍ଣ କହିଲେ ଇନ୍ଦ୍ର ହୁଅନ୍ତୁ ଅଥବା ଯେ କୌଣସି ବ୍ୟକ୍ତି ମାଗିବା ପାଇଁ ଆସିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଣ ଭୟରେ ତାଙ୍କୁ ନିରାଶକରିବା, ଦାନ ଦେବାକୁ କୁଣ୍ଠିତ ହେବା ଭଳି ନିନ୍ଦନୀୟ କାର୍ଯ୍ୟ କରିବାକୁ ମୁଁ ଅସମର୍ଥ, ଏହା ଦ୍ୱାରା ମୋ ନାମରେ କଳଙ୍କ ଲାଗିଯିବ, ହାର ମାନି ଚାଲିଯାଇଥିଲେ ପିତା ସୂର୍ଯ୍ୟଦେବ, ଠିକ ଏହା ପରଦିନ ଆବିର୍ଭାବ ହେଲେ ଅତି ଦୀନ ଅଥଚ ସୁଦର୍ଶନ ବ୍ରାହ୍ମଣ ଦଣ୍ଡାୟମାନ ଥିଲେ ସମ୍ମୁଖରେ, କର୍ଣ୍ଣଙ୍କ ଆତିଥ୍ୟ ସ୍ୱୀକାର କରି କହିଥିଲେ, କିଛି ମାଗିବାକୁ ଆସିଛି, ଯଦି ସତ୍ୟ କରିବ, ତାହେଲେ ଅବଶ୍ୟ ମାଗିବି, କର୍ଣ୍ଣଙ୍କ ଉତ୍ତର ଥିଲା ବସୁଷେଣ ଜୀବନରେ କୌଣସି ଭିକ୍ଷୁଙ୍କୁ ନିରାଶ କରିନାହିଁ, ନିର୍ଦ୍ୱନ୍ଦରେ ଯାହା ଇଚ୍ଛା ମାଗିପାରନ୍ତି, ବେଶ କୌଶଳରେ ବ୍ରାହ୍ମଣ କର୍ଣ୍ଣଙ୍କୁ ଏଭଳି ଦାନ ମାଗିଥିଲେ ଯାହାଥିଲା ଜଣେ ବୀରର ଶ୍ରେଷ୍ଠ ଭୂଷଣ, ଜଣେ ଦୁର୍ଜ୍ଜୟ ଯୋଦ୍ଧାଙ୍କୁ ପ୍ରତିହତ କରିବାକୁ ପର୍ଯ୍ୟାପ୍ତ ଶରୀରରେ ଥିବା କବଚ କୁଣ୍ଡଳ ତରବାରୀ ସାହାଯ୍ୟରେ ନିଜ ଶରୀର କ୍ଷତାକ୍ତ କରି ଦାନ କରିଥିଲେ ବ୍ରାହ୍ମଣଙ୍କୁ କବଚ କୁଣ୍ଡଳ ", ଲେଖାଟି ପଢୁ ପଢୁ ଭାରତୀ ଚେତାଶୂନ୍ୟ ହେଉ ହେଉ ରହିଗଲେ ଏଥର, କଣ ଭାବିବ ପୁଅ, ଯୋଉ କଥା ଆଜିଯାଏଁ ତାଙ୍କ ମନକୁ ଆନ୍ଦୋଳିତ କରୁଛି ସେହିକଥା ସେ ଲେଖିଛି ପ୍ରାଞ୍ଜଳଭାବେ ତର୍କ ପ୍ରତିଯୋଗିତା ପାଇଁ ତ ମାଆ ହିସାବରେ ପଥରୋଧ କରିବା ଉଚିତ ନୁହଁ, ତାଙ୍କର ବି ମନେ ପଡୁଥିଲା, ସେ ବି ଲେଖିଥିଲେ ଶ୍ରେଷ୍ଠଦାନୀ ଉପରେ ଲେଖାଟିଏ ।

ଭାରତୀ ମଧ୍ୟ "ସର୍ବଶ୍ରେଷ୍ଠ ଦାନୀ " ତର୍କ ପାଇଁ ଲେଖିଥିଲେ ସେହି ଦାନୀଙ୍କ ବିଷୟରେ ଯିଏ ଜଣେ ରାଜା ଥିଲେ ଏବଂ ତାଙ୍କ ଦାନର ମହତ୍ତ୍ୱ ଚାରିଆଡେ ପ୍ରସାରିତ ପ୍ରଚାରିତ ହେବା ପରେ ସ୍ୱର୍ଗରୁ ଦେବତା ଦ୍ୱୟ ଛଦ୍ମବେଶରେ ଆସିଥିଲେ ରାଜାଙ୍କୁ ପରୀକ୍ଷା କରିବା ପାଇଁ ଏବଂ କହିଥିଲେ ସତ୍ୟ କର ରାଜନ ଆମ୍ଭେ ଯାହା ମାଗିବୁ ତୁମ୍ଭେ ଆମକୁ ଦେବତ ? ରାଜା ତିନିଥର ସତ୍ୟ କଲାପରେ, ସେହି ଛଦ୍ମବେଶୀଦ୍ୱୟ କହିଥିଲେ କି ରାଜାଙ୍କ ଏକମାତ୍ର ପୁତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷିକେଶନକୁ ରାଜା ସ୍ୱହସ୍ତରେ ନିଜ ପୁତ୍ରକୁ ବଧ କରି, ପୁଣି ତା ମାଂସ ରାନ୍ଧି ପରଷିଲେ ସେମାନଙ୍କ କ୍ଷୁଧା ନିବାରଣ ହେବ, ରାଜା ଧୈର୍ଯ୍ୟର ସହ ଏସବୁ କରିବା ପରେ ପୁଣି ଯେବେ ସେମାନଙ୍କ ସହ ତାଙ୍କୁ ବି ଭୋଜନ କରିବାକୁ ପଡିବ ନହେଲେ ସେମାନେ ଖାଦ୍ୟ ଗ୍ରହଣ କରିବେ ନାହିଁ କହୁଥିଲେ ତ, ଅଗତ୍ୟା ଲୁହକୁ ଚାପି ଛାତିରେ ପଥର ନଦି ଦାନର ମହତ୍ୱ ରଖିବାକୁ ଯାଇ ନିଜେ ବି ଆସନ ଗ୍ରହଣ କରନ୍ତେ, ତାଙ୍କର ଦୃଢ଼ତା ଓ ଦାନର ମାହାତ୍ମ୍ୟରେ ଆଶ୍ଚର୍ଯ୍ୟ ଓ ଚକିତ ସ୍ୱର୍ଗରୁ ଆସିଥିବା ଦେବତା, ଆଉ ସେ ଦୁହେଁ ଯେତେବେଳେ ପୁତ୍ରକୁ ଡାକ ଆମ ସାଙ୍ଗେ ଭୋଜନ କରିବ କହିଥିଲେ, ପୁତ୍ର ସତକୁ ସତ ଉପସ୍ଥିତ ପାଖରେ, ଆଉ ରାଜାଙ୍କର ବୁଝିବାକୁ ବାକି ନଥିଲା ଇଏ ପରୀକ୍ଷା, କାରଣ ଦେବତା ଦ୍ୱୟ ବି ଉଭାନ, ହେଲେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ନିଜ ପୁତ୍ରକୁ ମାରି ରାନ୍ଧି ଖାଇବାକୁ ଦେଇଥିବା ରାଜା ଯେ ସବୁଠୁ ଶ୍ରେଷ୍ଠଦାନୀ, ହିସାବରେ ତର୍କଟି କହିସାରିଲା ପରେ ଭାରତୀଙ୍କୁ ସେହି ରାଜାଙ୍କ ନାମ ପଚରା ଯାଇଥିଲା, ସେ ହଡ଼ବଡ଼େଇ ଯାଇଥିଲେ, ଆଉ ସାରଙ୍କଠୁ କର୍ଣ୍ଣ ବୋଲି ଶୁଣି ସେ ସେହି କିଶୋରୀ ବୟସରେ ବି ହୋଇଯାଇଥିଲେ ହଲଚଲ ।

ଏ ଭିତରେ ପୁଅକୁ ବିବାହ ଦେଇ ବୋହୁ ଆଣିସାରିଲେଣି ଭାରତୀ କାରଣ ପୁଅର ପିତା ଅନ୍ୱେଷଣ ଆଉ ଜିଜ୍ଞାସାକୁ ବେଶିଦିନ ଅନ୍ଧକାରରେ ନ ରଖି ସେ ଯେବେ ପୁଣି ସଧବା ସିଂଦୁରରେ ନିଜକୁ ଶ୍ରିମନ୍ତିନୀ ସଜେଇ ବାହାରି ଆସିଲେ ପୁଅ ଆଗକୁ ତ ପୁଅ ମାଆଙ୍କର ଏପରି ରୂପରେ ବିଚଳିତ ହୋଇ ମାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିଥିଲା ତ ନୂଆ ନୂଆ ବୈଜ୍ଞାନିକ(ରିସର୍ଚ୍ଚ) ଚାକିରୀ କରୁଥିବା ପୁଅକୁ ଆଉ ତାର ସନ୍ଦେହକୁ ଦ୍ୱିଗୁଣିତ କରିବାକୁ ନ ଦେଇ ଜୀବନର ତମାମ ସତ୍ୟକୁ ପୁଅ ଆଗରେ ଉପସ୍ଥାପନ କରିଥିଲେ ଆଉ ପୁଅ ପସନ୍ଦ କରିଥିବା ଝିଅକୁ ବୋହୁ କରି ଘରକୁ ଆଣିଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋହୂଟି ମନଜାଣି ତାଙ୍କର ସବୁ ସେବା ଶୁଶ୍ରୁଷା କରୁଥିଲାବେଳେ ବିଶ୍ୱମହାମାରୀ ଥରାଇ ଦେଲା ବିଶ୍ୱକୁ । ସବୁଆଡେ କରୋନାର କରାଳ ଛାୟା କାୟା ବିସ୍ତାର କରୁଥିଲା ବେଳେ ସଙ୍ଗରୋଧ, ମାସ୍କ ଓ ସାନିଟାଇଜର ଭିତରେ ଅଣନିଶ୍ୱାସୀ ହେଲାବେଳକୁ ମହାଭାରତ ପ୍ରସାରଣ ଭାରତୀଙ୍କୁ ନୂଆ ଜୀବନ ଦେଲା ହେଲେ ବସୁଷେଣ ବା କର୍ଣ୍ଣଙ୍କ ଭୂମିକା କାଳେ ମାଆଙ୍କୁ ଦୁଃଖ ଆଣିଦେବ, ମାଆଙ୍କର ପୁରୁଣା ମନ ପୁଣି ଚେଇଁ ଉଠିବ ଭାବି ମାଆଙ୍କୁ କଟକଣା, ସେ ମହାଭାରତ ଦେଖି ପାରିବେ ନାହିଁ ମାତ୍ର ଭାରତୀଙ୍କର ଦେହ ଆସ୍ତେ ଆସ୍ତେ କ୍ଷୀଣ, ଦୁର୍ବଳ ଓ ଶେଷକୁ କରୋନା ପଜିଟିଭ । ପୁଅ ବୋହୁ ନିଜ ଘରେ ମାଆଙ୍କୁ କ୍ୱାରେନଣ୍ଟାଇନରେ ରଖି ନିଜେ ଗବେଷଣାରେ ଲାଗିଥାଏ ପୁଅ, ଆଉ ଖୋଜୁଥାନ୍ତି ପ୍ଲାଜମା ଥେରାପି ପାଇଁ, ମାଆ କିନ୍ତୁ କ୍ୱାରେଣ୍ଟାଇନ ରୁମରେ ଲାଗିଥିବା କଲରସ ଟିଭିରେ ମହାଭାରତ ଏପିସୋଡ଼ ଦେଖି ଖୁସିଥିଲେ ।

ଖୋଜି ଖୋଜି କରୋନାରୁ ଭଲ ହୋଇଯାଇଥିବା ପସେଣ୍ଟ ଯୋଗାଡ଼ ହେଲେ ଯିଏକି ପ୍ଲାଜମା ଦେବାକୁ ଆପତ୍ତି ନଥିଲା ବରଂ ସହମତି ସହ ଆଗେଇ ଆସିଥିଲେ ହେଲେ ତାଙ୍କ ନାମ ବସୁଷେଣ ଜାଣି ପୁଅ ଅଡୁଆରେ, କର୍ଣ୍ଣ ବା ବସୁଷେଣ ନାମରେ ବ୍ୟକ୍ତି ପ୍ରଥମ ଦେଖୁଥିବା ଓ ଜାଣୁଥିବା ପୁଅର ଆଶଙ୍କା ସତହେଲା, ବସୁଷେଣ ନାମଧାରୀ ବ୍ୟକ୍ତିଙ୍କଠୁ ପ୍ଲାଜମା ନେବାକୁ ଭାରତୀଙ୍କର ଏକାନାହିଁ, ମାଆଙ୍କ ଜିଦକୁ ଟାଳିବାକୁ ପୁଅ ଥିଲା ଅକ୍ଷମ । ପୁଅର ଗବେଷଣା ପରେ ବିଶ୍ୱକୁ ଚମକେଇ ଟୀକା ବାହାରିବା ବେଳକୁ ଭାରତୀ ଆଖି ବୁଜି ସାରିଥିଲେ ଆଉ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବୈଜ୍ଞାନିକ ଭାରତୀଙ୍କ ପୁତ୍ର ଟୀକାର ନାମକରଣ କରିଥିଲେ "ବସୁଷେଣ ".(ସମାପ୍ତ )

ସାକ୍ଷୀଗୋପାଳ, ପୁରୀ, ୯୦୪୦୯୭୭୩୨୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଳୟ ମୌସୁମୀ ମିଳନ



ବର୍ଷାରାଣୀ
ମହାମଲ୍ଲିକ

ମୌସୁମୀ ବାପା ମାଁଙ୍କ ଗୋଟିଏ ବୋଲି ଝିଅ । ବାପା କରନ୍ତି ଚାଷ କାମ । ସଞ୍ଜୟ ତାର ବଡ଼ ଭାଇ । ଆଉ ମୌସୁମୀର ମାଁ, ଯେଉଁଦିନ ମୌସୁମୀ ଆସିଛି ଏ ପୃଥିବୀକୁ, ପୃଥିବୀକୁ ଆଖି ଖୋଲି ଭଲ କରି ଦେଖିବା ଆଗରୁ ତା ମାଁ ସେତେଦିନ ଠାରୁ ଚାଲି ଯାଇଛନ୍ତି ଏ ଦୁନିଆରୁ । ବାପା ମୌସୁମୀକୁ ଦେଖିଲେ ମନେ ମନେ ଭାବନ୍ତି ସୁମି ଆମର ଠିକ୍ ତା ମାଁ ପରିକା, କେତେବେଳେ ଏକାକୀ ବସିଥିଲା ବେଳେ ଯେତେବେଳେ ମନେ ପଡିଯାଏ ସୁମି ମାଁ କଥା ସେ ଭାବନ୍ତି ସୁମିର ମାଁ ବଦଳରେ ସେ ଝିଅକୁ ପାଇଛନ୍ତି । ସୁମିକୁ ଦେଖିଲେ ବାପାଙ୍କ ମନ ଭରିଯାଏ ଖୁସିରେ ।

ସତରେ ଝିଅ ଲକ୍ଷ୍ମୀ । ଭାବନ୍ତି ଲକ୍ଷ୍ମୀ ମାଁ କଣ ସମସ୍ତଙ୍କ ଘରକୁ ଯାଇପାରିବେ ସେଥିପାଇଁ ପରା ଏମିତି କୁନି କୁନି ଲକ୍ଷ୍ମୀମାନଙ୍କୁ ସେ ପଠାଇ ଦେଇଥାନ୍ତି ସମସ୍ତଙ୍କ ଘରକୁ ।

ଝିଅ ଛୋଟ ଥିଲା ବେଳେ ତାକୁ ହଲେ ପାଉଁଜି ଆଣିଦେଇଥିଲେ, ସୁମି ତାକୁ ପିନ୍ଧି ଛମ୍ ଛମ୍ କରି ଦାଣ୍ଡ ଦୁଆରରେ ଘୁରି ବୁଲୁଥିଲା । ବାପା ଝିଅକୁ ଗେଲ କରିବାକୁ ଯାଇ ଟାଣି ଆଣିଥୁଲେ ଛାତି ଉପରକୁ ସୁମି ଦମ୍ ଦମ୍ କରି ତାର କୁନି ପାଦ ଦୁଇଟିକୁ କଚାଡ଼ି ଦେଉଥିଲା ବାପାଙ୍କ ଛାତିରେ । ବାପା ଆହୁରି ଖୁସି ହେଉଥିଲେ । ଆଜି ସୁମି ବଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲାଣି, ବାପାଙ୍କୁ ଆଉ ପୂର୍ବ ପରି ରୋଷେଇ କାମ ସମ୍ଭାଳିବାକୁ ପଡୁନାହିଁ, ସବୁ କାମ ସମ୍ଭାଳି ନଉଛି ସୁମି, ଘର କାମଧନ୍ଦା କରି ସାରି ସେ କଲେଜକୁ ପାଠ ପଢିବାକୁ ଯାଏ । ସତରେ ସେ ସ୍ୱୟଂସମ୍ପୂର୍ଣ୍ଣା । ପାଠରେ ଯେମିତି ସାଠରେ ସେପରି ସବୁ ଥର ସେ ଟପ୍ କରେ ଶ୍ରେଣୀରେ । ଏଥର ତାର ଯୁକ୍ତ ଦୁଇ ସରି ଯୁକ୍ତ ତିନିରେ ନାମ ଲେଖାଇବ । ବାପା ଘରରେ ଯେତେ ଅସୁବିଧା ହେଉନା କାହିଁକି, ଦୁଇ ପିଲାଙ୍କ ପଢ଼ାଲେଖାରେ କିଛି ଅବହେଳା କରନ୍ତିନି । କିଏ କଣ କହିଲେ ଲୋକଙ୍କୁ କହନ୍ତି "ମୁଁ ସିନା ମୂରୁଖ କିଛି ଜାଣେନି ତା ବୋଲି କଣ ମୋ ଛୁଆ ଙ୍କୁ ମୂରୁଖ କରିବି ? ମୋ ଛୁଆ ପଢିବେରେ, ପାଠ ପରା ବାଟ ଦେଖାଏ, ଅମଣିଷକୁ ମଣିଷ କରାଏ, ଖରାପରୁ ଭଲ ବାଟକୁ ଆଣେ, ମୋ ଭଳି ମୂରୁଖ ଲୋକଙ୍କୁ କିଏ ପଚାରେ ପାଠ ପଢ଼ିଲେ ଭବିଷ୍ୟତ ଅଛି ଜୀବନ ଅଛି ।"

ସୁମି ନୂଆ କରି କଲେଜରେ ପାଦ ଥାପିଛି, ସାର୍ ମାଡାମ୍ ଙ୍କ ପ୍ରିୟ ହୋଇପାରିଛି । କିଏ ତାକୁ ଭଲ ନ କହିବ ? ଚାଲି, ଚଳଣି, ଆଚାର, କେଉଁଥିରେ ତାର ଦୋଷ ଅଛି ଯେ ! ଯେତିକି ନିରୀହ ସେତିକି ସରଳ, ଶାନ୍ତଶିଷ୍ଟ ତାର ନମ୍ର କଥା ସମସ୍ତଙ୍କୁ ସହଜରେ ଆପଣାର କରିଦେବ । ମୌସୁମୀ କଣ କେବଳ ବ୍ୟବହାରରେ ସୁନ୍ଦର ନା ସେ ରୂପରେ ବି ଭାରି ସୁନ୍ଦର । ସବୁଦିନ ରନ୍ଧାବଢା ସାରି ସାଇକେଲ ଧରି ବାହାରି ପଡେ କଲେଜକୁ । ନିଜେ ସବୁ କାମ କରି ମଧ୍ୟ ସେ ସବୁବେଳେ ସମୟାନୁବର୍ତ୍ତିତା । ଆଡମିସନର ବହୁତ୍ ଡେରିରେ କଲେଜକୁ ଆସିଛି ଗୋଟିଏ ପୁଅ ନାଁ ତାର ମଳୟ, ସେ ଖୁବ ଗମ୍ଭୀର ଆଉ ସୁନ୍ଦର । ଏଠି ପଢ଼ିବାର କାରଣ ସେ ଗାଁ ପରିବେଶରେ ଜେଜେବାପା ଜେଜେମାଁଙ୍କ ସହ ରହି ପାଠ ପଢିବ । ଛୋଟଟି ବେଳରୁ ସେ ଦିଲ୍ଲୀରେ ରହି ପାଠ ପଢୁଥିଲା । କିନ୍ତୁ ସେ ଗାଁ ଲୋକଙ୍କ ସହ ମିଶିବାକୁ ଗାଁ ପରିବେଶରେ ରହିବାକୁ ଚାହିଁ ବାପା ମାଁଙ୍କ ବାରଣ ସତ୍ତ୍ୱେ ଗାଁକୁ ଆସିଛି । ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଡା ବୁଢ଼ା ବାପାମାଙ୍କ ସଙ୍ଗେ ରହିବାର ଯେଉଁ ସୁଖ ତାହା ସେ ଭଲ ଭାବେ ଜାଣେ । ଇନ୍ଦ୍ରଜିତ୍ ବାବୁଙ୍କ ପୁଅ ଗୋଟେ ସାଧାରଣ କଲେଜରେ ପଢିବାର ଦେଖି ସମସ୍ତେ ଆଶ୍ଚର୍ଯ୍ୟ । ମଳୟ ପାଠକୁ କିମ୍ବା ତାର କ୍ୟାରିୟରକୁ ନେଇ ପୁରା ଢ଼ିଲା । ନିଜର ଖୁସି ପାଇଁ ସେ ଏଠି ରହିବାକୁ ଆସିଛି, ସେମିତି ବି ତାର କେଉଁ କଥାରେ ଅଭାବ ଯେ । କ୍ଲାସକୁ ପ୍ରବେଶ କରିଲେ ଲାଗେ ଯେମିତି ମଳୟ ନିଜେ ଜଣେ ଲେକ୍‌ଚର ।

ସବୁ ଝିଅ ପସନ୍ଦ କରନ୍ତି ମଳୟକୁ, ମଳୟ କିନ୍ତୁ ଖୁବ୍ ଗମ୍ଭୀର ଯଦିଓ ସେ ସେତେଟା ପଢ଼ା ଛୁଆ ନୁହେଁ । କ୍ଲାସରେ ବି ତାର ସେମିତି ଧ୍ୟାନ ନଥାଏ ପଢ଼ାରେ, ମୋବାଇଲଟା ଧରି କେଞ୍ଚୁଥାଏ ଅହରହ । ମୌସୁମୀ କିନ୍ତୁ ଏକାତ୍ମ ହୋଇ ଶୁଣିଥାଏ, ପଢୁଥାଏ ଏକ ଚିତ୍ତରେ । ଦିନେ ଆସିଲା ବେଳେ ମୌସୁମୀର ସାଇକେଲର ଚ୍ୟାନ୍ ଖୋଲିଗଲା । ଯେତେ ଚେଷ୍ଟା ପରେ ବି ସେ ଲଗାଇ ପାରିଲା ନାହିଁ । କେହି ମଧ୍ୟ ସେମିତି ବାଟରେ ଆସୁ ଯାଉ ନ ଥିଲେ । ଆଜି ତା ସହ ଗାଁର ଆଉ ଜଣେ ସାଙ୍ଗ ଆସେ ସାଥିରେ ସେ ବି ଆସିନି, ସୁମି ଫୋନ ବି ଧରେନି, ସହଜେ ପୁଣି ୫ଟା ବାଜିଲାଣି । ସୁମି ପୁରା ବ୍ୟସ୍ତ ହୋଇଯାଉଥାଏ ଘରକୁ ପୁଣି ୬/୭ କିଲୋମିଟର ବାଟ । ଠିକ୍ ଏଇ ସମୟରେ କାହାର ଗୋଟେ କାର୍ ର ହର୍ଣ୍ଣ ଶୁଣି ପଛକୁ ଚାହିଁଲା ସୁମି, ଦେଖିଲା ମଳୟ । ମଳୟ ସୁମିକୁ ଦେଖି ପଚାରିଲା, Hey mousumi what are you doing ? Is there any problems ? ସୁମି ଶୁଣି ମଧ୍ୟ ଚୁପ୍ ରହିଲା, କାହିଁକି ନା ସେ ଆଗରୁ କେବେ ମଳୟ ସହ କଥା ହୋଇ ନ ଥିଲା । ମଳୟ ପୁଣି କହିଲା ଆରେ କଣ ହୋଇଛି ? ମୁଁ କିଛି ସାହାଯ୍ୟ କରିପାରେ କି ? ସୁମି କହିଲା ନା ସେ ସାଇକେଲ୍ ରେ ଚ୍ୟାନ୍.... କଥା ନ ସରୁଣୁ ମଳୟ କହି ଉଠିଲା, ଆଚ୍ଛା ତେବେ ଚ୍ୟାନ୍ ଖୋଲିଛି, କାରୁ ରୁ ଓହ୍ଲାଇ ସଙ୍ଗେ ସଙ୍ଗେ ତାର ଚ୍ୟାନ୍ ସଜାଡ଼ି ଦେଲା । ସୁମି ଧନ୍ୟବାଦ ଦେଇ ଘରକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଫେରିଲା । ମୌସୁମୀ ଭାବିଲା ହୁଏତ ମଳୟ ଭଲ ପଢ଼ାପୁଢ଼ି କରୁଥାଇ ନ ପାରେ କିନ୍ତୁ ତାର ସହଯୋଗୀ ମନୋଭାବଟିଏ ଅଛି । ତା ପରଦିନ ନୋଟିସ ଆସିଗଲା ଯେ exam ଟା ବହୁତ୍ ଜଲଦି ହୋଇଯିବ, ଏ ପଟେ ମଳୟ ତାର ନୋଟ complete କରି ନ ଥିଲା କି ପଢ଼ା ପୁଢ଼ି ବି ସେମିତି କରୁ ନଥିଲା ଆଉ କାହାକୁ କିଛି ମାଗିବା ପାଇଁ ତାର ସେମିତି କେହି ସାଙ୍ଗ ହୋଇ ନ ଥିଲେ, ତେଣୁ ସେ ଠିକ୍ କଲା ସୁମିର ନୋଟ ଆଣିବ, ସେମିତି ତ ସୁମି ବହୁତ ଭଲ ପଢ଼େ । ତା ଠାରୁ ନୋଟ ନେଇ ସେ ଲେଖା ଲେଖି କଲା, exam b ଯଥା ସମୟ ରେ ହେଲା, ଯଥା ଦିନ ରେଜଲ୍ଟ ବି ଆସିଗଲା ସୁମି ପୁଣି ଟପ୍ କରିଲା ଆଉ ମଳୟ ବି କଷ୍ଟେମଷ୍ଟେ ପାସ୍ କରିଗଲା । ଏ କଥା ନୁହେଁ ଯେ ମଳୟ ଭଲ ପଢ଼େନି, ସେ ଭଲ ପଢ଼େ କିନ୍ତୁ ପଢ଼ାରେ ଧ୍ୟାନ ଦିଏନି ସେଥିପାଇଁ examରେ ତାର ଏଇ ଅବସ୍ଥା । ସୁମିକୁ top କରିଥିବା ଦେଖି ମଳୟ ତାକୁ ଯାଇ congratulation କହିଲା ଆଉ ମଧ୍ୟ କହିଲା ଯେ Thank u ତମେ ନୋଟ ଦେଇ ନ ଥିଲେ ହୁଏତ ମୁଁ ପାସ ବି କରି ପାରି ନ ଥାନ୍ତି, କାରଣ ମୋ ପାଖରେ ବି ସେତେବେଳେ ଆଉ ସମୟ ନ ଥିଲା ସେଥିପାଇଁ thanku so much । ସୁମି ପ୍ରତିବାଦ କରି କହିଲା ଯେ ଆରେ ଏମିତି କାହିଁକି କହୁଛ ମୁଁ ଜାଣେ ତୁମେ ଜଣେ ବ୍ରିଲିଆଣ୍ଟ ଷ୍ଟୁଡେଣ୍ଟ ଆଉ ହଁ friendship ରେ ତ thanku, sorry ନ ଥାଏ, ତାହା ତୁମେ ଭଲ ଭାବେ  ଜାଣ, ପୁଣି କାହିଁକି ଏଇ thank u ଯେ ? ତା ଛଡା ଆମକୁ ସବୁବେଳେ ସମସ୍ତଙ୍କ help କରିବା ଦରକାର, ଯେମିତି କି ତୁମେ ସେଦିନ ମତେ କରିଥିଲ, ସେଦିନ ତୁମେ ନ ଆସିଥିଲେ ମୁଁ କେତେ ଅସୁବିଧାର ସାମ୍ନା କରିଥାନ୍ତି କୁହତ । ମଳୟ କହିଲା ହଁ ସତ କଥା ସୁମି, ଭଗବାନ କାହାର ଅସୁବିଧା ହେଲେ କାହାକୁ ନା କାହାକୁ ପଠାଇ ଦେଇଥାନ୍ତି ସାହାଯ୍ୟ ପାଇଁ ।

ଏମିତି ଧୀରେ ଧୀରେ ସମୟ ଗଡ଼ିଚାଲିଛି, ବନ୍ଧୁତାର ଡୋରି କେତେବେଳେ ପ୍ରେମର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଧନ ପାଲଟି ଯାଇଛି । ପ୍ରେମ ରୂପୀ ରଙ୍ଗୀନ ଆକାଶରେ ଦୁଇଟି ପକ୍ଷୀ ଉଡ଼ିବୁଲୁଛନ୍ତି ଖୁବ୍ ନିବିଡ଼ ଭାବରେ । ନୂଆ ଡେଣା ଲାଗିଛି ସୁମିର ଦେହରେ । ପ୍ରେମ ବି ନା ଦେଖେନି ଜାତି, ରଙ୍ଗ, ଧର୍ମ, ଧନୀ ଗରିବ, ବୟସ ଯାହା ସହ ହୋଇଯାଏ ବାସ୍ ହୋଇଯାଏ, ସତେ ଯେମିତି ଯଦି ମଣିଷ ସମାନ, ପ୍ରେମ ବି ସବୁଠାରେ ସମାନ । ସେ ଯାହା ବି ହେଉ ମୌସୁମୀ ମଳୟ, ଯେମିତି ମୌସୁମୀରେ ମଳୟ ନିହାତି ଲାଗେ ଆଉ ମଳୟ ଆଗରେ ବି ମୌସୁମୀର ଆଗମ ଅନିବାର୍ଯ୍ୟ । ମଳୟ କିନ୍ତୁ ବହୁତ ଧନୀ ଆଉ ମୌସୁମୀ ନିହାତି ଗରିବ ଘରର । ମୌସୁମୀର ପ୍ରଭାବରେ ମଳୟ ସୁଧୁରି ଯାଇଛି, ସେ ବି ଭଲ ପଢ଼ାପଢ଼ି କରିଛି, କଲେଜରେ ଦୁହେଁ ଆଗପଛ ହୋଇ ଟପ୍ କରନ୍ତି । ସେଠାରେ କେବଳ ତାଙ୍କର ପ୍ରସଂଶା । ଦେଖୁ ଦେଖୁ ସେମାନଙ୍କ ପଢ଼ା ଶେଷ ହୋଇଗଲା । ଶେଷ ଦିନରେ ମଳୟ ମୌସୁମୀକୁ ଡାକି କହିଲା ଦେଖ ସୁମି ଏଠି ଆମ ପଢ଼ା ସରିଲା, ପୁଣି ଆମେ କେବେ ଦେଖା ହେବା ? ଏକାସାଙ୍ଗେ ପଢୁଥିଲେ ତେଣୁ ସବୁବେଳେ ଦେଖା ସାକ୍ଷାତ ହୋଇପାରୁଥିଲେ, ସେମିତି ବି ମୁଁ କିଛି ଦିନ ପାଇଁ ସେଠିକି ଯିବି ତମେ ଭଲରେ ଥିବ ଖୁବ୍ ଶୀଘ୍ର ପୁଣି ଏଠିକି ଆସିବି ଆଉ ହଁ ଆମେ କଲ୍ ରେ ବରାବର କଥା ହେଉଥିବା ତମେ ବିଲକୁଲ ବି ଚିନ୍ତା କରିବନି ଆମେ ଦୁହେଁ ପୁଣି ମିଶିବା । ଆଉ ହଁ ମତେ କଲ୍ କରିକି କହିବ ତୁମେ କେଉଁଠି admission ନେଲ । ମୁଁ ତ ଆଉ ପଢିବିନି ଭାବୁଛି, ବାପାଙ୍କ business କାମରେ help କରିବି । ମୋ ସୁମି ତ ପଢ଼ା ଛୁଆ, ଦେଖ ଭଲ ଭାବେ ପଢିବ, ପଢ଼ାରେ କେବେ ବି ହେଳା କରିବ ନାହିଁ । ମୋର ଗୋଟେ ଇଚ୍ଛା ତୁମ ଲକ୍ଷ୍ୟକୁ ଯେମିତି ତୁମେ ହାସଲ୍ କରିବ, ଦେଖ ଯାହା ବି ଅସୁବିଧା ହେବ ମତେ ଜଣାଇବ । ସୁମି ଚୁପ୍ ଚାପ୍ ଶୁଣୁଥିଲା ମଳୟର କଥାକୁ, କଣ ବା କହିବ ତିନି ବର୍ଷର ସମ୍ପର୍କ ସେମାନଙ୍କର, ଯେତିକି ଦେଖିଛି ପରଖିଛି ମଳୟ ଖୁବ୍ ଭଲ ପିଲା, ଧନୀ ହେଲେ ବି ତା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନରେ ଟିକେ ବି ଆତ୍ମ ଗାରିମା ନାହିଁ, ନିହାତି ନୀରିହ ସେ, ବୋଧେ ସେହି ନୀରିହ ଆଖିକୁ ଚାହିଁ ଭଲ ପାଇ ବସିଛି ସୁମି, ନ ହେଲେ ସୁମି ଆଉ ପ୍ରେମ ? ହେଲେ ଆଜି ଏତେଦିନ ପରେ ମଳୟ ଠୁଁ ଦୂରତ୍ୱ, ରହିପାରିବ ତ ସୁମି ? ଭାବି ଚାଲିଛି ସୁମି, ଏଇ ମଳୟ ଖୁବ ସହଯୋଗ କରିଛି ତାକୁ, ଘରେ ଟଙ୍କାର ଅଭାବ ବୋଲି ବହି କିଣି ନ ପାରିବାରୁ ନିଜର ବିହି ଆଣି ଦେଇଛି, ଅସୁବିଧା ଅଭାବ ସମୟରେ ଆଶ୍ୱସନା ଦେଇ ଅନେକ ସାହାଯ୍ୟ କରିଛି । ଏମିତି ପୁଅ ତ ପୁଅ ନୁହେଁ ପୁରା ସୁନାମୁଣ୍ଡା, ଭଗବାନ ତାକୁ ସହାୟ ହୁଅନ୍ତୁ ।

ମଳୟ ଡାକିଲା ସୁମି....ସୁମି, ଆରେ କଣ ହେଲା ଅନ୍ୟମନସ୍କ ହୋଇପଡୁଛ ଯେ କଣ ଭାବୁଚ ? ସୁମି କହିଲା ଆରେ ନା ସେ କିଛି ନୁହେଁ, ଭାବୁଥିଲି ତୁମେ ମତେ କେତେ ସାହାଯ୍ୟ କରିଛ, ସେ ଋଣ କେବେ ମୁଁ ସୁଝି ପାରିବିନି ମଳୟ, ସେଠିକି ଗଲା ପରେ ତୁମେ ମତେ ଭୁଲିଯିବ ନା ? ମଳୟ ଟିକିଏ ହସି କି କହିଲା ଆରେ ପାଗେଳୀ... ପାଣି ବିନା କେବେ ମାଛ ବଞ୍ଚିପାରିଛି ? ପଦ୍ମ ବିନା ସୂର୍ଯ୍ୟ କେବେ ଖୁସି ହୋଇପାରିଛି, କବିତା ବିନା କବି କଣ ଶାନ୍ତି ପାଇପାରିଛି ଆଉ ମୌସୁମୀ ବିନା ଏ ମଳୟ ବି ଅଧା । ଆରେ ତୁମେ ତ ପୁରା କବି, ମୌସୁମୀ ଫେ କିନା ହସି ଦେଇ କହିଲା :-

"ଥାଉ ଥାଉ ଏତକି ବର୍ଣ୍ଣନା

କର ନା ଗୋ ଏତକି ଭାବନା

ବେଶୀ ଭାବ ହୋଇଗଲେ ଜାତ

କବି ହୋଇଯିବ ତା ନିଶ୍ଚିତ । ।

ମଳୟ କହିଲା ହେଇ ଦେଖ ମୁଁ କଣ କବି ହେବି ଯେ, ତୁମେ ତ ହୋଇଗଲଣି । ମୌସୁମୀ ଆଉ ମଳୟ ଏକା ସାଙ୍ଗେ ହସି ଉଠିଲେ କଥା ଦିଆନିଆ ହେଲେ ସେମାନଙ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମକୁ ଅମର ରଖିବେ ।

ତା ପରଦିନ ଚାଲିଗଲା ମଳୟ ଦିଲ୍ଲୀକୁ । ମୌସୁମୀ ସହ କଥାବାର୍ତ୍ତା ହୋଇ ତାର ସବୁ ସୁବିଧା ଅସୁବିଧା ବୁଝୁଥିଲା ମଳୟ । ଦୁହେଁ ଦୁହିଁଙ୍କୁ ନ ଦେଖି ରହି ପାରୁ ନଥିଲେ ଆଉ ଏଇଟା ତ କାହିଁ କେତେଦୂରର ଦୂରତା ରହିଥିଲା ସେମାନଙ୍କ ମଧ୍ୟରେ । ଆଗରୁ ମଳୟର ଜେଜେ ବାପାମାକୁ ଦେଖି କେତେ ଥଟ୍ଟା ମଜା ଚାଲୁଥିଲା, ସେମାନେ ବି ମୌସୁମୀକୁ କେତେ ଗେଲ କରୁଥିଲେ କିନ୍ତୁ ସେମାନେ ବି ମଳୟ ସହିତ ସେଠି କି ଚାଲି ଯାଇଛନ୍ତି । ମଳୟ କିନ୍ତୁ ମୌସୁମୀର ପ୍ରତ୍ୟେକଟି କଥାର ଖବର ସବୁବେଳେ ରଖୁଥିଲା ଅତି ଆତ୍ମୀୟ ଭାବରେ । ଏମିତି ସୁଖଦୁଃଖରେ କଟିଯାଉଥିଲା ଦୁହିଁଙ୍କ ସମୟ ।

ଦିନେ ମୌସୁମୀର ବାପାର ଦେହ କଣ ହେଲା କେଜାଣି, ପ୍ରବଳ ଜ୍ୱର ସହ ତାଙ୍କ ଗୋଡ଼ ହାତ ଥରିବାକୁ ଲାଗିଲା ତାଙ୍କୁ ଯେମିତି ଏକ ଅଜଣା ରୋଗ ଆକ୍ରାନ୍ତ କରିଲା, ମୌସୁମୀ ଆଉ ତା ଭାଇ ନିକଟସ୍ଥ ଡାକ୍ତରଖାନାକୁ ନେଇଗଲେ, ସେଠି ଡାକ୍ତର କହିଲେ ଏଠି ଆଉ ତୁମ ବାପା ଭଲ ହେବେନି ବଡ଼ ଡାକ୍ତରଖାନାକୁ ନେଇଯାଅ । ସୁମି ଆଉ ସଂଜୟ ସମ୍ପୂର୍ଣ୍ଣ ରୂପେ ବ୍ୟସ୍ତ ହୋଇପଡ଼ିଲେ କଣ କରିବେ କେମିତି କରିବେ ? ବ୍ୟସ୍ତ ହୋଇ ସେମାନେ ସେଠି ଭର୍ତ୍ତି କରିଲେ । ଦେହପାହା ପାଇଁ ବହୁତ ଖର୍ଚ୍ଚ ହେବାକୁ ଲାଗିଲା, ଏମିତି କି ଯେଉଁ ଟିକକ ଜମି ଥିଲା ତାକୁ ମଧ୍ୟ ବିକ୍ରି କରି ସଞ୍ଜୟ ଆଉ ସୁମି ବାପାଙ୍କୁ ଭଲ କରିବାକୁ ଚାହିଁଲେ । ମୌସୁମୀ ଆଖିରୁ ଲୁହ ସଦା ଝରୁଥାଏ । ଡାକ୍ତରଖାନାରେ ଗୋଟିଏ ରାତି ରଖିବା ପାଇଁ କି ଦୁଇ ହଜାର ଟଙ୍କା ହେଉଥିଲା, ଦି ତିନି ଦିନ ତ ଚାଲିଗଲା ବାକିତକ ଦିନ କେମିତି ସେମାନେ ବାପାଙ୍କୁ ଡାକ୍ତର ଖାନାରେ ରଖିବେ ? ମୌସୁମୀ ମଳୟକୁ ମନେ ପକାଇଲା ତାଠୁଁ କିଛି ହେଲେ ଟଙ୍କା ଧାର ଆଣିଥିବ ପ୍ରେମିକ ହିସାବରେ ନୁହଁ, ବନ୍ଧୁତ୍ୱ ଭାବରେ ଏତେଦିନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଏ ଦୁହେଁ ଦୁହିଁଙ୍କୁ ବହୁତ ସାହାଯ୍ୟ କରାକରି ହୋଇଥିଲେ । ମୌସୁମୀର ବିଶ୍ୱାସ ଥିଲା ଯେ ସେ ନିଶ୍ଚିତ କିଛି ସାହାଯ୍ୟ କରିବ, ସେ ମଳୟଙ୍କୁ କଲ୍ କଲା ହେଲେ ଏ କଣ ତା number ଟା ତ switch off ବତାଉଥିଲା, ସୁମି ବହୁତ୍ ଥର ଚେଷ୍ଟା କରିଲା ହେଲେ ତା ଫୋନ୍ ଆଉ ଲଗିଲାନି, ସକାଳ ଠୁଁ ସନ୍ଧ୍ୟା ଯାଏ ତିରିଶି ଥର. Call କଲା ହେଲେ ଫୋନ ପ୍ରତିଥର ପରି switch off । ସୁମିର ମନ ଭାଙ୍ଗିଗଲା, ତାକୁ ଯେମିତି ଅନୁଭବ ହେଲା ସେ ଯେମିତି ପ୍ରତାରିତ ହୋଇଛି ଦୁଃଖରେ ତା ଲୁହ ଆଉ କୋହର ସୀମା ରହିଲା ନାହିଁ । ସେ ନିଜକୁ ମଜବୁତ୍ କରିଲା ଭାବିଲା ଆମର ତ କେହି ନାହିଁ ଏ ଦୁଃଖର ସମୟରେ ଯଦି ମୁଁ ଏମିତି ହେବି ତାହାଲେ ବାପାର ଅବସ୍ଥା କଣ ହେବ । ଏ ଭଳି ଅବସ୍ଥାରେ ତାର ମନେ ପଡ଼ିଲା, ବାପାଙ୍କ ଜଣେ ସାଙ୍ଗ ଅଛନ୍ତି ଯିଏ ବେଳେ ବେଳେ ଘରକୁ ଆଗରୁ ଆସୁଥିଲେ । ସେ ଜଣେ ଇଞ୍ଜିନିୟର ବାପା ବେଳେବେଳେ ତାଙ୍କ କଥା କୁହନ୍ତି, ହୁଏତ ତାଙ୍କୁ କିଛି ସାହାଯ୍ୟ ମାଗିଲେ ସେ ସାହାଯ୍ୟ ଦେଇପାରନ୍ତି । ମୌସୁମୀ ବଡ଼ଭାଇ ସଞ୍ଜୟ କୁ ଏ ସବୁ କହିଲା, ସଞ୍ଜୟ ନିଷ୍ପତ୍ତି ନେଲା ଯେ ସେ ସେମାନଙ୍କ ଘରକୁ ଯିବ, ନିଶ୍ଚୟ ସେ କିଛି ସାହାଯ୍ୟ କରନ୍ତି ଆଉ ସେ ଜଣେ ଦୟାଳୁ ମଣିଷ । ବିଜୟ ପାଢୀ ବାବୁଙ୍କ ଘରକୁ ସଂଜୟ ଯାଇଛି, ସଞ୍ଜୟ ସବୁ କଥାକୁ କହିଛି ସଞ୍ଜୟର କଥା ଶୁଣି ବିଜୟ ବାବୁ ଟଙ୍କା ନେଇ ସଙ୍ଗେସଙ୍ଗେ ନେଇ ଡାକ୍ତରଖାନାରେ ପହଁଞ୍ଚିଲେ । ବିଜୟ ବାବୁ ସାଙ୍ଗର ଏଭଳି ଅବସ୍ଥା ଦେଖି କହିଲେ ଆରେ ମୁଁ ତ ଖବର ପାଇ ପାରିଲିନି ସାଙ୍ଗ ଜାଣିଥିଲେ କେବେଠୁଁ ଚାଲି ଆସିଥାନ୍ତି । ଅସୁସ୍ଥ ହୋଇ ମୌସୁମୀର ବାପା ଚାହିଁ ଥିଲେ ବନ୍ଧୁ ବିଜୟ ଆଡ଼କୁ । ଧୀରେ ଧୀରେ ବାପା ସମସ୍ତଙ୍କ ସେବା ଯତ୍ନ ପାଇ ଭଲ ହେବାକୁ ଲାଗିଲେ । ଯେଉଁଦିନ ସୁମି ବାପା ସମ୍ପୂର୍ଣ୍ଣ ପ୍ରକାରେ ଭଲ ହୋଇଗଲେ, ଧନ୍ୟବାଦ ପାଇଁ ଯାଇଥିଲେ ପାଢୀ ବାବୁଙ୍କ ପାଖକୁ । ପାଖେ ବସି କହିଲେ ସତରେ ସାଙ୍ଗ ତୁ ଏ ଗରିବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାଙ୍ଗର ଏତେ ଉପକାର କରିବୁ ବୋଲି ମୁଁ ଭାବି ନଥିଲି ତତେ ଧନ୍ୟବାଦ୍ ନ ଜଣାଇ ରହିପାରୁନି ତୁ ନ ଥିଲେ ମୋର କେଉଁ ଅସୁବିଧା ହୋଇଥାନ୍ତା.. ବହୁତ ଧନ୍ୟବାଦ୍ ବନ୍ଧୁ ।

ପାଢୀ ବାବୁ ହସି କହିଲେ ଆରେ ତୁ ମତେ ଧନ୍ୟବାଦ୍ ଦେଲୁଣି, ସାଙ୍ଗ ହୋଇ ପୁଣି । ଚା ବରାଦ କରି ପୁଣି କହିଲେ ଆଚ୍ଛା ସାଙ୍ଗ ଆମ ଝିଅ ତ ବଡ଼ ହୋଇଗଲାଣି, ମୁଁ ବହୁତ୍ ଦିନ ରୁ ଦେଖିଥିଲିରେ ଯେତେବେଳେ ଏଇ ସାତ ଆଠ ବର୍ଷର ହୋଇଥିଲା । ହଁରେ ବିଜୁ ତୁ ତ ଜାଣିଛୁ ମୁଁ କେତେ ଗରିବ, ତା ମା ଆମକୁ ଚାଲିଗଲା ଦିନ ଠୁଁ ମୁଁ ବହୁତ୍ କଷ୍ଟରେ ତାଙ୍କୁ ବଢ଼ାଇଛି । ଆଉ ଝିଅ ତ ମୋର ଝିଅ ନୁହେଁ ପୁରା ଲକ୍ଷ୍ମୀ, ଘରଟାକୁ ସିଏ ସମ୍ଭାଳୁଛି କହିଲେ ଠିକ୍ ହେବ ବିଜୁ । ବିଜୟ ବାବୁ କହିଲେ ଆଚ୍ଛା ଗୋଟେ କଥା କହିବି ଭାବୁଛି ତତେ, କଣ ଶୁଣିବୁ ? ଆରେ ତୁ କହିବୁ ଆଉ ମୁଁ ଶୁଣିବିନି ସେଇଟା ଗୋଟେ କଥା କହ ହସି ହସି କହିଲେ ସୁମିର ବାପା । ସାଙ୍ଗ ମୁଁ କଣ କହୁଥିଲି କି ମୋ ପୁଅ ମିଲନ୍ ଏଇ ସମ୍ବଲପୁରରେ ଗୋଟେ କଲେଜରେ ଅଧ୍ୟାପକ ଅଛି । ଭାରି ଭଲରେ, ତୋର ଯଦି କିଛି ଆପତ୍ତି ନଥାଏ ସୁମିକୁ ବାହା କଲେ କେମିତି ହୁଅନ୍ତା ? ମୋର ତ ମନ ମାନିଛି ଆଉ ମୁଁ ଜାଣେ, ମୁଁ ଯାହା କହିବି ପୁଅ ତାକୁ ମାନେ, ଏଇ ବର୍ଷକୁ ତାର ୨୯ ବରଷ ହେଲାଣି । ତୁ ଯଦି ହଁ କହୁ......... କଥା ନ ସରୁଣୁ ସୁମିର ବାପା କହିଲେ ଆରେ ତୁ ଏତେ ଧନୀ ପୁଣି ଏ ଗରୀବ ଘରୁ ଝିଅ ନେବୁ ଲୋକେ କଣ କହିବେ, ତୋର କଣ ଅଭାବ ଅଛି କହିଲୁ ?

ପାଢୀ ବାବୁ କହିଲେ ତୁ ଭଲ ଭାବେ ଜାଣୁ ସାଙ୍ଗ ଯେ, ମୁଁ ସମ୍ପର୍କ ରେ ସମ୍ପତ୍ତି ଦେଖେନା, ଆଉ ଧନୀ ଗରିବର ବିଚାର ମୁଁ କରେନା । ସେଇଟା ତେବେ ମୋର ସୌଭାଗ୍ୟ ବିଜୁ କିନ୍ତୁ.........ସାଙ୍ଗ ଠୁଁ କିନ୍ତୁ ଶବ୍ଦ ଶୁଣି ପାଢୀ ବାବୁ କହିଲେ ପୁଣି କଣ ? କିନ୍ତୁ କଣ ସାଙ୍ଗ ? ସୁମୀ ବାପା କହିଲେ, ମାନେ କଣ କି ବିଜୁ ସୁମି ଭଲ ପାଠ ପଢ଼େରେ ମୋ ଦେହରେ ତ ସବୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରିଗଲା, ପୁଅଟାକୁ ତ ପଢ଼ାଇ ପାରିନି, ମାଁ ଛେଉଣ୍ଡ ଝିଅଟା ଭଲ ପଢୁଥିଲା ମୋ ଏଇ ଅସୁସ୍ଥତା ହେତୁ ଆଜି ତାର ପଢ଼ା ଅଟକିଛି, ଆଛା ଛାଡ଼ ମୁଁ ଜାଣେ, ତୋ ପୁଅ ଭଳି ମୋ ଝିଅ, ସେ ମୋ କଥାରେ ଅମଙ୍ଗ ହେବନି । ପାଢୀ ବାବୁ କହିଲେ ଆଉ ତୁ କଣ ଭାବୁଛୁ ମୁଁ ଆଉ ତୋ ଭାଉଜ ତୋ ଝିଅକୁ ବୋହୂ କରି ଆଣିବୁ ଘର କୋଣରେ ବସାଇ ମାନ୍ଧାତା ଯୁଗ ନାରୀ ପରି ରଖିବୁ ବିଲକୁଲ ନୁହେଁ ସାଙ୍ଗ, ତୋ ଝିଅ ବି ମୋ ଝିଅ, ଝିଅର ବୟସ ଅବା କେତେ ଏଇ ୨୦ ବର୍ଷ । ଏତେ ଛୋଟ ବୟସରେ ଆଜିକାଲିକା ଝିଅ କଣ ବାହା ହେଉଛନ୍ତି ? କେବଳ ଏତକି ଯେ ପୁଅର ଯେହେତୁ ବୟସ ହେଲାଣି ଆଉ ସୁମିକୁ ଯେତେବେଳେ ଆମେ ପସନ୍ଦ କରି ସାରିଛୁ ତାକୁ ଝିଅ ପରି ରଖିବୁ କେବଳ ବାହା ସିନା ହେବ, ତୁ ଚିନ୍ତା କରନା ସୁମି ଠିକ୍ ମୋ ଝିଅ ପରି, ତାର ପଢ଼ାପୁଢି ବିଲକୁଲ୍ ଜାରି ରହିବ । ସୁମି ବାପା କହିଲେ ଠିକ୍ ଅଛି ସାଙ୍ଗ ତାହେଲେ ମୁଁ ସୁମିର ମତ ନେଇ କହିବି । ଖୁସିରେ ବିଦାୟ ନେଇ ସୁମି ବାପା ଘରକୁ ଆସିଲେ ।

ସୁମି, ଯାହାର ମନ ଭାଙ୍ଗି ସାରିଥିଲା ମଳୟ ବିନା । ଭାବୁଥିଲା ସତେ କଣ ମଳୟ ତାକୁ ଛାଡ଼ି ଚାଲିଗଲା ? ଆଜକୁ ୨୦ ଦିନ ହୋଇଗଲା ମତେ କଲ୍ କରିଲାନି, ସୁମିର ବିବେକ ଯେପରି ତାକୁ ଚେତେଇ ଦେଇ କହୁଥିଲା, ତୁ ସତରେ ବଡ଼ ମୂର୍ଖ ସୁମି ତୁ କଣ ଭାବୁଛୁ, ସେ ବଡ଼ ଘର ପୁଅ ତତେ କଣ ସେ ଗୁରୁତ୍ୱ ଦେବ ? ଆରେ ସେ କେବେଠୁଁ ତତେ ଭୁଲି ସାରିଛି ତାକୁ ତୁ ତୋ ମନରେ ଆଉ କେତେଦିନ ରଖି ଏମିତି ଯନ୍ତ୍ରଣା ପାଇବୁ କହତ ? ଏ ସମୟ ରେ ହଠାତ୍ ବାପାଙ୍କ ଡ଼ାକ ଶୁଣି ଆଖିରୁ ଲୁହ ପୋଛିଚି ସୁମି ।

ବାପା ପାଖକୁ ଆସି କହିଲେ ଏ ମା ଚାଲିଲୁ ମତେ କିଛି ଖାଇବାକୁ ଦେବୁ ବେଳ ଦେଖିଛୁ ତ ? ସୁମି ଭାତ ଆଣି ବାଢ଼ିଦେଲା । ଭାତ ଖାଉ ଖାଉ ବାପା କହିଲେ ଆଛା ଝିଅ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟେ କଥା କହିବି, ଏଇ ମୋ ସାଙ୍ଗ ବିଜୁ ମ ତାର ପୁଅ ଭାରି ଭଲଟେ, ସମ୍ବଲପୁରର କେଉଁ ଗୋଟେ କଲେଜରେ ଲେକ୍‌ଚରର ବି ଅଛି, ଦେଖ ଝିଅ ତୋର ଯଦି କିଛି ଆପତ୍ତି ନ ଥାଏ ତେବେ ମୁଁ ତତେ ଗୋଟେ କଥା କୁହନ୍ତି । ସୁମି ପଚାରିଛି ମୁଁ ତୁମର କେଉଁ କଥାରେ ଆପତ୍ତି କରେ ଯେ ବାପା କଣ କୁହ.. ବାପା କହିଲେ ମାନେ ବିଜୁ କହୁଥିଲା ତା ପୁଅ ପାଇଁ ତତେ ସେ ପସନ୍ଦ କରିଛି ତତେ ବୋହୂ କରିକି ନେବାକୁ ଚାହୁଁଛି । ଦେଖ ମାଁ ମୁଁ ଠିକ୍ ଜାଣେ ତୁ ପଢ଼ିବାକୁ ଚାହୁଁଥିଲୁ, ହେଲେ ମୁଁ କଣ କରିପାରିବି ମାଁ ମୋ ଦେହରେ ଜମି ବି ବିକ୍ରି ହେଲା, ଯେଉଁଠି ଖାଇବା ପାଇଁ କେତେ ସଂଗ୍ରାମ କରିବାକୁ ପଡୁଛି ସେଠି ଶିକ୍ଷାକୁ କିଏ ପଚାରେ ମାଁ, ମୋ ବାପା ହୃଦୟ କିନ୍ତୁ କାନ୍ଦି ଉଠେ । ମୋର ବି ଇଚ୍ଛା ଥିଲା ତୁ ପାଠ ପଢ଼ ବଡ଼ ମଣିଷ ହ ହେଲେ ମୋ ଦ୍ୱାରା ହୋଇପାରୁନିରେ ଝିଅ । କିନ୍ତୁ ତୁ ଚିନ୍ତା କରନା ଲୋ ମାଁ ବିଜୁ କହିଛି ପରା ତୁ ତାଙ୍କ ଘରକୁ ଝିଅ ହୋଇକି ଯିବୁ ତୋ ପଢ଼ାର ଦାୟିତ୍ୱ ମଧ୍ୟ ସେ ନେବେ । ସେମାନେ ଭାରି ଭଲ ଲୋକ ଆଉ ମିଲନ ତ ତୋର ଖୁବ୍ ଧ୍ୟାନ ରଖିବ ଲୋ ମାଁ, ତୁ ଖାଲି ରାଜି ହେଲେ ହେଲା, କଣ କହୁଛୁ ? ସୁମି ନୀରବ ରେ ଶୁଣୁଥିଲା, ଛାତି ତାର ଚମକି ଉଠିଲା ବାହାଘର ର କଥା ଶୁଣି । ମଳୟ ମତେ ଛାଡ଼ି ଚାଲି ଯାଇଛି, ସେ ହୁଏତ ସ୍ୱାର୍ଥପର, ପ୍ରତାରକ ହୋଇପାରେ କିନ୍ତୁ ସୁମିର ପ୍ରେମ ତ ମିଛ ନ ଥିଲା, ସେ ଛାଡ଼ିଗଲା ବୋଲି କଣ ତାର ପ୍ରେମ ମରିଗଲା, ସେ ତ କଥା ଦେଇଛି ଆମ ପ୍ରେମ ଅମର ରହିବ ବୋଲି, ସିଏ କଥା ରହିଲାନି ବୋଲି ନିଜେ ବି କଣ ନିମକ ହାରମୀ କରିବ ? ନା ସେ ଆଉ କାହାକୁ ବାହା ହୋଇ ତାର ଜୀବନକୁ ବି ଧ୍ୱଂସ କରିବାକୁ ଚାହେଁନା । ସେ ଏପରି କରିପାରିବନି ।

ସୁମି ବାପାଙ୍କୁ କିଛି କହିବା ଆଗରୁ ବାପା ଆରମ୍ଭ କଲେ, ଦେଖ ସୁମି ମୋ ଦେହ ବି କେତେବେଳେ ଠିକ୍ ରହୁନି, କେତେବେଳେ କଣ ହେବ ତାହା କହି ହେବନି, ମୁଁ ବଞ୍ଚି ଥାଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥାଉ ତୁ ଏ ପାରି ପାର ହୋଇଗଲେ ମୋର ଶାନ୍ତି ଲୋ । ମୁଁ ଜାଣେ ତୋର ସେତିକି ଟା ବି ବୟସ ହୋଇନି କିନ୍ତୁ ବିଶ୍ୱାସ କର ମାଁ ମୋ ସାଙ୍ଗ ଭାରି ଭଲ, ଯାନି- ଯୌତୁକ କିଛି ନେବେନି, ସେଠି ବି ତୁ ସେଇ ଲକ୍ଷ୍ମୀ ହୋଇବୁ ଲୋ । ବାପା ଙ୍କ ଏଭଲି କଥା ଶୁଣି ସୁମି ଆଖିରୁ ଲୁହ ଝରି ଆସିଛି । ବାପା କହିଛନ୍ତି ଯେ, ଝିଅ ମୁଁ ବଞ୍ଚି ଥାଉଥାଉ କିନ୍ତୁ ତୋ ବାହାଘର ଦେଖିବାକୁ ଚାହୁଁଛି ତୁ କଣ ମୋ କଥା ରଖିବୁନି ? ବାଧ୍ୟ ହୋଇ ବାପାଙ୍କ କଥାରେ ହଁ ଭରିଲା । ମୌସୁମୀ ଯଦିଓ ତାର ଇଚ୍ଛା ନାହିଁ ଏ ବାହାଘରରେ । ଯଥା ସମୟରେ ବାହାଘର ସରିଛି । ମୌସୁମୀ ଆଉ ମିଳନର ଶୁଭ ବିବାହ ଶୁଭରେ ଶୁଭରେ ସମାପନ ହୋଇଛି । ମିଲନ ଆଉ ସୁମି ଆଗରୁ କେବେ ଦେଖା ଦେଖି ହୋଇ ନ ଥିଲେ । ମଧୁରାତ୍ରିରେ ମିଲନ ଆସି କହିଲା, ହଁ ତ ସୁମି, ତୁମକୁ ଡର ଲାଗେନି ମତେ ସ୍ୱାମୀ ରୂପେ ପାଇ ? ସୁମି କହିଛି କାଇଁ ?

ଆରେ ନା ମାନେ ତୁମେ ଏତେ ଛୋଟ ଅଛ ଆଉ ତୁମ ଭଳି ପିଲାଙ୍କୁ ତ ମୁଁ ପଢାଉଛି କଲେଜରେ । ସୁମି ନୀରବ ରହିଲା, ପୁଣି ମିଳନ କହିଲେ ମୁଁ ଜାଣେ ତୁମେ ଜଣେ ମେଧାବୀ ଛାତ୍ରୀ । ଭଲ ପଢୁଥିଲ, ଆଉ ତୁମେ ଚିନ୍ତା କରିବାର ମଧ୍ୟ ନାହିଁ କାହଁକି ନା ମୁଁ ତୁମ ପଢ଼ାଶୁଣା ଦାୟିତ୍ୱ ବହନ କରିବି ଆଉ ଦେଖିବ ତୁମ ଲକ୍ଷ୍ୟକୁ ଦିନେ ତୁମେ ହାସଲ କରିବ, ଏଥିପାଇଁ ମୁଁ ସବୁ ସାହାଯ୍ୟ କରିବି । ମନେ ପଡ଼ିଗଲା ସୁମିର ଏମିତି ଆଉ ଜଣେ ମତେ କଥା ଦେଇଥିଲା କାଇଁ ସେ ତ ରଖିଲାନି କଥା । ସେଇ ମଳୟ ଯିଏ କେଉଁଠି ନା କେଉଁଠି ରହିଯାଇଛି ସୁମିର ହୃଦୟରେ, ନା ତାକୁ ସେ ଧରି ପାରୁଛି ନା ଫିଙ୍ଗି ପାରୁଛି, ଯାହା କେବଳ ଜଳୁଛି ଅଗ୍ନିର ପ୍ରଚଣ୍ଡ ତାପରେ ତୀବ୍ର ଦରଜରେ । ସୁମି କିନ୍ତୁ ଭୁଲି ପାରିବନି ମଳୟକୁ, ମଳୟ କାହିଁକି ସୁମିକୁ ଛାଡ଼ି ଚାଲିଗଲା ? ଏ ପ୍ରଶ୍ନ ସଦା ଉଙ୍କି ମାରେ ସୁମିର ହୃଦୟରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ଉତ୍ତର ଖୋଜି ପାଏନା ଯାହା । ମିଳନ ଯାହା ନାମରେ ବାପାଙ୍କ ଠାରୁ କେତେ ଭଲ କଥା ଶୁଣିଥିଲା ସୁମି । ଆଜି ସେହି ପୁରୁଷ ତାର ସ୍ୱାମୀ ଇହକାଳ ପରକାଳର ଦେବତା । କିନ୍ତୁ ତା ପାଖରେ ଆଉ କେଉଁ ପ୍ରେମ ଭଲ ପାଇବା ଅଛି ଯେ ସେ ମିଳନକୁ ଦେବ ? ଯାହା ଥିଲା ତାକୁ ମଳୟ ନେଇଯାଇଛି । ଇପ୍ସିତ ପୁରୁଷ ଆଉ ଏଇ ମଣିଷ ଭିତରେ ଫରକ ଅନୁଭବ କରିନି ସୁମି କିଛି ତାହା ସତ, ହେଲେ ପ୍ରେମ ଥରେ ହୁଏ, ପ୍ରଥମ ପ୍ରେମ କେବେ ଭୁଲି ହୁଏନା । ମିଳନ କିନ୍ତୁ ଭାରି ଭଲ ସୁମୀକୁ ପୁରା ପିଲାଟିଏ ଦୃଷ୍ଟିରେ ଦେଖନ୍ତି । ବହୁତ ଭଲ ବି ପାଆନ୍ତି ।

ସେଦିନ ସୁମି ଶୋଇଥିଲା, ମିଳନ କଲେଜରୁ ଆସି ଦେଖିଲେ ସୁମି ନିଘୋଡ ନିଦରେ ଶୋଇଛି, ମିଳନର ଉପସ୍ଥିତି ସୁମି ଠାରୁ କିଛି ପ୍ରତିକ୍ରିୟା ଆସିନି । ସୁମିର ଗୋଲ ମୁହଁ କୁନି ଓଠ ଗାଲ ଉପରେ ତାର ଅମାନିଆ ବାଳ, ତାର ସରୁ ଦେହରେ ଅସଜ୍ଜିତ ନାଲି ଶାଢ଼ି ମୁଦ୍ରିତ ଆଖିକୁ ଦେଖି ମିଳନ ଆକର୍ଷିତ ହୋଇ ବେଡ୍ କୁ ଆସିଲେ, ଅଣାୟତ୍ତ ହୋଇ ସୁମି ଗାଲରେ ଆଙ୍କିଦେଲେ ଏକ ମଧୁ ଚୁମ୍ବନ । ମୌସୁମୀର ନିଦ ଭାଙ୍ଗିଗଲା ଉଠି ଦେଖେ ତ ମିଳନ ତା ଦେହ ଉପରେ ଆଉଜି ଅଛନ୍ତି ଚାହୁଁଛନ୍ତି ଏକ ପ୍ରେମିଳ ନେତ୍ରରେ । ସୁମି ସଙ୍କୋଚରେ ଟିକେ ପଛକୁ ଫେରିଗଲା । ମିଳନ କହିଲା ଆରେ ତୁମେ ଏତେ କାଇଁ ଡରୁଛ ମୁଁ କଣ ବାଘ ନା ଭାଲୁ ତୁମକୁ ଖାଇଯିବି ଯେ । ଆଚ୍ଛା ବାବା sorry । ସୁମି ଟିକେ ତୁନି ହୋଇ କହିଲା ଦେଖ ମତେ ଟିକେ ଟାଇମ ଦିଅ କ୍ଷମା ଚାହିଁବି କିନ୍ତୁ ମତେ ଏ ସବୁ ଭଲ ଲାଗୁନି । ମିଳନର ମୁହଁରେ କେମିତି ଏକ ବିଷାଦତା ଖେଳେଇ ଗଲା । ସୁମିର ଆଖିରେ ଲୁହ ଦେଖି ମିଳନ ନିଜକୁ ସମ୍ଭାଳି କହିଲେ ଆରେ ତୁମେ କାଇଁ କାନ୍ଦୁଛ ? ମୁଁ ତୁମ ସ୍ଥିତିକୁ ବୁଝୁଛି ସୁମି । ଗୋଟେ ଝିଅ ତାର ସବୁ ଛାଡ଼ି ଦେଇ ଆସେ ଆଉ ଗୋଟେ ପରିବାରକୁ, ନିଜର ପରିବାର ପର କରି ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଟେ ପରିବାରକୁ ନିଜର କରିବାକୁ ସମୟ ତ ଲାଗେ । ଆଉ ଏତେ ସବୁ କଥା ଝିଅଟିଏ ପାଇଁ କେତେ କଷ୍ଟ ହେଉଥିବ ତାହା ମୁଁ ବୁଝି ପାରୁଛି ସୁମି । ସୁମି ସେମିତି ଛୋଟ ପିଲାଙ୍କ ଭଳି କାନ୍ଦୁଥିଲା, ମିଳନ ଆଖିରୁ ଲୁହ ପୋଛି କହିଲେ ତୁମ ଏ ସୁନ୍ଦର ଆଖିରେ ଏ ମୋତିକୁ ଝରାଅ ନା ସୁମି ।

ମିଳନ ପୁଣି କହିଲେ ଆରେ ଧେତ୍ ମୁଁ ତ କହିବାକୁ ଭୁଲିଯାଇଛି, ସୁମି କାଲି ଆମେ ad-mission କରିବାକୁ ଯାଉଛେ ମୁଁ ବି ତ ସେଠି ଅଛି ତୁମର କିଛି ବି ଅସୁବିଧା ହେବନି, ମୋ ସହ କଲେଜ ବି ଚାଲିଯିବ ଯଦିଓ ମୁଁ +3 କ୍ଲାସ କରେ pg ଏଇ ଦୁଇ ବର୍ଷ ହେବ ଲାଗୁ ହୋଇଛି ତେଣୁ ମୁଁ କେବେ କେମିତି pg class ବି ନିଏ । ଆଉ ହଁ ମାଡାମ୍ ବେଳେବେଳେ ତୁମକୁ ତୁମର ଏଇ sir ବି କ୍ଲାସ କରିପାରନ୍ତି, ଏବେ ଖୁସି ତ ? ଆଚ୍ଛା ମୁଁ ତଳକୁ ଯାଉଛି ତମେ ଆସିବ ଖାଇବା ଏକାସଙ୍ଗେ । ଚାଲିଯାଇଛି ମିଳନ ସୁମିର ଅନ୍ତରାତ୍ମାରେ କୋହ ଜାତ ହୋଇଛି ପୁଣି କାନ୍ଦୁଛି ବାହୁନି ବାହୁନି ସେ । ଭାବୁଛି କେତେ ନିରୀହ ମିଳନ ସତେ ! ଅନ୍ଧ ପରି ଭଲ ପାଇ ଚାଲିଛନ୍ତି, ଧିକ୍ ମୋ ଜୀବନ ମୁଁ ତାଙ୍କୁ ମୁହଁ ଟେକି ଚାହିଁ ବି ପାରୁନି, ସେ ବି ତ ଆଶା କରଛନ୍ତି ମତେ ମୋ ଠାରୁ ଟିକେ ପ୍ରେମ ପାଇବା ପାଇଁ ହେଲେ ମୁଁ ତ ଗଛର ଶୁଷ୍କ ପତ୍ର ଟିଏ । ସବୁଜିମା ମୋର ନାହିଁ ଅନ୍ତରେ ପ୍ରେମ ଜମା ନାହିଁ । କେତେ ଭଲ ସେ ମୋର ପାଠପଢାକୁ ନେଇ ତାଙ୍କର କେତେ ଚିନ୍ତା । ଶାଶୁ ଡାକ ଦେଲେ ମାଁ ଲୋ ଆ ଖାଇବା । ସୁମି ଚାଲିଗଲା ତଳକୁ । ତା ଶାଶୁ ଶ୍ୱଶୁର ଶାଶୁ ଶ୍ୱଶୁର ନୁହଁନ୍ତି ଅଟନ୍ତି ନିଜ ବାପାମାଁ ଭଳି । ପିଲାଟି ଦିନରୁ ମାଁକୁ ହରାଇ ସେ ମାଁକୁ ପାଇଛି । ଏବେ ତା ପରିବାରରେ କେବଳ ଶାଶୁ ଆଉ ଶ୍ୱଶୁର । ମିଳନ ଡାକ ଦେଲେ ସୁମି ଶୀଘ୍ର ରେଡି ହୁଅ କଲେଜ ଯିବା ପରା । ନା ମୁଁ ପାଠ ପଢ଼ିବିନି । ପଢିବନି ? କାହିଁକି, କଣ ପାଇଁ ଆରେ ତୁମର ତ ଇଚ୍ଛା ଥିଲା ନା ପଢିବାକୁ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁଣି ଏତେ ସୁବିଧା କାଇଁ ପାଠ ପଢିବନି କୁହତ । ଚାଲ ଉଠ, ବାପା ନୋହିଲେ ରାଗିବେ, ଆରେ ମୋ ଫୁଲେଇ ରାଣୀ ମୋ ସ୍ତ୍ରୀକୁ ମୁଁ ପଢ଼ାଇବି ସେଠି ବି ଆଉ ଏଠି ବି pls ଶୀଘ୍ର ready ହୁଅ । ସୁମି ବାହାରିଛି । କଲେଜରେ ସୁମି ସହ ତାର ଷ୍ଟାଫ୍ ଙ୍କର ପରିଚୟ କରାଇ ଦେଇଛି । ସୁମି ଭାବିଲା ଯେ ସତରେ ମିଳନ କେତେ ଖୋଲାମିଜାଜ୍, ଚାହିଁଥିଲେ ମୋ ପରିଚୟକୁ ଦେବା ପାଇଁ କୁଣ୍ଠା ପ୍ରକାଶ କରିପାରିଥାନ୍ତେ କିନ୍ତୁ ନା ସତରେ ତାଙ୍କ ହୃଦୟ ଭାରି ବିଶାଳ । ସୁମିର ପାଠ ପଢ଼ା ଆରମ୍ଭ ହେଲା । ସୁମିକୁ ଘରେ ମଧ୍ୟ ପଢ଼ାପଢିରେ ସାହାଯ୍ୟ କରେ ସେ । ସୁମିକୁ ଦିନେ ବାପା କଲ୍ କରିଥିଲେ କଥା ହୋଇ ସାରିବା ପରେ ବାପା କହିଲେ ଆରେ ମୁଁ ତ ଯେଉଥିପାଇଁ ଫୋନ କରିଲି ସେ କଥା କହିଲିନି, କାଲି ମାଆ କିଏ ଗୋଟେ ଫୋନ୍ କରିଥିଲା କଣ କହିଲା ତା ନାଁ ଟା ମଳୟ ହଁ ମଳୟ । ତତେ ପଚାରିବାରୁ ମୁଁ କହିଲି ସେ ତ ଶାଶୁଘରେ ଅଛି, ତୁମେ କିଏ କହୁଛ ? ସୁମି ସହ କଣ କିଛି କାମ ଥିଲା ବାପ ? ସେ କହିଲା କୁଆଡ଼େ ତୋର ଜଣେ ସାଙ୍ଗ ମୁଁ ତୋ ନମ୍ବରଟା ଦେଇ ଦେଇଛି ମାଁ । ଫୋନ କରିପାରେ ତେଣୁ ମୁଁ କହିଦିଏ ଭାବିଲି ହଉ ରଖୁଛି ଲୋ ଝିଅ । ଫୋନ୍ ର ଟି ଟି ହୋଇ କଟିବାର ଶବ୍ଦ ପରେ ସୁମିର ମୁଣ୍ଡ ଟାଇଁ ଟାଇଁ କରି ଉଠିଲା । ତା ଦେହ ମୁଣ୍ଡ ଆଉ କିଛି କାମ ଦେଲା ନାହିଁ । ସେଇଠି ସେ ପଡ଼ିଗଲା, ତାର ଅତୀତର ସ୍ମୃତି ସବୁ ପୁଣି ଥରେ ତାକୁ ଦୋହଲାଇ ଦେଲା । କଣ ପାଇଁ ପୁଣି ଏ ପ୍ରହସନ ମଳୟର, ଜାଣି ଜାଣି ପୁଣି କାହିଁକି ଆଘାତ ଦେବାକୁ ଆସିଛି କଣ ଆଉ ବଞ୍ଚାଇ ରଖିଛି ଯେ ସେ ପୁଣି ଏ ନାଟକ କରୁଛି । ସବୁ ସରିଗଲା ପରେ ପୁଣି କାହିଁକି ସେ ମତେ ଖୋଜୁଛି, ଯେବେ ଖୋଜୁଥିଲି ତ ନିଜେ ଲୁଚିଗଲା, ମୋର ଚିତ୍କାର ତାକୁ ଶୁଭିଲାନି, ପୁଣି ଏଇ ସବୁ ଛି ମଳୟ, ତୁମ ପ୍ରେମରେ ଏତେ ଶଠତା ଥିବ କେବେ ଭାବି ମଧ୍ୟ ନ ଥିଲି । ସୁମି ଆଖିରୁ ଝରି ଚାଲିଛି ଲୁହ । ସେ ପୁଣି ଭାବିଛି ଆରେ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତ ମତେ କେତେବେଳେ ବି କଲ୍ କରିପାରେ ତା ଆଚମ୍ବିତ କଲ୍ ମିଳନଙ୍କ ହୃଦୟରେ ସନ୍ଦେହର ଗଭୀର ରେଖାପାତ ଆଙ୍କି ଦେଇପାରେ ଆଉ ସେମିତି ହେବା ପୂର୍ବରୁ ମତେ ହିଁ ସଜାଗ ରହିବାକୁ ହେବ । ଯାହା ହେଲେ ବି ମୁଁ ଏ ଘର ର ବୋହୂ ବର୍ତ୍ତମାନ ମିଳନଙ୍କ ସ୍ତ୍ରୀ । ଆଉ ମୋ ଘରର ଦାୟିତ୍ୱ ନେବା ମୋର ନୈତିକ କର୍ତ୍ତବ୍ୟ । ଆଖିରୁ ଲୁହ ପୋଛି ନିଜକୁ ମଜବୁତ କରିଛି ସୁମି ।ଏହି ସମୟ ରେ ଆସିଛନ୍ତି ମିଳନ ତାଙ୍କୁ ଦେଖି ନିଜର ଆଖିରୁ ଲୁହ ପୋଛିଛି  ସୁମି । ମିଳନ ତାକୁ ଦେଖି କହିଛନ୍ତି ମୋର କେଉଁ ଦୋଷ କେଜାଣି, ସୁମି ମାଡାମ୍ଙ୍କ ଆଖି ରୁ କେବଳ ଲୁହ ଝରୁଛି, ଆଚ୍ଛା ତୁମେ କୁହତ ସୁମି ମୁଁ କେଉଁ ଭୁଲ କରିଛି ନା ତୁମକୁ କେବେ ଦୁଃଖ ଦେଇଛି ଆଉ ଯଦି ଦେଇଛି ତେବେ ମତେ କ୍ଷମା କରିଦିଅ ସୁମି କିନ୍ତୁ ଏମିତି ଲୁହ ଝରାଅନା, ମତେ ତୁମକୁ ଦେଖି ଭାରି କଷ୍ଟ ହୁଏ । ସୁମି ଏଭଳି କଥା ଶୁଣି କହିଲା ଆରେ ନା ସେ କିଛି ବି ନୁହେଁ ବାପା କଲ୍ କରିଥିଲେ, ବାପାଙ୍କ କଥା ଶୁଣି ତାଙ୍କ କଥା ମନେ ପଡ଼ିଗଲା, ସେଇଥି ପାଇଁ ଟିକେ ଲୁହ ଆସିଗଲା । ତେବେ ତୁମେ ବାପା ପାଖକୁ ଟିକେ ଚାଲି ଯାଉନ, ସେମିତି ବି ତୁମର exam ଏବେ ଆଉ ନାହିଁ, ଆଉ ବୁଲି କି ଆସିବ ବି ଟିକେ ଭଲ ଲାଗିବ । ମୌସୁମୀ ଏ କଥା ଶୁଣି ଭାବିଲା ହଁ ତ ମୁଁ ଘରକୁ ଗଲେ ଠିକ୍ ହୁଅନ୍ତା କେତେଦିନ ହେଲାଣି ମୁଁ ବାପାଙ୍କୁ ଦେଖି ନାହିଁ ଆଉ ମଳୟ ମତେ କଲ୍ କରିପାରେ ତାକୁ ମଧ୍ୟ ମୁଁ ସମ୍ଭାଳି ନିଅନ୍ତି । ଏଠି ଥିଲେ କେତେବେଳେ କଲ୍ କଲେ ସ୍ୱାମୀଙ୍କୁ ଆଘାତ ଲାଗିପାରେ ତାଙ୍କ ବିଶ୍ୱାସ ମୁଁ ଭାଙ୍ଗିବିନି କେତେ ଭଲ ପାଇଛନ୍ତି ସିଏ ମୋ ପାଇଁ କଣ ନ କରିଛନ୍ତି । ଆର ଦିନ ସକାଳୁ ଶାଶୁ ଶ୍ୱଶୁରଙ୍କ ଅନୁମତି ନେଇ ସେ ମିଳନ ସହ ଘରକୁ ଆସିଛି । ଝିଅ ଜ୍ୱାଇଁଙ୍କ ଆଗମନରେ ବାପା ଭାଇ ଭାରି ଖୁସି ଥିଲେ । ସନ୍ଧ୍ୟାକୁ ମିଳନ ସୁମିକୁ ଛାଡ଼ି ତାଙ୍କ ଘରେ ଗଲେ । ସୁମି ପିଲାଟି ଦିନରୁ ମାଁକୁ ଦେଖିନି ତାର ବାପା ମାଁ ସବୁ ସେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାର ବାପା, ଆଉ ମାଁର ଅଭାବ ବାପା କେବେ ଦୁଇ ଛୁଆଙ୍କୁ ଅନୁଭବ ହେବାକୁ ଦେଇ ନାହାନ୍ତି । ସୁମି ଘରକୁ ଆସିଛି ସେଇ ଖୁସିରେ ବାପା ଆଉ ବିଲକୁ ବି ଯାଉ ନାହାନ୍ତି ଘରେ ନାନା ପ୍ରକାର ଖାଦ୍ୟ ଆଦି କରିବା ପାଇଁ ଭାଇକୁ କେବଳ ବରାଦ ଦେଉଛନ୍ତି । ସୁମି ଭାବୁଥିଲା ସତ ରେ ଏମିତି ବାପା ମାନେ ସବୁବେଳେ ନିଜ ଛୁଆର ଖୁସିରେ ଖୁସି ହୁଅନ୍ତି ।

ତା ପରଦିନ ସୁମି ଗାଁ ମନ୍ଦିରକୁ ପୂଜା ପାଇଁ ଯାଇଥିଲା । ଦିଅ ଦର୍ଶନ କରୁ କରୁ ଦେଢ ଘଣ୍ଟା । ନିଜ ଗାଁ ମନ୍ଦିରର ସବୁଆଡ଼େ ଦେଖି ସେ ତା ପିଲାଦିନ କଥା ମନେ ପକାଉଥିଲା । କେମିତି ଏଇ ମନ୍ଦିରର ଚାରିଦିଗରେ ସେ ଘୁରି ବୁଲୁଥିଲା ସାଙ୍ଗ ସାଥିଙ୍କ ସହ । ସେ ଖେଳ ଆଉ ସାଙ୍ଗସାଥି ସବୁ ମନେ ପଡିଯାଉଥିଲେ । ପିଲାଦିନର ଯେଉଁ ମଜା ସେ ମଜା ଆଉ ଜୀବନରେ ନାହିଁ । ଜୀବନର ସବୁଠାରୁ ସୁନ୍ଦର ସ୍ତର କହିଲେ କେବଳ ଗୋଟିଏ ସ୍ତର ସେଇ ପିଲାଦିନ । ଏମିତି ପାହାଚ ଉପରକୁ ଚଢିବା ବେଳକୁ ଦେଖିଲା ଗୋଟେ ଚିହ୍ନା ମୁହଁ ଅତି ଆପଣାର ଅଥଚ ଖୁବ୍ ଦୂର । ଏ କଣ ମଳୟ ? ମଳୟ ଗାଁରେ ? ଏ କେମିତି ସମ୍ଭବ ? ମଳୟ ମଧ୍ୟ ସୁମିକୁ ଦେଖି ଯେତେ ଖୁସି ହେଲା ତା ଠୁଁ ବେଶୀ ଲୁହ ତା ଆଖିରୁ ଝରି ପଡ଼ିଲା । ଦୁହେଁ ଦୁହିଁଙ୍କୁ ଦେଖି କ୍ଷଣେ ନୀରବ ରହିଲେ କିଛି ସମୟ ପରେ ମଳୟ କହିଲା ହଁ ଜେଜେ ମାଁ ଆଉ ଏ ଦୁନିଆରେ ନାହିଁ ସୁମି, ବାପା କହିବା ଅନୁଯାୟୀ ଗାଁର ଜମିବାଡ଼ି ସବୁ ବିକ୍ରି କରିବାକୁ ବାପା କହିଥିଲେ । ତୁମେ ତ ଜାଣ ମୋ କ୍ୟାରିୟର ବାବଦରେ କିଛି ହେଲାନି । ନାମକୁ ବାପାଙ୍କୁ help କରୁଥିଲି । ଟଙ୍କା ପଇସାର ଅଭାବ ନାହିଁ ସୁମି, କିନ୍ତୁ ନିଜେ ଆତ୍ମନିର୍ଭରଶୀଳ ହେବା ସବୁଠାରୁ ବଡ଼ କଥା । ହେଉଥାଉ ପଛେ କମ୍ ଟଙ୍କା ଉପାର୍ଜନ କିନ୍ତୁ ପରିଶ୍ରମ୍ କରି ନିଜେ ଉପାର୍ଜନ କରିଲେ ସେଥିରେ ହିଁ ଶାନ୍ତି ଅଛି । ମୋ pg ଯଷ୍ଟ complete ହୋଇଛି । ଜେଜେର ଗୋଟେ ଇଚ୍ଛା ଜେଜେ ମାର ଯିବାପରେ ତାର ଶେଷ ନିଶ୍ୱାସ ଟିକକ ଏଇଠି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଟାଇବ । ଆଉ ମୋର ବି ବଡ଼ ଇଚ୍ଛା ଯେ ଗାଁ ପରିବେଶରେ ରହିବା । ପ୍ରବାସ ମଣିଷକୁ ଖୁସି ଦିଏନି ସୁମି । ଡାଡି ମମି ହୁଏତ ଏ କଥାକୁ ଅନୁଭବ ନ କରିଥିବେ କିନ୍ତୁ ନିଜ ଗାଁ ନିଜ ଘରରେ ହିଁ ଶାନ୍ତି ଅଛି । ମୁଁ ଜାଣେ ବାପା ମାଁ ଏଠି ବେଶୀ ଦିନ ଏଠି ମତେ ରହି ଦେବେନି କିନ୍ତୁ ଏ ଗାଁ ଏ ରାଜ୍ୟ ମତେ ମାଁ ପରି ତା କୋଳକୁ ଟାଣି ଆଣିଛି । ଜେଜେର ରହିବାର ଇଚ୍ଛା ବାହାନାରେ ମତେ ବି ଏଠାରେ ରହିବାର ସୁଯୋଗ ମିଳିଲା, ତେଣିକି ଦେଖିବା ପରେ କଣ ହେବ । ଭାବୁଛି ଏଇଠି କେଉଁଠି ଗୋଟେ କଲେଜରେ କଣ୍ଟ୍ରାକ୍ଟୁଏଲ୍ ରେ ରହିଯିବି କିଛି ଦିନ ପାଇଁ । ନିଜ ଟଙ୍କାରେ ଆତ୍ମନିର୍ଭରଶୀଳ ବି ହୋଇପାରିବି । ଆଉ ଏଠି ଆତ୍ମଶାନ୍ତି ବି ପାଇପାରିବି । ନୀରବରେ ଶୁଣୁଥିଲା ମୌସୁମୀ ଏଇ ସେଇ ମଣିଷ ସେଦିନ ଭଳି ଆଜି ସେ ମିଠା କଥା ଶୁଣୁଛି ତେବେ ଏ ସବୁ ହେଲା କଣ ପାଇଁ ? ମୌସୁମୀର ନୀରବ ରହିବା ଦେଖି ମଳୟ ପଚାରିଲା ଆଉ କଣ ସୁମି ତୁମର ସବୁ ଠିକ୍ ଠାକ୍ । ଆଉ husband କଣ କରନ୍ତି ? କେମିତି ସେ ? ଏହିଭଳି କଥା କୁ ଶୁଣି ମୌସୁମୀର ଦେହରେ କଣ୍ଟା ଫୋଡ଼ି ହେଲା ଭଳି ଲାଗୁଥିଲା । ତଥାପି ଚୁପ୍ ଚାପ୍ ଜବାବ୍ ଦେଲା ସେ ଲେକ୍‌ଚରର ଅଛନ୍ତି, ହଁ ଭଲ । ମଳୟ ପୁଣି କହିଲା ମତେ ତ ବାହାଘର କୁ ଜଣାଇଲ ବି ନାହିଁ, ହଁ କେମିତି ଜଣାଇବ ବି ଯେ ମୋ accident ପରେ ମୁଁ ବି ତୁମକୁ ଆଉ କଲ୍ କରି ପାରିଲିନି । ମୌସୁମୀର ମୁହଁରୁ ବାହାରି ପଡ଼ିଲା accident ? ହଁ ସୁମି ସେଦିନ ଗୋଟେ ବାହାଘର ପାଇଁ ମମି ସହ ଯାଇଥିଲୁ । ମମିକୁ ତା ବାନ୍ଧବୀ ଘରେ ଛାଡ଼ିଦେଇ ଫେରିବା ବେଳେ ମୋ କାର ର ବ୍ରେକ୍ କାମ ଦେଲାନି ଆଉ ମୁଁ ନିୟନ୍ତ୍ରଣ ହରାଇ ବସିଲି ତେଣୁ କାର୍ ଟି ଆଉ ଏକ କାରକୁ ଧକ୍କା ଦେଇଦେଲା ଯାହା ଫଳରେ ମତେ ଶକ୍ତ ଆଘାତ ଲାଗିଥିଲା ମୋର ଗୋଡ଼ ଆଉ ଗୋଟେ ହାତ ଭାଙ୍ଗି ଯାଇଥିଲା ମୁଣ୍ଡ ଫାଟି ବହୁତ୍ ରକ୍ତ ଝରିଗଲା ତେଣୁ hospital ରେ ଦୀର୍ଘ ଦେଢ ମାସ ରହିଛି ମୋର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋସ୍ ଚାଲିଯାଇଥିଲା ଆଉ ବହୁତ୍ କଷ୍ଟରେ ମୁଁ ଭଲ ହୋଇଛି । କହିବାକୁ ଗଲେ ଗୋଟେ ପୁନର୍ଜୀବନ ପାଇଛି । ସେଠି ଠିକ୍ ହେଲା ପରେ ମମି ଏତେ ଚିନ୍ତା କରୁଥିଲା ଯେ, ମତେ ଉଠିବାକୁ ବି ଦେଉ ନ ଥିଲେ, ଦିନେ ବାଧ୍ୟ ହୋଇ ତୁମକୁ କଲ୍ କଲି ମମିଙ୍କ ନମ୍ବରରେ, car accident ରେ ମୋ ଫୋନ କଣ ହେଲା ତା ବି ଆଉ ମୁଁ ଜାଣିପାରିଲିନି । ସେଦିନ ବାପା କଲ୍ ଉଠାଇଲେ, ଜାଣିବାକୁ ପାଇଲି ତୁମେ ବାହା ହୋଇସାରିଲଣି । ଜାଣିଛ ସୁମି ସେଦିନ ମତେ କେତେ ଖରାପ ଲଗିଲା ? ଅବଶ୍ୟ ମୁଁ ମୋର ଦୁର୍ଘଟଣା ପରେ ତୁମ ସହ contact ରହିପାରିନି ହେଲେ ଏଇ ଦେଢ ଦୁଇମାସ ଭିତରେ ଏତେ ସବୁ ପରିବର୍ତ୍ତନ ହୋଇଯିବ କେବେ ଭାବି ନ ଥିଲି । କିନ୍ତୁ ତୁମ ବାହା ଘର କଥା ଶୁଣି ମୁଁ ଆଉ ବଞ୍ଚିବାକୁ ଚାହୁଁ ନ ଥିଲି କିନ୍ତୁ ମରି କି ବି ତ ତୁମକୁ ଆଉ ମୁଁ ପାଇ ପାରି ନ ଥାନ୍ତି । ତୁମେ ତ ଆଉ କାହାର ହୋଇ ସରିଥିଲ ତୁମ ଖୁସି ରେ ମୁଁ ଆଉ କଣ କରିପାରିଥାନ୍ତି ? ମୁଁ ତୁମ ନମ୍ବର ବାପାକୁ ମାଗିଥିଲି ସୁମି, କଲ୍ କରିବାକୁ ବି ଚାହୁଁଥିଲି କିନ୍ତୁ ତୁମକୁ ଆଉ disturb କରିବାକୁ ଚାହୁଁନଥିଲି ସୁମି । ମୋ ବିବେକ ମତେ ବାଧା ଦେଲା ସୁମି, କାହିଁକି ନା ତୁମେ ଆଉ ଜଣଙ୍କ ସ୍ତ୍ରୀ କାହାର ବୋହୂ । ତେଣୁ ମୁଁ ଚୁପ୍ ରହିଲି, ହେଲେ ହଠାତ୍ ଦେଖା ହୋଇଯିବ କେବେ ଭାବି ନ ଥିଲି ଏ ଗାଁ ବୋଧେ ମତେ ସୁଯୋଗ ଦେଲା ପୁଣି ଥରେ ତୁମକୁ ଦେଖିବାକୁ । ତୁନି ହୋଇ ଶୁଣୁଥିଲା ସବୁ ସୁମି । ମଳୟ ପଚାରିଲା ମୁଁ ଜାଣେ ତୁମେ ବହୁତ୍ ଧନୀ ଘରେ ବୋହୂ ହୋଇଛ ତୁମ ସ୍ୱାମୀ ବି ତୁମକୁ ଖୁବ ଭଲରେ ରଖିଥିବେ ଆଉ ତୁମେ ନିଜେ ବି ସେଠି ଖୁବ୍ ଭଲରେ ଥିବ ।

ଯେମିତି ଆମେ ଭାବୁ ସେମିତି ଯେ ବାସ୍ତବରେ ହେଉଥିବ ସେମିତି କିଛି ମାନେ ନଥାଏ ମଳୟ ଆଉ ଏମିତି ଭାବିବା ସମସ୍ତଙ୍କ ପକ୍ଷେ ସହଜ କେବଳ, ସୁମି କହିଲା ସେଦିନ ତୁମକୁ କେତେ କଲ୍ କରିଛି କେତେ ଦିନ ଅପେକ୍ଷା କରିଛି ପରିସ୍ଥିତି ମଣିଷକୁ କଣ ନ କରେ ଯେ ମୁଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିନ୍ତୁ ତୁମକୁ ଅପେକ୍ଷା କରିଥିଲି ମଳୟ । ମୋ ମନ ଭିତରେ ତୁମ ପ୍ରତି ଏକ ଖରାପ ଧାରଣା ଆସିଥିଲା କିନ୍ତୁ ମୁଁ ଭାବୁଛି ମୁଁ ଭୁଲ ଭାବିଥିଲି ସେଥିପାଇଁ ମୁଁ ଦୁଃଖିତ । ମୌସୁମୀ ଆଖି ଛଳଛଳ ହୋଇ ଆସୁଥିଲା, ପୁଣି କହିବା ଆରମ୍ଭ କରିଲା ହଁ, ଯାହା ହେବାର ଥିଲା ହେଲା ଆଉ ସେ ପୁରୁଣା କଥା ମନେ ପକାଇ କିଛି ଲାଭ ନାହିଁ, ଯଦିଓ ମୁଁ ତୁମକୁ ଭୁଲି ପାରିବିନି କି ତୁମେ ବି, ଏତକି କହୁଛି ଖାଲି ତୁମେ ଖୁସିରେ ଥାଅ, ଯେଉଁଠି ବି ଥାଅ ସବୁବେଳେ ଭଲରେ ଥାଅ । ମୌସୁମୀର କଥା ଶୁଣି ମଳୟ ମଧ୍ୟ ଚୁପ୍ ଥିଲା କିଛି କଥା କହିବାକୁ ତାର କଣ୍ଠ ରୁଦ୍ଧ ହୋଇ ଆସୁଥିଲା, କହିବାକୁ କିଛି ଭାଷା ପାଉନଥିଲା । ତଥାପି ମୁହଁ ଖୋଲି କହିଲା ତୁମେ ବି ମୌସୁମୀ ଏତକି ମୁଁ ଚାହେଁ ଆଉ ତୁମ ପଢ଼ା କେମିତି କଲ ? ହଁ ସେ ମୋ admission କରି ଦେଇଛନ୍ତି ପଢୁଛି, ମୌସୁମୀ କହିଲା । ଭଲ ସୁମି ତୁମେ ବହୁତ୍ ଆଗକୁ ଯାଅ ତୁମ ଲକ୍ଷ୍ୟକୁ ପୂର୍ଣ୍ଣ କର ଏତିକି ଚାହେଁ । ଆଉ ତୁମେ ଯେଉଁ ଲକ୍ଷ୍ୟ ପ୍ରତି ଆଗେଇ ଚାଲିଛ ଦେଖନା ମୁଁ ବି ତାକୁ ବାଛି ନେଇଛି । ହଉ ଛାଡ଼ ଖୁସିରେ ଥାଅ ସୁମି ଏତିକି ମୋର କାମନା । ଦୁହେଁ ଦୁହିଁଙ୍କ ଠାରୁ ବିଦାୟ ନେଇଛନ୍ତି, ଲୁହ କିନ୍ତୁ ବିଦାୟ ନେଇପାରିନି ସେମାନଙ୍କ ଆଖିରୁ ।

ମୌସୁମୀ ଫେରିଛି ଘରକୁ, କାନ୍ଦିଛି, ଅନ୍ତରରେ ବାହୁନି ବାହୁନି । ବାପ ଘରକୁ ଆସିଛି ସିଏ, ଏମିତି ଲୁଚି ଲୁଚି କାନ୍ଦିଲେ ବାପା ଜାଣିଲେ କଣ କରିବେ ସେମିତି ତ ତାଙ୍କ ଦେହ ଭଲ ନାହିଁ ଭାବି ସେ ତୁନି ହୋଇଛି । ତହିଁ ପରଦିନ ସକାଳେ ମିଳନ ଆସିଛନ୍ତି ତାଙ୍କ ଠୁଁ ବିଦାୟ ନେଇ ମୌସୁମୀ ଯାଇଛି ପୁଣି ତାର ଶାଶୁଘର । ସୁମି ଛୋଟ ଅଛି ଭାବି ଶାଶୁ ମଧ୍ୟ ବେଶି କାମ କରିବାକୁ ଦିଅନ୍ତିନି, ବୋହୂ ପାଠ ପଢୁଛି ପୁଣି କେତେବେଳେ ଘର କାମ କରିବ ସେଥିପାଇଁ ସେ ସୁମିକୁ କିଛି କରିବାକୁ କୁହନ୍ତି ନାହିଁ । ଶାଶୁଙ୍କ କେବଳ ଗୋଟିଏ ଇଚ୍ଛା କେମିତି ନାତି କି ନାତୁଣୀଟିଏ ଆସୁ ଆଉ ତାକୁ ନେଇ ଘରଟା ଯେମିତି ପୁରି ଉଠୁ । ହେଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ କଥା କି କହିପାରିବେ, ଶାଶୁ ଟିକେ ସିଧାସାଧା କହିଲା ଲୋକ ବେଳ ଜାଣି ବୋହୂକୁ କୁହନ୍ତି ଇଲୋ ମାଁ ସୁମି ତୁ ପାଠ ପଢୁଛୁ ଭଲ କଥା ତୋର ପାଠ ପଢ଼ ହେଲେ ଆମ ଏଇ ମିଳନକୁ ତ ଦେଖିଛୁ ଭାରି ସରଳ କିଛି ଜାଣେନା, ତା ବୟସ ବି ଦେଖୁଛୁ ଏଇନେ ତିରିଶ ପୁରି ଏକ ତିରିଶ ଛୁଇଁବ ବୟସ କଣ ଆଉ ରହୁଛି ଆଉ ମାଁ ତତେ ବି ତ ଏଇନେ ବାଇଶି ଛୁଇଁବ ଖାଲି କଣ ଚାକିରୀ ଆଉ ପାଠ କହି କହି ଜୀବନ ସାରିବ ନା କଣ ? ତୋ ବୟସରେ ପରା ମିଳନ ଜନ୍ମ ହୋଇ ତାକୁ ପୁଣି ଚାରି ପାଞ୍ଚ ବୟସ ହୋଇସାରିଥିଲା । ମୁଁ କଣ କହୁଥିଲି କି ବୋହୂ ଘରେ ପିଲା ଝିଲା ଥିଲେ ସିନା ଘରଟା ପୁରି ଉଠେ । ଶାଶୁ କହିବାର ମର୍ମ ଠିକ୍ ଠଉରାଇ ପାରେ ସୁମି ହେଲେ ସେ ଏଥିରେ ବା କଣ କରିପାରିବ । ଏକରେ ତ ମଳୟର ପ୍ରେମକୁ କାଢ଼ି ଫିଙ୍ଗି ପାରିନି ଏ ପର୍ଯ୍ୟନ୍ତ ଯଦିଓ ସେ ନୀରବ, କି ମିଳନ ପ୍ରତି ଟିକେ ଭଲପାଇବା ଆଣି ପାରିନି ସେଥିରେ ପୁଣି ତାର exam ମୁଣ୍ଡ ଉପରେ । ରୁମ୍ ରେ ଏକା ବସି ଲୁହ ଗଡାଉଥିଲା ସୁମି ସତେ ଯେପରି ଏ ଲୁହ ତାର ଖୁବ୍ ଅନ୍ତରଙ୍ଗ ବନ୍ଧୁ କୁଆଡେ ତାକୁ ଛାଡ଼ିକି ଯିବନି । ଏଇ ସମୟରେ ମିଳନ ସୁମିକୁ ଲୁହ ପୋଛିବା ଦେଖି କହିଲା ଆଜି ସୁମି ମୋର ପୁଣି କାନ୍ଦୁଛନ୍ତି, କେଜାଣି ମୋ ଶାଶୁ କଣ ଖାଇଥିଲେ ଆମ ମାଡାମ୍ ଙ୍କୁ ଜନ୍ମ ସମୟରେ ଯେତେବେଳେ ଦେଖ ମାଡାମ୍ ରୁଷିଛନ୍ତି । ଦେଖ ମୋ ବୋଉ କଥା କୁହନା ମୌସୁମୀ କହିଲା, ଆରେ sorry ବାବା ଭୁଲ ହୋଇଗଲା, ତେବେ କଣ ହେଲା କୁହନା ? ନା ସେ କିଛି ନୂହେଁ ମୁହଁ ବୁଲେଇ କହିଲା ସୁମି । ତେବେ ବୋଧେ ମତେ ତୁମେ ରାଗିଛ ସେଥିପାଇଁ ବୋଧେ ମତେ କିଛି କହିବାକୁ ଚାହୁଁନ । ନା ସେମିତି କିଛି ନୂହେଁ. ... ତେବେ ? ମୌସୁମୀ ଶାଶୁ କହିଥିବା କଥାକୁ କହିଲା । ମିଳନ ଜୋର୍ ରେ ହସିବାକୁ ଲାଗିଲେ.. ସୁମି ପଚାରିଲା ତୁମେ ପାଗଳଙ୍କ ଭଳି ହସୁଛ କାହିଁକି ? ମିଳନ ଟିକେ ସୁମିର ମୁଣ୍ଡକୁ ହଲାଇ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ ଆରେ ମୋ ସୁମି ତ ନିଜେ ଛୁଆଟିଏ ଅଛି ପୁଣି ସିଏ ଛୁଆ ଜନ୍ମ କରିବ, ପାଗେଲି ତୁମ exam ତୁମ ଦ୍ୱାର ଠକ୍ ଠକ୍ କଲାଣି ଆଉ ତୁମେ କେତେ ନିଶ୍ଚିନ୍ତରେ ଅଛ ମୋ ସ୍ୱପ୍ନକୁ ତୁମର ପୁଣି ପୂରଣ କରିବାର ଅଛି ନା ନାହିଁ? ସୁମି ମୁଣ୍ଡ ଟୁଙ୍ଗାରି ହଁ କହିଲା । ସୁମି ଭାବୁଥିଲା ସତରେ କେତେ ଭଲ ମଣିଷଟେ ମିଳନ ଆଉ କେହି ହୋଇଥିଲେ ମତେ ଟିକେ ବି ବୁଝୁନଥାନ୍ତା କିନ୍ତୁ ମିଳନ ସତରେ ଭାରି ଭଲ, ମୋର ପ୍ରତ୍ୟେକଟି ବିଷୟ୍ରେ ସେ ଗୁରୁତ୍ୱ ଦେଉଛନ୍ତି ମତେ ନିସ୍ୱାର୍ଥପର ଭଲ ପାଇଚାଲୁଛନ୍ତି । ମିଳନକୁ ଦେଖି ମନେ ପଡ଼ିଯାଉଥିଲା ମଳୟର କଥା । ଦୁହିଁଙ୍କ ଚେହେରା ଭିନ୍ନ କିନ୍ତୁ ହୃଦୟରେ ଫରକ ଅନୁଭବ କରି ପାରୁନଥିଲା ସୁମି । ମିଳନ ମଧ୍ୟରେ ଖୋଜି ପାଉଥିଲା ମଳୟକୁ । ମଳୟକୁ ଭୁଲିପାରୁନି ମୌସୁମୀ ତା ଠାରେ ହୁଏତ ଅଭିମାନ ଥାଇପାରେ ହେଲେ ଅଭିଯୋଗ ତ ବିଲକୁଲ ବି ନାହିଁ । ଧୀରେ ଧୀରେ ସୁମିର exam ଘନେଇ ଆସିଲା । ପାଠରେ ସେ ବହୁତ ପରିଶ୍ରମ କରିବାକୁ ଲାଗିଲା । exam ଦେଇ University ରେ ଟପ କରି gold medalist ପାଇପାରିଲା । ମିଳନ result ଶୁଣି ବହୁତ ଖୁସି ହେଲେ । ସେଦିନ କଲେଜରୁ ହଠାତ୍ ଫେରି ଆସିଥିଲେ ରୁମ୍ କୁ ଆସି ଗଭୀର ଆଲିଙ୍ଗନ ପୂର୍ବକ ଗାଲରେ ଚୁମ୍ବନ ପରେ ଚୁମ୍ବନ କରିବାକୁ ଲାଗିଲେ, ମୌସୁମୀ ମିଳନର ଶକ୍ତ ବାହୁ ବନ୍ଧନରେ ଲାଜେଇ ଯାଇ ତୁନି ହୋଇଯାଇଥିଲା । ପ୍ରଥମ ଥର ମିଳନ ତାକୁ ଏତେ ଜୋର୍ ରେ ଭିଡ଼ି ଧରିଛନ୍ତି । ମିଳନ କହି ଉଠିଲେ ଆରେ ତୁମକୁ କଷ୍ଟ ହେଉଥିବ କହି ଛାଡ଼ିଦେଲେ । ସୁମି ଲାଜରେ ଆଉ ଦେଖି ପାରୁ ନଥିଲା ମିଳନକୁ । ମିଳନ ପକେଟରୁ ଗୋଟେ chocolate କାଢ଼ି congratulations କହିଲେ । ସୁମି ମିଳନର ପାଦ ତଳେ ପଡ଼ି ଲୁହ ଝରାଇ କହିଲା congratulation ର ପଦବାଚ୍ୟ ତୁମେ, ମୁଁ ତୁମକୁ ବେଳେବେଳେ କେତେ ଅଣଦେଖା କରିଛି ତଥାପି ତୁମେ ମତେ ପଢ଼ିବାର ସୁଯୋଗ ଦେଇଛ, ମତେ ସର୍ବଦା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସପକ୍ଷରେ ନେଇ ମତେ ସବୁ କ୍ଷେତ୍ରରେ ସହଯୋଗ ଏ ସବୁ କେବଳ ତୁମ ପାଇଁ । ମିଳନ ପାଦତଳୁ ସୁମିକୁ ଉଠାଇ ଆଣି ଲୁହ ପୋଛି କହିଲେ ତୁମେ ଏମିତି ହୁଅନା ସୁମି, ଦେଖିବ ଦିନେ ତୁମେ ସଫଳତାର ଶୀର୍ଷ ରେ ପହଁଞ୍ଚିବ ।

ଆଉ ସେଦିନକୁ ମୋର ଅପେକ୍ଷା ସୁମି, ଶୁଣ ଏଇ ଭିତରେ ssb ବାହାରିବ, ତୁମେ ତୁମ preparation ଏବେ ଠୁଁ ଜାରି ରଖ ଦେଖିବ କେହି ତୁମକୁ ଅଟକାଇ ପାରିବେ ନାହିଁ । ସୁମି ମିଳନ କଥାରେ ହଁ ଭରିଛି ।ଏବେ ସୁମି ଗର୍ଭବତୀ, ମିଳନ ଏ କଥା ଜାଣିବା ପରେ ଖୁସିରେ ପାଗଳ । ଘରେ ଶାଶୁ ଶ୍ୱଶୁର ସମସ୍ତେ ଭାରି ଖୁସି । ପାଢୀ ବଂଶ ଉତ୍ସବ ମୁଖରିତ ହେଉଛି । ମିଳନ୍ ମୌସୁମୀକୁ କଲ୍ କରି କହିଲା ସୁମି ଆଜି ଟିକେ ରେଡି ଥିବ ତ ଆମେ ବାହାରକୁ ଯିବା ତୁମକୁ ଗୋଟେ surprise ଦେବାର ଅଛି । ସୁମି ସନ୍ଧ୍ୟାକୁ ରେଡି ହୋଇ ବସିଥିଲା ତାକୁ ଗୋଟେ କଲ୍ ଆସିଲା ତାକୁ ଉଠାଇ ସୁମି ହେଲୋ କଲା । ଆପଣ ମୌସୁମୀ ପାଢୀ କହୁଛନ୍ତି ମିଳନ ପାଢୀଙ୍କ ସ୍ତ୍ରୀ ? ହଁ ମୁଁ ତାଙ୍କ ସ୍ତ୍ରୀ କହୁଛି, ଆପଣ କିଏ ? ସୁମି ମାଡାମ୍ ଆପଣଙ୍କ ସ୍ୱାମୀଙ୍କର ଆକ୍ସିଡେଣ୍ଟ ହୋଇଯାଇଥିଲା ଆଉ ଏବେ ସେ hospital ରେ ଅଛନ୍ତି ଆପଣ ଆସନ୍ତୁ ଶୀଘ୍ର । ମୌସୁମୀର ମୁହଁରୁ ଆଉ ଶବ୍ଦ ବାହାରିଲା ନାହିଁ ତଳେ କଚାଡ଼ି ହୋଇ ପଡ଼ିଲା । କୌଣସି ମତେ ସମ୍ଭାଳି ନେଇ ବାପା ବୋଉଙ୍କୁ ନେଇ hospital ପହଞ୍ଚିଲା । ଯାଇ ଦେଖେ ତ ମିଳନଙ୍କ ଶରୀର ରକ୍ତ ଜୁଡ଼ୁବୁଡ଼ୁ । ହୋସ୍ ରେ ନ ଥିଲା ସିଏ । ପ୍ରଚୁର ରକ୍ତ ବହି ଯାଇଛି ଦେହରୁ । ICU ରେ ଭର୍ତ୍ତି ପରେ ମିଳନର କିଛି ସମୟ ପାଇଁ ହୋସ୍ ଆସିଲା । ଅସ୍ପଷ୍ଟ ସ୍ୱରରେ ମିଳନ କହିଲେ ସୁମି ଆଉ ମୁଁ ବଞ୍ଚି ପାରିବିନି, ମୋ ସମୟ ସରି ଆସିଲାଣି ସୁମି । ମୌସୁମୀ ଏ ସବୁ ଦେଖି କାନ୍ଦୁଥିଲା, ତୁମର କିଛି ହେବନି ମିଳନ ମୁଁ ଅଛି ନା କିଛି ବି ହେବନି । ମିଳନ ପୁଣି କହିଲା ସୁମି ମୋର ଖାଲି ଦୁଇଟା କଥା ରଖିବ ସବୁବେଳେ ଖୁସିରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରହିବ, ପାଠ ପଢି ମୋର ତଥା ତୁମର ସ୍ୱପ୍ନକୁ ପୂରଣ କରିବ, ଆଉ ଆମ ସନ୍ତାନର ଯତ୍ନ ନେବ ସୁମି । ତୁମେ ଆଉ କାନ୍ଦିବନି ନ ହେଲେ ମୁଁ ଆର ପାରିରେ ରହି ସହି ପାରିବିନି । ତୁମକୁ ମୋ ରାଣ ବାପା ମାଁଙ୍କୁ ଦେଖିବ ସମସ୍ତଙ୍କୁ ଖୁସିରେ ରଖି ନିଜେ ବି ଖୁସିରେ ରହି.. ଏତିକି କହି ମିଳନ ଚାଲିଗଲା ଆର ପାରିକୁ । ଖୋଲା ଆଖିକୁ ବନ୍ଦ କରି ମୌସୁମୀ ମିଳନର ଶରୀର ଧରି ଜୋର୍ ରେ କାନ୍ଦୁଥିଲା ।

ଆଜି ମିଳନ ଛାଡ଼ିଯିବାର ୨୦ ଦିନ ହୋଇଗଲାଣି । ମୌସୁମୀ ଠିକ୍ ସେ ଖାଉନି ମଧ୍ୟ । ଶାଶୁ ମାଁ ମଧ୍ୟ କାନ୍ଦି କାନ୍ଦି କେମିତି ଦେଖାଗଲେଣି କିନ୍ତୁ ଆଖିରୁ ପାଣି ସରୁନି । ତଥାପି ସୁମି ରୁମ୍ କୁ ଆସି ତାକୁ ନିଜ ଝିଅ ଭଳି କୁଣ୍ଢାଇ ଧରି ଖୁଆଇଛନ୍ତି । ସୁମି କିନ୍ତୁ ପଥର ପାଲଟି ଯାଇଛି ଯେମିତି । ତାକୁ ସାରା ଦୁନିଆ ଅନ୍ଧାର ଲାଗୁଛି । ଶାଶୁ ବୁଝାଇଛନ୍ତି ତୋ ପାଇଁ ନ ହେଲେ ନାହିଁ ତୋ ପିଲା ପାଇଁ ତ କିଛି ଖା । ନ ହେଲା କଣ ଅବସ୍ଥା ହେବ ତୋର, ମିଳନ ତ ଆମକୁ ଛାଡ଼ି ଚାଲିଗଲା ତୁ ବି କଣ ଏ ସମୟରେ ଆମ ବୁଢ଼ା ବୁଢୀ ଦୁଇଟାକୁ ଛାଡ଼ି ଚାଲିଯିବୁ । ଆମେ ଆଉ କେଉଁ ପ୍ରକାରେ ଜୀବନ ଧରି ରହିବୁ କହିଲୁ । ତତେ ପରା ମରିବା ଆଗରୁ ମୋ ପୁଅ କହିଥିଲା ନିଜେ ଭଲ ସେ ରହିବା ସହ ତା ଛୁଆକୁ ବି ଭଲ ସେ ରଖିବୁ ବୋଲି ଆଉ ତୁ...... ଗଲା ଲୋକ ତ ଛାଡ଼ିଗଲା ତୁ ଟିକେ ଧର୍ଯ୍ୟ ଧର । ମୁଁ ବି ତ ମାଁ ତା ଅନୁପସ୍ଥିତି ରେ ମୋର ଜୀବନ ଯେ କିଭଳି ଲାଗୁଚି ତାହା ମୁଁ ଜାଣୁଛି ସୁମି, ତୋ ଶ୍ୱଶୁର ବି ତ କିଛି ଠିକ୍ ସେ ଖାଉ ନାହାନ୍ତି, ଶୋଉ ନାହାନ୍ତି । ଏତିକି କହି ଶାଶୁ କାନ୍ଦିବାକୁ ଲାଗିଲେ, ସୁମି ନିଜକୁ ସମ୍ଭାଳି ଶାଶୁ ମାଁ କୁ ବୁଝେଇଲା, ଶାଶୁ ବୋହୂ ଖୁଆଖୁଇ ହୋଇ ନିଜକୁ ସମ୍ଭାଳି ନେଲେ ।

ମିଳନର ଗୋଟେ ଫଟୋ ଧରି କାନ୍ଦୁଥିଲା ସୁମି... ଯେମିତି ସେ ଫଟୋରେ ହିଁ ତାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଜର ଜୀବନ... ବାହୁନି ହୋଇ କହୁଥିଲା ମତେ କ୍ଷମା କରିଦେବ ତୁମେ, ତୁମକୁ ତ କେବେ ଖୁସି ଟିକେ ମୁଁ ଦେଇପାରିଲି ନାହିଁ ଭାବୁଥିବ ନା ଏବେ ଏତେ ତୁଚ୍ଛରେ କାଇଁ କାନ୍ଦୁଛ । ତୁମେ ତ ମୋ ଲୁହ ସହି ପାରନି ମିଳନ ପୁଣି ଥରେ ଆସନା ମୋ ଲୁହକୁ ପୋଛି ଦେବା ପାଇଁ । ତୁମ କଥା ମୁଁ ରଖିପାରୁନି ମିଳନ ମୁଁ ନିଜକୁ ସମ୍ଭାଳି ପାରୁନି ତୁମେ ହିଁ ତ ମୋର ଦମ୍ଭ ଥିଲ, ସାହାସ ଥିଲ ଆଉ ହେଉନି ମିଳନ, ମୋର ବି ଇଚ୍ଛା ହେଉଛି ତୁମ ପାଖକୁ ଚାଲିଯିବା ପାଇଁ ଥରେ ଖାଲି ଡାକ ବାସ୍ ଥରେ, ଏତକି କହି ସେ ଜୋର୍ ରେ କାନ୍ଦିଛି ଅଚାନକ୍ ପେଟରେ ତାର ଯନ୍ତ୍ରଣା ବୋଧେ ସମୟ ହୋଇଗଲାଣି, ଶାଶୁ ସୁମିର ଚିତ୍କାର ଶୁଣି ଦୌଡ଼ି ଆସିଛନ୍ତି ସୁମି କଷ୍ଟରେ ଛଟପଟ ହେଉଛି । ଶାଶୁ ଶ୍ୱଶୁର ନେଇଗଲେ ତାକୁ hospital । ପ୍ରସବ ପରେ ସୁମିର କୁନି ପୁଅଟିଏ ଜନ୍ମ ହୋଇଛି । ତାକୁ ଦେଖି ସୁମି ଢେର୍ କାନ୍ଦିଛି ଧନରେ ତୋ ବାପା ଥିଲେ ଆଜି ତତେ ଆଉ ମତେ କେତେ ଗେଲ କରିନଥାନ୍ତେ କହିଲୁ, ହେଲେ ତୁ ଚିନ୍ତା କରନା ତୋ ମାମା ଅଛି ନା ଆଉ ତୋ ବାପା ବି ତ ଉପରୁ ଥାଇ ଆମକୁ ଆଶୀର୍ବାଦ ଦେଉଛନ୍ତି । ତୁ ଠିକ୍ ତୋ ବାପା ଭଳି ଦେଖାଯାଉଛୁ ଆଉ ତତେ ମୁଁ ତୋ ବାପା ଭଳି ହିଁ ଗଢ଼ି ତୋଳିବି ସେମିତି ସରଳ, ମଜାଳିଆ ଆଉ ଗମ୍ଭୀର କରି । ପୁଅକୁ ପାଇ ସେ ଯେପରି କୋଟିନିଧି ପାଇ ଯାଇଛି । ଏତେଦିନ ପରେ ବୋହୂ ଓଠରେ ଟିକିଏ ହସ ଦେଖି ସମସ୍ତେ ଖୁସି । ସୁମିର ବାପା ତା ଶାଶୁ ଶ୍ୱଶୁର ସମସ୍ତଙ୍କ ଆଖିରୁ ଖୁସିର ଲୁହ ଝରି ପଡୁଥିଲା । ପୁଅକୁ କୁଣ୍ଡାଇ ଧରି ଢେର୍ ବେଳ ଯାଏ ଗେଲ କରୁଥିଲା ସୁମି । ପୁଅକୁ ଦେଖି କିଛିଟା ଦୁଃଖ ଭୁଲିବାକୁ ଚେଷ୍ଟା କରୁଥିଲା । ସେଦିନ ବାତାୟାନ ପାର୍ଶ୍ୱରେ ବସି ସେଦିନ ଅତୀତର ପୃଷ୍ଠା ସବୁକୁ ମନେ ପକାଉଥିଲା ସୁମି, ପିଲାଟି ଦିନରୁ ତା ମାଁକୁ ସେ ଦେଖିନି ମାଁର ସ୍ନେହରୁ ସେ ବଞ୍ଚିତା ଯଦିଓ ବାପା ତାକୁ ମାଁର ମମତା ଦେବାରେ ତିଳେ ବି ଊଣା କରି ନାହାଁନ୍ତି ତଥାପି, ତଥାପି କଣ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଁର ସେନେହ ସରାଗ ଆଉ କିଏ ଦେଇପାରିବ ? ମାଁ ତ ସବୁବେଳେ ମାଁ । ତା ଗାଁ ମାଟିରେ ସେ ବଢ଼ିଛି ଖେଳିଛି ବାପାଙ୍କ ଛାତିରେ ପାଉଁଜି ଛମ୍ ଛମ୍ କରି ନାଚିଛି । ମଳୟ ଯିଏ ବୁଣି ଦେଇଥିଲା ପ୍ରେମର ମଳୟ ଏ ମୌସୁମୀର ଜୀବନରେ । ଯେମିତି ଆସିଥିଲା ସେମିତି ଚାଲିଗଲା ସେ କିଛି ମିଠା ସ୍ୱପ୍ନ ବୁଣିଦେଇ । ମିଲନ୍ ପରେ ବାପାଙ୍କ ଅସୁସ୍ଥତା, ତା ପାଠ ପଢ଼ାରେ ବନ୍ଧକ, ବାହାଘର, ମିଳନଙ୍କ ଆଗମନ ତାଙ୍କ ଠୁଁ ସ୍ୱପ୍ନକୁ ସାକାର କରିବାର ନିଶା, ତାଙ୍କ ଅବର୍ତ୍ତମାନରେ ବଞ୍ଚିବାର ନିରାଶ, ପୁଅର ସେ କୁଆଁ କୁଆଁ କାନ୍ଦ, ତାର କୁନି କୁନି ଆଖି ମିଠା ହସ....... । ସୁମି ଦୀର୍ଘ ନିଶ୍ୱାସଟିଏ ମାରିଛି । ଖୋଜି ବସିଛି ଜୀବନର ପରିଭାଷା, ଏ ଜୀବନରେ ତାର କେତେ ମୋଡ଼ ଆସିଲାଣି, ସବୁ ବେଦନା, ଯନ୍ତ୍ରଣା, କୋହ ଲୁହକୁ ସାମନା କରି ଜୀବନ ଗତି କରୁଛି, କେତେ ଲୋକଙ୍କୁ ପାଉଛି କେତେ ଲୋକଙ୍କୁ ହରାଉଛି ତଥାପି ମଣିଷ କଣ ହାରିଯାଇଛି ? ... ନା ତ... ବରଂ ଜୀବନ ବଞ୍ଚିବାର ସଦା ପ୍ରୟାସ କରୁଛି । ମୌସୁମୀର ପୁଅ ଆସିବା ପରେ ଯେ ସବୁ ସୁଖ ଆସିଛି ତା ନୁହେଁ ବର ପୁଅକୁ ନେଇ ଆହୁରି ଚିନ୍ତାରେ ପଡ଼ିଯାଇଛି ମୌସୁମୀ । ଶାଶୁ ଶ୍ୱଶୁର ମଧ୍ୟ ସୁମି ପାଇଁ ଭାରି ବ୍ୟସ୍ତ ହୋଇପଡିଛନ୍ତି । ସୁମିର ବୟସ ବା କେତେ ଏଇ ତେଇଶି ବର୍ଷ ତାର ବାକି ଜୀବନ ତକ କଣ ଏମିତି କାଟିବ ? ଏ ଭିତରେ ଆସି ଯାଇଛି SSB exam, ସୁମିର NET clear ହୋଇଛି ଏଥରକ ଦେବ ସିଏ SSB । ଏଇ SSB ପାଇବା ପାଇଁ ମିଳନ ତାକୁ ଏତେ ପାଠ ପଢ଼ାଇଲା ତାର ସ୍ୱପ୍ନର ପଥ ଦେଖାଇଦେଲା ଅଥଚ ଅଧା ବାଟରେ ଛାଡ଼ିଗଲା । କିନ୍ତୁ କାହା ଆହ୍ୱାନରେ ସେ ଆଉ ପାଠ ପଢିବ, ଭାବୁଛି ମୌସୁମୀ ଆଜି ସିଏ ଯଦି ଆଜି ସିଏ ଥାଆନ୍ତେ ମତେ ପୁଣି ମୋଟିଭେସନ୍ କଥା କହି ପାଠ ପଢ଼ନ୍ତେ । ଭଗବାନ ବି ନା ବାଛି ବାଛି ଭଲ ମଣିଷ ଗୁଡ଼ାଙ୍କୁ ନେଇ ଯାଆନ୍ତି, ଆଉ ଏ କଳୁଷିତ ପୃଥିବୀରେ ଘାଣ୍ଟି ନ ହେବା ପାଇଁ ଆଉ ଖରାପ ଲୋକଙ୍କୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଖନ୍ତି ଏ କଳୁଷିତ ପୃଥିବୀରେ ନର୍କ ଯନ୍ତ୍ରଣା ଭୋଗିବା ପାଇଁ । ନର୍କ ବୋଲି ପୁଣି କଣ ଅଛି ଏଇଟା ତ ନର୍କ ତଥାପି ତ ମଣିଷ ଭାରି ଲୋଭୀ, ବଞ୍ଚିବାର ଲୋଭରେ ସଂଗ୍ରାମ କରେ ଅହରହ ।

ସମୟ ଆସିଛି SSB exam clear କରି ପାରିଛି ଆଉ ରେଜଲ୍ଟ ବି ଭଲ ହୋଇଛି ତାର । Join କରିଛି ନିର୍ଦ୍ଧିଷ୍ଟ ହୋଇଥିବା କଲେଜରେ ସୁମି । ସେଠି ପୁଣି Join କରିଛି ମଳୟ । ମଳୟକୁ ଦେଖି ଆଶ୍ଚର୍ଯ୍ୟ ସୁମି । ସୁମିର ବିଧବା ରୂପକୁ ଦେଖି ମଳୟ ବି ଆଶ୍ଚର୍ଯ୍ୟ, ବୁଝି ପାରିଛି ସବୁ । ଦୁହେଁ ଗୋଟେ କଲେଜରେ ଷ୍ଟାଫ୍ ସାଥିରେ ରହିବେ, ସୁମି କିନ୍ତୁ ଖୁସି ନାହିଁ କାହଁକି ନା ସେ ତାର ଅତୀତକୁ ଭୁଲି ସାରିଛି ବଞ୍ଚିବାକୁ କେବଳ ବାଧ୍ୟ ନ ହେଲେ ଜୀବନ ପ୍ରତି ତାର ଆଉ ତିଳେ ବି ସ୍ପୃହା ନାହିଁ । ପାଖରେ କୁନି ପୁଅ ୨ ମାସ ହେଲାଣି, ତା ଜନ୍ମରେ ଉତ୍ସବମୁଖର ହୋଇପାରିନି ପରିବାର । କିନ୍ତୁ ପୁଅଟିର ଜନ୍ମ ପରେ ଜେଜେ ବାପା ଜେଜେ ମାଁ ମଧ୍ୟ ନିଜ ପୁଅକୁ ତାରି ମଧ୍ୟରେ ଦେଖି ପାରିଛନ୍ତି । ପୁଅର ନାମ ରଖିଛି ସୁମି ସେହି ମିଳନ । ପରିବାର ଗୋଟେ ପ୍ରକାରେ ଠିକ୍ ଚାଲୁଛି ସତ କିନ୍ତୁ ଖୁସି ନାହିଁ କାହିଁକି ନା ଶାଶୁ ଶ୍ୱଶୁର ସୁମିର ନିଃସଙ୍ଗ ଜୀବନକୁ ଉପଲବ୍ଧି କରିପାରୁଛନ୍ତି ।

ଶ୍ୱଶୁର ସେଦିନ ସୁମିକୁ ଡାକି କହିଲେ ମାଁ ଆଲୋ ତତେ ଗୋଟେ କଥା କହିବି । ସୁମି ଆଜ୍ଞା ମାନି ଗଲାରୁ କହିଲେ ମାରେ ତୋ ପାଇଁ ପ୍ରସ୍ତାବ ଆସିଛି ମୋର ଏକ ବନ୍ଧୁ ଆମେରିକାରୁ ତତେ ଦେଖିବା ପାଇଁ କି ଆସିବେ ଆଉ ମୁଁ ବି ତାଙ୍କ କଥାରେ ହଁ ଭରିଛି । ସୁମି ଆଶ୍ଚର୍ଯ୍ୟ ହୋଇ କହିଲା ବାପା ଆପଣ ମୋ ସହ କଣ ମଜା କରୁଛନ୍ତି, ଆପଣ ଏ କଣ କରୁଛନ୍ତି ମୁଁ ଆପଣଙ୍କ ପୁଅକୁ ବିବାହ କରିଛି ମୁଁ ବିବାହିତା, ସେ ଆଜି ସିନା ମୋ ପାଖରେ ନାହାନ୍ତି କିନ୍ତୁ ମୁଁ ତ ତାଙ୍କର ହୋଇସାରିଛି ନା ତେବେ ଏଇଟା କେଉଁ ପ୍ରହସନ ବାପା ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଜୟ ବାବୁ କହିଲେ ଆରେ ବୋହୂ ମୁଁ ଜାଣେ ତୁ ଆମର ବୋହୂ । କିନ୍ତୁ ତୁ ବୋଧେ ଜାଣୁନା ଯେ ମୁଁ ତତେ ଏ ଘରକୁ ବୋହୂ ରୂପେ ନୁହଁ ଝିଅ ଭାବି କି ଆଣିଥିଲି, ସେଦିନ ତୋ ବାପା ଆଗରେ କହିଥିଲି ତୋ ଝିଅ ବି ମୋ ଝିଅରେ ସାଙ୍ଗ ତୁ ଚିନ୍ତା କରନା ସେ ପାଠ ପଢ଼ିବ, ସବୁ କରିବ ମୋ ନିଜ ଝିଅ ଭଳି ମୁଁ ତାକୁ ରଖିବି । ସୁମି ମୁଁ ଜାଣେ ତୁ କେତେ ନିଃସଙ୍ଗ ଜୀବନ ବଞ୍ଚୁଛୁ ? ତୁ ନିଜେ ବି ତ ଛୋଟ ଟେ ଅଛୁ ତୋ ଜୀବନ ଏଇ ମାତ୍ର ଆରମ୍ଭ ହୋଇଛି ସେମିତି ଏ ଜୀବନ ପଥ କାହିଁ କେତେଦୂର ପରିବ୍ୟାପ୍ତ, ସେତେଦୂର ତୁ ଏକା ଚାଲି ପାରିବୁନିରେ ମାଁ, ଆମେ ବୁଢ଼ା ବୁଢୀ ଆଜି ଅଛୁ କାଲି କି ନ ଥିବୁ ଆମ ଜୀବନର କଣ ଭରସା ଯେ ? ମୁଁ କିନ୍ତୁ ତତେ ଏମିତି ଏକା ଏକା ଲୁଚିକି କାନ୍ଦିବାକୁ ଦେବିନି । ମାଁ ଲୋ ମିଳନ ଗଲା, ତୋର ଗୋଟେ କୁନି ପୁଅ, ମାନୁଛି ମୁଁ କି ତୁ ନିଜେ ସ୍ୱାବଲମ୍ବୀ ତଥାପି ମାଁ କାଲି ବାପା ବୋଲି ଯେତେବେଳେ ତୋ ପୁଅ ଡାକିବ ତତେ ଖୁସି ଲାଗିବନି କି ? ତୁ ଏମିତି ବଞ୍ଚି ଥାଉ ଥାଉ ମରି ଯାଆନା ଲୋ ମାଁ । ଆଉ ମୁଁ ସେ ପୁଅକୁ ବି ଭଲ ଭାବେ ଜାଣେ ସେ ଭାରି ଭଲ ଜାଣିଛୁ ସେ ପୁଅର ବାପା ଆଉ ମୁଁ ବନ୍ଧୁ ପିଲାଟି ଦିନରୁ କିନ୍ତୁ ସେମାନେ ଏଠି ଆମର ରୁହନ୍ତିନି ତେଣୁ ସେତେଟା ଗତାଗତ ହୋଇପାରିନି । କିନ୍ତୁ ବିଶ୍ୱାସ କର ମା ସେ ପରିବାର ଲୋକେ ଭାରି ଭଲ । ତୋ ଶାଶୁ ବି ଏ କଥାରେ ପୁରା ରାଜି । ସୁମି ଆଖିରୁ ଲୁହ ବହି ଯାଉଛି କହୁଛି ଯଦି ମୁଁ ଛୋଟ ଅଛି ମୁଁ ବିବାହ କରି ସାରିଛି ଆଉ ମିଳନ ମୋ ପାଖେ ନ ଥିଲେ ବି ସେ ମୋ ପାଖେ ଅଛନ୍ତି । ସ୍ୱର୍ଗରେ ଥାଇ ମୋ ବିଷୟରେ ସେ କଣ ଭାବିବେ ? ଆଉ ଏ ଭଳି କଲେ ପୁଣି ଲୋକେ କଣ କହିବେ ? ଲୋକେ କିଛି କହିବେନି, ସବୁ ଅନ୍ୟ ପାର୍ଶ୍ୱେରେ ଶୁଣୁଥିବା ସୁମିର ଶାଶୁ ସୁମିର ହାତ ଧରି କହିଲେ । ସୁମି ଅବାକ୍ ଥିଲା, ହଁ ମାଁ ଦୁନିଆ କଣ କହିବ ହସିବ ନା ବାଛିବ ଏଇ କଥାକୁ ଡରି ତ ମଣିଷ ହାରିଯାଏ ନିଜ ପାଖରେ । ସବୁକୁ ସାମ୍ନା କରିବାକୁ ହେବ ମାଁ ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲେ ବଞ୍ଚିବା ସବୁବେଳେ ମୁସ୍କିଲ୍ ହୋଇଯାଏ । ଆଉ ତୋ ବୟସ ତ ଦେଖ ପୁଅକୁ ଦେଖ ତୁ କଣ ସାରା ଜୀବନ ଏମିତି କାଟିବୁ ? ତୁ କଣ ଭାବୁଛୁ ସ୍ୱର୍ଗରେ ମିଳନ ତତେ ଖରାପ ଭାବିବ, ନା ରେ ସେ ତତେ କେତେ ଚାହୁଁଥିଲା.... ଆଉ ତୁ ଏଠି ଏମିତି ପଡ଼ି ରହି କାନ୍ଦୁଥିଲେ କଣ ମିଳନର ଆତ୍ମା କୁ ଶାନ୍ତି ମିଳିବ ? ଜୋର୍ ରେ କାନ୍ଦିଛି ସୁମି, ଶାଶୁ ମାଁ ତାକୁ କୋଳେଇ ନେଇଛନ୍ତି ନିଜ ପାଖକୁ, ଆଉ ବୁଝାଇଛନ୍ତି ମାଁରେ ବିଧବା ବିବାହ କିଛି ଭୁଲ୍ ନୁହେଁରେ । ମୁଁ କେଉଁ ଯୁଗର ହୋଇ ବୁଝୁଛି ଆଉ ତୁ ତ ଏତେ ଆଧୁନିକା ତଥାପି ବୁଝୁନୁ । କେମିତି ବୁଝିବୁ ଯେ ଏ ଦୁନିଆ ବି ତ କେତେ ଆଧୁନିକ ହେଲାଣି କେତେ ଆଗକୁ ଗଲାଣି କିନ୍ତୁ ଲୋକଙ୍କ ଏହି ସଂକୀର୍ଣ୍ଣ ମାନସିକତା ତାକୁ ଯେମିତି କବଳିତ କରିକି ରଖିଛି ଆଉ ସେ ବନ୍ଧନରୁ ମଣିଷ ନିଜକୁ ଫିଟାଇ ପାରୁନି ଅସହାୟ ଭଳି । କେଉଁ ଯୁଗରେ ଆସି ପାଦ ଦେଲେଣି ଝିଅଟିଏ ୨୨/୨୪ ବରଷରେ ବିଧବା ହୋଇଗଲେ ତାର ଯେମିତି ସବୁ ଖୁସି ସରିଗଲା... ପୁରୁଷ ଟିଏ ତ ତାର ସ୍ତ୍ରୀ ର ମୃତ୍ୟୁ ପରେ ବିବାହ କରିପାରେ ତେବେ ନାରୀ ହିଁ କାହିଁକି । ଏମିତି ମାନସିକତା ଦେଶର ଉନ୍ନତି ପଥକୁ ରୁଦ୍ଧ କରିକି ରଖିଦେଉଛି । ହଁ ମାଁ ତୋ ଖୁସି ପାଇଁ ଏ ସବୁ ଲୋ ।

ସୁମି କହିଛି ନା ମାଁ ମୁଁ ତୁମକୁ ବାବାଙ୍କୁ ଛାଡ଼ି କୁଆଡେ ବି ଯିବିନି ସେମିତିରେ ପୁଣି ମୋ କୁନି ପୁଅ ତା ମୁହଁ ଦେଖି ବଞ୍ଚିଯିବି । ଆରେ ତୋ ପୁଅକୁ ବି ତୁ ତୋ ସାଥିରେ ରଖିବୁ ଆଉ ତୁ କଣ ଆମକୁ ଛାଡିଯିବୁ, ବିଲକୁଲ୍ ନୁହେଁ ତ ବରଂ ପୁଅ ଆମ ଘରେ ରହିବ । ଆମେ ଝିଅର ବାପା ମାଁ ଦାୟିତ୍ୱ ତୁଲାଇବୁ ଦେଖିବୁ ପୁଣି ହସ ଖୁସିରେ ଘର ମାତି ଉଠିବ । ପୁଅ ଏଠି..... ସୁମିର କଥା ଶୁଣି କହିଲେ ହଁ ଲୋ ମାଁ ପୁଅ ଏଠି ରହିବ, ଲୋକେ କଣ କହିବେ କହୁଛୁ ତ, ଲୋକଙ୍କ ପ୍ରବୃତ୍ତି ତ ସେଇଆ କହିବେ ଆଉ ପୁଅଟିଏ ଶାଶୁ ଘରେ ରହିଲେ କୁକୁର ହୋଇ ଯାଏନି ସୁମି ସମାଜର ଲୋକଙ୍କ ଭାବନା କେବଳ ନିମ୍ନ ଅଟେ । ପରିବର୍ତ୍ତନ ହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂସ୍କାର କିନ୍ତୁ ସଂସ୍କାର ଠିକ୍ ହୋଇଥିବା କଥା ସଂସ୍କାରରେ କୁ ଶବ୍ଦ ନ ଲାଗିବା ଦରକାର ତେବେ ଯାଇ ସବୁ ଠିକ୍ ହୋଇପାରିବ । ଶାଶୁ ପୁଅର ଏକ ଫଟୋ ଦେଇଛନ୍ତି ସୁମି ତାକୁ ଦେଖି ଆଚମ୍ବିତ ହୋଇ ପଡ଼ିଛି । ସୁମିର ପାଟିରୁ ବାହାରି ଯାଇଛି ମଳୟ... ତା ପାଟିରୁ ପୁଅଟିର ନାମ ଶୁଣି ଶାଶୁ ପଚାରିଛନ୍ତି ତୁ ତାଙ୍କୁ ଜାଣୁ । ମୌସୁମୀ ଟିକେ ଅସହଜ ହୋଇ କହିଛି ହଁ ମାନେ ମାଁ ନାଇ ମାଁ ସେ ଆମର କଲେଜରେ lecture ଅଛନ୍ତି ତ ସେଥିପାଇଁ । ଆଛା ତୁମେ ତେବେ ଦୁହେଁ ଦୁହିଁଙ୍କୁ ଜାଣିଛ ଭଲ କଥା । ମୌସୁମୀର ମୁହଁରେ ବିଷାଦର ଛାୟା ଖେଳିଗଲା, ତେବେ ମଳୟକୁ ପୁଣି ସେ ବାହାହେବ ? ? ମଳୟ କାହିଁକି ରାଜି ହେଲେ ଏବେ ବି ମତେ ଚାହୁଁଛନ୍ତି ବୋଲି ନା ମତେ ସମବେଦନା ଦେବାକୁ ଯାଇ... । ମୌସୁମୀ ନୀରବ ରହିଲା । ତହିଁ ଆରଦିନ ପୁଅ ଘରେ ଦେଖିବାକୁ ଆସିଲେ ସୁମି ପାଖ ଘରରେ ରହି ଶୁଣିପାରୁଥିଲା ସବୁ । ମଳୟ ଆସିଥିଲା ତା ସହ ଆସିଥିଲେ ଗାଁର ଜଣେ ମଉସା । ମୌସୁମୀର ବାପାଙ୍କୁ ମଧ୍ୟ ଡକା ହୋଇଥିଲା ସେଠିକି, ତାଙ୍କୁ ମଧ୍ୟ ସବୁ କଥା କୁହା ହୋଇଥିଲା, ସୁମିର ବାପା ମଧ୍ୟ ଏଥିରେ ସମର୍ଥନ ଥିଲେ । ଗାଁ ପୁଅ ଶୁଣି ମଧ୍ୟ ଆହୁରି ଖୁସି ହେଲେ । ଶାଶୁ ମାଁ କହୁଥିଲେ ଏତିକି ଟିଏ ହୋଇଥିଲୁରେ ପୁଅ ତତେ ସେତେ ଛୋଟ ବେଳୁ ଦେଖିଛି ଆଜି ତ ରାଜକୁମାର ଭଲି ଦିଶୁଛୁ । ଶ୍ୱଶୁର ସେଠି ଆସିକି ବସି ପଡ଼ି କହିଲେ ମୁଁ ଜାଣେ ପରା ତୋ ବାପା ପାଖରେ ଏ ସାଙ୍ଗ ପାଇଁ ସମୟ ନ ଥିବା ଥାଉ ସେ ସେଇଠି ତୁ କିନ୍ତୁ କେଉଁ ଜନମରେ ମୋ ପୁଅ ଥିଲୁରେ ସେଥିପାଇଁ ବି ଦେଖାନା ତୁ ସେଇଠି ବଢ଼ି ମଧ୍ୟ ଏ ମାଟିକୁ ଏତେ ଭଲ ପାଉଛୁ । ମଳୟ ସବୁ କଥା ମନ ଦେଇ ଶୁଣୁଥିଲା, ଶ୍ୱଶୁର ପୁଣି କହିଲେ ଆରେ ବି ତତେ ଆମ ଝିଅର ଫଟୋ ଦେବି ଭାବୁଥିଲି କିନ୍ତୁ ପରିସ୍ଥିତି ତ ଜାଣିଛୁ ମଳୟ ମୋ ପୁଅର ମୃତ୍ୟୁ ପରେ ବୋହୂର ଅବସ୍ଥା । ସେ ତ ପୁରା ଭାଙ୍ଗି ପଡ଼ିଛି ଆଉ କିଛି କହିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଳକୁ କଣ୍ଠ ରୁଦ୍ଧ ହୋଇ ଆସୁଥିଲା ତାଙ୍କର । ମଳୟ ଆଶ୍ୱସନା ଦେଲା, ତାପରେ ଡାକ ଦେଲେ ମୌସୁମୀକୁ । ମୌସୁମୀ ମଳୟକୁ ଚା ଦେବା ବେଳେ ରାଗରେ ମୁହଁ ଚାହିଁ ପାରୁ ନଥିଲା । ତା କଲେଜରେ ମୌସୁମୀ ମଳୟକୁ ନାନା ଧିକ୍କାର କରି କହିଲା ତମେ କଣ ଚାହୁଁଛ ମଳୟ ମୋର ଅସହାୟତାକୁ ସହି ନପାରି ତୁମେ ଯଦି ପାଦ ବଢ଼ାଇଛ ତେବେ ମୋ ପଥରୁ ହଟିଯାଅ, ମୁଁ ସେତେ ବି ଦୁର୍ବଳ ନୁହେଁ ପିଲାଦିନରୁ ସବୁ କଥା ସହି ସହି ବଞ୍ଚିବା ଶିଖିଗଲିଣି, କାହା ଦୟାର ପାତ୍ର ମୁଁ ହେବାକୁ ଚାହେଁନା । ମଳୟ କହିଛି ମୁଁ ତୁମକୁ ଦୟା ଦେଖାଇବାକୁ ଯାଇ ଏମିତି କରିନି । ମୌସୁମୀ ତୁମ ଶ୍ୱଶୁର ଆଉ ମୋ ବାପା, ସେମାନେ ଭାରି ଭଲ ସାଙ୍ଗ ତେଣୁ ତୁମ ଶ୍ୱଶୁର ଆଉ ବାପା ଏ ବିଷୟରେ କଥା ଲାଗିଛନ୍ତି । ଆଉ ବାପାଙ୍କ କଥାକୁ କେବଳ ମୁଁ ସମ୍ମାନ ଜଣାଇବାକୁ ଯାଇ ଏ ପ୍ରସ୍ତାବ ରେ ରାଜି ହୋଇଛି କାହିଁକି ନା ମୋ ବାପା ସେମିତି ସଂକୀର୍ଣ୍ଣ ମନୋଭାବ ସମ୍ପର୍ଣ୍ଣ ବ୍ୟକ୍ତି ନୁହଁନ୍ତି ସେ ଏ ସବୁ କଥା କୁ ଗୁରୁତ୍ୱ ଦିଅନ୍ତିନି । ବରଂ ତାଙ୍କ ହିସାବରେ ବିଧବା ବିବାହକୁ ପ୍ରୋତ୍ସାହନ ଦିଆଯିବା କଥା ନାରୀଟିଏ ତାର ବଞ୍ଚିବା ପୂର୍ବରୁ ତା ସ୍ୱାମୀକୁ ହରାଏ ଚିରଦିନ ସେମିତି ସ୍ୱାମୀକୁ ଚିନ୍ତି ଚିନ୍ତି ଜୀବନ ସାରେ କିନ୍ତୁ ଏଇଆ ବି ଠିକ୍ ନୁହେଁ । ଯଦି ପୁରୁଷଟିଏ ଦ୍ୱିତୀୟ ବିବାହ କରିପାରେ ତେବେ ନାରୀ କାହିଁକି ନୁହଁ ମୌସୁମୀ ନାରୀର କେଉଁ ଅପରାଧ ? ତାର ବି ତ ଇଚ୍ଛା ଅଛି ଜୀବନ ବଞ୍ଚିବାର ନିଶା ଅଛି । ସେ ଏ ପଦକ୍ଷେପ ନେଲେ ସମାଜ ହସେ ଆଉ ପୁରୁଷକୁ ଏ ପଦକ୍ଷେପ ନେବାକୁ ଗୋଟେ ପ୍ରକାର ପ୍ରବର୍ତ୍ତାଏ । ତୁମେ ହିଁ କୁହ ତୁମେ ତ ପାଠ ପଢିଛ ଶିକ୍ଷିତା ବୋଲାଉଛ ଏ ସଂସ୍କାର ଠିକ୍ ନା ଭୁଲ୍ । ତେବେ ତୁମ ଉପରେ ନିର୍ଭର କରେ ସୁମି, ମୋର କିଛି ଇଚ୍ଛା ନୁହେଁ ଏଇଟା ତୁମ ଆଉ ଆମ ପରିବାରର ଇଚ୍ଛା ।

ଚାଲିଗଲା ମଳୟ classroom କୁ ସୁମି ଭାବିଲା ମୁଁ କେଉଁ ଜନ୍ମରେ ଏତେ ପୁଣ୍ୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲି ମତେ ଏମିତି ବାପା, ଭାଇ, ଶାଶୁ ଶ୍ୱଶୁର ମିଳିଲେ । ଏମିତି ସ୍ୱାମୀ ମିଳିଥିଲେ ଯିଏ ମୋ ସ୍ୱପ୍ନକୁ ତାଙ୍କ ଜୀବନ ଭାବିଥିଲେ, ଆଉ ଜଣେ ଏ ମଳୟ ଯିଏ ସବୁ ପୁରୁଷ ଠୁଁ ଭିନ୍ନ କାହାର ବୋହୂ ହୋଇସାରିଥିବା ଗୋଟେ ଛୁଆର ମାଁକୁ ବିବାହ କରିବାକୁ ପ୍ରସ୍ତୁତ । ତା ବାପା ମାଁ ଯେ ଏ ସମାଜର ସବୁ ବାପା ମାଁଠୁଁ ଭିନ୍ନ । ଶାଶୁ ଶ୍ୱଶୁର ସେମାନେ ଶାଶୁ ଶ୍ୱଶୁର ନୁହଁନ୍ତି ତ ପୁରା ବାପା ମାଁ । ଏମାନଙ୍କ ପାଖରେ ମଣିଷପଣିଆ ଅଛି । ଗୋଟେ ବିଧବା ନାରୀର ମନ ଗହନର ଅନ୍ତର କଥାକୁ ଯଦି ଏ ଲୋକେ ବୁଝନ୍ତେ ତେବେ ଏ ଦୁନିଆ ପରିବର୍ତ୍ତନ ହୋଇଯାଆନ୍ତା । କାହା ମନରେ ନ ରହନ୍ତା ଦୁଃଖ ନ ରହନ୍ତା ବିଷାଦ ହୁଅନ୍ତା ସବୁଠାରେ ଶାନ୍ତି ଆଉ ସୁଖର ସମାଗମ । ମୌସୁମୀ ଆଉ ମଳୟର ବିବାହ ଖୁସି ଖୁସିରେ ସମାପନ ହୋଇଛି, ପୁଅ ମିଳନକୁ ନେଇ ଜୀବନ ତାଙ୍କ ହୋଇଛି ସୁଖମୟ ପରିବାର ସାଥିରେ ସଭିଏଁ ଖୁସିର ଜୀବନଟେ ବଞ୍ଚୁଛନ୍ତି ସେମାନେ ।

ବର୍ଷାରାଣୀ ମହାମଲ୍ଲିକ

ଜିଲ୍ଲା :ବରଗଡ଼

ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୃତ୍ୟୁ ଉତ୍ସବ



ସୁଧାଂଶୁ ଶେଖର ଦ୍ୱିବେଦୀ

ତ୍ରିପୁରାର ରାଜା ଦେବ ମାଣିକ୍ୟ ତାଙ୍କ ପ୍ରଧାନ ମନ୍ତ୍ରୀଙ୍କ ଜ୍ଞାନ ଏବଂ ଚେତନା ପ୍ରତି ଅତ୍ୟନ୍ତ କୁପିତ ହୋଇଥା'ନ୍ତି । ସେଥିପାଇଁ ତାଙ୍କୁ ମୃତ୍ୟୁ ଦଣ୍ଡ ନିମନ୍ତେ ଫାଶୀର ଦିନ ଓ ସମୟ ମଧ୍ୟ ନିର୍ଘଣ୍ଟ କରି ସାରିଥା'ନ୍ତି । ମହାମନ୍ତ୍ରୀଙ୍କୁ ଯେଉଁଦିନ ଫାଶୀ ଦିଆଯିବ ସେଦିନ ତାଙ୍କ ଜନ୍ମଦିନ ପଡିଥାଏ ।

ମନ୍ତ୍ରୀ ନିଜ ବାସଭବନରେ ଜନ୍ମଦିନ ସମାରୋହ ପାଇଁ ନିଜ ବନ୍ଧୁ ପରିଜନ, ପାଖ-ପଡ଼ୋଶୀଙ୍କୁ ଆମନ୍ତ୍ରିତ କରିଥାନ୍ତି । ନିର୍ଦ୍ଦିଷ୍ଟ ସମୟରେ ଜନ୍ମଦିନ ସମାରୋହ ଆରମ୍ଭ ହେଲା । ନାଚ ଗୀତର ତାଳେ ତାଳେ ସମସ୍ତେ ବିଭୋର । ସ୍ୱୟଂ ମନ୍ତ୍ରୀ ମଧ୍ୟ ଆମନ୍ତ୍ରିତ ଅତିଥିମାନଙ୍କ ସହିତ ଖୁସି ଓ ଉଲ୍ଲାସରେ ଝୁମୁଥାନ୍ତି । ହଠାତ ରାଜାଙ୍କ ସୈନିକ ସମାରୋହରେ ପହଞ୍ଚି କହିଲା- ମହାରାଜା ମୋତେ ପଠାଇଛନ୍ତି । ଆଜି ସନ୍ଧ୍ୟାରେ ଆପଣଙ୍କୁ ଫାଶୀ ଦିଆଯିବ । ଅଥଚ ଆପଣ ନାଚ ଗୀତରେ ଖୁସି ମନେଇବାରେ ବ୍ୟସ୍ତ !

ଆକସ୍ମିକ ଏଭଳି ଏକ ସୂଚନା ଶୁଣି ଉପସ୍ଥିତ ଅତିଥିବୃନ୍ଦ ସ୍ତବ୍ଧ, ଚକିତ । ସଙ୍ଗେ ସଙ୍ଗେ ଜନ୍ମଦିନ ସମାରୋହରେ ଉଦାସ ଛାଇଗଲା ।

ମନ୍ତ୍ରୀଙ୍କ ମିତ୍ର ଓ ସମ୍ପର୍କୀୟମାନେ ଦୁଃଖରେ କାନ୍ଦିବାକୁ ଲାଗିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ମନ୍ତ୍ରୀ ପୂର୍ବପରି ସଙ୍ଗୀତ ଓ ନୃତ୍ୟର ତାଳେ ତାଳେ ଆନନ୍ଦକୁ ଉପଭୋଗ କରୁଥା'ନ୍ତି । ମୃତ୍ୟୁ ନିମନ୍ତେ ତାଙ୍କର ଯେମିତି କୌଣସି ଭୟ ନାହିଁ କି ସୈନିକର ସୂଚନା ଆଦୌ ଶୁଣିନାହାନ୍ତି ।

ସୈନିକ ପୁଣିଥରେ ରାଜାଙ୍କ ଆଦେଶ ମନ୍ତ୍ରୀଙ୍କୁ ଶୁଣେଇଲା । ଏଥର ମନ୍ତ୍ରୀ ପ୍ରକୃତିସ୍ଥ ହୋଇ କହିଲେ- ସୈନିକ ! ରାଜାଙ୍କୁ ମୋ ତରଫରୁ ଧନ୍ୟବାଦ ଜଣାଇଦେବ । ମୁଁ ଫାଶୀ ପାଇବା ସମୟ ଆହୁରି ୫ ଘଣ୍ଟା ବାକି ଅଛି । ତା' ପୂର୍ବରୁ ଆନନ୍ଦ, ଉଲ୍ଲାସରେ ଜୀବନକୁ ଉପଭୋଗ କରିନିଏ । ଯାହାହେଉ ରାଜାଙ୍କର ମୋ ପ୍ରତି ଏତିକି ଦୟା ଯେ ସମୟ ପୂର୍ବରୁ ମୋ ଫାଶୀର ସମୟ ଅବଗତ କରାଇ ଉପକାର କରିଛନ୍ତି । ଏତକ ସୈନିକକୁ ଜଣାଇ ସାରିବା ପରେ ମନ୍ତ୍ରୀ ପୁନଃ ନାଚ ଗୀତରେ ବିଭୋର ହୋଇଗଲେ । ଏଭଳି ସ୍ଥିତି ଦେଖି ସୈନିକ ତୁରନ୍ତ ଫେରି ଆସି ରାଜାଙ୍କୁ ସବୁ କଥା ଜଣାଇଲା ।

ରାଜା ମନ୍ତ୍ରୀଙ୍କର ପାଗଳାମୀ କାର୍ଯ୍ୟ ବିଷୟରେ ଜାଣି ହତବାକ ତ ହେଲେ ତଥାପି ମନର ସଂଶୟ ଦୂର କରିବା ପାଇଁ ପଚାରିଲେ- ସୈନିକ ! ମୃତ୍ୟୁର ଖବର ଶୁଣି ମନ୍ତ୍ରୀଙ୍କର ଅବସ୍ଥା କେମିତି ଥିଲା ?

ସୈନିକ ଜବାବ ଦେଲା-ମହାରାଜ ! ମନ୍ତ୍ରୀ ମହାଶୟ ନିଜ ମୃତ୍ୟୁ ଖବର ଶୁଣିବା ପରେ ବି ଖୁସିରେ ବିଭୋର ହୋଇ ଆପଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ରାଜା ଦେବ ମାଣିକ୍ୟ କଳ୍ପନା ମଧ୍ୟ କରି ନଥିଲେ କେହି ନିଜ ମୃତ୍ୟୁ ଖବର ଶୁଣି ଏତେ ଆନନ୍ଦ ଉଲ୍ଲାସରେ ମାତିରହିବ !

ସତ୍ୟା ସତ୍ୟ ଜାଣିବା ନିମନ୍ତେ ସ୍ୱୟଂ ରାଜା ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିଲେ । ସୈନିକର କଥା ଅନୁସାରେ ସତକୁ ସତ ମନ୍ତ୍ରୀ ମହାଶୟ ଅତିଶୟ ଖୁସିରେ ଆତ୍ମବିଭୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ସଭିଙ୍କ ସହିତ ନାଚଗୀତରେ ମାତିଥାନ୍ତି । ସହସା ରାଜା ଦେବ ମାଣିକ୍ୟ ମନ୍ତ୍ରୀଙ୍କ ନିକଟକୁ ଯାଇ କହିଲେ-ଆଜି ସନ୍ଧ୍ୟାରେ ଆପଣଙ୍କୁ ଫାଶୀ ଦିଆଯିବ ଅଥଚ ଆପଣ ହସ ମଜାରେ ନାଚି ଚାଲିଛନ୍ତି ? କିଭଳି ମଣିଷ ଆପଣ ? ଜୀବନ ପ୍ରତି କଣ ତିଳେ ହେଲେ ଭୟ ନାହିଁ ?

ମନ୍ତ୍ରୀ ରାଜାଙ୍କୁ ଅଭିବାଦନ ଜଣାଇ କହିଲେ- ମହାରାଜ ! ଜୀବନକୁ ସେଇମାନେ ଭୟ କରନ୍ତି ଯେଉଁମାନେ ଜୀବନ କଣ ଭଲଭାବେ ଜାଣି ନଥାନ୍ତି । ଜୀବନ ଆଜି ଅଛି କାଲି ନଥିବ । ଯିଏ ଯେତେଦିନ ବଞ୍ଚିବାର ଥିବ ତାକୁ କେହି ମାରି ପାରିବ ନାହିଁ । ଏହା ହିଁ ଅପ୍ରିୟ ସତ୍ୟ । ମୋର ଯଦି ଆଜି ଆପଣଙ୍କ ଆଦେଶାନୁସାରେ ଫାଶୀ ଖୁଣ୍ଟରେ ଝୁଲିବାର ଥାଏ ତେବେ ମୋତେ କେହି ଅଟକାଇ ପାରିବେ ନାହିଁ ।

ଏଭଳି ଅପ୍ରିୟ ସତ୍ୟ ବିଷୟରେ ଜାଣିବା ପରେ ଜୀବନକୁ କଣପାଇଁ କଷ୍ଟ ଦେଇଥାଆନ୍ତି ? ତା'ଛଡା ଆପଣ ମୋ ମୃତ୍ୟୁର ଖବର ଜଣାଇ ମୋ ପ୍ରତି କୃପା କରିଥିବାରୁ ଜନ୍ମ ଉତ୍ସବ ପାଳନ କରିବା ଅତି ସହଜ ହୋଇଗଲା ।

ଏକଥା ଶୁଣି ରାଜା ଦେବ ମାଣିକ୍ୟ କହିଲେ-ମହାମନ୍ତ୍ରୀ ! ସତରେ ତୁମେ ମହାନ । ତୁମ ପ୍ରତି ବୃଥା ଆରୋପ ଲଗାଇ ମୁଁ ଆଜି ବହୁତ ବଡ଼ ଭୁଲ କରିବାକୁ ଯାଉଥିଲି । ଯିଏ ନିଜ ମୃତ୍ୟୁରେ ବ୍ୟଥିତ ନ ହୋଇ ମୃତ୍ୟୁ ଉତ୍ସବ ପାଳନ କରନ୍ତି ତାଙ୍କୁ ମୃତ୍ୟୁ ଦଣ୍ଡ ଦେବ କିଏ ?

(ତ୍ରିପୁରା ଲୋକକଥା)

ବିସି-୭୪,ସଲଟ ଲେକ,କଲକାତା-୬୪
ମୋ-୯୭୮୧୩୭୩୫୧୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପଟେ ପାଉଁଜି



ଅନନ୍ତ କୁମାର

ଭିନ୍ନ ଏକ ପ୍ରେମ କାହାଣୀ,

ମୋ ଗାଁ ଶେଷ ମୁଣ୍ଡେ ଏକ ଛୋଟ ଜଙ୍ଗଲ ଦେଇ ଏକ ନଈ ବହି ଯାଇଛି ଅଙ୍କେଇ ବଙ୍କେଇ ହେଇ । ଏହି ନଈରେ ପ୍ରତିଦିନ ଛୁଆଠାରୁ ବୁଢା ଯାଏଁ, ସକାଳୁ ସଂଧ୍ୟା ଯାଏଁ ଗାଧୋଇବାକୁ ଯାଆନ୍ତି । ମୋ ଗାଁ ଲୋକ, ଏଇ ନଈ ଏପଟେ ଗୋଟିଏ ଗାଁ, ନଈ ଆରପଟେ ଗୋଟେ ଗାଁ ଅଛି । ଦୁଇ ପାରିରୁ ଲୋକ ଆସି ନଈରେ ଗାଧାନ୍ତି । ଦିନେ ନଈ ପାଖରେ କୁନୁ ଗାଧୋଇବାକୁ ଯାଇ ବସିଥାଏ ନଈ ତୁଠରେ, ସେହି ସମୟରେ ନଈ ସେପାରିରୁ କିଛି ଝିଅ ଗାଧେଇବାକୁ ଆସିଲେ । ଗୋଧେଇଲା ଭିତରେ ଜଣଙ୍କର ରୂପା ପାଉଁଜିଟିଏ ହଜିଗଲା । ସେ ଝିଅ, ଆଉ ଝିଅର ସାଙ୍ଗ ମାନେ ବହୁତ ଖୋଜାଖୋଜି କଲେ, ହେଲେ ପାଇଲେ ନାହିଁ । ସେହି ସମୟରେ କୁନୁ ଯାଇ ପଚାରିଲା କଣ ଖୋଜୁଛ ତୁମେମାନେ ? ଝିଅମାନେ କହିଲେ ଆମ କୁନୁମୁନ୍ ର ପଟେ ପାଉଁଜି ହଜି ଯାଇଛି, ଖୋଜି ଖୋଜି ନୟାନ୍ତ ହେଲୁଣି ହେଲେ ପାଉନାହୁଁ । କୁନୁ ନଈ ତୁଠ ଆଡେ ଯାଇ ପାଉଁଜି ଖୋଜୁ ଖୋଜୁ କୁନୁମୁନ୍ ପାଉଁଜି ପଟିଏ କୁନୁ ପାଇଗଲା । କୁନମୁନ୍ ହାତକୁ ସେ ପାଉଁଜି ପଟିଏ କୁନୁ ବଢାଇ ଦେଲା । କୁନୁ ମୁନ ଟିକେ ଲାଜେଇ ହସି ହସି ଦଉଡି ଘରକୁ ଫେରିଗଲା । ତା ପରଦିନ ଠିକ୍ ସେହି ସମୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁନୁମୁନ ଏବଂ ତାର ସାଙ୍ଗ ମାନେ ନଇକୁ ଗାଧେଇବାକୁ ଆସିଲା ବେଳକୁ କୁନୁ ନଇ ଏପାରିରେ ବସି ଗୁଣୁ ଗୁଣୁ ଗୀତ ଗାଉଛି । କୁନୁମୁନର ସାଙ୍ଗମାନେ ଦେଖି, କୁନୁମୁନକୁ ଥଟ୍ଟା ମଜା କଲେ, "କହିଲେ ଦେଖ ତୋ ହିରୋ ଆସିଛି ।" କୁନୁମୁନ ଲାଜେଇ ହସିଦିଏ । ଏମିତି ପ୍ରତିଦିନ ନଇକୁ  କୁନୁମୁନ ଆସୁଥାଏ, କୁନୁ ବି ଆସୁଥାଏ ଧୀରେ ଧୀରେ କୁନୁମୁନ ଓ କୁନୁ ମଧ୍ୟରେ ବନ୍ଧୁ ସମ୍ପର୍କ ଗଢ଼ି ଉଠିଲା ।  କୁନୁ ଏହି ନିବିଡ ସମ୍ପର୍କକୁ ପ୍ରେମ ସମ୍ପର୍କ ଭାବି ମନେ ମନେ କୁନୁମୁନକୁ ଭଲପାଇ ବସି ସାରିଛି । ସେଦିନ କୁନୁମୁନ ନଇ ତୁଠରେ ଦେହରେ ହଳଦୀ ମାଖିବା ସମୟରେ କୁନୁ ଯାଇ କୁନୁମୁନକୁ କହିଲା, "କୁନୁମୁନ ତୁମ ସ୍ୱର୍ଶରେ ଆମ ଗାଁ ନଇ ତୁଠ ହଳଦୀ ହଳଦୀ ବାସୁଛି, ତୁମେ ବି ବହୁତ ସୁନ୍ଦର, ତୁମକୁ ମୁଁ ଭଲ ପାଉଛି । କୁନୁମୁନ ମୁଁ ତୁମକୁ ନଇ ଏ ପାରିରୁ ଆର ପାରିକୁ ରାଣୀ କରି ନେଇଯିବି ।" କୁନୁମୁନ କୁନୁ ପାଟିରୁ ଏହା ଶୁଣି କୁନୁ ଗାଲକୁ ଜୋରରେ ଚାପୁଡା ମାରି କହିଲା, "ଏଇ କେଇ ଦିନର ନଇ କୂଳରେ ଦେଖା ସାକ୍ଷାତରେ ମୁଁ ତୁମ ସହ ମିଶିଗଲି ବୋଲି କଣ ଭଲ ପାଇବା ହେଇଗଲା ? ନା' କୁନୁ କେବେ ମୁଁ ତୁମକୁ ଭଲ ପାଇ ପାରିବିନି । ଏତିକି କହି କୁନୁମୁନ କାନ୍ଦି କାନ୍ଦି ନଇ ତୁଠରୁ ଘରକୁ ଚାଲିଗଲା । ଦୁଇ ତିନିଦିନ ନଇକୁ ଗାଧେଇବାକୁ ଆସିଲା ନାହିଁ । କୁନୁ ପ୍ରତିଦିନ ଆସି ନଇ ତୁଠକୁ ଦେଖି ବହୁତ ମନ ଦୁଃଖ କରି ଚାଲିଯାଏ, ମନେ ମନେ କହି ହୁଏ, କେଡେ ସୁନ୍ଦର ନଇ ତୁଠ ହଳଦୀ ହଳଦୀ ବାସୁଥିଲା । ମୋ ପାଇଁ ଗାଁ ନଇ ସ୍ଥିର ହେଇ ଯାଇଛି । ତୁଠ ବି ଖାଁ ଖାଁ ଲାଗୁଛି କୁନୁମୁନ ବିନା । ପ୍ରାୟ ୯ ଦିନ ପରେ କୁନୁମୁନର ସାଙ୍ଗ ମାନେ ନଇରେ ଗାଧୋଉଥିବା ସମୟରେ କୁନୁ ଯାଇ କୁନୁମୁନର ସାଙ୍ଗମାନଙ୍କୁ ଡାକି କହିଲା, "କୁନୁମୁନ କାହିଁକି ଆସୁ ନାହିଁ, କୁନୁମୁନକୁ କହିବ ମୋର ଭୁଲ ହେଇ ଯାଇଛି, ମୁଁ କେବେ ତା ମନରେ ଦୁଃଖ ଦେବିନି ।" କୁନୁମୁନର ସାଙ୍ଗମାନେ କୁନୁମୁନକୁ ଯାଇ ସବୁ କଥା କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁନୁମୁନ କୁନୁ କଥା ଭାବି ଭାବି ତା ପରଦିନ ନଇକୁ ଗାଧୋଇବାକୁ ଆସିଲା । କୁନୁମୁନ ଠିକ୍ ତୁଠରେ ବସି ହଳଦୀ ମାଖିବା ସମୟରେ କୁନୁମୁନର ରୁଣ ଝୁଣ ପାଉଁଜି ଶବ୍ଦ ଶୁଣି କୁନୁ ଆନନ୍ଦ ହେଇଗଲା । କହିଲା ଯାହା ହେଉ, ମୋ କୁନୁମୁନ ମୋ କଥା ରଖି ପୁଣି ନଇକୁ ଆସିଛି । ଏମିତି କୁନୁମୁନ ଏବଂ କୁନୁ ମଧ୍ୟରେ ସମ୍ପର୍କ ଗଢି ଉଠିବାକୁ ଲାଗିଲା । କୁନୁମୁନ ଦିନେ ଭାବିଲା, "କୁନୁକୁ ଚାପୁଡା ସେ ଦିନ ମାରିଥିଲି ଯାଇ ଭୁଲମାଗିବି ।" ଏବଂ ଭଲ ପାଉଛି ବୋଲି କହି ଦେବି । ଏହା ଭାବି ଭାବି ରାତି ସାରା ନିଦ ନାହିଁ, କେମିତି ରାତି ପାହି ସକାଳ ହେବ, କୁନୁମୁନ ହଳଦୀ ନେଇ ନଇ ତୁଠକୁ ଯିବ । ରାତି ପାହି ସକାଳ ହେଲା, କୁନୁମୁନ ଦୁଇ ସାଙ୍ଗକୁ ଧରି ନଇକୁ ଗାଧେଇବାକୁ ଗଲା । କୁନୁ ନଇ ଆର ପାରିରେ ବସି କୁନୁମୁନକୁ ଅପେକ୍ଷା କରିଥାଏ । ଠିକ୍ କୁନୁମୁନ ଏହି ସମୟରେ ରୁଣୁ ଝୁଣୁ ପାଉଁଜି ବଜେଇ ନଇ ତୁଠକୁ ଗାଧେଇବାକୁ ଆସିଲା । ଏବଂ ନଇରେ ଗୋଧୋଇବା ସମୟରେ କୁନୁକୁ ଚାହିଁ ମୁରୁକି ମୁରୁକି ଲାଜେଇ ହସୁଥାଏ, ଖାଲି କେମିତି କହିବ କୁନୁକୁ ଭଲପାଏ ବୋଲି । ହଠାତ୍ ଏହି ସମୟରେ କୁନୁମୁନ ଅନ୍ୟ ମନସ୍କ ଟିକେ ହେଇଗଲା । ନଇ ତୁଠରୁ କୁନୁମୁନ ପାଦ ଖସିଗଲା, ସୁଅରେ ଆଗକୁ ଆଗକୁ କୁନୁମୁନ ଭାସିବାକୁ ଲାଗିଲା । ଚିତ୍କାର କରି କହିଲା ବଞ୍ଚାଅ, ବଞ୍ଚାଅ । କୁନୁ ଶୁଣି ନଇ ଭିତରକୁ ଡିଆଁ ମାରି କୁନୁମୁନକୁ ବହୁ କଷ୍ଟରେ ନଇ ତୁଠ ଆଡକୁ ଠେଲି ଦେଲା । କିନ୍ତୁ କୁନୁ ସେଇ ସୁଅରେ କେଉଁ ଆଡେ ଭାସିଗଲା ଆଉ ମିଳିଲା ନାହିଁ । କୁନୁମୁନ ଡାକି ଡାକି ତଣ୍ଟି ଶୁଖି ଗଲାଣି, କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିଗଲାଣି, ହେଲେ କୁନୁକୁ ପାଉନାହିଁ । ପ୍ରାୟ ୩ ଘଣ୍ଟା ପରେ ବହୁ ଖୋଜା ଖୋଜି ପରେ କୁନୁର ମୃତ ଦେହ ଏକ ନଇ କୂଳରୁ ଉଦ୍ଧାର ହେଲା । କୁନୁମୁନ କୁନୁର ମର ଶରୀରକୁ ଦେଖି ଦେଇ ହଠାତ୍ ଅଚେତ ହେଇ ପଡିଗଲା । ଚେତା ଫେରିଲା ପରେ କୁନୁମୁନ ପୂରା କାନ୍ଦି କାନ୍ଦି ପାଗଳି ହେଇଗଲା, ଭାବିଲା ଯାହା ପାଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏତେ ସ୍ୱପ୍ନ ଦେଖିଥିଲି ଆଜି, ଯାହାକୁ ମନର କଥା ଆଜି କହିଥାନ୍ତି, ଯାହା ପାଇଁ ଆଜି ଏ ନଈ ତୁଠ ହଳଦୀ ହଳଦୀ ବାସୁଥିଲା, ଶେଷରେ ସବୁ ସ୍ୱପ୍ନ କାଚର ଟୁକୁରା ପରି ଚୁର ମାର ହେଇ ଗଲା ।  ସବୁ ମନର କଥା ମନରେ ସାରା ଜୀବନ ପାଇଁ ରହିଗଲା । ଖୁସିର ପାହାଚ ଚଢିବା ଆଗରୁ ସବୁ ପାହାଚ ଭାଙ୍ଗିଗଲା କ୍ଷଣି କରେ । କୁନୁମୁନ ନିଜକୁ ଦୋଷି ମନେ କଲା କହିଲା, "ଆଜି ଯଦି କୁନୁର ଜୀବନ ଚାଲିଗଲା, କେବଳ ମୋ ପାଇଁ, ଏ ଜୀବନ ରଖିକି କିଛି ଲାଭ ନାହିଁ, କହି ନଈ ତୁଠରେ ବସି ଭାବୁଥାଏ ।" ଆଉ ଚାହୁଁଥାଏ ନଈ ଆର ପାରିକୁ କାଳେ କୁନୁ ଆସି ଚାହୁଁଛି ଯେମିତି । କୁନୁମୁନର ସବୁ ଅଧୁରା ସ୍ୱପ୍ନ ଆରମ୍ଭ ହେବା ପୂର୍ବରୁ ସମାପ୍ତ ହେଇ ଗଲା । ଆଜି ବି ଗାଁ ନଈ ଅଛି, ତୁଠ ଅଛି, କୁନମୁନ ଅଛି ହେଲେ ତୁଠ ଆଜି ଖାଁ, ଖାଁ ପଡି ରହିଛି । ନଈ ବି  ଆଜି ସ୍ଥିର ହୋଇ ଯାଇଛି । ଆଉ କୁନମୁନ କୁନୁ କୁ ଝୁରି ଝୁରି ପାଗେଳି ପାଲଟି ଯାଇଛି ।

କାର୍ଯ୍ୟକାରୀ ସମ୍ପାଦକ,

ଜାତୀୟ କବି ଲେଖକ ସଂଗଠନ

ତିହିଡି, ଭଦ୍ରକ, ଯୋଗାଯୋଗ-୮୩୩୯୦୩୯୯୨୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରେମ ଆଉ ବିରହ



ମମତା ସାଉ

ପ୍ରେମ, ଗୋଟେ ପବିତ୍ର ବନ୍ଧନ । ପ୍ରେମ କିଛି ଅଦେଖା ସପନ । ଆଉ କିଛି ଅକୁହା ଆଶା, କିଛି ଅଦୃଶ୍ୟ ଯନ୍ତ୍ରଣା । ପ୍ରେମ ଆରମ୍ଭରୁ ଯେତେ ଖୁସି ଆନନ୍ଦ ଦିଏ, ସେଇ ପ୍ରେମ ଦୂରେଇ ଗଲା ପରେ ତାର ୧୦ଗୁଣ କଷ୍ଟ ଦେଇ ଯାଏ । ଯେ ହୃଦୟରୁ ଭଲ ପାଇଥାଏ ସେ ହିଁ ବୁଝିପାରେ ଇୟାର ପ୍ରକୃତ ଭାବନା ।

ସେଇ ବିରହ ପ୍ରେମକୁ ନେଇ ମୋର କାହାଣୀ

ମୟୂରଭଞ୍ଜ ଜିଲ୍ଲାର ଗୋଟେ ଗାଁ ପଥୁରିଆ ସାହି । ସେଇ ସାହିରେ ରହୁଥିଲେ କିଛି ପରିବାର । ସେମାନଙ୍କ ମଧ୍ୟରୁ ମିନକେତନ ଦଳେଇ । ଜଣେ ନାମଡାକ ବ୍ୟବସାୟୀ । ବେଶ ଖାତିର ସେ ସାହିରେ ତାଙ୍କର । ଘରେ ତାଙ୍କର ବୃଦ୍ଧ ବାପା ମା, ପତ୍ନୀ ଆଉ ଦୁଇ ସନ୍ତାନ । କୌଣସି ଅଭାବ ନଥାଏ ଭଲରେ ପରିବାର ଚାଲୁଥାଏ । ମିନକେତନ ବାବୁ ଜଣେ ନୀରକ୍ଷୀର ହୋଇ ମଧ୍ୟ ପିଲା ଦୁଇକୁ ଉଚ୍ଚ ଶିକ୍ଷା ଦେଉଥାନ୍ତି । ବଡ ଝିଅ ସ୍ୱାତୀ ଯୁକ୍ତ ଦୁଇ ବିଜ୍ଞାନର ଛାତ୍ରୀ ଆଉ ପୁଅ ନବମରେ ପଢୁଛି । ଝିଅଟି ତାଙ୍କର ଦେଖିବାକୁ ଗୋଟାଏ ଚାଉଳରେ ଗଢା ।

ନବ ଯୌବନରେ ପାଦ ରଖିଥିବା ସ୍ୱାତୀର ମନରେ ଅସରନ୍ତି ଭାବନା ଘର କରୁଥାଏ, ତା ସହିତ ବୟସର ଆହ୍ୱାନ ବେଳେ ବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୁଲ ରାସ୍ତାକୁ ଯିବାକୁ ବାଟ କଢାଇ ନିଏ । ସେମିତି ସ୍ୱାତୀ ଜୀବନରେ ମଧ୍ୟ ସେଇଯ୍ଥା ଘଟିଲା ।

ସେଇ ଅଞ୍ଚଳର ଜଣେ ପୁଅ ସହିତ ମିଳାମିଶା କରିବା ଆରମ୍ଭ କରିଥିଲା, ଏମିତିକି ଘଣ୍ଟା ଘଣ୍ଟା ଧରି ଗପିବା ବୁଲାବୁଲି କରିବା, ଯାହା ଫଳରେ ଜଣେ ମେଧାବୀ ଛାତ୍ରୀ ହୋଇ ମଧ୍ୟ ପରୀକ୍ଷାରେ ଭଲ ନମ୍ବର ରହିଲା ନାହିଁ । ପୁଅଟି ବେରୋଜଗାର ଥିଲା । ବିଭିନ୍ନ ନିଶା ଦ୍ରବ୍ୟ ମଧ୍ୟ ସେବନ କରୁଥିବା କଥା ବାପା ମିନକେତନ ବାବୁ ଶୁଣିବାକୁ ପାଇଲେ । ଝିଅର ଏ ସବୁ କଥା ସାହି ଲୋକଙ୍କଠୁ ଶୁଣି ରାଗିଯାଇ ଝିଅକୁ ହାତ ଉଠାଇ ଦେଲେ । ପରିବାରରେ ସୃଷ୍ଟି ହେଲା ଝଡ.. ସ୍ୱାତୀକୁ ମାଆ ଜେଜେ ଜେଜେମା ଆଉ କିଛି ବନ୍ଧୁ ସମସ୍ତେ ବୁଝାଇଲେ .. କିନ୍ତୁ ପ୍ରେମ ଆଗରେ ସବୁ ଅନ୍ଧ ପାଲଟିଯାଏ । ଆଉ ସେ ବୟସରେ ଭୁଲ ଠିକ୍ ର କିଛି ବୁଝିପାରୁ ନଥାଏ ସ୍ୱାତୀ ପୁଅଟି ସହ ମିଳାମିଶାକୁ ଛାଡି ପାରୁନଥାଏ । କେତେ ପାଟିତୁଣ୍ଡ ମାନ ଅପମାନ .. ପରେ ସ୍ୱାତୀ ମନର ପରିବର୍ତ୍ତନ ଆସିଲା ...

ସେ ନିଜ ପଢାରେ ମନ ଦେଲା । ଆଉ ଏ ସବୁଠୁ ଦୂରରେ ରହିଲା । ସମୟ ତାଳରେ ସେ ତାର ପାଠପଢାକୁ ଆଗେଇ ଯୁକ୍ତ ତିନି ପାସ କରି ଭୁବନେଶ୍ୱରର ଉତ୍କଳ ବିଶ୍ୱିଦ୍ୟାଳୟରେ ନାମ ଲେଖାଇ ଏବେ ଉଚ୍ଚ ଶିକ୍ଷା କରୁଚି । ସମୟ କାହାକୁ ଅପେକ୍ଷା କରେନି ଏହି ଭିତରେ ଜେଜେବାପା ଆଉ ଜେଜେମା ଆଗପଛ ହୋଇ ଦୁନିଆରୁ ବିଦାୟ ନେଇ ସାରିଲେଣି । ଆଉ ସାନ ଭାଇ ମୋହନ ବାରିପଦା ହଷ୍ଟେଲରେ ରହି ପଢ଼ିଛି । କାଗଜ ଛବିରେ ରଙ୍ଗ ଲଗାଇଲା ପରି ସ୍ୱାତୀ ଯୌବନ ମଖା ଦେହଟା ଏବେ ଭାରି ଚମକୁଛି । ମଣିଷ ହିସାବରେ ସ୍ୱାତୀ ଭଲ ଝିଅଟି ଗରିବଙ୍କୁ ସାହାଯ୍ୟ କରିବା ସମସ୍ତଙ୍କ ସହ ମିଳିମିଶି ଚାଲିବା ଖୁସ୍ ମିଜାଜ୍ ର ପିଲା । ଯେତେବେଳେ ଫୁଲ ଫୁଟି ମହକାଏ ସେ ଭଅଁରକୁ ଖୋଜିଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମିତି ଭଅଁର ମଧ୍ୟ ଆକର୍ଷିତ ହୋଇଥାଏ ଫୁଲ ପ୍ରତି । ସ୍ୱାତୀ ଜୀବନରେ ଆଗମନ ହେଲା ଜଣେ ଭଅଁର । ମାନେ ଜଣେ ପୁଅ.. ନାମ ତାର ସମ୍ଭବ । କେନ୍ଦ୍ରାପଡ଼ାର ଜଣେ ମଧ୍ୟବିତ୍ତ ପରିବାରର ପୁଅ । ବହୁତ୍ ଭଲ ପିଲାଟି, ଦେଖିବାକୁ ମଧ୍ୟ ସୁନ୍ଦର । ଗୋଟେ ବେସରକାରୀ ସଂସ୍ଥାରେ ଚାକିରି କରିବା ସହିତ ଉଚ୍ଚ ଶିକ୍ଷା ମଧ୍ୟ କରୁଛି । ଘରେ ବିଧବା ମା ଆଉ ଜଣେ ବଡ ଭଉଣୀ ପରିବାରର ଗୋଟେ ମାତ୍ର ପୁଅ ହିସାବରେ ସମ୍ଭବ ମୁଣ୍ଡ ଉପରେ ପରିବାରର ଦାୟିତ୍ୱ । ବଡ ଭଉଣୀର ବାହାଘର ମାଙ୍କ ମେଡ଼ିସିନ ତଥାପି କଷ୍ଟେ ମାଷ୍ଟେ ନିଜ ଖର୍ଚ୍ଚରୁ କାଟି ଘର ପାଇଁ ଟଙ୍କା ପଠାଏ । ସ୍ୱାତୀ ଗୋଟେ ହରିଜନ ପରିବାରର ଝିଅ ଆଉ ସମ୍ଭବ ଉଚ୍ଚ ଜାତିର ପୁଅ ଏସବୁ ଯେବେ ସ୍ୱାତୀର ମା ଜାଣିଲେ ସ୍ୱାତୀକୁ ତାଗିଦ୍ କଲେ । ହେଲେ ସ୍ୱାତୀ ମାଙ୍କୁ ସତ ମିଛ କହି ବୁଝାଇ ଦେଲା । ଆଉ ଭୁବନେଶ୍ୱର ଆସି ଦୁହିଙ୍କ ମଧ୍ୟରେ ମିଳାମିଶା ବଢିଚାଲିଲା । ପ୍ରେମ ଚଢେଇ ପରି ଉଡ଼ିବୁଲୁ ଥାଆନ୍ତି  । ଦୁଇ ପ୍ରେମ ପକ୍ଷୀ । କିନ୍ତୁ ସ୍ୱାତୀ ଏସବୁ ଲୁଚାଇଥାଏ ନିଜ ପରିବାର ପାଖରେ ।

ହଠାତ୍ ସ୍ୱାତୀର କଣ ହେଲା କେଜାଣି ପବନ ତାର ଦିଗ ପରିବର୍ତ୍ତନ କରିବାପରି ସେ ଆଉ ସମ୍ଭବ ସହ କଥା ହେବା ମିଳାମିଶା କମ୍ କରି ଆଉ ଜଣେ ନିଜ କଲେଜର ପ୍ରଫେସରଙ୍କ ପ୍ରତି ଆକର୍ଷିତ ହୋଇ ସମ୍ଭବକୁ ଇଗ୍ନୋର କରିବା ଆରମ୍ଭ କରିଦେଲା । ସମ୍ଭବ ହୃଦୟରୁ ଭଲ ପାଉଥିଲା ସ୍ୱାତୀକୁ ନିଜ ପରିବାରର ବିରୋଧରେ ଯାଇ । ସ୍ୱାତୀକୁ ନିଜର ବୋଲି ଭାବିସାରିଥିଲା କେତେ କଣ ବା ନ କରିଛି ସ୍ୱାତୀ ପାଇଁ ହେଲେ ସ୍ୱାତୀ ସ୍ୱାର୍ଥରେ ଅନ୍ଧ ହୋଇ ଏ କଣ କରୁଛି..

ବିଚରା ସମ୍ଭବ କେତେ ଅନୁରୋଧ କରିଛି ସ୍ୱାତୀକୁ ଟିକେ କଥା ହେବା ପାଇଁ ଶେଷରେ ସ୍ୱାତୀର ବନ୍ଧୁ ମାନଙ୍କର ସାହାରା ମଧ୍ୟ ନେଇଛି କିନ୍ତୁ କିଛି ଲାଭ ହେଲା ନାହିଁ । ଶେଷରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ଭବକୁ ମିଳିଛି କେବଳ ଅପମାନ, ତାର ସଚା ପ୍ରେମ ବଦଳ ରେ ମିଳିଛି କେବଳ ଧୋକା ।

ବିରହ ପ୍ରେମର ଯନ୍ତ୍ରଣା ସହ ପରିବାରର କର୍ତ୍ତବ୍ୟ ସମ୍ଭବକୁ ଅତବ୍ୟସ୍ତ କରୁଥାଏ । ଶେଷରେ ପରିବାରର ଭଲ ପାଇବା ଆଉ କର୍ତ୍ତବ୍ୟ ଆଗରେ ପ୍ରେମ ହାର ମାନିଚି । ସ୍ୱାତୀ କଥା ସେ ମନରୁ ପୋଛିବାକୁ ଚେଷ୍ଟା କରିଛି । ଆଉ ନିଜ ଭବିଷ୍ୟ ପାଇଁ ଚିନ୍ତା କରି ପାସୋରିବାକୁ ଚେଷ୍ଟା କରୁଛି । ଏ ପ୍ରେମ ପରା ସେମିତି ଆରମ୍ଭରୁ ଯେତେ ଖୁସି ଆନନ୍ଦ ଦିଏ ସରିଗଲା ପରେ ୧୦ ଗୁଣ କଷ୍ଟ ଦିଏ । କିଏ ନିଜକୁ ସମ୍ଭାଳି ନିଏ ପୁଣି କିଏ ପାଗଳ ପ୍ରାୟ ହେଇଯାଇ ଆତ୍ମହତ୍ୟା କୁ ଆପଣେଇ ନିଏ ।

" ଆତ୍ମ ହତ୍ୟା ନୁହେଁ ସମାଧାନ ବାଟ

ଜୀବନ ଜିଇଁ ବାକୁ ହେବ ଡେଇଁ ଖାଲ ଢିପ । ।

ସେହିପରି, ସମ୍ଭବ ଜଣେ ବୁଝିଲା ସୁଝିଲା ପିଲା ନିଜକୁ ସମ୍ଭାଳି ଆଗକୁ ବଢ଼ିଛି । ସମ୍ଭବ ନିଜ ପରିଶ୍ରମ ବଳରେ ଗୋଟେ ସରକାରୀ କଲେଜରେ ଶିକ୍ଷକ ଭାବରେ ନିଯୁକ୍ତି ପାଇଛି । ପଛ କଥାକୁ ଭୁଲି ନୂଆ ଜୀବନ ଆରମ୍ଭ କରିଛି । ସ୍ୱାତୀ ମଧ୍ୟ ନିଜ ପଢାରେ ବ୍ୟସ୍ତ ଅଛି ଆଉ ନିଜ ଭବିଷ୍ୟ ପାଇଁ ପ୍ରସ୍ତୁତ ହେଉଛି ।

ହଠାତ୍ ଦିନକର ଘଟଣା ସମ୍ଭବ ନିଜ ଚାକିରି ପାଇବା ଖୁସିରେ କିଛି ବନ୍ଧୁଙ୍କ ସାଙ୍ଗରେ ବୁଲିବାକୁ ଯାଇଥିଲା.. କିନ୍ତୁ ସେ ଖୁସିରେ କାହାର ନଜର ଲାଗିଲା ପରି ଫେରିବା ସମୟରେ ତାଙ୍କର ଗାଡ଼ିଟି ଦୁର୍ଘଟଣାର ଶିକାର ହେଲା । ସମ୍ଭବର ବନ୍ଧୁମାନଙ୍କ ବିଶେଷ କିଛି କ୍ଷତି ହେଲା ନାହିଁ କିନ୍ତୁ ଦୁର୍ଭାଗ୍ୟବଶତଃ ସମ୍ଭବର ଜୀବନ ସେଇ ରାସ୍ତା ଉପରେ ଚାଲିଗଲା ।

ଜୀବନର ଖୁସିର ମୁହୂର୍ତ୍ତ ଆରମ୍ଭ ହେଲା ଆଗରୁ ଝରା ଫୁଲ ପରି ଅକାଳରେ ଝରିଗଲା । ବିଚରାର ପରିବାର ଉପରେ ଶୋକର ପାହାଡ ଲଦି ହୋଇଗଲା । ଇଏ କାଳ ବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୋଉଠି ଲୁଚି ରହିଥାଏ କେଜାଣି ଠିକ୍ ଖୁସି ସମୟ ରେ ଆସି ଯାଏ । ଦାଉ ସାଧିବାକୁ ।

ଏହି ସମୟରେ ସ୍ୱାତୀ ହଷ୍ଟେଲର ଏକ ରୁମ୍ ରେ ପଢାରେ ବ୍ୟସ୍ତ ଥାଏ । ତାର ଜଣେ ବନ୍ଧୁ ସମ୍ଭବର ମୃତ୍ୟୁ ଖବର ଦେଲା ଫୋନରେ । ହେଲେ ସ୍ୱାତୀର ଏ କଣ ହୋଇଛି କଣ ତାର ହୃଦୟଟା ପଥର ହୋଇଯାଇଛି । କଣ ସତରେ ସେ ଏତେ ନିର୍ଦ୍ଦୟ .?. ଆରେ ମୃତ୍ୟୁ ଖବର ପାଇଲେ ଶତ୍ରୁ ଆଖିରେ ବି ଲୁହ ଆସିଯାଏ, କିନ୍ତୁ ସ୍ୱାତୀ ସେଇ ସାଙ୍ଗକୁ ପ୍ରତି ଉତ୍ତରରେ କହିଲା ,"ମୋର ଏବେ ପଢ଼ିବାର ଅଛି । ସମୟ ନାହିଁ କାହା ଖବର ଶୁଣିବାକୁ । ଆଉ ଫୋନ୍ କୁ କାଟି ଦେଇ ନିଜ ପଢାରେ ଲାଗିଗଲା । ସତରେ କଣ ସ୍ୱାତୀ ମନରେ ଦୁଃଖ ନଥିଲା ? ? ସେ ଦିନ ସତରେ କଣ ତା ହୃଦୟ କାନ୍ଦୁ ନଥିଲା ? ? ? ? ସବୁ ସ୍ମୃତି କଣ ସେ ଜାଳି ଦେଇଥିଲା. ? ? ଅବା ସ୍ୱାତୀ ଦୁନିଆ ଆଗରେ ଅଭିନୟ କରୁଥିଲା ? ? ? ? ଏଇଟା କଣ ଭଲପାଇବା ଥିଲା, ଅନେକ କିଛି ପ୍ରଶ୍ନ ଉଠେ ମନରେ ହେଲେ ଉତ୍ତର ଖୋଜି ମିଳେନା ।

ଏବେ ବିତିଗଲାଣି ଦୁଇବର୍ଷ ସମ୍ଭବ ତ ଲୁଚିଗଲା କେଉଁ ଏକ କଳାବାଦଲ ଭିତରେ.....

ଆଉ ସ୍ୱାତୀ ଏଇ କିଛି ଦିନ ହେବ ବାଲେଶ୍ୱରର ଏକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତି ହୋଇଛି । ...

ହଜିଯାଇଛି ସେ ଭଲପାଇବା ହଜିଯାଇଛି ତାର ସଂଜ୍ଞା...

ହଜିଯାଇଛି ଆତ୍ମୀୟତା, ଆଉ ହାରି ଯାଇଛି ସେ ପ୍ରେମ, ଲିଭିଯାଇଛି ସେ ମିଠା ସ୍ମୃତି, କେବଳ ବଞ୍ଚିଛି ସ୍ୱାର୍ଥପୂର୍ଣ୍ଣ କେତେକ ଭାବନା... କିନ୍ତୁ ବେଳେ ବେଳେ ଏ ସମାଜ ପ୍ରକୃତ ସତ୍ୟ ନଜାଣି ଅନ୍ୟ ଉପରେ ଦୋଷାରୋପ କରି ଚାଲିଥାଏ । ମୁଁ ମୋର କାହାଣୀର ନାୟିକା ସ୍ୱାତୀ କଥା କହୁଚି । ସମ୍ଭବର ବିୟୋଗରେ ତା ହୃଦୟଟା ଗୋଟେ ଅଧା ପୋଡ଼ା କାଗଜ ସଦୃଶ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଇଛି । ହଁ, ଦୁନିଆରେ ତାକୁ ଜାଣିଥିବା ସମସ୍ତଙ୍କ ପାଇଁ ଜଣେ ନିଷ୍ଠୁର ପ୍ରେମିକା ସାଜି ଯାଇଥିଲା । କିନ୍ତୁ ନିଜ ଉପରେ କଣ ବିତୁଥିଲା । ସେହିଁ ଜାଣିଛି । ତଥାପି ପରିବାର ପାଇଁ ନିଜର ସବୁ କଷ୍ଟ କୁ ପିଠିରେ ପକାଇ ସମାଜ ଆଗରେ ହସୁଥିଲା ।

କିଛି ବର୍ଷ ବିତିଗଲା ପରେ ସ୍ୱାତୀ ଅଫିସ କାମରେ କେଉଁଝର ଯାଇଥାଏ ୭ଦିନ ପାଇଁ ହଠାତ୍ ଗୋଟେ ସ୍କୁଲ ପରିସରରେ ସେ ସମ୍ଭବକୁ ଦେଖିଲା କଣ ଏଇ ପ୍ରକୃତିର ନିୟମ ମଣିଷକୁ ଆଣି କେଉଁ ମୋଡରେ ଛିଡ଼ା କରିଦେବ କିଏ ଜାଣିବ । ସ୍ୱାତୀ କିଛି ବୁଝିବା ଆଗରୁ ସମ୍ଭବ ସେଇ ସ୍ଥାନରୁ ଚାଲିଯାଇଥାଏ । ସ୍ୱାତୀ ମନରେ ଅନେକ ପ୍ରଶ୍ନ କିଏ ବା ଉତ୍ତର ଦେବ ତାକୁ, ବହୁତ୍ ମନେ ମନେ ଚେଷ୍ଟା କଲା ସମ୍ଭବକୁ ଖୋଜିବାକୁ । କୁହାଯାଏ ଆମେ ଯେଉଁ କଥାକୁ ହୃଦୟରୁ ଚାହୁଁଥାଏ ତାହା ଏ ବ୍ରହ୍ମାଣ୍ଡ ନିଶ୍ଚୟ ପୂରଣ କରିଥାଏ । ସେମିତି ସମ୍ଭବକୁ ସାମ୍ନାରେ ଦେଖିଲା ସ୍ୱାତୀ । ଦୁହେଁ ଦୁଇଙ୍କୁ ଆଖି ଆଗରେ ଦେଖି ଅନୁଭବ କରୁଥିଲେ ଯେମିତି ଅଲଗା ଦୁନିଆରେ ଅଛନ୍ତି । ଦୁଇଙ୍କ ଆଖି ଲୁହରେ ଭରିଯାଇଥାଏ । ସ୍ୱାତୀ ତାର ହୃଦୟରେ ଚାପି ରଖିଥିବା ସମସ୍ତ କୋହ ସବୁ କିଛି କଥାକୁ ଆଖିରେ ଆଖିରେ କହି ଦେଉଥିଲା । ସମ୍ଭବ ବି ବୁଝିପାରୁଥିଲେ ସ୍ୱାତୀର ଭାଷାକୁ ।

ସମ୍ଭବର ଦୁର୍ଘଟଣା ମିଛ ନଥିଲା ବରଂ ତାର ମୃତ୍ୟୁ ମିଛ ଥିଲା । ଦୁଇ ମାସ ହସ୍ପିଟାଲରେ ରହିବା ପରେ ସମ୍ଭବ ଠିକ୍ ହୋଇଥିଲା । ଦୁହିଁଙ୍କ ଦେଖାପରେ ତାଙ୍କୁ ଲାଗୁଥିଲା ଯେମିତି ଗୋଟେ ନୂଆ ଜୀବନ ମିଳିଲା ।

ଏହାପରେ ଦୁଇ ପରିବାର କଥା ହୋଇ ଦୁଇ ଜଣଙ୍କର ବିବାହ ପାଇଁ ସହମତି ପ୍ରକାଶ କରିଛନ୍ତି । ହଁ ସେଇ ସ୍ୱାର୍ଥପର ପ୍ରେମିକା ଆଉ ସେଇ ବିରହ ପ୍ରେମିକର ମିଳନ ଶୁଭ ବିବାହ ଏଇ ଆସନ୍ତା ମାସ ହେବାକୁ ଯାଉଛି । ଜୀବନର ନୂଆ ଏକ ପୃଷ୍ଠା ଲେଖିବାକୁ ଯାଉଛନ୍ତି ଦୁଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରେମ ପକ୍ଷୀ । ଦୁନିଆ ସ୍ୱାତୀ ଉପରେ ଲଗାଇଥିବା ସ୍ୱାର୍ଥପର ପ୍ରେମିକାର କଳଙ୍କ ଆଜି ଲିଭି ଯାଇଛି । ବହୁତ୍ ଖୁସି ଅଛି ସ୍ୱାତୀ ,... ସତରେ ଏ ସମୟ ସବୁ କିଛି ବଦଳେଇ ଦିଏ । କିନ୍ତୁ ଦୁଃଖ ପରେ ସୁଖର ମୂଲ୍ୟକୁ ଯେମିତି ଅନୁଭବ କରିହୁଏ । ସେମିତି ବିରହ ଜ୍ୱାଳାରେ ଜଳି ସାରିବା ପରେ ମିଳନର ପ୍ରକୃତ ଅର୍ଥକୁ ହୃଦୟରୁ ଅନୁଭବ ହୋଇଥାଏ । ଇଏତ ସଂସାରର ନିୟମ ।

ମମତା ସାଉ, ହାତିଆଗଣ୍ଡ

ରେମୁଣା ବାଲେଶ୍ୱର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଋତୁ ବଦଳେ



ବିନୟ ମହାପାତ୍ର

ଘଟଣାଟି ବହୁତ ପୁରୁଣା ନୁହେଁ, ଏଇ ଅଳ୍ପ ଦିନ ତଳର କଥା । ମୁଁ କୌଣସି ଏକ କାମରେ ଆଠଗଡ ଯାଇଥାଏ । କାମ ସରୁସରୁ ଡେରି ହୋଇଗଲା, ଡେରି କଣ, ଜମାରୁ ରାତି ପ୍ରାୟ ସାଢେ ଆଠଟା ହୋଇ ଯାଇଥିଲା । ପୁରୁଣା କଟକ ସମ୍ବଲପୁର ରାସ୍ତାରେ ମୋର ଭୁବନେଶ୍ୱର ଫେରିବା କଥା । କିନ୍ତୁ ବନ୍ଧୁମାନେ କହିଲେ ରାତି ହୋଇଗଲାଣି, ଆଜି ରାତିଟା ଏଇଠି ରହିଯାଆନ୍ତୁ, କାଲି ସକାଳେ ଚାଲିଯିବେ । କିନ୍ତୁ ମୁଁ ମନେ ମନେ ଭାବିଲି, ଏବେ ରାସ୍ତା ଏତେ ବଢିଆ ପିଚୁ ସଡକ ହୋଇ ଯାଇଛି । ଘଣ୍ଟେ ଦେଢ ଘଣ୍ଟାର ଡ୍ରାଇଭ କଲେ, ଘରେ ପହଞ୍ଚି ଶାନ୍ତିରେ ଟିକିଏ ଶୋଇ ପାରିବି । ଭୁବନେଶ୍ୱର କେତେ ଦୂର ? ଏମିତି କିଛି ବେଶି ଦୂର ତ ନୁହେଁ । ମୁଣ୍ଡଳି ବ୍ରିଜ୍ ପାର କଲେ, ପହଞ୍ଚିଗଲି ବାରଙ୍ଗ, ତାପରେ ନନ୍ଦନକାନନ, ଆଉ ତା ପରେପରେ ଆମର ଆପାର୍ଟମେଣ୍ଟ ଗୁଡିକ ଆରମ୍ଭ ହୋଇଯାଏ, ବାସ୍ ଗୋଟାଏ ଘଣ୍ଟାରେ ପହଞ୍ଚିଗଲି ଘରେ । କିନ୍ତୁ ସେମାନେ କହୁଥିଲେ ନରାଜ ପୂର୍ବରୁ ମେଘା ଘାଟିରେ ଯେଉଁ ଜଙ୍ଗଲିଆ ଜାଗା ଅଛି, ସଂଧ୍ୟା ପରେ ସେଇ ରାସ୍ତାରେ ହାତୀପଲ ପାଣି ପିଇବାକୁ ମହାନଦୀ ଯାଉଛନ୍ତି । ଗଲା ସପ୍ତାହରେ ହାତୀ ଜଣେ ବାଇକବାଲା ଉପରେ ଆକ୍ରମଣ କରିଥିଲେ, ତାର ବାଇକଟାକୁ ପୁରା ଭାଙ୍ଗିଦେଲେ । ସକାଳୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକାଳୁ କିଏ ଟାକ୍ସିବାଲା ତାକୁ ରାସ୍ତା କଡରୁ ଅଚେତ ଅବସ୍ଥାରେ ଦେଖି, ନେଇ ଆସିଥିଲା ଆଠଗଡ ହସପିଟାଲକୁ । ଆଉ ଟିକେ ଡେରି ହୋଇଥିଲେ ବିଚରା ମରି ଯାଇଥାନ୍ତା । ମୁଁ କହିଲି ଆରେ ଭାଇ ମୁଁ କାରରେ ଯିବି । ହାତୀ ଦେଖିଲେ ଦୂରରୁ ଅଟକି ଯିବି । ତୁମେ ବ୍ୟସ୍ତ ହୁଅନି ମୁଁ ସକୁଶଳ ଭୁବନେଶ୍ୱର ପହଞ୍ଚିଯିବି । ପହଞ୍ଚିଲେ ଫୋନ କରି ଦେବି କହି ମୁଁ କାର ଷ୍ଟାର୍ଟ କରିଦେଲି ।

ନିକାଞ୍ଚନ ରାସ୍ତା, କଳା ମଚ୍ ମଚ୍ ସାପ ପରି ଅଙ୍କା ବଙ୍କା ଉଠାଣି ଗଡାଣି ହୋଇ ଚାଲି ଥାଏ ମୋର ମାରୁତି କାର୍ । ଷ୍ଟେରିଓରେ ଲତା ମଙ୍ଗେସ୍କର ମୋହମ୍ମଦ ରଫିଙ୍କର ପୁରୁଣା ଗୀତର ସ୍ୱର ସାଙ୍ଗରେ ଗୁଣୁ ଗୁଣୁ କରି ମୁଁ ଡ୍ରାଇଭିଂର ମଜା ନେଉଥାଏ, ହେଲେ ମନ ଭିତରେ ହାତୀ ଡରଟା ଯେତେ ବେଳେ ଆସିଯାଏ, ସେତେବେଳେ ମୋର ଗୀତର ଭଲ୍ୟୁମ ବି ବଢି ଯାଉଥିଲା । ଗୁଣୁ ଗୁଣୁରୁ ମଧ୍ୟମ ଆଉ ତାପରେ ଲାଉଡ ହୋଇ ଯାଉଥିଲା । ଅଧଘଣ୍ଟା ଡ୍ରାଇଭିଂ ପରେ ହାତୀ ଅଞ୍ଚଳର ବୋର୍ଡଟା ଦିଶିଲା, ସେଇଠି କାରର ସ୍ପିଡ୍ ସ୍ଲୋ କରି ଆଗକୁ ଦେଖିଲି, କାରର ଲାଇଟ୍ ଯେତେ ଦୂର ପର୍ଯ୍ୟନ୍ତ ଯାଉଥିଲା ତା ପରିଧୀ ଭିତରେ ଏପରି କିଛି ସନ୍ଦିଗ୍ଧ ବସ୍ତୁ ଦୃଷ୍ଟିକୁ ଆସୁ ନଥିଲା । ମନକୁ ଟିକେ ଦୃଢ କରି ପୁରା ବୀରତ୍ୱର ସହିତ କାର ଚଲାଇବା ଆରମ୍ଭ କରି ଦେଲି, ସ୍ପିଡ ଅଶି-ନବେ କିଲୋମିଟର ହେବ । ଦିଟା ଟର୍ନିଂ ପରେ ହାତୀଶଂକୁଳ ପଥ ସମାପ୍ତ ହେଇଗଲା ପରେ ଟକିଏ ଆସ୍ୱସ୍ତ ଲାଗିଲା । ପୁଣି ମୁଁ ମୋ ନର୍ମାଲ ସ୍ପିଡ ପଚାଶ, ଷାଠିଏକୁ ଫେରି ଆସିଲି ।

ନରାଜ ବ୍ରୀଜ୍ ଟା ଗୋଟେ ଟର୍ନିଂ ପରେ ଆସିଗଲା । ବ୍ରୀଜ୍ ଉପରେ ଚଢିବା ବେଳକୁ ଦୂରରୁ କାରର ଲାଇଟ୍ ରେ ମୋତେ କିଛି ଦେଖାଗଲା, ଯେପରି କିଏ ଜଣେ ଏପଟ ସେପଟ ହେଉଛି । ମୁଁ ଯେତେ ବେଳେ କିଛି ପାଖା ପାଖି ହୋଇଗଲି, ସେ ଲୋକଟି ହଠାତ୍ ବ୍ରିଜ୍ ର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାରାପିଟ୍ ଉପରକୁ ଚଢିଗଲା ଏବଂ ବ୍ରୀଜ୍ ତଳେ ପାଣିକୁ ଡେଇବାକୁ ଉଦ୍ୟମ କରୁଥିଲା । ମୋର କାର ସେତେବେଳେ ଲୋକଟିର ପ୍ରାୟ ପାଖରେ ପହଞ୍ଚି ଯାଇଥିଲା । ଅଚାନକ ଏପରି ଏକ ଦୃଶ୍ୟ ମୋ ଆଖି ସାମ୍ନାରେ ଘଟିବାକୁ ଯାଉଥିଲା । ମୁଁ କାଳବିଳମ୍ବ ନକରି କାରର ବ୍ରେକ ଲଗାଇ, ଦଉଡି ଯାଇ ଲୋକଟି ପାଣିକୁ ଡେଇବା ପୂର୍ବରୁ ତାର ହାତ ଧରି ତଳକୁ ଟାଣି ଆଣିଲି ।

ଦେଖିଲି, ୨୩-୨୪ବର୍ଷର ଯୁବକଟିଏ । ବଡ ଦୁଃଖି ଏବଂ କ୍ଳାନ୍ତ ଦିଶୁ ଥିଲା, କେତେ ଦିନ ହେଲା ଯେପରି ଦାଢୀ ବି କାଟିନି, ହେଲେ ତାର ପୋଷାକରୁ ଜଣା ପଡୁଥିଲା ଭଲ ଘରର ପିଲାଟିଏ । କେଉଁ କଲେଜରେ ପଢୁଛି ବୋଧ ହୁଏ । ପିଲାଟି ମୋ ହାତରୁ ତାର ହାତ ଛଡାଇବାକୁ ଚେଷ୍ଟା କରୁ କରୁ କହୁଥାଏ ମତେ ଛାଡନ୍ତୁ, ମୋତେ ମରିଯିବାକୁ ଦିଅନ୍ତୁ । ମୁଁ କାହା ପାଇଁ ବଞ୍ଚିବି, ମୋର ଆଉ ବଞ୍ଚିବାର ଇଚ୍ଛା ନାହିଁ, ମୋ ହାତ ଛାଡନ୍ତୁ ପ୍ଲିଜ୍ ।

ପିଲାଟି ଯେପରି ନିଜର ହୋସରେ ନଥିଲା । ଦେଖିଲି, ତାର ବୟସ ମୋ ପୁଅ ଠାରୁ ବି ଅନେକ କମ୍ ହେବ । ଏ ବୟସରେ ଏପରି ଆତ୍ମହତ୍ୟାର କାରଣ କଣ ହୋଇପାରେ ? ପରୀକ୍ଷାରେ ଫେଲ ? ପ୍ରେମରେ ବିଫଳତା ? ? ନା ମାଆ ବାପା ରାଗରେ କଣ କହି ଦେଲେ ବୋଲି ଆତ୍ମହତ୍ୟା କରିବାକୁ ଚାଲି ଆସିଛି ? ପିଲାଟି ପ୍ରତି କିଛି ଦୟା, କିଛି କ୍ରୋଧ, କିଛି ଘୃଣା ଏବଂ କିଛି ସମବେଦନାର ମିଶା ମିଶି ଭାବନା ମନରେ ଆସୁଥାଏ । ଏପରି ଟଣା ଓଟରା ଭିତରେ କେମିତି କେଜାଣି ମୁଁ ତାକୁ ଶକ୍ତ ଚାପୁଡାଟାଏ ମାରିଦେଲି । ପିଲାଟି ହଠାତ ଚୁପ୍ ହୋଇଗଲା ଏବଂ ତଳେ ବସିପଡିଲା । ମୁଁ ତାର ହାତ ଛାଡିଦେଇ ତା ପାଖରେ ବସି ପଡିଲି । ସେ ତାର ଦୁଇ ହାତରେ ନିଜ ମୁହଁ ଲୁଚାଇ କାନ୍ଦିବାକୁ ଲାଗିଲା । ତା ପ୍ରତି ମନରେ ମୋର ଦୟା ଆସିଗଲା । କିନ୍ତୁ ତାକୁ ଚାପୁଡା ମାରିଦେଲି ବୋଲି ନୁହେଁ, ତାକୁ ହୋସରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରାଇ ଆଣିବା ପାଇଁ ସେପରି ଚାପୁଡ଼ା ମାରିବାଟା ନିହାତି ଆବଶ୍ୟକ ଥିଲା ସେତେବେଳେ ।

ପିଲାଟିର ପିଠିରେ ହାତ ବୁଲାଇ ତାକୁ ପାଖକୁ ଆଉଜାଇ ଆଣିଲି, ସିଏ ବି ମୋ ପାଖକୁ ଆଉଜି ଆସିଲା ଏବଂ ଆହୁରି ଯୋରରେ କାନ୍ଦିବାକୁ ଲାଗିଲା । ମୁଁ ତାର ପିଠି ଆଉଁସୁ ଆଉଁସୁ ପଚାରିଲି, କଣ ହେଲା, କାହିଁକି ଏପରି ଆତ୍ମହତ୍ୟା କରିବାକୁ ବାହାରିଛ ? ଜାଣିଛ, ମଣିଷ ଜୀବନ କେତେ ଦୁର୍ଲଭ । କେତେ ପୂଣ୍ୟ ଫଳରେ ମଣିଷ ଜୀବନ ପାଇଛ, ଭଗବାନ ଦେଇଥିବା ଏଇ ମୂଲ୍ୟବାନ ଜୀବନକୁ ନଷ୍ଟ କରିବାର ତୁମକୁ ଅଧିକାର କିଏ ଦେଲା ? ଏପରି ନିଷ୍ପତି ନେବା ଆଗରୁ ତୁମ ମାଆ ବାପା ଭାଇ ଭଉଣୀଙ୍କ କଥା ବି ଥରେ ଭାବିଲନି ? କଣ ଏମିତି ହୋଇ ଗଲା ତୁମ ସାଥିରେ । ପିଲାଟି ଆହୁରି ଯୋରରେ କାନ୍ଦିବାକୁ ଲାଗିଲା ।

ଦେଖିଲି ପିଲାଟି ଯେପରି ଏବେ ନିଜ ଭୂଲ ବୁଝି ପାରିଛି ଏବଂ ଏବେ ପୁଣି ଆଉ ଥରେ ଆତ୍ମହତ୍ୟା କରିବାକୁ ପାଣିକୁ ଡେଇବନି ବୋଧ ହୁଏ । ଟିକେ ଆସ୍ୱସ୍ଥ ଅନୁଭବ କଲି । ଏବଂ ତାକୁ ଏକୁଟିଆ ଛାଡି ପାଖରେ ଠିଆ ହୋଇଥିବା ମୋ କାରର ଡୋର ଖୋଲି ପାଣି ବୋତଲ ବାହାର କଲି, କିନ୍ତୁ ଏଇ ସମୟ ଭିତରେ ତା ଉପରୁ ମୋର ଦୃଷ୍ଟି ମୋଟେ ହଟାଇ ନଥାଏ । ମନରେ ତଥାପି ଡର ଥାଏ, ପୁଣି ଯଦି ସିଏ ପାଣିକୁ ଡେଇବାକୁ ଚାଲିଯିବ ! ହେଲେ ସେମିତି କିଛି ସେ କଲାନି, ତାକୁ ଶାନ୍ତ ବସିଥିବାର ଦେଖି ମୁଁ ବି ଧିରେ ଧିରେ ଆସ୍ୱସ୍ଥ ହେଉଥିଲି ।

ପାଣି ବୋତଲଟି ତା ଆଡକୁ ବଢାଇ ଦେଇ କହିଲି, ନିଅ ପାଣି ଢୋକେ ପିଇ ନିଅ । ପିଲାଟି ମୁହଁ ଉପରୁ ହାତ ଉଠାଇ ଥରେ ମୋ ମୁହଁକୁ ଚାଁହିଲା ଏବଂ ମୋ ହାତରୁ ପାଣି ବୋତଲଟି ନେଇ ପ୍ରଥମେ କିଛି ପାଣିରେ ମୁହଁ ଧୋଇ ନେଲା, ଦି'ଢୋକ ପାଣି ପିଇ ବାକି ପାଣି ନିଜ ମୁଣ୍ଡ ଉପରେ ଢାଳି ଦେଲା । ମୁଁ ତା ପାଖରେ ତା ଦେହକୁ ଲାଗି ବସି ପଡିଲି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଲି, କିଛି ନଭାବି ମୋତେ କୁହ, ତୁମ ଜୀବନରେ ଏପରି କଣ ହୋଇ ଗଲା ଯେ ତୁମେ ଜୀବନ ହାରି ଦେବା ପରି ନିଷ୍ଠୁର ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇ ଗଲ ?

ବୋତଲରେ ଥିବା ଶେଷ ବୁନ୍ଦାକ ପାଣି ପାଟିରେ ଢାଳି ଦେଇ ପିଲାଟି ନୀରିହ ଆଖିରେ ମୋ ମୁହଁକୁ ଚାହିଁଲା, ବଡ କରୁଣତାର ଭାବ ସ୍ପଷ୍ଟ ବାରି ହୋଇ ଯାଉ ଥିଲା ତାର ମୁହଁରୁ । ପିଲାଟି ତାର ମୁହଁ ଖୋଲିଲା, କହିଲା, ଆପଣ କାହିଁକି ପଚାରୁଛନ୍ତି ? କିଛି ପଚାରନ୍ତୁ ନାହିଁ । ବଡ ଦୁଃଖ ଭରା କାହାଣୀ ମୋର, ଏ ଦୁନିଆରେ କାହାକୁ ବିଶ୍ୱାସ କରିବା ଭୂଲ ! ଆପଣ ମୋ କଥା ଶୁଣି କଣ ଲାଭ ପାଇବେ । ମୁଁ କହିଲି, ଲାଭ କ୍ଷତି କଥା ମୁଁ ତ ଜାଣିନି, କିନ୍ତୁ ଯଦି ସମ୍ଭବ ହୁଏ, ହୁଏତ ମୁଁ ତୁମକୁ କିଛି ସାହାଯ୍ୟ କରି ପାରିବି । କଣ ସାହାଯ୍ୟ କରି ପାରିବେ ଆପଣ ? ବଡ ବିରକ୍ତ ଭାବରେ ପିଲାଟି ମୋତେ ରୋକ ଠୋକ ଦିପଦ ଶୁଣେଇ ଦେଇ ମୋ ମୁହକୁ ଚାହିଁଲା, ମୁଁ କିନ୍ତୁ ସ୍ଥିତପ୍ରଜ୍ଞ ପରି ନିଶ୍ଚଳ ଥିଲି । ମୋ ଭାବରେ କିଛି ପରିବର୍ତ୍ତନ ନଦେଖି ସେ ତାର ସ୍ୱରରେ ନିକିଏ ନରମତା ଆଣି ମତେ କହିଲା, ତାକୁ ବୁଝେଇ ପାରିବେ ? ଆପଣ କଣ ବୁଝେଇବେ ଯେ ତାକୁ, ଯିଏ ମୋତେ ବୁଝି ପାରିଲାନି, ମୋ ପ୍ରେମକୁ ବୁଝି ପାରିଲାନି, ସେ ଆପଣଙ୍କ କଥା କଣ ବୁଝିବ ?

ତାର ନାଆଁ ସୁଭଦ୍ରା ଥିଲା, ମୋରି ସାଙ୍ଗରେ ପାଠ ପଢୁଥିଲା ଗୋଟିଏ ସ୍କୁଲରେ, ଗୋଟିଏ ଶ୍ରେଣୀରେ । ଗ୍ରାଜୁଏସନ ପାଇଁ ଗୋଟିଏ କଲେଜରେ ସିଟ୍ ମିଳିଲାନି, ତେଣୁ ଆମର କଲେଜ ଅଲଗା ହୋଇଗଲା । ହାଇସ୍କୁଲ ପଢିବା ବେଳରୁ ଆମେ ପରସ୍ପରକୁ ଭଲ ପାଉ ଥିଲୁ । ହେଲେ, କଲେଜ ବଦଳିବା ସଙ୍ଗେ ସଙ୍ଗେ ସିଏ ବି ବଦଳିଗଲା, ତାର ପ୍ରେମ ବଦଳି ଗଲା, ପ୍ରେମିକ ବି ବଦଳି ଗଲା । ମୁଁ ତାକୁ କେତେ ଭଲ ପାଉଥିଲି, ମୋ ଜୀବନ ଠାରୁ ବି ଅଧିକ ଭଲ ପାଉଥିଲି । ମୁଁ ତାକୁ ସତ ସତିକା ପ୍ରେମ କରୁ ଥିଲି, ହେଲେ ସେ ମୋ ସାଥିରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମର ଖେଳ ଖେଳୁଥିଲା । ଦୁଇ ଦିନ ଖେଳିଲା, ପୁରୁଣା ଖେଳନାରୁ ମନ ଭରି ଗଲା, ନୂଆ ଖେଳନା ପାଇ, ପୁରୁଣା ଖେଳଣାକୁ ଫୋପାଡି ଦେଲା । ଏମିତି ଧୋକେବାଜ୍ ଝିଅଙ୍କୁ ଆପଣ କଣ ବୁଝେଇ ପାରିବେ ? ପିଲାଟିର କଥା ଶୁଣି ମୁଁ ହୋ ହୋ ହୋଇ ହସି ଉଠିଲି, ମୁଁ ଜାଣି ଗଲି, ଏଇଟା ପ୍ରେମରେ ଧୋକା ଖାଇଥିବା ଏକ ବିଫଳ ପ୍ରେମିକର କାହାଣୀ । ଯାହାର ଅନ୍ତ ଏମିତି ଆତ୍ମହତ୍ୟା ଦୃଶ୍ୟ ପରେ ସମାପ୍ତ ହୋଇ ଯାଇଥାଆନ୍ତା । ପିଲାଟି ମୋ ଆଡକୁ ଚାହିଁ ବଡ ନିରାଶ ଭାବରେ କହିଲା, ସାର୍- ଲୋକେ ଲୈଲା ମଜ୍ନୁ, କେଦାର ଗୌରୀର ପ୍ରେମ କାହାଣୀ ଶୁଣି କାନ୍ଦି ପକାନ୍ତି, ଆଉ ଆପଣ ମୋ କଥା ଶୁଣି ଟିକିଏ ବି ଦୁଃଖ ଅନୁଭବ କରୁ ନାହାନ୍ତି, ବରଂ ଏପରି ନିଷ୍ଠୁର ଭାବେ ହସୁଛନ୍ତି ! ମୁଁ ହସ ବନ୍ଦ କରି, ତା ମୁହଁକୁ ଟିକେ ଚାହିଁଲି ପୁଣି କହିଲି, ପ୍ରଥମ କଥା, ତୁମେ ମୋତେ ସାର୍ ନୁହଁ ଅଙ୍କଲ ଡାକିପାରିବ, ଦ୍ୱିତୀୟରେ ତୁମର ନାଆଟି ମୋତେ କହିବ ? ପିଲାଟି କହିଲା, ଆଚ୍ଛା ଅଙ୍କଲ, ମୋ ନାଆଁଟା ଶ୍ରୀକାନ୍ତ ।

ଶ୍ରୀକାନ୍ତ, ଖୁବ୍ ଭଲ ନାଆଁଟିଏ । ଆଚ୍ଛା ଶ୍ରୀକାନ୍ତ ତୁମେ ଲୈଲା ମଜ୍ନୁ କି କେଦାର ଗୌରୀର କାହାଣୀ ଭଲ ଭାବରେ ଜାଣିଛ ? ନା' ବୋଧ ହୁଏ ତୁମେ ଠିକ୍ ଭାବେ ଜାଣିନ, ଜାଣିଥିଲେ ହୁଏତ ତୁମେ, ତୁମ ପ୍ରେମକୁ ସେମାନଙ୍କର ମହାନ ପ୍ରେମ ସହିତ ତୁଳନା କରି ନଥାନ୍ତ । ସେମାନଙ୍କ ପ୍ରେମ ଆଜି ଏଇଥିପାଇଁ ଅମର, କାରଣ ସେମାନେ ଜଣେ ଆଉ ଜଣଙ୍କ ପାଇଁ ଜୀବନ ହରେଇ ଦେଇଥିଲେ । କିନ୍ତୁ ତୁମ ପ୍ରେମରେ ? ଆଜି ତୁମେ ଏଇଠି ଆତ୍ମହତ୍ୟା କରିବାକୁ ଏକୁଟିଆ ଆସିଛ, ଆଉ ତୁମର ପ୍ରେମିକା ତାର ନୂଆ ପ୍ରେମିକ ସାଥିରେ କେଉଁ ପାର୍କରେ ବୁଲୁଥିବ କି କେଉଁ ହୋଟେଲରେ ଡିନରର ମଜା ନେଉଥିବ, ନୁହେଁ ? ଇଏ ହେଲା ତୁମର ପ୍ରେମ କାହାଣୀ । ଦେଖ ତୁମ ବୟସରେ ପ୍ରାୟ ସମସ୍ତେ ପ୍ରେମ କରିଥାଆନ୍ତି, ମୁଁ ବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ କରିଥିଲି । କିନ୍ତୁ ଅବଶୋଷ ସବୁ ପ୍ରେମ କାହାଣୀ ସଫଳ ହୁଏନା । ମୋର ପ୍ରଥମ ପ୍ରେମ ବି ଏକ ବିଫଳ ପ୍ରେମକାହାଣୀ ଥିଲା, ହେଲେ ମୁଁ ହତାଶ ପ୍ରେମିକ ନଥିଲି କି ଆତ୍ମହତ୍ୟା କରିନି, ଶୁଣିବ ମୋ କାହାଣୀ ? କହୁଛି ଶୁଣ, ହୁଏତ ଏ କାହାଣୀରୁ ଜୀବନକୁ ପୁଣି ଥରେ ନୁଆ ଭାବେ ଜୀଇଁବା ପାଇଁ ତୁମକୁ କିଛି ପ୍ରେରଣା ମିଳିଯିବ ।

ମୋର ପ୍ରଥମ ପ୍ରେମିକାର ନାଆଁ ଥିଲା ସୁନନ୍ଦା, ବହୁତ ସୁନ୍ଦର ଝିଅଟିଏ ଥିଲା ସିଏ । ମୋର କ୍ଲାସମେଟ ଥିଲା । ଆମେ ଗୋଟିଏ ସବଜେକ୍ଟରେ ପିଜି କରୁଥିଲୁ । ଦିନ ଥିଲା, ଆମେ କେହି କାହାକୁ ଜାଣି ନଥିଲୁ, ନା' ସେ ମୋତେ ଜାଣିଥିଲା, ନା' ମୁଁ ତାକୁ । ଦୁଇଟି ଅଜଣା ମଣିଷ । ହେଲେ, କେଜାଣି କେମିତି ଚୁମ୍ବକ ପରି ସଂଯୋଗ ଆମକୁ ଏକାଠି କରିଗଲା । କେବେ କେମିତି କ୍ଲାସର ବାରଣ୍ଡାରେ, ୟୁନିଭରସିଟିର ଏଇ ବ୍ଲକରୁ ସେ ବ୍ଲକ ଯିବା ରାସ୍ତାରେ, କେବେ ମାର୍କେଟର ଭିଡ ଭାଡ ଭିତରେ, ଅବା କେଉଁ ମେଳାରେ କି ଜାତରେ ଏଇମିତି ଦେଖା ଚାହାଁ ହୋଇଯାଏ । ଆଖିରେ ଆଖି ମିଶିଯାଏ । ତାକୁ ଦେଖିଲେ ଖୁବ୍ ଭଲ ଲାଗୁଥିଲା, ମନ ଅନନ୍ଦରେ ନାଚି ଉଠୁଥିଲା । ସେ ମୋତେ ମୋର କେହି ଜଣେ ବହୁତ ପୁରୁଣାବନ୍ଧୁ ପରି ଚିହ୍ନା ଚିହ୍ନା ଲାଗୁଥିଲା । ଆଖିରେ ଆଖି ମିଶିଗଲେ ଦେହରେ ଯେମିତି ଏକ ଶିହରଣ ଖେଳି ଯାଉଥିଲା । ଅଜଣାରେ, ନଚାହଁ ବି, କାହିଁକି କେଜାଣି ଓଠରୁ ସ୍ମିତ ହସଟିଏ ଝରି ଆସୁଥିଲା । ଏମିତି ଲାଗୁଥିଲା, ସତେ ତାର ସେ ଚାହାଣୀ 'ସେ ମୋତେ ଭଲପାଏ' ବୋଲି କହି ଯାଉଥିଲା ।

ଏଇମିତି ଦେଖା ଚାଁହା, ତାପରେ ହାଲୋ, ହାଏ, କେବେ କେବେ ସେ ମୋର ନୋଟ ମାଗିନିଏ, କେବେ କିଛି ପ୍ରୋବ୍ଲେମ ସଲ୍ଭ କରିବାକୁ ୟୁନିଭରସିଟି କ୍ୟାଣ୍ଟିନ୍ ରେ ଘଣ୍ଟା ଘଣ୍ଟା ବସି ଡିସକସନ କରେ । ଏମିତି ଧୀରେ ଧୀରେ ଆମେ ପରସ୍ପରକୁ ଭଲପାଇ ବସିଲୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆମର ସମ୍ପର୍କ ଆପଣରୁ ତୁମେ ଏବଂ ଶେଷରେ ତୁ ପର୍ଯ୍ୟନ୍ତ ପହଞ୍ଚିଗଲା । ଆମର ଏ ସମ୍ପର୍କର ନାମ ଥିଲା ପ୍ରେମ । ପ୍ରେମର ସେଇ ପ୍ରଥମ ଅନୁଭୁତି ଖୁବ୍ ଭଲ ଲାଗୁଥିଲା । ମନ କହୁଥିଲା ସେ ପାଖରେ ଥିଲେ, ନା ଦିନ ସରନ୍ତା, ନା ରାତି, ନା ମାସ ସରନ୍ତା, ନା' ବର୍ଷ । ସମୟ ଅଟକି ଯାଆନ୍ତା କି, ଘଡିର କଣ୍ଟା ଗୋଟିଏ ଜାଗାରେ ସେମିତି ଲଟକି ଯାଆନ୍ତା । ହେଲେ, ସମୟ ତ ଆମର ବନ୍ଧୁ ନଥିଲା । ସେ ବା, ଆମର କଥା କାହିଁକି ମାନନ୍ତା ? ସମୟ ବିତି ଚାଲିଲା, ପାଠପଢା ସରିଲା, ଆମେ ଆମର ଅଲଗା ଅଲଗା ବାଟରେ ଚାଲିଗଲୁ । ସେତେବେଳ ସମୟରେ ଆମ ପାଖରେ ମୋବାଇଲ ଫୋନ ନଥିଲା, ଘରେ କେବଳ ଲ୍ୟାଣ୍ଡଲାଇନ ଫୋନ ହିଁ ଥିଲା । ଫୋନରେ କେବେ କେମିତି କଥା ହୋଇ ଯାଉ କିନ୍ତୁ ଚିଠି ପତ୍ର ବିନିମୟ ନିୟମିତ ଭାବେ ଚାଲୁଥିଲା ।

ହଠାତ୍ ଦିନେ ତାର ଫୋନ ଆସିଲା, ସେ କହିଲା ତାର ବାହାଘର ତା ବାପା ଆଉ କେଉଁଠି ଠିକ୍ କରି ଦେଇଛନ୍ତି । ସିଏ ତାର ଭାବି ପତି ସହିତ ଦେଖାଚାହାଁ କଥାବାର୍ତ୍ତା ବି ହୋଇ ସାରିଛି । ଖୁବ୍ ଭଲ କ୍ୟାଣ୍ଡିଡେଟ୍ ଟିଏ ବୋଲି କହିଲା । କେଉଁ ସବଡିଭିଜନରେ ଏସଡିଏମ ଅଛନ୍ତି । ସୁନନ୍ଦା କହୁଥିଲା ସେ ତାକୁ ବହୁତ ଖୁସିରେ ରଖିବେ । ସିଏ ନିଜେ ବି ବହୁତ ଖୁସି ଏପରି ଜଣେ ବ୍ୟକ୍ତି ସହିତ ତାର ବିବାହ ହେଉଛି ବୋଲି । ଜାଣିଛ ସେ ମୋତେ ଆଉ କଣ କହିଲା ? କହିଲା ତାକୁ ଭୂଲି ଯିବାକୁ । ପ୍ରଥମ ପ୍ରେମକୁ ଭୂଲିଯିବା ଯେପରି ବହୁତ ସହଜ । ମୁଁ କୁଆଡେ ଗୋଟେ ଭଲ ମଣିଷ, ମୋତେ ଗୋଟେ ଭଲ ଝିଅ ମିଳିଯିବ ବୋଲି କହି ସେ ଫୋନ କାଟିଦେଲା ।

ମୋର ପ୍ରଥମ ପ୍ରେମିକା ହଠାତ୍ ଏମିତି ବାଟ ଭାଙ୍ଗି ଚାଲିଗଲା । କାରଣ ମୁଁ ତାର ସ୍ୱପ୍ନର ରାଜକୁମାର ନଥିଲି । ତାର ରାଜକୁମାର ଆଉ କିଏ ଥିଲା । ଯେତେବେଳେ ତା

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜକୁମାର ତା ଜୀବନରେ ଆସିଗଲା ସେ ମୋତେ ସରି ଯାଇଥିବା କୋକାକୋଲା ବୋତଲ ପରି ଡଷ୍ଟବିନରେ ଫୋପାଡି ଦେଇ ଚାଲିଗଲା । କାହାଣୀଟିକୁ ଏଇଠି ଟିକେ ବିରାମ ଦେଇ, ମୁଁ ତାକୁ କହିଲି, ବୁଝିଲ ଶ୍ରୀକାନ୍ତ, ତୁମର ପ୍ରେମକାହାଣୀ ବି ଠିକ୍ ଏଇ ପର୍ଯ୍ୟନ୍ତ ଆସିଥିଲା । ଆଉ ତୁମେ ଏଇଠାରୁ ହତାଶ ପ୍ରେମିକ ହୋଇଗଲ ଏବଂ ଆଜି ଆତ୍ମହତ୍ୟା କରିବାକୁ ଏଇ ନରାଜ ବ୍ରୀଜ ଉପରେ ଠିଆ ହୋଇଛ । ସେଇଥି ପାଇଁ ମୋତେ ହସ ଲାଗିଲା । ଭାବିଲି, ତୁମ ଆଉ ମୋ ମଧ୍ୟରେ ସତରେ କେତେ ଫରକ୍, ଆମ ଦୁଇ ଜଣଙ୍କର ଦୃଷ୍ଟିକୋଣ ସତରେ କେତେ ଭିନ୍ନ ! ଆମର ଜୀବନକୁ ଦେଖିବାର ନଜରିଆ କେତେ ଅଲଗା । ଜୀବନର ଠିକ୍ ଏଇ ଜାଗାରେ ତୁମେ ଜୀବନକୁ ଶୂନ୍ୟ କରି ଦେବାକୁ ଭାବୁଛ, କିନ୍ତୁ ଠିକ୍ ଏଇ ଯାଗାରେ ଠିଆ ହୋଇ ମୁଁ ମୋ ଜୀବନକୁ ପୂର୍ଣ୍ଣ କରିବାର ଉପାୟ ଖୋଜୁଥିଲି ।

ମୁଁ ସୁନନ୍ଦାକୁ କଣ କହିଲି ଜାଣିଛ ?

ମୁଁ ତାକୁ ଧନ୍ୟବାଦ ଜଣେଇଲି, କହିଲି ସୁନନ୍ଦା ତୁମେ ମୋତେ ପ୍ରେମ କରି ଜୀବନରେ ପ୍ରଥମ ବସନ୍ତର ଅନୁଭୂତି ଦେଇଥିଲ । ଏଇ ପ୍ରେମ ଦାନ ପାଇଁ, ତୁମକୁ ଅଶେଷ ଧନ୍ୟବାଦ, ପରିବର୍ତ୍ତନ ତ ସଂସାର ନିୟମ, ସମୟ ସହିତ ଅନେକ କିଛି ବଦଳିଯାଏ, ମଣିଷ ବଦଳି ଯାଆନ୍ତି, ଦିନ ବଦଳେ, ମାସ ବର୍ଷ ଋତୁ ସବୁ କିଛି ବଦଳେ । ସେମିତି ତୁମେ ବଦଳି ଗଲ, ଏଇଟା କିଛି ନୂଆ କଥା ନୁହେଁ । ଦୁଃଖ ନାହିଁ, ତୁମର ଏ ପ୍ରେମକୁ ମୁଁ ପ୍ରତାରଣା ବୋଲି କହିବିନି । ତୁମେ ତୁମ ଖୁସି ପାଇଁ, ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜର ରାସ୍ତା ବଦଳାଇ ଚାଲିଗଲ । ଠିକ ଏଇ ସମୟରେ କବି ବିନୟ ମହାପାତ୍ରଙ୍କର ଗୋଟିଏ କବିତା ମୋର ମନେ ପଡିଗଲା । କେବେ ପଢିଛ ତାଙ୍କ କବିତା ? କେବେ ସମୟ ମିଳିଲେ ନିଶ୍ଚୟ ପଢିବ, ଜୀବନକୁ ଦେଖିବାର ନଜରିଆ ବଦଳିଯିବ ତୁମର । ହଁ, ସେ କବିତାର କିଛି ଲାଇନ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୁଣଉଚି ଶୁଣ ;

"ପ୍ରେମ ଖାଲି ଏତିକି କହିଲା,

ବିସନ୍ନ କାହିଁକି ବନ୍ଧୁ,

ଗୋଟିଏ ଫଗୁଣରେ,

ଜୀବନ ତ ଯାଏ ନାହିଁ ସରି,

ଗୋଟିଏ ବସନ୍ତରେ,

ଫୁଲ ଫୁଟି ଯାଏନା ମଉଳି ।

ଏଇ ଋତୁ ମାନଙ୍କର କଣ ଅଛି,

ପୁଣି ଆସିବେ ସେମାନେ,

ସବୁ କିଛି ଫେରିବ ତ ଦିନେ

ଆଜି ଟିକେ ହସି ଦିଅ,

ସବୁ ଦିନ ସମାନ ରହେନା" 

(କବିତା-ଗୋଟିଏ ଫଗୁଣରେ ଜୀବନ ସରେନା)

ତା ସହିତ ବ୍ରେକପ୍ ପରେ ପରେ, ସତେ ଯପରି ମୋ ଜୀବନରେ ବସନ୍ତ ପରେ ବୈଶାଖ ଆସି ଯାଇଥିଲା । ବୈଶାଖକୁ ତ ଆସିବାକୁ ଥିଲା, ଋତୁ ଚକ୍ରକୁ ବଦଳେଇ ପାରିବାର ସାହସ କାହା ପାଖରେ ଅଛି । ନା ମୁଁ ମୋ ପ୍ରେମିକାକୁ ରହିଯିବା ପାଇଁ କହି ପାରିଥାନ୍ତି ? ସ୍ମୃତିକୁ ଜାବୁଡି ଧରି ବାହୁନି ହେବାକୁ, କାନ୍ଦିବାକୁ ଆଖିରେ ମୋର ଲୁହ ନଥିଲା, ସମୟ ବି ନଥିଲା । କିନ୍ତୁ କେବେ କେବେ ମୁଁ ମୋ ନିଜକୁ ପଚାରେ, ଏମିତିକା ପ୍ରେମର ପରିଭାଷା କ'ଣ ? ଏଇମିତି ଭଲ ପାଇବା ପୁଣି ସବୁକିଛି ଭୁଲିଯିବା କଣ ସତରେ ପ୍ରେମ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରେମରେ ସ୍ୱାର୍ଥ ନଥାଏ, ପ୍ରେମରେ ସବୁକିଛି ପାଇ ଯିବାର ଲୋଭ ନଥାଏ । ପ୍ରେମ ସମର୍ପଣର ଅନ୍ୟ ନାମ । ସାରା ଜୀବନ କାହାକୁ ନିଜର କରିନେବା, କାହାର ନିଜର ହୋଇଯିବା ହିଁ ପ୍ରେମ । ହେଲେ ଆଜିର ପ୍ରେମ କେବଳ ପାଇବାର ଇଚ୍ଛାରୁ ସୃଷ୍ଟି ହେଉଛି । ସ୍ୱାର୍ଥ ଏବଂ ଲୋଭ ହିଁ ପ୍ରେମକୁ ଦୁର୍ବଳ କରି ଦେଉଛି ।

ମୁଁ ହତାସ ନହୋଇ ଧୈର୍ଯ୍ୟର ସହିତ ଅପେକ୍ଷା କଲି, ମୁଁ ଜାଣିଥିଲି, ଋତୁଚକ୍ର ଅଟକି ଯିବନି । କିଛି ଦିନରେ, ବୈଶାଖ ପରେ ଶ୍ରାବଣ ଆସିବ, ତାପରେ ବସନ୍ତ ଆସିବ, ମୋ ମନ ଅଗଣାରେ ପୁଣି ଫୁଲ ଫୁଟିବ, ସେମାନଙ୍କ ମହ ମହ ମହକ ମୋ ଦେହକୁ, ମନକୁ ଛୁଇଁ ଯିବ, ନୁଆ ଶିହରଣ ଦେଇଯିବ । ପୁନଶ୍ଚ ନୁଆ ଏକ ପ୍ରଣୟର ଋତୁ ଆସିବ । ଏ ଋତୁରେ ବି ସବୁ କିଛି ଥିବ, ସେହି ମହକ, ସେହି ଶିହରଣ, ହେଲେ ସେଥିରେ ମୋର ପ୍ରଥମ ପ୍ରେମର ସେ ନିଆରା ଅନୁଭବ ନଥିବ । ତାହା ହିଁ ହେଲା, ପୁଣି ମୋ ଜୀବନରେ ପ୍ରେମ ଆସିଲା । ଏ ପ୍ରେମ କିନ୍ତୁ ମୋର ପ୍ରଥମ ପ୍ରେମ ପରି ମିଛ ମିଛିକା ଖେଳ ନଥିଲା, ଛଳନା ନଥିଲା । ସେଇ ପ୍ରେମ ଆଜି ବି ମୋ ଜୀବନରେ ଅନେକ ରଙ୍ଗ ଭରି ଦେଉଛି, କେତେ ଜାତି ଫୁଲର ମହକରେ ଜୀବନକୁ ମହକେଇ ଦେଉଛି ।

ଶ୍ରୀକାନ୍ତର ମୁହଁର ଭାବ ସେତେବେଳକୁ ବଦଳି ଯାଇଥିଲା । ଦୁଃଖ ଅବସାଦ ଏବଂ ବିଫଳତାର ବାଦଲ ହଟି ସାରିଥିଲା ତାର ମୁହଁରୁ । ମୁଁ ସ୍ପଷ୍ଟ ଭାବେ ଦେଖି ପାରୁଥିଲି ତା ଆଖିରେ ଏକ ନୂତନ ସ୍ୱପ୍ନ, ଏକ ନୁଆ ଉଦ୍ଦୀପନାର ଝଲକ । ଜୀବନକୁ ପୁଣି ଥରେ ଜୀଇଁବାର ଏକ ନୂଆ ଆଶା ଦେଖା ଦେଇଥିଲା ତାର ସେଇ ଆଖି ଦୁଇଟିରେ । ମୁଁ ତା କାନ୍ଧରେ ହାତ ପକାଇ କହିଲି, ଆଚ୍ଛା ଶ୍ରୀକାନ୍ତ ଏବେ ଉଠ, ତୁମେ କେଉଁଠିକୁ ଯିବ କହିଲେ ମୁଁ ତୁମକୁ ଗାଡିରେ ଛାଡି ଦେଇ ଆସିବି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀକାନ୍ତ ଉଠି ଠିଆ ହେଲା, କହିଲା, ନାହିଁ ଅଙ୍କଲ, ଆପଣଙ୍କୁ ଆଉ କଷ୍ଟ ଦେବିନି, ଆପଣ ଏବେ ଘରକୁ ଯାଆନ୍ତୁ, ଆଣ୍ଟି ଆପଣଙ୍କୁ ଘରେ ଅପେକ୍ଷା କରିଥିବେ । ମୋ ବାଇକଟା ବ୍ରୀଜର ସେ ପାଖରେ ଠିଆ ହୋଇଛି । ମୁଁ ଏଇଠୁ ସିଧା ହଷ୍ଟେଲ ଚାଲିଯିବି । କହିଲି ଆସ, ତୁମକୁ ତୁମ ବାଇକ୍ ପାଖରେ ଛାଡିଦେବି । କାର୍ ର ଡୋର ଖୋଲି ଭିତରକୁ ଆସୁ ଆସୁ ଶ୍ରୀକାନ୍ତ କହିଲା, ଡରନ୍ତୁନି ଅଙ୍କଲ, ମୁଁ ଆଉ ଆତ୍ମହତ୍ୟା କରିବା ମୁଡ୍ ରେ ନାହିଁ । ଆପଣଙ୍କର ସେହି ପ୍ରିୟ କବି ବିନୟ ମହାପାତ୍ରଙ୍କ କବିତା ପଦକୁ ମୁଁ ମୋ ଜୀବନର ମନ୍ତ୍ର କରି ନେଲି । ମୁଁ ବି ଅପେକ୍ଷା କରିବି, ମୋ ଜୀବନରେ ବି ଦିନେ ପୁଣି ବସନ୍ତ ଆସିବ ଆଉ ପ୍ରେମ ବରଷି ଯିବ । ଶ୍ରୀକାନ୍ତର କଥା ଶୁଣି ଆମେ ଦୁହେଁ ଏକା ସାଥିରେ ହସି ଉଠିଲୁ । ମୁଁ କହିଲି ଆଉ ପଦେ କବିତା ତୁମ ପାଇଁ ସେଇ କବି ବିନୟ ମହାପାତ୍ରଙ୍କର ଶୁଣ ;

"ପ୍ରତିକ୍ଷା ମୋ ଏବେ ବି ରହିଛି ଜାରି,
କେହି ଜଣେ ଆସିବ ତ ଦିନେ ।
ମଲମ ଲଗାଇ ଦେବ
ଏଇ ମୋର ଦରଜଳା ହୃଦୟରେ,
ପୁଣି ବସନ୍ତର ଅନୁଭବ ଦେଇ ଯିବ,
ଏଇ ମୋର ବିଦଗ୍ଧ, ମନ ଉପବନେ ।"

(କବିତା-ପ୍ରେମ ଓ ପକ୍ଷୀରାଜ ଘୋଡା)

ପଟିଆ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ଚିଠି



ବିଜୟ କୁମାର ସାହୁ

ଜୀବନ ନୌକାକୁ ନେଇ ମୁଁ ସାଗରର ଗଭୀର ଜଳ ରାଶିରେ ଅନେକ ସ୍ୱପ୍ନ, ଆଶା, ଉଦ୍ଦୀପନା ଓ ପ୍ରେମକୁ ପାଥେୟ କରି ସ୍ୱପ୍ନିଳ ନୌକା ବିହାର କରୁଥିଲି । ସାଗରବେଳାରେ ଦଣ୍ଡାୟମାନ ହୋଇ ଅନନ୍ତ ଆକାଶରେ ଫୁଟିଥିବା ଅସଂଖ୍ୟ ତାରା ଓ ଗ୍ରହମାନଙ୍କୁ ଅବଲୋକନ କରୁଥିଲି । କିନ୍ତୁ ପୂର୍ଣ୍ଣିମାର ଚାନ୍ଦିନୀ ରାତ୍ରିଟି ବେଶୀ ମୋତେ ଆନନ୍ଦ ବିଭୋର କରୁଥିଲା, ମୋ ଦେହରେ ରୋମାଞ୍ଚ ଆଣୁଥିଲା । କେବେ କେମିତି ଜୀବନର ପାରିଜାତ ଉପବନରେ ଅନେକ ପୁଷ୍ପର ସମାହାର ସୁରଭି ବିତରଣ କରିବାରେ ଅବହେଳା କରୁନଥିଲେ । ସୁଗନ୍ଧିତ ମଳୟ ପବନ ମୋତେ ସ୍ୱପ୍ନର ରାଜକୁମାର ହେବାପାଇଁ ବାଧ୍ୟ କରୁଥିଲା । ଏପରି ସମୟରେ ମୁଁ ଯଦିଓ ବୈବାହିକ ଜୀବନ ଅତିବାହିତ କରୁଥିଲି କାହିଁକି କେଜାଣି କବିତା ବୋଲି ଜଣେ ରୂପରେ ଧନାଢ୍ୟ ସୁନ୍ଦରୀ ଲଳନାର ପ୍ରଥମ ସାକ୍ଷାତକାରରେ ତା'କୁ ଭଲ ପାଇବସିଲି ।

ଭ୍ରମର ଗୁଡାକ ମଧୁ ଆସ୍ୱାଦନ କରିବା ନିମନ୍ତେ ଯେପରି ଏ ଫୁଲରୁ ସେ ଫୁଲକୁ ଉଡିବୁଲନ୍ତି ତଦ୍ରୁପ ମୁଁ ମଧ୍ୟ ଏକ ପ୍ରେମିକ ଭାବରେ ପ୍ରେମ କରିବସିଲି କବିତାକୁ । ମୋ କର୍ତ୍ତବ୍ୟସ୍ଥଳୀକୁ ଯିବା ପଥରେ ତା' ବାସଗୃହଟି ପଡେ । ସେ ମଧ୍ୟ ରାସ୍ତାର ଅବନତ ଧାରରେ ଦଣ୍ଡାୟମାନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇ କାହାକୁ ଅପେକ୍ଷା କରିଥାଏ । ପ୍ରତ୍ୟହ ମୁଁ ମୋର ଗନ୍ତବ୍ୟସ୍ଥଳୀକୁ ଯିବା ସମୟରେ ମୋ ଚକ୍ଷୁର ଅନ୍ତରାଳରେ ତାକୁ ଆବିଷ୍କାର କରେ । ବାଃ କେତେ ସୁନ୍ଦର ହୋଇଛି ଏ ଲତାଟି ! ନିଜକୁ ସମ୍ଭାଳି ନ ପାରି ପଚାରିଲି କିଏ ତୁମେ ? ତୁମ ନାଁ କ'ଣ ? ସେ କହିଲା ମୁଁ ଜଣେ ନାରୀ, ମୋ ନାଁ କବିତା । ତାପରେ ସେ ମୋତେ ପଚାରିଲା ଆଚ୍ଛା ତୁମେ କିଏ ? ମୁଁ କହିଲି ଯଦି ତୁମେ କିଛି ଖରାପ ନ ଭାବିବ ତେବେ ମୋ ପରିଚୟଟା ଦେବି । ସେ କହିଲେ କହୁ ନାହାନ୍ତି, ଭୟ କାହିଁକି ତୁମେ ତ ପୁରୁଷ । ମୋ ସାହସ ବଢିଗଲା । କହିଲି ତୁମେ ନା କବିତା.... ମୋ ଉପବନରେ ଥିବା ପ୍ରେମରୂପକ ହ୍ରଦରେ ଜଣେ ରାଜହଂସୀ ସନ୍ତରଣ କରୁଅଛି ମୁଁ ତା ନାଁ ଦେଇଛି କବିତା । ଠିକ ତୁମ ପରି । ସେ କହିଲା ଓଃ ଏଇ କଥା । ହଁ ସେଥିରେ ଅସୁବିଧା କେଉଁଠି ?

ଯଦି ତୁମ ସ୍ୱପ୍ନର ନାୟିକା କବିତା ଧରିନିଅ ମୁଁ ସେହି ସୁନ୍ଦରୀ । ଯେ କବିତା ଆଜିଠାରୁ ତୁମର । ପ୍ରଥମ ଦେଖାରେ ପ୍ରଥମ କଥୋପକଥନ ଆମ ଉଭୟଙ୍କ ପାଇଁ ଏକ ସୁନ୍ଦର ଉଦ୍ୟାନଟିଏ ତିଆରି କରିବାର ମୂଳଦୁଆ ପଡିଲା ସେଦିନ । ତାପରେ ପରସ୍ପର ନିକଟତର ହେବା ସହଜ ହୋଇଗଲା । ଯଦିଓ ଉଭୟେ ବିବାହିତ ଏବଂ ପରିବାର ଥିଲା ତେବେ ବି ଆମେ ସ୍ୱପ୍ନ ରାଜ୍ୟରେ ସତସତିକା ଉଡିବାକୁ ଲାଗିଲୁ । କିଛିଦିନ ଚାଲିଲା ପ୍ରେମର ଶୃଙ୍ଗାର ।

ଅକସ୍ମାତ ବିପରୀତ ଦିଗରୁ ଏକ ଅଜଣା ଅଭାବନୀୟ ପରିସ୍ଥିତି ଆମ ଉଭୟଙ୍କୁ ଆଲୋଡିତ କରିଦେଲା । ପରକ୍ଷଣରେ ମୁଁ ଜାଣି ଯେତିକି ଆଶ୍ୱସ୍ତି ହେବା କଥା ତା ନ ହୋଇ ବରଂ ଜୀବନର ଏକ ତୃତୀୟାଂଶ ଯେ ଜଣେ ପ୍ରତାରିତା ନାରୀ ନିକଟରେ ବନ୍ଧା ପକାଇଦେଇ ମହାଭୁଲ କରି ବସିଛି ଯେ କଥା ଭବିଲା ବେଳକୁ ମୋର ଇଜ୍ଜତ ନିଲାମ ହୋଇସାରିଥିଲା । ମୁଁ ମୋ ନିଜକୁ ପରିବାର ଏବଂ ସମାଜରେ ଏକ ଘୃଣ୍ୟ ବ୍ୟକ୍ତି ଭାବରେ ନିଜକୁ ଆବିଷ୍କାର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବାକୁ ବେଶି ସମୟ ଲାଗିଲା ନାହିଁ । ସେ କବିତା ଯାହିତାହି ନାରୀଟିଏ ନ ଥିଲା । ତା ରୂପ ଯୌବନ ବନ୍ୟାରେ ମୋ ପରି କେତେଜଣ ଫଟାରସିକମାନଙ୍କୁ କବଳିତ କରି ସେମାନଙ୍କଠାରୁ ସର୍ବସ୍ୱ ଲୁଣ୍ଠନ କରୁଥିଲା । ତା ଜୀବନର ପରିଚୟଟା ବୋଧେ ସେୟା ଥିଲା । ମୋର ବିଚାର ହେବ ଭଗବାନଙ୍କ ଦରବାରରେ । ସତରେ କ'ଣ ମୁଁ ମଣିଷଟିଏ ଥିଲି ନା ମଣିଷ ଭିତରେ ଜଣେ ଅବାଞ୍ଛିତ ପରନାରୀ ପ୍ରତି ସମ୍ବେଦନାଶୀଳ ଦେଖାଇ ପ୍ରକାରାନ୍ତରେ ତା ଯୌବନ ନିଆଁକୁ ଗିଳୁଥିଲି । ବୁଝିବାକୁ ବାକି ରହିଲା ନାହିଁ ରୂପରେ ପ୍ରେମ ନ ଥାଏ ବୋଲି । ଏହି ରୂପ ପ୍ରତି ଆକର୍ଷିତ ହୋଇ ପତଙ୍ଗ ଗୁଡାକ ଅଗ୍ନିକୁ ଝାସ ଦେଇ କେବଳ ମୃତ୍ୟୁକୁ ସିନା ଆଲିଙ୍ଗନ କରିଥାନ୍ତି ଅଥଚ ପ୍ରେମସୁଧା ପାଇ ନଥାନ୍ତି । ଠିକ ସେହିପରି ମୁଁ ମୋ ଜୀବନକୁ କବିତାର ଯୌବନ ନିଆଁରେ ଧସେଇ ପଶି ହାହୁତାଶମୟ ବାକି ଜୀବନକୁ କୋଳେଇ ଅନୁତାପ ଅଗ୍ନିରେ ଜଳୁଅଛି ।

ପରିଶେଷରେ କବିତାକୁ ଏହି ପ୍ରଥମ ଚିଠିରେ ଜୀବନର ଶେଷ ସମ୍ବାଦ ପରିବେଷଣ କରି ତା ନିକଟରୁ ସମ୍ପର୍କ ଛିନ୍ନ କରୁଅଛି । ମାୟାବିନି କାଳରାତ୍ରି ଛଳନାମୟୀ କବିତା ଗୁଡ ବାଏ । ଆହା ଆଜି ପର୍ଯ୍ୟନ୍ତ ମୁଁ ମରୀଚିକା ପଛରେ ଯାହା ଧାଉଁଥିଲି । ନିର୍ଜନ ବେଳାଭୂମିରେ ନିର୍ଜନତାକୁ ଉପଭୋଗ କରୁଥିବା ବେଳେ କଳରବ କରୁଥିବା ପକ୍ଷୀଗୁଡାକ ମୋତେ ଖତେଇ ହୋଇ ଉଡିଗଲେ । ଧେତ ସେ ପ୍ରେମଟା ଏତେ ପାଣିଚିଆ । ନଷ୍ଟସ୍ୟ କାନ୍ୟା ଗତିଃ । ମୁଁ ତ ମୋ ନିଜକୁ କ୍ଷମା ଦେଇପାରୁନାହିଁ ତେବେ ଭଗବାନ କିପରି କ୍ଷମା ପ୍ରଦାନ କରିବେ ? ଇତି ।

ନିର୍ଲଜ ପ୍ରେମିକ ।

ବିଜିଗୋଳ, ମୋ – ୮୭୬୩୧୯୪୭୨୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଛ ଓ ଗୁଗୁଲୁ



ବୈଶାଖୀ ଦୀପ

ଗୁଗୁଲୁ ଚତୁର୍ଥ ଶ୍ରେଣୀରେ ପାଠ ପଢ଼େ, ଦେଖିବାକୁ ଡଉଲ ଡାଉଲ ଓ ଭାରି ଦୁଷ୍ଟ । ଏଠିର କାମ ସେଠି ଓ ସେଠିର କାମ ଏଠି କରିବାରେ ସେ ବେଶ୍ ମାହିର । ତେଣୁ ସେ ପ୍ରତ୍ୟେକ ଦିନ ମା'ଙ୍କ ଠାରୁ ଗାଳି ଶୁଣେ ଓ ବେଳେ ବେଳେ ମାଡ ମଧ୍ୟ ଖାଏ, କିନ୍ତୁ ତାକୁ ମାଡ କାଟେନି । ତାକୁ ଯେତେ ମାରିଲେ ମଧ୍ୟ ସେ ହସରେ ଉଡେଇ ଦିଏ । ଦିନେ ଗୁଗୁଲୁ ଖେଳୁ ଖେଳୁ ସବୁ ତକ ଅଟାରେ ପାଣି ଢାଳିଦେଲା । ମା ତାହା ଦେଖି ରାଗିଯାଇ ତାକୁ ବହୁତ ଜୋରରେ ପିଟିଲେ ଓ ଗୁଗୁଲୁ ମଧ୍ୟ ବହୁତ ଜୋରରେ କାନ୍ଦିଲା । କାନ୍ଦି କାନ୍ଦି ଯାଇ ଘର ପାଖରେ ଥିବା ଗୋଟେ ଅଶ୍ୱତ୍ଥ ଗଛ ମୂଳେ ବସିଲା । ଗୁଗୁଲୁକୁ ଯେତେ ମାରିଲେ ମଧ୍ୟ ସେ କାନ୍ଦେନି, କିନ୍ତୁ ସେ ଦିନ ସେ ବହୁତ କାନ୍ଦୁଥାଏ । ଗୁଗୁଲୁ ଗଛଟି ଉପରେ ମୁଣ୍ଡଟିକୁ ଆଉଜେଇ କାନ୍ଦୁଥାଏ, କିନ୍ତୁ ସେ ଦିନ ମା ମଧ୍ୟ ତାକୁ ବୁଝେଇବାକୁ ଆସିଲେ ନାହିଁ । ଗୁଗୁଲୁର କାନ୍ଦ ଗଛଟି ସହି ନପାରି ସେ ମଧ୍ୟ ଜୋରରେ କାନ୍ଦିଲା ଓ ତାର ମଧ୍ୟ ଆଖିରୁ ଲୁହ ବାହାରିଲା । ଗଛର କାନ୍ଦ ଦେଖି ଗୁଗୁଲୁ ତୁନି ପଡି ହସିବାକୁ ଲାଗିଲା ଓ ଗଛଟି ମଧ୍ୟ ତା ହସ ଦେଖି ଜୋରରେ ହସିଲା । ଗଛକୁ ଗୁଗୁଲୁ କହିଲା ତୁ କାହିଁ ହସୁଛୁ ଗଛଟି କହିଲା ତୋ ହସ ଦେଖି ମୁଁ ବି ହସୁଛି । ଗୁଗୁଲୁ କହିଲା ତାହେଲେ ମୁଁ କାନ୍ଦିଲେ ତୁ ବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାନ୍ଦିବୁ, ଗଛ କହିଲା ହଁ । ଗୁଗୁଲୁ କହିଲା ତାହେଲେ ତୁ ମୋ ସହ ଖେଳିବୁ, ଗଛ କହିଲା ହଁ ଖେଳିବି । ମତେ ସବୁଦିନ କାହାଣୀ ଶୁଣେଇବୁ ଗଛ କହିଲା ହଁ ଶୁଣେଇବି । ଗଛ ସହ ଅନେକ କଥା ହୋଇ ଗୁଗୁଲୁ ହସି ହସି ଘରକୁ ଚାଲିଗଲା । ଏଥର ପ୍ରତ୍ୟେକ ଦିନ ଗୁଗୁଲୁ ସ୍କୁଲରୁ ଆସିବା ପରେ ସେହି ଗଛ ମୂଳକୁ ଯାଏ ଗଛଟି ସହ ଖେଳେ ଓ ଅନେକ କଥା ସବୁ କୁହେ । ଗଛଟି ମଧ୍ୟ ସେ ଜନ୍ମ ହେଲା ଦିନରୁ ଏବେ ଯାଏଁ ଦେଖିଥିବା ବାତ୍ୟା, ପବନ, ନଇବଢ଼ି, ଆଦି ଦୀର୍ଘ କୋଡିଏ ବର୍ଷର କଥା ଗୁଡିକୁ କାହାଣୀ ପରି ଶୁଣାଉଥାଏ । ଗୁଗୁଲୁ ଆଉ ପୂର୍ବ ପରି ଦୁଷ୍ଟ ହଉନାହିଁ, ଏଥର ସେ ମା'ଙ୍କ କଥା ମାନୁଛି ଓ ପାଠ ମଧ୍ୟ ପଢୁଛି । ଗୁଗୁଲୁ ଓ ଗଛ ଏବେ ବହୁତ ସାଙ୍ଗ ହଉଛନ୍ତି କେହି କାହାରିକୁ ଛାଡିକି ରହିପାରୁନାହାନ୍ତି । ଗୁଗୁଲୁ ଗଛଟିକୁ ତୁ ମୋ best friend ବୋଲି କହୁଛି ।

ଦିନେ ଗୁଗୁଲୁ ସ୍କୁଲ ଯାଇଥିବା ସମୟରେ କିଛି ଲୋକ ଆସି ଗଛଟିକୁ କାଟିବା ପାଇଁ ଉଦ୍ୟମ କରୁଥାନ୍ତି । ଗଛଟିକୁ କାଟିବାକୁ ପଡିବ କାରଣ ସେଠାରେ ଗୋଟାଏ କ୍ଲବ ଘର ତିଆରି ହେବ । ଗଛ କାଟିବା ପାଇଁ ବଡ ବଡ଼ ହତିଆର ସବୁ ଆସିଲା ଏବେ ଗଛ କଟା ହେବ, ଏଣେ ଗଛ ମଧ୍ୟ ଯେତେ କାନ୍ଦି କାନ୍ଦି ନେହୁରା ହେଲେ ବି ତା କାନ୍ଦ କାହାରିକୁ ଶୁଣାଯାଉନଥିଲା । ଏଣେ ଠିକ ସମୟକୁ ଗୁଗୁଲୁ ସ୍କୁଲରୁ ଫେରିଲା ଓ ଦେଖିଲା ଗଛଟିକୁ କଟା ହେଉଛି ପାଖରେ ଯାଇ ଗଛଟିକୁ କାଟନି କହି କହି ଜୋରରେ କାନ୍ଦିଲା ତାହା ଦେଖି ଗୁଗୁଲୁର ମା ବାପା ଆସି ତାକୁ ବୁଝାଉଥାନ୍ତି ଓ ଆଖପାଖ ଲୋକ ମଧ୍ୟ ଆସି ଗହଳି କରୁଥାନ୍ତି । ଗୁଗୁଲୁକୁ ଯେତେ ବୁଝେଇଲେ ବି ସେ ବୁଝିଲାନି ଖାଲି କାନ୍ଦିଲା ଓ ଜିଦି କରିଲା ମୋ friend କୁ କାଟନି । ସେ ତା ସହ ଖେଳେ, ଗପ ଶୁଣେ, କଥା ହୁଏ, ଓ ଖରାଦିନେ ବାଟୋଇକୁ ସେ କିପରି ଛାଇ ପବନ ଦିଏ, ଅମ୍ଳଜାନ ଦିଏ, ଓ ତା ଡାଳରେ କେତେ କାଉ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଇଲିର ଜନ୍ମ ଏବଂ କେତେ ବଗ, ବାଦୁଡ଼ିର ଘର ସେ ସବୁ କଥା ଗୁଗୁଲୁ କାନ୍ଦି କାନ୍ଦି କହୁଥାଏ । ଶେଷରେ ଗୁଗୁଲୁର କାନ୍ଦ ଦେଖି ଗଛଟି ମଧ୍ୟ ଆଉ ସହି ନପାରି ସେ ମଧ୍ୟ ଜୋରରେ କାନ୍ଦିଲା, ଗଛର କାନ୍ଦ ଦେଖି ଗୁଗୁଲୁ ମଧ୍ୟ ତାପାଖକୁ ଯାଇ ତାକୁ ଜାବୁଡି ଧରି ଦୁହେଁ କାନ୍ଦିବାକୁ ଲାଗିଲେ । ଗଛର ଲୁହ ଓ ଦୁହିଁଙ୍କର ଭଲପାଇବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଓ ଗଛ ନକାଟି ଯିଏ ଯୁଆଡେ ଚାଲିଗଲେ । ଏବେ ଦୁହେଁ ଖୁସିରେ ସବୁଦିନ ଖେଳିଲେ ଓ ଅନେକ କଥା ହେଲେ । ଗୁଗୁଲୁ ଏବେ ତା ପାଖକୁ ଅନେକ ଛୋଟ ବଡ଼ ଗଛ ଲଗାଇ ତାର ଅନେକ ନୂଆ ନୂଆ ସାଙ୍ଗ କଲାଣି ଓ ସମସ୍ତେ ଏବେ ଖୁସି ଖୁସିରେ ଖେଳୁଛନ୍ତି ।

ବୈଶାଖୀ ଦୀପ
କୋରାପୁଟ, ସୁନାବେଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଡ଼ି (ନିଶା)



ପ୍ରହ୍ଲାଦ ସାହୁ

କଥାଟା ଅବାଗିଆ ଲାଗିଲେ ବି ସତକଥା ।

କାରଣ, ମୁଁ ଯେତେବେଳେ ପ୍ରଥମେ ଦିଲ୍ଲୀ ଆସିଲି ମୋତେ ବି ଏସବୁ ଦେଖି ଅବାଗିଆ ଲାଗିଲା ।

ଓଡ଼ିଶାର ପାଣି ପବନରେ ବଢ଼ି ଆସିଥିବା ଏ ସରଳ, ନିଷ୍କପଟ, ଖୋଲା ସ୍ୱାଭାବର ଲୋକଟା ଆଖି ଉଠିଲା ଦିନରୁ ଏ ଦୃଶ୍ୟ ଦେଖି ନଥିଲା । ନିୟୁଦିଲ୍ଲୀ ରେଲୱେ ଷ୍ଟେସନରେ ଓହ୍ଲେଇ ଖଣ୍ଡେ ଦୂର ଯାଇଛି କି ନାହିଁ ଆଖି ଆଗରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଲା ।

ଅଦ୍ଭୁତ ନିଶ୍ଚିତ ନହେଲେ ଆମ ଗାଁର, ଆମ ସହରର, ଆମ ଜିଲ୍ଲାର, ସର୍ବୋପରି ଆମ ପ୍ରଦେଶର ଏ ଦୃଶ୍ୟ ଅଥବା ଏ ପ୍ରଜାତିର ପ୍ରାଣୀ ବିରଳ ।

ସର୍ବାଙ୍ଗ ଶରୀର କପଡା ଆଚ୍ଛାଦିତ । ମାଛି ଯିବାକୁ ରାସ୍ତା ନାହିଁ । କିନ୍ତୁ ଆମ ଗାଁ ସନିଆ ମଉସା ଇଟା ଭାଟିର ଚିମିନିରୁ ଭୁସ ଭୁସ ହୋଇ ଧୂଆଁ ବାହାରିବା ପରି କେଉଁଆଡୁ ଏତେ ଧୂଆଁ ବାହାରୁଥିଲା ମୁଁ ପ୍ରଥମେ ବୁଝି ପାରିଲି ନାହିଁ ।

ମନଟା ମୋର ଗୋଳେଇ ଘାଣ୍ଟି ହେଲା ।

ଚାଲିଯିବାକୁ ଇଛା ହେଉଥିଲେ ବି ମୁଁ ଯାଇପାରୁ ନଥିଲି ।

ସତେ ଯେମିତି ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଇଏ ବି ଗୋଟିଏ ଆଶ୍ଚର୍ଯ୍ୟଜନକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳାକୃତି !!!

ଆମ ବ୍ଲାକ୍ ପାଗୋଡା ବା କୋଣାର୍କ ମନ୍ଦିର ବି ଠିକ୍ ଦୂରରୁ ସେହିପରି ଲାଗେ ଯେମିତି ମେଞ୍ଚା ମେଞ୍ଚା ପଥର ଏକତ୍ରୀତ କରି ରଖାଯାଇଛି କିନ୍ତୁ ପାଖକୁ ଯାଇ ଦେଖିଲେ ଶହେ ତାଜମହଲ ତା ପାଖରେ ସରି ନୁହେଁ ।

ଉଦୁଉଦିଆ ଖରାବେଳଟାରେ ଗରମରେ ଲୋକ ଅଣନିଶ୍ୱାସୀ ହୋଇ ଟିକିଏ ଛାଇ ପାଇଁ ଇଆଡେ ସିଆଡେ ଧାଉଁଥାନ୍ତି, କିନ୍ତୁ ଏଠି କିଛି ମହିଳା ମଣ୍ଡଳୀ ଧୂଆଁର ମାଦକତାରେ ବିଭୋର ।

ବିଦେଶୀ ନିମ ଗଛ ଆଢୁଆଳରେ ଥାଇ ଦୃଷ୍ଟି ଫେରାଇ ଅବଲୋକନ କଲି । ଏଠି ଏମିତି କଣ ଅଛି ଯେ ଏମାନଙ୍କୁ ଏତେ ପ୍ରଚଣ୍ଡ ରୌଦ୍ରତାପରେ ବି ଶୀତଳତାର ଅନୁଭବ ହେଉଛି ଯାହାଦ୍ୱାରା କି ଏମାନେ ସବୁକିଛି ଆବୃତ କରି ଖରାଟାରେ ବସିଛନ୍ତି ନିର୍ଦ୍ୱନ୍ଦରେ ।

ଆମ ଗାଁର ସନିଆ ମଉସା ବିଡି ପିଏ । ଦିନ ରାତି ୨୪ ଘଣ୍ଟାରୁ ବୋଧହୁଏ ୨୦ ଘଣ୍ଟା କାସୁଥାଏ ।

ଏଠି ବି ସେହି ଦୃଶ୍ୟ । ଅତିରିକ୍ତ କାସ ହେବାରୁ ମୁହଁ ଖୋଲି କେହିଜଣେ ମହିୟସୀ ମହିଳା ବାହାରର ମୁକ୍ତ ହାଵା ନେବାକୁ ଚେଷ୍ଟା କଲେ ।

ବିସ୍ମୟରେ ମୁଁ ଆକାବାକା । ତେବେ ସେହି ଧୂଆଁ.. !

ବୟସ ୫୫ ରୁ ୬୦ ଭିତରେ । ନାକରେ ଲମ୍ବା ନୁଥ । ଓଠ ତଳେ ତିନି ଚାରିଟା କୃତ୍ରିମ କଳାଜାଇ । ଆଖି ଉପରେ ବି କଳା ଚିହ୍ନ । ଓଠରେ ନାଲି ଲିପଷ୍ଟିକ । ହାତରେ ରୂପା ବାହୁଟି । ଦଶ ଆଙ୍ଗୁଳିରେ ରୂପା ମୁଦି ଭରା । ଗୋଡରେ ପାଉଁଜି ସଙ୍ଗେ ରୂପାର ପାଉଟି । ଗୋଡ ଆଙ୍ଗୁଳିରେ ବି ରୂପା ଝରା ମୁଦି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଟିରେ ଘାଘରା । ଅର୍ଧ ଉଲଗ୍ନ ବକ୍ଷୋଜ କାରୁକାର୍ଯ୍ୟପୂର୍ଣ୍ଣ ଚୁମକି ଲଗା ବ୍ଲାଉଜରେ ଆବୃତ । ରଙ୍ଗ ବେରଙ୍ଗର ଦୁପଟ୍ଟା ମୁଣ୍ଡ ସହିତ ମୁହଁକୁ ଆବୃତ କରୁଥାଏ । ଦେଖିବାକୁ ଅତି ସୁନ୍ଦର ନହେଲେ ବି ଖରାପ ନୁହନ୍ତି ।

କିନ୍ତୁ ସମସ୍ତଙ୍କ ମୁହଁରେ ସେଦିନ ନିଆଁ ଆଉ ଧୂଆଁର ବାଦଲ ଖଣ୍ଡ ଦେଖି ମୁଁ ନିଜକୁ ବିଶ୍ୱାସ କରିପାରୁ ନଥିଲି ଏମାନେ ପରିପାଟୀରୁ ଆମ ଓଡିଆ ସାମାଜିକ ବହିରେ ପଢିଥିବା ରାଜସ୍ଥାନୀ ଭଳି ଲାଗୁଥିଲେ ମଧ୍ୟ ଜଣେ ଜଣେ ବିଡି ପିଆ ମାଉସୀ ଠାରୁ କମ୍ ନୁହନ୍ତି ।

"ପାନ ବିଡି ନୁହେଁ ଛୋଟିଆ ନିଶା
ଜଣା ପଡେନାହିଁ ଟାଣେ ପଇସା"

ନିୟୁଦିଲ୍ଲୀ

୯୫୪୦୫୩୧୭୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆକର୍ଷଣ



ରୁଦ୍ରକାନ୍ତ ରାଉତରାୟ

ସଞ୍ଜ ନଇଁ ଆସୁଥାଏ । ଗୋରୁପଲ ନିଜ ପଦ ଚାଳନାରେ ଆସରକୁ କୁହୁଡିସମ ସଜେଇଥାନ୍ତି, ନୁଆଣିଆ ଚାଳଛପର ବନ୍ଧ ତଳେ ସର ମାଉସୀ ସଞ୍ଜବତୀଟିଏ ଲଗେଇ ଫେରୁଥାଏ । ହଠାତ୍ ପାଟିକରି ଉଠିଲା ! ତୁ ଏଠିକୁ କାହିଁକି ଆସିଛୁ ? କଣ ଏ ଚର୍ମ କୁଞ୍ଚିତ ଶରୀରରେ ଆଉ ବଳ ଅଛିକି ନାହିଁ ଦେଖିବାକୁ ? କଣ ପାଇଁ ଆସିଛୁ, ଏ ଦନ୍ତବିହୀନ ପାଟିରେ ମୁଁ ସୁନାର ଚାଉଳ ଚୋବେଇ ପାରୁଛିକି ନାହିଁ, ଦେଖିବାକୁ ନା ବେସାହାରା ହୋଇ ପଡିଥିବା ଏ ଜୀଅନ୍ତା ଶବକୁ କାନ୍ଧ ଲାଗେଇବାକୁ ? କହ ବେ କାହିଁକି ଆସିଛୁ ? କ୍ଷଣିକ ଆବକ ହୋଇ ଛିଡା ହୋଇଥିବା ଅନ୍ଧାରର ଝାପ୍ସା ଆଲୋକରେ କ୍ଷୀଣଦୃଶ୍ୟମାନ "ଆକାଶ" କହି ଉଠିଲା, ସାଗରର ଉଚ୍ଛୁଳା ଢେଉ ମୋର କୃତ କର୍ମର ବାଲିଘରକୁ ଧୋଇ ମରୁଭୂମି ସଜେଇ ଦେଇଛି, ଯେଉଁଠି ଜଳ ବିନା ଶୁଷ୍କ ତରୁ ପରି ମୁଁ ଅନେଇ ବସିଛି ସେଇ ଶୀତଳ ପରସକୁ 'ମା' । ଜୀବନର ହରଣ କରି ବସିବାକୁ ଯାଇ ମୋତେ ମିଳିଲା ଭାଗଶେଷ "ଶୂନ୍ୟ" ।

ସେଦିନ ଆଇ.ଏ.ଏସ. ସାରଦା, ଏଇ ଆକାଶକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲା । ଦପ୍ତର ଠାରୁ ଆରମ୍ଭ କରି ସ୍କୁଲ ଯାଏ ପୁଅର ଖବର ଖୁବ୍ ଭଲକରି ବୁଝୁଥିଲେ ସେ । କାରଣ ସ୍ୱାମୀଙ୍କ ଅକାଳ ବିୟୋଗ ପରେ ଏଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକାଶ ତ ତାଙ୍କର ସବୁକିଛି । ସମୟ କ୍ରମେ ଆକାଶ ବଡ ହେଲା । ବୟସର ନିର୍ଦ୍ଧାରିତ ସମୟରେ ସାରଦା ଦେବୀ ମଧ୍ୟ ଅବସର ନେଲେ । ମାତ୍ର ଆକାଶର ଅଭିନୟ କ୍ଷେତ୍ରରେ ଅସୀମ ଆକର୍ଷଣ ଦେଖି ମା', ତାକୁ ସଙ୍ଗୀତ ମହାବିଦ୍ୟାଳୟରେ ଆଡମିଶନ କରିଦେଲେ । ସମୟ କ୍ରମେ ଆକାଶ ବଡ ବଡ ସିନେମାରେ ଅଭିନୟ କରି ଖୁବ୍ ସୁନାମ ଅର୍ଜନ କଲା । ସାରଦା ଦେବୀଙ୍କର ବୟସ ବଢୁଛି ତା ପରେ ସବୁ ମା'ଙ୍କ ଇଚ୍ଛା ପୁଅର ବିବାହ କରି ଘରକୁ ବୋହୂଟିଏ ଆଣିବେ, ସେଇଆ ମଧ୍ୟ ହେଲା ପ୍ରଥମେ ଆକାଶ ବିବାହ ପାଇଁ ରାଜି ନଥିଲା । ମାତ୍ର ମା'ଙ୍କ ଜିଦ୍ ଆଗରେ ସେ ହାର ମାନିଲା । ସାହାନାଇ ବାଜିଲା, ବାଣ ରୋଷଣିରେ ମା'ଙ୍କ ପସନ୍ଦର ଝିଅ "ମାଧବୀ"ର ପାଣି ଗ୍ରହଣ କଲା ଆକାଶ । ସାରଦା ଦେବୀ ସେଦିନ ଭାରି ଖୁସିରେ ଥିଲେ । ତାଙ୍କ ଆଶାର ଦୀପାଳି ଖୁବ୍ ଜୋରରେ ଜଳୁଥାଏ । ବାହାଘର ମାସଟେ ପୁରିନଥାଏ ଦିନେ ସପରିବାର ବସି ହସ ମଉଜରେ ଥାନ୍ତି । ହଠାତ୍ ଗୋଟେ ଫୋନ୍ । ଘରୁ ବାହାରିଯାଇ କଣ କଥା ହେଲା ଆକାଶ । କିଏ ଫୋନ୍ କରିଥିଲେ ବୋଲି ସାରଦା ଦେବୀଙ୍କ ପ୍ରଶ୍ନର ଉତ୍ତରରେ ଆକାଶର ନୀରବତା ଓ ମଳିନ ଚେହେରା ସାରଦାଙ୍କ ସହ ନବ ବିବାହିତା "ମାଧବୀ"କୁ ବ୍ୟଥିତ କରିଥିଲା । ସେଇଦିନ ରାତିରେ ଆକାଶ କାହାରି କଥା ନଶୁଣି ଘରୁ ବାହାରିଗଲା । ଖାଲି ମା'ଙ୍କ ପ୍ରଶ୍ନର ଉତ୍ତର, ମୁଁ ପନ୍ଦର ଦିନ ପରେ ଫେରିବି, ମା' ମାଧବୀକୁ ମଧ୍ୟ କହି ଆସିଛି । ସାରଦା ଦେବୀଙ୍କ ଆଉ କିଛି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ଆକାଶ ଚାଲି ଯାଇଥିଲା । ପନ୍ଦର ଦିନ ଯାଇ ପନ୍ଦର ମାସ କଟିଲା ମାଧବୀ ସହ ଆକାଶର ପହିଲି ସ୍ପର୍ଶ ଓ ମିଳନର ସାକ୍ଷୀ କୁନି ଜୁହି ବି ୬ ମାସର କଅଁଳ କଳିକାଟିଏ ଗୋଡହାତ ପିଟି ତାର କଅଁଳ ହସରେ ଦୁଇଯୋଡି ସଜଳ ନୟନରୁ ଅଶ୍ରୁ ପୋଛିବାରେ ସଫଳ ହେଉଛି । ଅପେକ୍ଷାର ଅନ୍ତ କେବେ ? କେବେ ପୁଣି ଅଶିଣ ଫେରିବ ? ସାରଦାଙ୍କ ମନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗଣାରେ ଖୁସିର କାଶତଣ୍ଡି ଝଲସିବ ? ଖାଲି ଅପେକ୍ଷା । ପ୍ରଶ୍ନ ନାହିଁ କି ଉତ୍ତର ବି ନାହିଁ । ମାଧବୀର ଆଖିର ଭାଷାକୁ ଖୁବ୍ ସହଜରେ ବୁଝି ପାରୁଥିଲେ ଆଇ.ଏ.ଏସ. ଶାରଦା । ମାତ୍ର ଖୁବ୍ ଖୋଜିଲା ହଜିଲା ବୁଝିଲା ସମ ମୁଖ ମଣ୍ଡଳରେ ସାମାନ୍ୟ ଆଶ୍ୱାସନାର ଇଙ୍ଗିତରେ ମାଧବୀ ନିଜ ମନର ଦହନକୁ ପ୍ରଶମନ କରିନେଉଥିଲେ । ହେଲେ କେତେଦିନ ??? ସାରଦା ଦେବୀ ଛୁରୀରେ ଆପେଲଟିକୁ କାଟୁ କାଟୁ ଆକାଶର ଭାବନାରେ ସ୍ରୋଣିତ ଯୁକ୍ତ ସାରା ପ୍ଲେଟ୍ । ମାଧବୀ ବଡ ପାଟିରେ ଡାକମାରି କହିଲା - 'ମା' । ସାରଦା ଲେଉଟି ଦେଖନ୍ତି ରକ୍ତର କେଇବୁନ୍ଦା ଧାରା ହୋଇ ତାଙ୍କ ଶାଢୀ ଓଦା କରିଦେଲାଣି । ହଠାତ୍ ଡାକଟିଏ ଶୁଭିଲା ମା' .... ଆକାଶ ! ! ! (ମା'କୁ ନମସ୍କାର କରି)

ଆକାଶ - ବହୁତ କାମ ମୁଁ ସଙ୍ଗେ ସଙ୍ଗେ ଚାଲିଯିବି ।

ମାଧବୀ ଓ ଜୁହିକି ଚାହିଁ ଆଖି ଛଳ ଛଳ କରି ବାହାରିଯିବାକୁ ଉଦ୍ୟତ ହୁଅନ୍ତେ, ସାରଦା ଜୁହିକୁ ଆଣି ତାହାକୁ ଦେଲେ କାଳେ ଝିଅର ମିଠା ହସରେ ପାଦ ଦୁଇଟା ଅଟକି ଯିବ ଭାବି ଜୁହିକୁ ତାକୁ ଧରେଇଦେଲେ । ମାତ୍ର ନା କିଛି କ୍ଷଣ ପରେ ଆକାଶ ମା'ର ପାଦ ସ୍ପର୍ଶ କରି କହିଲା, ମୁଁ ଆସୁଛି ମା' ।

ସାରଦା - ପୁଣି କେବେ ଆସିବୁ ?

ଆକାଶ - ଜାଣିନି କିନ୍ତୁ ନିଶ୍ଚୟ ଆସିବି ।

ସାରଦା - ହେଲେ ମାଧବୀ ?

ଆକାଶ - ସେ ପରା ତୋ ବୋହୂ ।

ସାରଦା - ସେ ବି ତୋ ସ୍ତ୍ରୀ ।

ଆକାଶ - ସମୟ ବହୁତ ଅଭାବ ମା', ମୁଁ ଆସୁଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଧବୀ ସେମିତି କବାଟ କୁ ଆଉଜି ଚାହିଁଥାଏ, ଆକାଶ ମାଧବୀଙ୍କୁ କଣେଇ ଚାହିଁ ଖାଲି ପଦେ କଥା କହିଲା ।

"ଆସୁଛି ମାଧବୀ ଖୁସିରେ ଥାଅ ।"

ଯାଉ ଯାଉ ଚିଠିଟିଏ ପକେଇ ଦେଇ ଗଲା ମାଧବୀ ପାଖରେ ମାଧବୀ ତାକୁ ଉଠେଇ ପଢେ ।

"ମାଧବୀ ମୋର ପ୍ରାଣର ସ୍ପନ୍ଦନ ତୁମେ ମୋତେ ପାଇ କେତେ ଖୁସି ମୁଁ ଜାଣିନି । ମାତ୍ର ମୁଁ ତୁମକୁ ପାଇ ଅନେକ ଖୁସି । ତୁମେ ଜାଣିଛ ମୁଁ ରକ୍ତକର୍କଟ ରୋଗରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆଉ ଖୁବ୍ କମ୍ ଦିନ ବଂଚିବ, ଆଉ ସେ ଖବର ମୁଁ ପାଇସାରିବା ପରେ ଘର ଛାଡିଲି, ମୋ ପାଇଁ ନିଜ ଜୀବନ ଜଳାଞ୍ଜଳି ଦିଅନି । ମୁଁ ଘରେ ରହିଲେ କାଳେ ତୁମମାନଙ୍କ ପ୍ରତି ମୋର ସ୍ନେହ ଭଲ ପାଇବା ବହୁତ ବଢିଯିବ । ଆଉ ମୋର ବଞ୍ଚିବାର ଇଚ୍ଛା ପ୍ରବଳ ହୋଇଯିବ । ମୁଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ତୁମମାନଙ୍କୁ ମୋ ଆକର୍ଷଣର ଧାରକ ସଜେଇ ପାରିବିନି । ମା'କୁ କିଛି ଜଣେଇବ ନାହିଁ ? ସେ ... ? ?ରହୁଛି ।"

ତୁମର ...

(ଦୁଇଟୋପା ଲୁହରେ ଆକାଶ ଶବ୍ଦଟି ସଂପୂର୍ଣ୍ଣ ପଢି ହେଉନାହିଁ)

ହଠାତ୍ କାନ୍ଥ ଭୁଶୁଡିବା ପରି ଭୁଇଁରେ ମାଧବୀର ପାର୍ଥିବ ଶରୀରଟା ଦୁମ୍ କରି ପଡିଗଲା । ସାରଦା ତା ଦେହରେ ହାତ ମାରି ଦେଖନ୍ତି ଯେ ମାଧବୀ ଆଉ ଏ ଦୁନିଆରେ ନାହିଁ । ସାରଦା ଦେବୀ ଚିଠିଟିକୁ ପଢିସାରିବା ପରେ ନିଜର ଦୁଃଖକୁ ଲାଘବ କରିବା ପାଇଁ ଜୁହିକୁ ଧରି ଗାଁକୁ ଚାଲିଆସିଲେ । ଅସୀମ ଆକର୍ଷଣର ଦୃତ ପ୍ରବେଶ ସାଙ୍ଗକୁ ପୁଅ ବୋହୂଙ୍କ ଅନୁପସ୍ଥିତି ଓ ଖାଲିପଣ ଯେମିତି ସାରଦାଙ୍କୁ ଜିଅନ୍ତା ଶବ ସଜେଇ ଦେଇଥିଲା । ଜୁହିର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସରେ ହସୁଥିଲେ ଆଉ ତାରି କାନ୍ଦରେ କାନ୍ଦୁଥିଲେ । ଆଇଏଏସ୍ ଶାରଦା ଆଜି ଆମ ଗାଁର ସର ମାଉସୀ । ନାତୁଣୀ ସହ ଗୋଟେ ନୂଆ ଜୀବନ ଆରମ୍ଭ କରିଛନ୍ତି ।

ସେଇ ସଞ୍ଜରେ ଆକାଶ ସହ ସେ କଥା ହଉନଥିଲେ । ହେଉଥିଲେ ତାଙ୍କ ଅସୀମ ଆକର୍ଷଣର ପ୍ରତିବିମ୍ବ ସଦୃଶ ଆକାଶର ପ୍ରେତଆତ୍ମା ସହ । ଅଭିମାନର କେଇପଦ କଥା ତାଙ୍କ ପୁଅକୁ କହୁଥିଲେ ସେ । ସତରେ ହୃଦୟରେ ଏତେ ଦୁଃଖକୁ ଚାପି ମରି ମରି ବଞ୍ଚୁଥିବା ଆଉ ଏକ ଅନିଶ୍ଚିତ ଆକର୍ଷଣର ପରିଧି ଭିତରେ ସର ମାଉସୀ ଏକ ନୂତନ ଆବିଷ୍କାର ନିମନ୍ତେ ଆଜି ବି ବ୍ୟଗ୍ର ।

ରଚନା - ଶ୍ରୀ ରୁଦ୍ରକାନ୍ତ ରାଉତରାୟ

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

Email- rudrakanta456@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତ୍ରିଲୋଚନ କାନୁନଗୋ : ଏକ ଅମ୍ଳାନ ବ୍ୟକ୍ତିତ୍ୱ



ସଞ୍ଜୀବ କୁମାର ଦାସ

(ମଇ ୧ ତାରିଖ ଏକାଦଶାହ ପାଳନ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି )

ସେ ସବୁବେଳେ ମନେ ପଡ଼ନ୍ତି, ଯେତେବେଳେ କଟକ ବାସୀଙ୍କର ସୁଖ ଦୁଃଖ କଥା ଉଠେ ।

ସେ ବି ମନେ ପଡ଼ିବେ ତାଙ୍କ ଅବର୍ତ୍ତମାନରେ । ତୀକ୍ଷ୍ଣ ଦୂରଦୃଷ୍ଟି ସମ୍ପନ୍ନ ପ୍ରବୀଣ ରାଜନେତା, ପୂର୍ବତନ ସାଂସଦ, ବିଧାୟକ, କଟକ ପୌର ନିଗମର ପୂର୍ବତନ ନଗର ପାଳ ତଥା ଓଡ଼ିଶାର ବିଶିଷ୍ଟ ଅର୍ଥଶାସ୍ତ୍ରୀ ତ୍ରିଲୋଚନ କାନୁନଗୋ, କଟକବାସୀଙ୍କର ପ୍ରିୟ ତିଲୁ ଭାଇ ସେମାନଙ୍କ ଗହଣରୁ ଚାଲି ଯାଇଛନ୍ତି ବୋଲି ବିଶ୍ୱାସ କରି ହେଉ ନାହିଁ ।

ଶୁକ୍ରବାର, ଅପ୍ରେଲ ୨୧, ୨୦୨୩ । ମଧ୍ୟାହ୍ନରେ ତାଙ୍କ ମର ଶରୀରକୁ ଭୁବନେଶ୍ୱରରୁ କଟକ ମହାନଗର ନିଗମ କାର୍ଯ୍ୟାଳୟକୁ ନେବା ବେଳେ ଚାନ୍ଦିନୀଚୌକ ନିକଟସ୍ଥ ଗଡାରେ ହଠାତ ଦେଖିବାକୁ ପାଇଲି ସାମନାରେ ତାଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସଟି ଯାହା ଆଗରେ ଲେଖାଥିଲା 'ତ୍ରିଲୋଚନ କାନୁନଗୋ ଅମର ରହେ' । ସ୍ୱତଃପ୍ରବୃତ ହାତ ଦୁଇଟି ମୋର ତାଙ୍କୁ ସସମ୍ମାନ ଶ୍ରଦ୍ଧାଞ୍ଜଳି ଜଣାଇଲା । ଏହିପରି ତାଙ୍କ ପ୍ରିୟ ନେତାଙ୍କୁ ଶେଷ ଦର୍ଶନ ଦେବାପାଇଁ ଭିଡ଼ ଜମିଥିଲା କଟକ ସ୍ଥିତ ଶେଖ୍ ବଜାର ବାସଭବନ ଠାରୁ ଆରମ୍ଭ କରି ନିଗମ କାର୍ଯ୍ୟାଳୟ ଯାଏଁ ଏବଂ ଶେଷରେ ଆପଣାର ଅତି ଘନିଷ୍ଠ ଜନ ନେତାଙ୍କୁ ତାଙ୍କ ପୈତୃକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜନ୍ମସ୍ଥାନ କଣ୍ଟାପଡ଼ାର ବଡମୁଳେଇରେ ଶୋକାକୁଳ ପ୍ରିୟଜନ,ଗ୍ରାମବାସୀ ଏବଂ ପ୍ରଶାସନ ଦେଇଥିଲେ ଶେଷ ବିଦାୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ।

ଛାତ୍ରାବସ୍ଥାରୁ ହିଁ ଲୋକସେବା ନିମିତ୍ତ ବ୍ରତୀ ଅସାମାନ୍ୟ ଧିଶକ୍ତି ସମ୍ପନ୍ନ ତ୍ରିଲୋଚନ ସତେ ଯେମିତି ପଣ କରିଥିଲେ ଏବଂ ଏଥିରେ ସେ ସଫଳ ହୋଇଥିଲେ । ସେପ୍ଟେମ୍ବର ୧୨, ୧୯୪୦ରୁ ଅପ୍ରେଲ ୨୧, ୨୦୨୩ ପର୍ଯ୍ୟନ୍ତ ଦୀର୍ଘ ୮୨ ବର୍ଷର ସଂଘର୍ଷମୟ ଜୀବନଯାତ୍ରା ତ୍ରିଲୋଚନ ବାବୁଙ୍କୁ ସମସ୍ତଙ୍କ ନିକଟରେ ଅତି ଆପଣାର କରାଇ ପାରିଥିଲା । ଉଚ୍ଚ ଶିକ୍ଷା ସମାପ୍ତି ପରେ ସେ ସକ୍ରିୟ ରାଜନୀତିରେ ପାଦ ଥାପି ୧୯୬୪ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ କରି ମଧ୍ୟ ସରକାର ବିରୋଧରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏହା ତାଙ୍କ ନିର୍ଭୀକତାର ସମ୍ପୂର୍ଣ୍ଣ ପରିଚୟ । ଲୋକପ୍ରିୟତାକୁ ପାଥେୟ କରି ସେ ୧୯୬୫ ମସିହାରେ ତତ୍କାଳୀନ ରେଭେନ୍‌ସା ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ନିର୍ବାଚିତ ହୋଇଥିଲେ ।

ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି । ବିଜୟ ଧାରା ତାଙ୍କର ଅନେକ ଦିନ ଧରି ଲାଗି ରହିଥିଲା । ୧୯୭୧ ମସିହାରେ  ଗୋବିନ୍ଦପୁର ବିଧାନ ସଭା ଆସନ ଏବଂ ୧୯୭୪ ରେ କଟକ ସଦର ଆସନରୁ କଂଗ୍ରେସ ଟିକଟରେ ନିର୍ବାଚିତ ହୋଇଥିଲେ । ଜରୁରୀ କାଳୀନ ପରିସ୍ଥିତିକୁ ବିରୋଧ କରି ସେ ୧୯୭୫ ମସିହାରେ ୧୮ ମାସ ପାଇଁ କାରାବରଣ କରିଥିଲେ; ମାତ୍ର ଜେଲରୁ ମୁକୁଳିବା ପରେ କଂଗ୍ରେସରୁ ଇସ୍ତଫା ଦେଇ ବିରୋଧୀ ଦଳରେ ଯୋଗଦାନ ପୂର୍ବକ ନିଜର ନୀତି ଓ ଆଦର୍ଶକୁ ପାଥେୟ କରି ଜନସେବା ଓ ବିକାଶକୁ ପ୍ରାଥମିକତା ଦେଇଥିଲେ । ଫଳସ୍ୱରୂପ ୧୯୮୫ ମସିହାରେ ସେ ଗୋବିନ୍ଦପୁର ଆସନରୁ ବିଧାନସଭାକୁ ପୁନଃ ନିର୍ବାଚିତ ହୋଇଥିଲେ । ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ସେ ଜଗତସିଂହପୁର ଲୋକସଭା ଆସନକୁ ପ୍ରତିନିଧିତ୍ୱ କରିଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ରାଜନୈତିକ ଜୀବନର ସବୁଠୁଁ ଉଲ୍ଲେଖନୀୟ ସମୟ ଥିଲା ୧୯୭୮-୮୦ ଏବଂ ୧୯୯୨-୯୫ ମସିହାର କଟକ ପୌର ପାଳିକାର ନଗରପାଳ ଦାୟିତ୍ୱ ବହନ କରିବାର ବର୍ଷ ଗୁଡ଼ିକ । ନିଜକୁ ସେ ସମର୍ପିତ କରିଦେଇଥିଲେ ଏଇ ସମୟରେ ସହରକୁ ମଶା ଦାଉରୁ ରକ୍ଷା କରିବା ପାଇଁ ଏବଂ ପୂର୍ଣ୍ଣ ମାତ୍ରାରେ ସଫଳତା ହାସଲ କରିଥିଲେ ମଧ୍ୟ ।

ଏ ବାବଦରେ ଏକ ଘଟଣା ଏଠାରେ ଲେଖିବାକୁ ଶ୍ରେୟ ମଣୁଛି । ୧୯୯୨ ମସିହାରେ ସିଡିଏ ସ୍ଥିତ ହାଉସିଂ ପ୍ରୋଜେକ୍ଟରେ ଘରନିର୍ମାଣ କାମ କରୁଥିବାବେଳେ ଆବଶ୍ୟକ ସରଞ୍ଜାମ କିଣିବାପାଇଁ ସେ ସମୟରେ କଲେଜ ଛକ ଯିବାକୁ ହେଉଥିଲା । ମୁଁ ନୂଆ କରି କଟକ ଆସିଥାଏ । ଥରେ ସତୀଚଉରା ଛକ ପାର ହୋଇ ସେଲ୍ଟର ଛକ ପାଖରେ ପହଞ୍ଚି ଦେଖିଲି ଧୋବ ଫରଫର ବସ୍ତ୍ର ପରିହିତ ଭଦ୍ର ବ୍ୟକ୍ତି ଜଣେ ନର୍ଦ୍ଦମା ପାଖରେ ବସି ସଫେଇ କର୍ମଚାରୀଙ୍କୁ କଣ କିଛି କହୁଛନ୍ତି । କୌତୁହଳ ବଶତଃ ସେଠିକାର ଲୋକଙ୍କ ପାଖକୁ ଯାଇ ବୁଝିଲି ସେ ହେଉଛନ୍ତି ତ୍ରିଲୋଚନ କାନୁନଗୋ, କଟକ ପୌରପାଳିକାର ନଗରପାଳ, ସହରରୁ ମଶା ଉତ୍ପାଟନ ଅଭିଯାନରେ ନିଜକୁ ନିୟୋଜିତ କରିଛନ୍ତି । ସହରକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ ରଖିବାକୁ ପଣ କରିଛନ୍ତି । କି ସମର୍ପଣ ଭାବନା ସତେ !

ଅର୍ଥଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିବା ସମସ୍ତଙ୍କ ପ୍ରିୟ ନେତା ତ୍ରିଲୋଚନ ବାବୁ ଓଡିଶା ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିଥିଲେ । ବିଜୁ ଜନତା ଦଳର ଜଣେ ସକ୍ରିୟ ସଭ୍ୟ ଭାବରେ ଦଳକୁ ମାର୍ଗଦର୍ଶନ କରୁଥିଲେ ଶେଷ ପର୍ଯ୍ୟନ୍ତ । ଶିକ୍ଷାର ବିକାଶ ଦିଗରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ନିଜ ପୈତୃକ ଗ୍ରାମରେ ଶିକ୍ଷାର ବିକାଶ ନିମନ୍ତେ ସ୍ଥାନୀୟ ଜଣେ ବଦାନ୍ୟ ବ୍ୟକ୍ତି ଉଦୟନାଥ ସାହୁଙ୍କ ଆର୍ଥିକ ସହାୟତାକୁ ପାଥେୟ କରି ସେ ଏକ କଲେଜ ସ୍ଥାପନ କରିବାର ଅଗ୍ରଣୀ ଭୂମିକା ନେଇଥିଲେ ଯାହା ୧୯୮୬ ମସିହାରେ ତାଙ୍କ ପୃଷ୍ଠପୋଷକତାରେ ଆରମ୍ଭ ହୋଇଥିଲା । ଅଡଷପୁରରେ ପ୍ରାଚୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜ୍ଞାନପୀଠ ପରିସରରେ ଗଢି ଉଠିଥିବା ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ଦୀର୍ଘ ଛତିଶ ବର୍ଷର ସଫଳ ଯାତ୍ରାପରେ ପୂର୍ବ ଓଡ଼ିଶାର ଏକ ବୃହତ ଶିକ୍ଷାନୁଷ୍ଠାନରେ ପରିଣତ ହୋଇପାରିଛି । ଦୂର ଦୁରାନ୍ତକୁ ଯାଇ ସ୍ଥାନୀୟ ପିଲାମାନେ ପାଠ ପଢ଼ିବାର ଅସୁବିଧାକୁ ହୃଦୟଙ୍ଗମ କରି କଲେଜଟିଏ ସ୍ଥାପନ କରିବାକୁ ତ୍ରିଲୋଚନ ବାବୁ ଏବଂ ତାଙ୍କ ଅଂଚଳର ବୁଦ୍ଧିଜୀବୀ ମାନେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହୋଇଥିଲା ଏହି ଦୂରଦୃଷ୍ଟିସମ୍ପନ୍ନ ରାଜନେତା ଓ ଶିକ୍ଷାବିତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ । ତାଙ୍କର ମାନସ ସନ୍ତାନ ଏହି ଶିକ୍ଷା ପରିସରକୁ ଆହୁରି ସରସ ସୁନ୍ଦର କରିବାକୁ ପ୍ରଚେଷ୍ଟା କରି ଅଧିକତର ସମୟ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ମାର୍ଗଦର୍ଶନ ଦେଉଥିଲେ ସେ ଜୀବନର ଉତ୍ତର ଦିନମାନଙ୍କରେ ।

ଏହି ପ୍ରୟାସ ତାଙ୍କୁ ଚିରକାଳ ତାଙ୍କ ଗ୍ରାମବାସୀ ସମେତ କଟକବାସୀଙ୍କ ଠାରେ ଅତି ଆପଣାର କରି ରଖିବ । ତାଙ୍କ ଅଭିଜ୍ଞତାରୁ କିଛି ଭଲ କରିବାର ଅଭିପ୍ରାୟ ନେଇ ଗତ ବର୍ଷ ନବନିର୍ବାଚିତ ମେୟର ସୁବାସ ସିଂ ମହୋଦୟ ତ୍ରିଲୋଚନ ବାବୁଙ୍କୁ ନିମନ୍ତ୍ରଣ କରିଥିଲେ ମହାନଗର ନିଗମର ଏକ ଅଧିବେଶନକୁ । ଗୁରୁମନ୍ତ୍ର ପ୍ରଦାନ ଜରିଆରେ ସମସ୍ତଙ୍କୁ ଉତ୍ସର୍ଗୀକୃତ ଭାବନା ନେଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ତା ସହିତ ନିଗମ ଅଧିନରେ କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀଙ୍କୁ ଆପଣାର ଭାବି କାର୍ଯ୍ୟ ସମ୍ପାଦନ ନିମନ୍ତେ ଉତ୍ସାହିତ କରିବାକୁ ଅନୁରୋଧ କରିଥିଲେ । ସେଥିରୁ କିଛି ଶିଖି ପାରିଲେ ଆଜି ତାଙ୍କ ଏକାଦଶାହ ପୁଣ୍ୟତିଥି ଏବଂ ସର୍ବୋପରି ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଅବସରରେ ସମସ୍ତ ଶ୍ରମିକ ଭାଇ ପ୍ରେରଣା ଲାଭ କରିବେ । ତତ୍ ସହିତ ତ୍ରିଲୋଚନ କାନୁନ୍ ଗୋ ଙ୍କ ସ୍ୱପ୍ନର କଟକ ବିକାଶ ପଥରେ ଆଗକୁ ଅଗ୍ରସର ହେବ ।

ସିଡିଏ, ମର୍କତ ନଗର, କଟକ - ୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରୋଷିତା ପ୍ରିୟା



ଶିବ ନାରାୟଣ ଦାଶ

ଆଖିରେ ତୁମର ଆଖି ମିଶିଗଲେ ପଲକ ଝୁକାଇ ଦିଅ,
ତୁମ ପାଖ ଦେଇ ଚାଲିଯାଏ ଯେବେ ଅପଲକ ଚାହିଁ ରୁହ,
ପଲକ ପଡିଲେ ତୁମ
ଚୋରାଇ ଚୋରାଇ ତୁମ ରୂପ ପଢେ ମୁଗ୍ଧ ଚାହାଣି ମୋର ।

ତୁମେ ହସୁଥିଲେ କପୋଳେ ତୁମର ସରମ ଭଉଁରୀ ଦିଶେ,
ଜାଣେନା କିପରି ଅଜାଣତେ ମୁହିଁ ଆପେ ଟାଣିହୋଇ ଆସେ,
ଥମକି ପଡିଲେ ତୁମେ
ତୁମରି ହସର ଜୁଆରରେ ମୋ'ର ଅଧୀର ଅଧର ହସେ ।

ତୁମେ କୁହ କଥା ନରମି ନରମି ମରମ ଭେଦଇ ମୋର,
ତୁମ ନୀରବତା ଆହୁରି ଗଭୀର ହୃଦୟରେ କରେ ଘର,
ଆଖି ଆଖି କଥା କୁହା
ତୁମ ଠାରୁ କିଏ ଅଧିକ ବୁଝିଛି ଆଖିର ଇଶାରା ଠାର ।

ମୁଁ ଯେବେ ତୁମକୁ ସଳଖ ଦେଖଇ ତୁମେ ଆକାଶକୁ ଚାହଁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ନ ଜାଣିବା ଅଭିନୟ କରି ସତେ ଅବା ଭାବୁଥାଅ,

ମୋ ମନ ଅକୁହା କଥା

ତୁମ ବିନା କିଏ ପଢି କି ପାରିଛି ହୃଦୟର ଭାଷା କୁହ ?

ମୁଁ ସିନା ସାହସି କହି ପାରି ନାହିଁ ତୁମକୁ ଯେ ଭଲପାଇ,

ତୁମେ କିନ୍ତୁ ମୋତେ ସହଜ କରିଛ ତୁମରି ପ୍ରଣୟ ଦେଇ,

ପ୍ରୀତି ସୋହାଗର ଚିଠି

ତୁମେ ନ ଲେଖିଲେ ସାରାଟା ଜୀବନ ରହିଥାନ୍ତି ମୁଁ ଯେ ଚାହିଁ ।

ତୁମେ ଯେବେ କେବେ ଉଦାସୀ ଆଖିରେ ମୋ ଆଡକୁ ଚାହିଁରୁହ,

ନୟନୁଁ ମୋହର ତୁମରି ବେଦନା ଝରିପଡ଼େ ହୋଇ ଲୁହ,

ମୋ ଛାତିରେ ରଖି ମଥା

ନ କାନ୍ଦିଲେ ତୁମେ କେମିତି ଜାଣିବି ତୁମର ସୋହାଗ ପ୍ରିୟ ।

ମାନ ଅଭିମାନ କରିଛ ବୋଲି ତ ମନେ ପଡେ ନାହିଁ କେବେ,

ମାନ ଭଂଜନ କରିବା ପାଇଁ ମୁଁ ଖୋଜିଛି ସୁଯୋଗ ଯେବେ,

ତୁମକୁ ନ ରଗାଇଲେ

ତୁମ ଅଭିମାନୀ ରୂପର ସୁଷମା କିଏ ସେ ଦେଖିବ ତେବେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖିରେ ମିଳାଇ ଆଖି ପୁଣି ତୁମେ କେତେ କଥା ଗପୁଥାଅ,

ମୁଁ କିନ୍ତୁ ତୁମକୁ ଛୁଇଁଦେଲେ ଥରେ ଲାଜକୁଳୀ ଲତା ହୁଅ,

ତୁମରି ଲାଜୁଆ ମୁହଁ

ଚାହାଣୀରେ ମୋ'ର ଧରାଦେବାପାଇଁ ଆକୁଳେ ଅନାଇ ରୁହ ।

ମୁଁ କିଛି କହିବା ଆଗରୁ ତୁମକୁ ମୋ କଥା ଛଡାଇ ବସ,

ମୋ ଅକୁହା କଥା କହୁ କହୁ ତୁମେ ଦୁଷ୍ଟାମୀ ଭରେ ହସ,

କହି ନ ପାରନ୍ତି ଯାହା

ତୁମେ ନ କହିଲେ ଜାଣନ୍ତି କିପରି ମୋ ହୃଦୟ ଅବଶୋଷ ।

ମୋ ଘର ସାମନା ଗ୍ରାମପଥ ଦେଇ ତୁମେ ଚାଲିଗଲା ବେଳେ,

ଅଜାଣତେ ଯଦି ମୁଁ କେବେ ତୁମକୁ ଚାହିଁନାହିଁ ଅବହେଳେ,

ପାଉଞ୍ଜିର ରୁଣୁଝୁଣୁ

ନ କରିଲେ ତୁମ ମଦାଳସା ଚାଲି ଦେଖନ୍ତି କି କେବେ ହେଲେ !

ପୂର୍ଣ୍ଣିମୀ ଜହ୍ନ ଆକାଶେ ଉଠିଲେ ଆମ ଆମ୍ବତୋଟା ଡେଇଁ,

ତୁମେ ମନେପଡ଼ ବେଶୀ ବେଶୀ ମୋର ଗଭୀର ହୃଦୟ ଛୁଇଁ,

ପାଖରେ ନ ଥିଲେ କେହି

ତୁମେ ଦିଶ ମୋତେ ଜହ୍ନ ଆଲୁଅରେ ତୋଫା ଗୋରୀ ଚାନ୍ଦମୁହିଁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁନ୍ତଳ ତୁମ ଖୋଲିଦେଲେ ତୁମେ ରାତିର ଭରମ ହୁଏ,
ଉଆଁସୀ ଆକାଶ ସରମରେ ମରି ତା' ଭିତରେ ହଜିଯାଏ,
କୃଷ୍ଣ କବରୀ ତୁମେ
ଫିଟାଇ ନ ଦେଲେ ମୁକୁଳା କେଶର ଲହଡି ଚୁମିବ କିଏ ।

ଗ୍ରୀଷମର ତାତି, ବରଷା ରାଗିଣୀ, ଶୀତର ହେମାଳ ଛୁଇଁ,
ତୁମେ ବାରମାସୀ ଚଢେଇଟି ପରି ମୋ ନୀଡ଼ରେ ଥାଅ ରହି,
ବସନ୍ତର ରଙ୍ଗ ବୋଳି
ତୁମେ ଉଡ଼ିବୁଲ ଜୀବନେ ମୋହର ବାସନ୍ତୀ ପରଶ ଦେଇ ।


ଆପଣାକୁ ଭୁଲି ଖୋଜିଛି ଯେବେ ମୁଁ ତୁମକୁ ପାଗଳ ପ୍ରାୟେ,
ତୁମେ ଚିହ୍ନାଇଛ ସମାଜରେ ମୋତେ ନାମ, ଯଶ ଅବଗାହେ,
ତୁମେ ପାଖେ ନ ରହିଲେ
ପରିଚୟ ମୋ'ର ଜାଣିବି କିପରି ଆଉ କୁହ ଦେବ କିଏ ?

ପାଖେ ଥାଅ ଅବ ଦୂରେ ରୁହ ତୁମେ ନଜରରେ ତୁମ ବାନ୍ଧ,
ନଜରୁ ଆଢାଳ ହେଲେ ପୁଣି ମୋ'ର ମନରେ ଉଜଳି ଉଠ,
ହୃଦୟ ଆବୋରି ମୋ'ର
ତୁମେ ନ ବସିଲେ କିଏ ପଢାଇବ ପ୍ରେମ-ପ୍ରଣୟର ପାଠ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝଡ଼ର ପକ୍ଷୀ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଝଡର କବଳେ ମୁଁ ଯେ ନୀଡ଼ହରା ସାଥୀହୀନ ପକ୍ଷୀ,
ଅଶ୍ରୁର ଅଗ୍ନିରେ ସିକ୍ତ ଜୀବନ ମୋ' କରାଳ ବୈଶାଖୀ !

ଅସହାୟେ ଉଡ଼ିବୁଲେ ବିହାୟସେ ବାସନା ବିକଳେ,
ମୋ' କୁଲାୟ ଅବିରତ ଅନ୍ତହୀନ ବେଦନାରେ ଜଳେ ।

ଅନ୍ତରୀକ୍ଷ ଗାଏ ଯେବେ ସୀମାହୀନ ନୀଳିମାର ଗୀତ,
ଅନ୍ତରେ ମୋ' ଜୀଇଁଉଠେ ବିଭାମୟ ବିଭୋର ଅତୀତ ।

ସେ ଜୀବନ ସଙ୍ଗୀତର ସକରୁଣ ମୋହ ମୁଗ୍ଧ ଭାତି,
ଆଣିଦିଏ ଦୁଃଖ ସହି ବଂଚିବାର ଅମୃତ ପ୍ରତୀତି ।

ଅନେକ ଝଡ଼ର କ୍ଷତ ମୋ' ପକ୍ଷର ବାହ୍ୟ ଅଭ୍ୟନ୍ତରେ,
ପକ୍ଷବାହି ତଥାପି ବିହରେ ଗାଏ ଗୀତ ସୁମଧୁର ସୁରେ ।

ଲକ୍ଷ ମୋର ଅନ୍ତରୀକ୍ଷ ଲଙ୍ଘିଯିବି ଆଲୋକର ଦେଶେ,
ପରମ ଆନନ୍ଦେ ଯହିଁ ଜୀବନଟା ଚିରଦିନ ହସେ ।

ସେ ଦେଶୁଁ ଆଣିବି ବହି ଆତ୍ମାର ଦିବ୍ୟ ଉପାଦାନ,
ଗଢ଼ିବାକୁ ମର୍ତ୍ତ୍ୟପୁରେ ଅବିନାଶୀ ଅମର୍ତ୍ତ୍ୟ ଭୁବନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିତା ମୋ ପ୍ରେରଣା



ବାସନ୍ତୀ ଲତା ଜେନା

ସ୍କୁଲ ଜୀବନ ସବୁଠୁ ବଢିଆ
ମନେ ରହେ ଚିର ଦିନ
ପାଠ ପଢା ସାଥେ ଖେଳ କସରତ
ଖୁସିରେ କଟଇ ଦିନ ।୧।

ପ୍ରତିଯୋଗିତାରେ ସାଙ୍ଗ ସାଥି ମେଳେ
ଅଙ୍କ ପ୍ରବନ୍ଧ କବିତା
ପ୍ରବନ୍ଧ ଲେଖିଲି ଜୀବନର ଲକ୍ଷ୍ୟ
କରିବି ମୁଁ ଶିକ୍ଷକତା ।୨।

ସନ୍ଧ୍ୟା ସମୟରେ ଭଜନଟେ ଲେଖି
ପିତାଙ୍କୁ ଥିଲି ଦେଖାଇ
ଭଜନଟି ଦେଖି ପିତା ଖୁସି ହେଲେ
ଆଶିଷ ମସ୍ତକ ଛୁଇଁ ।୩।

କହିଲେ ମାଆରେ ପାଠ ପଢା ସାରି
ଲେଖୁ ଥାଅ କିଛି ନିତି
ଲେଖିବାର ଶୈଳୀ ତୋର ଭଲ ଅଛି
ସେଥିରେ ପାଇବୁ ଶାନ୍ତି ।୪।

ବାପାଙ୍କ ପ୍ରେରଣା ତାଙ୍କ ଆଶୀର୍ବାଦ
ମସ୍ତକେ ଚନ୍ଦନ ଟିକା
ଦଶମ ଶ୍ରେଣୀରେ ପଢୁଥିଲି ପାଠ
କବିତା ହୋଇଲା ଲେଖା ।୫।

ମନ ଯେବେ ହୁଏ ଗୀତ କବିତାରେ
କିଛି ଲେଖି ଦେଉ ଥିଲି
ବିଭା ହୋଇ ଯେବେ ଶାଶୁ ଘର ଗଲି
ସଉକ ଗଲି ମୁଁ ଭୁଲି ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୌଥ ପରିବାର ଶାଶୁ ଘର ମୋର
ସଭ୍ୟ ସଂଖ୍ୟା ଅଠେଇଶୀ
ଜଞ୍ଜାଳ ମଧ୍ୟରେ ବୁଡି ରହିଲି ମୁଁ
କବିତା ଗଲା ମୋ ରୁଷି ।୭।
ସ୍ୱାମୀଙ୍କ ସଙ୍ଗରେ ସହର ଆସିଲି
ପ୍ରଶିକ୍ଷଣ ଶିକ୍ଷା ନେଲି
ସରକାରୀ ଚାକିରୀ ଶିକ୍ଷକତା କାର୍ଯ୍ୟ
ଜୀବିକା ଅଧୀନ ହେଲି ।୮।
ପିଲାମାନେ ମୋର ବଡ଼ ହେଲା ପରେ
ଲେଖାକୁ ସ୍ୱାଗତ କଲି
ଆଠ ବର୍ଷ ହେଲା କବିତା ଲେଖୁଛି
କବୟିତ୍ରୀ ହୋଇ ଗଲି ।୯।
ନ ଲେଖିଲେ ଆଜି ଭଲ ଲାଗୁ ନାହିଁ
କବିତା ମୁଖ ଦିଶୁଛି
କବିତା ସହିତ ଗପ ଓ ପ୍ରବନ୍ଧ
ନିତି କିଛି ଲେଖୁ ଅଛି ।୧୦।

ହ୍ୱାଟ୍ସ ଅପ ଗ୍ରୁପ୍ ଫେସ୍ ବୁକ୍ ମଧ୍ୟେ
ଲେଖା କିଛି ଛାଡି ଥାଏ
ପତ୍ର ପତ୍ରିକାରେ ମୋ ଲେଖା ଦେଖିଲେ
ମନେ ଭାରି ଖୁସି ହୁଏ ।୧୧।
ଓଡ଼ିଆ ସାହିତ୍ୟ ପ୍ରଗତିର ପଥେ
ନେବାକୁ ଚାହୁଁଛି ମୁହିଁ
ସାଧନା ମୋହର ରହୁ ନିରନ୍ତର
ଏତିକି କରୁଣା ସାଇଁ ।୧୨।
ପୂଜ୍ୟ ପିତା ମୋର ଆଜି ସେ ନାହାନ୍ତି
ଚିରନିଦ୍ରା ଯାଇଛନ୍ତି
ତାଙ୍କର ପ୍ରେରଣା ମୋ ଜୀବନ ଉତ୍ସ
ସ୍ୱର୍ଗେ ଆଶିଷ ଝରାନ୍ତି ।୧୩।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୋଉଠୁ ପାଇବୁ ଯେ !



କୀର୍ତ୍ତନ ସାହୁ

ନେଡି ଗୁଡ଼ କହୁଣୀକୁ
ବହି ଯାଇଛି
ଖୋଜୁଛୁ.. ଖୋଜୁଥା

ତୋ ବୋଉର
ପଣତ କାନିରେ
ତୁ ବାନ୍ଧି ହେଇଥିଲୁ
ସବୁ ଅଳି ଅର୍ଦ୍ଦଳିର
ସମାଧାନ ତୋ ବୋଉ ଥିଲା

ତୁ ପରା ମଣିଷ
ତୋ ବାପାଙ୍କ
ମାଡ଼ ଆକଟରେ
ତୁ ସଳଖିଛୁ
ତାଙ୍କ ସଜାଗ ଦୃଷ୍ଟି
ପଥରେ ତୋ ପଦଯାତ୍ରା

ସବୁ ଭୁଲି ଗଲୁ
ଘଳିଆରେ ପାଦ ଦେଲୁ
ଚିତ୍କାର କରୁଛୁ
କିଏ ଅଛି ଯେ
ଉଠାଇବ

ଭଲ ଲାଗିଲା
ସୁନେଲି ସ୍ୱପ୍ନର
ଚିକ୍ ମିକିଆ ରୂପ
ଭଲ ଲାଗିଲା
ପ୍ରହେଳିକାର ଚେହେରା

ଖୋଜୁଛୁ
ନିସର୍ତ୍ତ ଆତ୍ମୀୟତା
ନିର୍ଭେଜାଲ ସମ୍ପର୍କ
ହଜିଲା ଦିନର ମଧୁମୟତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଜ୍ଜିଲା ସମୟର ପ୍ରୀତି
ଆଉ ଅଛି ଯେ ପାଇବୁ
ବେଳ ଥାଉଁ ସବୁ
ଅବେଳ କରିଦେଲୁ
ଭୁଲିଗଲୁ ଗାଆଁ
ପରିବାର ନିଜ ଲୋକ

ଆଇନାରେ ନିଜ ରୂପ
ଅରୂପ କରିଦେଲୁ
ଏବେ ଖୋଜୁଛୁ
କୋଉଠୁ ପାଇବୁ ଯେ !
ନିଖାଦ ଭଲ ପାଇବା
ନିଃଶବ୍ଦ ମୁହୂର୍ତ୍ତ
ନିରୋଳା ନିର୍ଣ୍ଣୟ ... ।

ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର । ଦୂରଭାଷ - ୯୪୩୮୪୧୪୭୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ଆଞ୍ଜୁଳେ



ମଧୁସ୍ମିତା ସାହୁ

କଲମ ମୁନରୁ ଲେଖୁଛି ଆଜି ମୁଁ,
ଲୁହର ଧାରକୁ ଥୋଇ,
କବିତା ନୁହେଁତ ହୃଦୟ ଯନ୍ତ୍ରଣା,
ପ୍ରକାଶ ଗାଥାରେ ରହି ।।
ସ୍ନେହ କାଙ୍ଗାଳୁନୀ ହେଲିବୋଲି କହି,
ବହୁ ଧୋକାକୁ ପାଇଲି,
ଅପବାଦ ନିନ୍ଦା ପରଶ୍ରୀ କାତର,
ଚାରିଆଡେ ଦେଖିଦେଲି ।।
ମିଷ୍ଟ ଭାଷା ବଦଳେ କଟୁବଚନ,
ସଦା କର୍ଣ୍ଣେ ଶୁଣି ହେଲା ,
ବିଶ୍ୱାସ ବଦଳେ ଅବିଶ୍ୱାସ ବୀଜ,
ଚତୁର୍ଦ୍ଦିଗ ବୁଣିହେଲା ।
ହସ ମୁଠାକ ଚାହିଁବା ବଦଳରେ,
ଲୁହର ସମୁଦ୍ର ବେଳା ,
ସୁଖକୁ ପାଇବା ଇଚ୍ଛା ବଳାଇଲେ,
ପୁଞ୍ଜାଏ ଦୁଃଖ ବୁଜୁଳା ।।

ପ୍ରଶଂସା କରିବା ଦୂରରେ ରହିବ,
ଧିକ୍କାର ମିଳେ ବହୁତ,
ଏହିସବୁ ତିରସ୍କାର ଭିଡିଧରି,
ବଞ୍ଚିବା କଷ୍ଟ ହୁଏତ ।।
ପ୍ରେମସ୍ନେହ ମିଳେ ନାହିଁ ଜଗତରେ,
ମିଳିଲା ମାତ୍ର ଲାଞ୍ଛନା,
ଏମିତି ଜୀବନ ଶତ୍ରୁକୁ ନମିଳୁ,
ନରକ ଭରା ଯାତନା ।।
ଛିଞ୍ଚି ଦେଇ ପୁର ପଲ୍ଲକରେ ରହି,
ବୁନ୍ଦାଏ ଆଶା ଝଲକ,
କବିତା ଲେଖାରେ ଉନ୍ମାଦ ଭରିଛି,
ଆଞ୍ଜୁଳେ ସ୍ୱପ୍ନ ମହକ ।।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ
ଓଡ଼ିଶା, ମୋ—୯୩୪୯୭୮୫୪୧୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚକାନୟନ...



ରାମ ପ୍ରସାଦ ସିଂହ

କେଡେ ସୁନ୍ଦର ଏ ଚକା ନୟନ
ଦର୍ଶନେ ଅଶ୍ରୁ ଧାର,
ଭାବର ସାଗର ହୁଅଇ ଉଦୟ
ପ୍ରଣାମ ଗ୍ରହଣ କର ।।

ରତ୍ନ ଆସନେ ବସିଛ ମାୟାଧର
ସଂସାରେ ମାୟା ବୁଡେଇ,
ସଭିଙ୍କ କରମ ସିନେମା ଦେଖୁଛ
ପଲକ ସହ ମେଲେଇ ।।

ଭକତ ଦୁଃଖର ହାରଣ ତୁମେହିଁ
ଶୁଣ ତାଙ୍କରି ଗୁହାରି,
ପତିତ ହୁଅନ୍ତି ସମ୍ପୂର୍ଣ୍ଣ ଉଦ୍ଧାର
କରୁଣା ନିତ୍ୟ ଶ୍ରୀହରି ।।

ସୁକରପଡା, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଲମ ମୋ କଥା କହେ



ରଞ୍ଜିତା ରାଉଳ

ତୀକ୍ଷ୍ଣ ଚିନ୍ତା ଧାରା କଳ୍ପନା ରାଜ୍ୟ ରେ
ଯେବେ ମୋର ଘୁରିବୁଲେ
କଲମର ମୁନ ଅଥୟ ହୋଇଣ
ଶବ୍ଦ ଗଢ଼ି ଗଢି ଚାଲେ ।।

ହୃଦୟ ବେଦନା ସୀମା ହିନ ହେଲେ
ଭାବନା ଉଦ୍ରେକ ହୁଏ
ଚିନ୍ତନର ସ୍ତର ଉତ୍ତେଜିତ ହେଲେ
ଲେଖନୀ ସାହାଯ୍ୟ ନିଏ ।।

ସହିପାରେ ନାହିଁ ଅନ୍ୟାୟ ଅଧର୍ମ
ମିଛମାୟାର ସଂସାରେ
ଧର୍ମ ଭରଷାରେ ଜୀବନ କାଟଇ
ନ୍ୟାୟର ସାହାରା ଭରେ ।।

ଅର୍ଥଲୋଭେ ଏଠି ଆପଣାର ବୋଲି
କେହି ନୁହନ୍ତି କାହାର
ନିଜ ଭାବନାର ମଣିଷ ପାଖରେ
ସମ୍ପର୍କଟା ଅନାଦର ।।

ଅଯୋଗ୍ୟଟେ ଆଜି ସମ୍ମାନ ପାଉଛି
ଟଙ୍କାର ଆଳ ଦେଖାଇ
ଯୋଗ୍ୟର ଆଖିରୁ ଲୁହ ଶୁଖୁନାହିଁ
ଜହର ସେ ପିଉଥାଇ ।।

ଧନୀଟିଏ ଭାବେ ଧନ ଅଛି ମୋର
ଜଗତରେ ଶ୍ରେଷ୍ଠ ମୁହିଁ
ଜ୍ଞାନର ମହତ୍ତ୍ୱ କେବେ ବୁଝେ ନାହିଁ
ଉପହାସ କରୁଥାଇ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖି ମଣିଷର ମିତ୍ର କେହି ନାହିଁ
ଆହା ପଦେ କହିବାକୁ
ସୁଖ ଖୋଜେ ନାହିଁ ବିପଦେ ଭରଷା
ମିତ୍ରଟିଏ ପାଇବାକୁ ।।

ଭାଇ ବୁଝେ ନାହିଁ ଭାଇର ସମ୍ପର୍କ
ଛାର ଏ ସମ୍ପତ୍ତି ପାଇଁ
ଶତ୍ରୁଟିଏ ସାଜି ଜୀବନ ବିତାଏ
ରକ୍ତ ମୂଲ୍ୟ ବୁଝେ ନାହିଁ ।।

କ୍ରୁର, ଖଳ, ଗର୍ବୀ, ନିଷ୍ଠୁର ପାଖରେ
ଅହଂକାର ଶୋଭା ପାଏ
ବିନମ୍ର ସରଳ ମଣିଷଟେ ସଦା
ଦୟାବନ୍ତ ହୋଇଥାଏ ।।

କୁତ୍ସିତ ଚେହେରା ଉପର ଚିକ୍କଣ
ଭିତର ପୋଡ଼ା ଅଙ୍ଗାର
ପର ହିଂସା କରି ଗୋଡ଼ ଟାଣେ ସଦା
ଈର୍ଷା ତା ଜୀବନେ ସାର ।।

ଧର୍ମର ନାଆଁ ରେ ଦିନ ଦ୍ୱିପହରରେ
ଲୁଣ୍ଠନ ଏଠାରେ ହୁଏ
ଲାଞ୍ଚୁଆ ପାଖରେ ବିବେକ ନଥାଏ
ଅନ୍ୟାୟକୁ ଆପଣାଏ ।।

ଏଇ ସମାଜର ନିଛକ ଚିତ୍ରକୁ
କବିତାରେ ବର୍ଣ୍ଣି ଦିଏ
ଅଧର୍ମ ପାଖରେ କେବେ ନଇଁବିନି
କଲମ ମୋ କଥା କହେ ।।

(ରାଜ୍ୟ ସହ ସମ୍ପାଦିକା)*
ଓଡ଼ିଶା ସାହିତ୍ୟିକ ସଂଗଠନ, ଭୁବନେଶ୍ୱର (ଓଡ଼ିଶା)
ଦୂରଭାଷ - ୮୫୯୮୮୦୧୫୨୦, (ଅନୁଗୋଳ )

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶବ୍ଦ ସଂରଚନା



ରଶ୍ମୀରେଖା ମଲ୍ଲିକ

ମେଞ୍ଚା ମେଞ୍ଚା ଶବ୍ଦ
ଫର୍ଦ୍ଦେ କାଗଜ
ମନଗହ୍ୱରର ଅସରନ୍ତି ଭାବନା
ଆଜି ସବୁ ମହଜୁଦ ଥାଇ ବି
କାହିଁକି କେଜାଣି
କବିତାଟିଏ ଲେଖିବାକୁ
ମନରେ ସାହସ ଆସେନା

ଶବ୍ଦ ସବୁ ଭାସି ଆସନ୍ତି
କେଉଁ ଅଜଣା ମୁଲକ ରୁ
ସମୁଦ୍ରର ଉତ୍ତାଳ ତରଙ୍ଗ ସହ
ଶାମୁକା ସବୁ ଭାସି ଆସିଲା ପରି

ଚିତ୍କାର କରି କରି କହିଉଠନ୍ତି
ଉଠ ତୁମେ ଜାଗ୍ରତ ହୁଅ
ଆମକୁ ସଂଯୋଜନା କରି
ସୃଷ୍ଟି କର ନୂତନ କବିତା

କିନ୍ତୁ !!!
ଆଜି ଶବ୍ଦ ଥାଇ ବି ମୁଁ ଶବ୍ଦ-ହୀନ
ଭାଷା ଥାଇ ବି ମୁଁ ନିର୍ବାକ
କେବଳ ପାଷାଣୀ ଅହଲ୍ୟା ପରି
ଶୁଣିଚାଲେ ଶବ୍ଦ ମାନଙ୍କର
ଆକୁଳ ଚିତ୍କାର
କିନ୍ତୁ କରିପାରେନା
ଶବ୍ଦ ସମୂହର ସଂରଚନା ।।

ଶ୍ରୀଜଙ୍ଗ, ବାଲେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂସାରୀ ଠାକୁର ତୁହି



ବାଲାଜୀ ସେଠୀ

ଧନ ବଳ ସିନା ନାହିଁ ରେ କାଳିଆ
ଅଛି ମୋର ମନବଳ
ଗଣ୍ଡେ ଖାଇ ଦଣ୍ଡେ ଜୀଇଁଛି ତୋ ଲାଗି
ତୁ ପରା ଜଗତପାଳ ।।

ଧନ ଥିଲେ ବେଶି ତୋଳିବାକୁ ଶଶୀ
ମନ ହୁଏ ହାଇଁପାଇଁ
ତୋ ଚରଣ ସେବା ମୋ ଭାଗ୍ୟ ହରାନ୍ତା
ଧନ ପଛେ ଧାଇଁ ଧାଇଁ ।।

ବାନ୍ଧିଛି ସଂସାର ସମ୍ପର୍କ ଡୋରିର
ସଂସାରୀ ଠାକୁର ତୁହି
ଲଗାଇ ବନ୍ଧନ ଭକ୍ତ-ଭଗବାନ
ଭାବରେ ହେଉଛୁ ବାଇ ।।

ତୋ' ଠି ଲଗାଇ ବନ୍ଧୁ ଭାବ ସେହି
ବନ୍ଧୁ ମହାନ୍ତି ଗୋସାଇଁ
ଦୀନ ଅରକ୍ଷିତ ବାଲାଜି ପତିତ
ଡାକିବ କି ଭାବ ଦେଇ ।।

ପ୍ରେମର ଡୋରୀରେ କାହୁଁ ଛନ୍ଦି ପାରେ
ରାଧାପ୍ରେମ ତହୁଁ ବଳି
ଯେଉଁ ରାଧା ପାଦ ଦର୍ଶନ ଦୁର୍ଲଭ
ସରି କେ ସେ ପାଦ ଧୂଳି ।।

ବଇରୀ ଆଚରି ଗଲେ କେତେ ତରି
କରି ତୋ କରୁଣା ଲାଭ
ମିତ୍ର ଭାବେ କେତେ ପାଇଣ ସାନିଧ୍ୟ
ପାରି ହେଲେ ସିନ୍ଧୁ ଭବ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁ' ମୋର ଦାତା     ମୁଁ ତୋର ଗ୍ରହୀତା

ଯାହା ଦେବୁ ଇଚ୍ଛା ତୋର

ତୁ ହିଁ ମୋର ଶକ୍ତି     ତୁ ହିଁ ଗତି ମୁକ୍ତି

ଯୋଡୁଥିବି ନିତି କର  ।।

ଗର୍ବ ଅହଙ୍କାର     ନ ହେଉ ସବାର

ହେବି ନାହିଁ ବାଟବଣା

ସବୁରି ଭିତରେ   ଖୋଜିବି ତୋତେରେ

ସେବାରେ ନ କରି ଊଣା  ।।

ତୋ ଗୁଣ ଗାରିମା     ତୋ ନାମ ମହିମା

ଅହର୍ନିଶୀ ତୁଣ୍ଡେ ଥାଉ

ତୋ ହାତ ଟେକାରେ ପେଟ ପୂରୁ ମୋର

ସୁଖେ ଦିନ ସରିଯାଉ  ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ଦେବାର୍ଚ୍ଚନ
ମେହେର

ନାରୀ ତୁମେ ମହାନ୍,
ନାରୀ ତୁମେ ମହାନ୍ । ।
ତୁମକୁ କରୁଛି ମୁଁ ସଲାମ୍,
ତୁମକୁ କରୁଛି ମୁଁ ସଲାମ୍ । ।

ନାରୀ ତୁମେ ହିଁ ଶକ୍ତିମୟୀ
ନାରୀ ତୁମେ ହିଁ ଦୟାମୟୀ,
ନାରୀ ତୁମେ ହିଁ କରୁଣାମୟୀ
ନାରୀ ତୁମେ ହିଁ ସ୍ନେହମୟୀ । ।

ନାରୀ ତୁମେ ହିଁ ନାରାୟଣୀ
ନାରୀ ଜଗତ ଉଦ୍ଧାର କାରିଣୀ,
ନାରୀ ଘରର ଘରଣୀ ଲକ୍ଷ୍ମୀ ଠାକୁରାଣୀ
ନାରୀ ତୁମେ ହିଁ ବିନାଶ କାରିଣୀ । ।

ଫୁଲଠୁ ବି ଅଧିକ କୋମଳ ନାରୀ ର ହୃଦୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆବଶ୍ୟକ ପଡିଲେ ହୋଇଯାଏ ସେ ବଜ୍ର ପରି,

ବିପଦେ ଆପଦେ ମହା କାଳୀ ରୂପ ଧାରଣ କରେ

ନାରୀ ସବୁବେଳେ ପରିବାରର ରକ୍ଷାକାରୀ । ।

ଯୁଗେ ଯୁଗେ ତୁମର

ରହିଅଛି ଯଶ,

ସବୁ କ୍ଷେତ୍ରରେ

ଆଗେଇ ଆସ । ।

ଝିଅ ଜନ୍ମ ହୋଇ ବାପା ଘରେ

ରାଜ କୁମାରୀ ପରି ଥାଏ,

ଅଚିହ୍ନା ବ୍ୟକ୍ତିକୁ ବିବାହ କରି

କେତେ ଦୁଃଖ କଷ୍ଟ ସହି ନିଏ । ।

ନିଜର ଆଶା ଅସୁମାରୀ ଜଳାଞ୍ଜଳି ଦେଇ

ଚାପି ରଖ ତୁମେ ବେଦନା, କୋହ ଭରା ଲୁହ,

ଶାଶୁ ଘରେ ଉତ୍ତମ ବୋହୂ ହେବା ପାଇଁ

ନିଜେ ଯେତେ ଦୁଃଖ, କଷ୍ଟେ ଥିଲେ କାହାକୁ ନ କୁହ । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆ ହୋଇ ତୁମେ

ସନ୍ତାନକୁ ଦିଅ ସ୍ନେହ, ମମତା,

ସୁବିଧା ଅସୁବିଧା ବୁଝିବା ପାଇଁ

ମାଆ ଟିଏ ଦେଇଛି ତ ଗଢ଼ି ବିଧାତା । ।

ସ୍ତ୍ରୀ ହୋଇ ତୁମେ

ଶାଶୁ, ଶର୍ଶୁରଙ୍କ ସେବା କରୁଛ,

ନଣନ୍ଦ, ଦିଅର, ସ୍‌ୱାମୀଙ୍କୁ

ଭଲ ପାଇବା ଦେଉଛ । ।

କେବେ ମାଆ ତ

ପୁଣି କେବେ ଭଉଣୀ,

ନାରୀ ତୁମେ ତ

ସୃଷ୍ଟି ସର୍ଜନା କାରିଣୀ । ।

ନାରୀ ତୁମେ

ପ୍ରେମିକର ପ୍ରେମିକା,

ହିତ କାର୍ଯ୍ୟ ପାଇଁ ତୁମେ

ସମାଜର ସେବିକା । ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରୀ ତୁମ ଚାହାଣି
କଥା ରେ ଅଛି ମୋହନି,
ତୁମ ମାୟା ପାଇବା
କେବେ ସହଜ ହେଲାଣି ।।

ଛନ୍ଦ, କପଟ, ଛଳନା,
ଇର୍ଷା ପଣ ମନରେ ଥାଏ ତୁମରି,
ତୁମ ହୃଦୟ ପବିତ୍ର
ଗଙ୍ଗା ଜଳ ପରି ।।

ରାମାୟଣେ ସତୀ ସୀତା
ମହାଭାରତେ ଦ୍ରୌପଦୀ,
ରଖି ଗଲେ ଯଶ କୀର୍ତ୍ତି
ରହିଛନ୍ତି ହୋଇ ମୂର୍ତ୍ତି ।।

ନାରୀ ତୁମେ ଅସୀମ ତ୍ୟାଗ,
ସହନଶୀଳତାର ଅଧିକାରିଣୀ,
ନାରୀ ତୁମେ ସତୀ ସାବିତ୍ରୀ,

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ୍ୟବତୀ, ମଧୁରଭାଷିଣୀ  ।।

ଜନମ ରୁ ମରଣ ଯାଏ
କେତେ ଦୁଃଖ କଷ୍ଟ ସହି ନିଏ,
ମୋର ନାରୀ ଜନମ ବୋଲି
ଏତେ ଯନ୍ତ୍ରଣା ପାଏ ।।

ଆଉ କି ଭାବେ କରିବି
ବର୍ଣ୍ଣନା ନାରୀର ଗୁଣଗାନ,
ଯେତେ ଗାଇଲେ ଗୁଣ
ନ ସରି ଜାଣ ।।

ଗ୍ରାମ - ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ତୁମେ ଯେବେ ଆସ



ସୂର୍ଯ୍ୟକାନ୍ତ ମଲ୍ଲିକ

ସବୁ ନିରବି ଗଲାପରେ ତୁମେ ଆସ  !
କୌଣସି ଶବ୍ଦ ନଥାଏ
କି କିଛି ସଂକେତ ମଧ୍ୟ ନଥାଏ
ବାସ୍ ଏ ଆଖିର
ଦୁଇଟୋପା ଲୁହ ତୁମକୁ ପାଛୋଡ଼ି ନିଅନ୍ତି
ଶୂନ୍-ଶାନ୍ ଏଇ ମନ ଭିତରକୁ ନିରବରେ ଗପିବା ପାଇଁ..।

ମୁଁ କହୁଥାଏ
କେତେ ରାଗ, ରୁଷା, ମାନ ଅଭିମାନ ଭୁଲି  !
ହେଲେ ତୁମେ ପୁରା ନିରବ ଆଉ ମୂକ  !
କିନ୍ତୁ ମୁଁ ବିଶ୍ୱାସର ମନ ନେଇ
ମନେଇବାକୁ ଚେଷ୍ଟା କରେ ତୁମକୁ
କୋହ ଭରା ଛାତି ମାଧ୍ୟମରେ..।।

ଗପୁ ଗପୁ ଜାଣି ପାରେନାହିଁ
କେତେବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୋକ, ଶୋଷ ଆଉ ନିଦ ଆସି ଫେରିଗଲେଣି ବୋଲି

ତଥାବି ମୁଁ

ସାଉଣ୍ଟି ଚାଲିଥାଏ ଅତୀତର କେତେ ସ୍ମୃତିକୁ

ଏକ ବେଖିଆଲି ମନ ନେଇ

ଅଶ୍ରୁ ଭରା ନୟନରେ ...।।

ଏହା ଭିତରେ ଜଣା ପଡ଼େନାହିଁ

ରାତି ପାହିଯାଏ

ତା'ପରେ ବୋଉ ଆସି ଡାକେ

ଆରେ ଉଠୁନୁ

ରାତି ପାହିଲାଣି, କେତେ ଶୋଇବୁ ଆଉ

ତା'ପରେ ହଡ଼ ବଡ଼ ହୋଇ ଉଠି ଦେଖେତ

ଝରକା ବାଟ ଦେଇ ଖରା ଆସି ପଡିଥାଏ

ଲୁହ ଭିଜା ଓଦା ତକିଆ ଉପରେ

ହମ୍ମ ଲୁହ ଭିଜା ଓଦା ତକିଆ ଉପରେ


ଘଣ୍ଟପଦା, କେନ୍ଦ୍ରାପଡ଼ା

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ବହି



ବର୍ଷାରାଣୀ
ମହାମଲ୍ଲିକ

ମୁଁ ଶୋଇ ରହିଥିଲି ଅଧା ନିଦରେ..

ପଲଙ୍କ ର କୋମଳ ଶେଯ ଉପରେ.

ନିଜର କ୍ଲାନ୍ତ ଦେହକୁ ବିଛେଇ ଦେଇ..

ଝରକା ଖୋଲାଥିଲା ସାମାନ୍ୟ

ଟିକେ ପବନର ଯାତାୟତ ପାଇଁ ।

ତୁମେ ବସିଥିଲ ଟେବୁଲ୍ ଉପରେ ଆରାମ୍ ରେ

ପବନର ଛୁଆଁରେ ଶୀତେଇ ଉଠୁଥିଲ ବୋଧେ ତୁମେ

ତୁମ ଫର୍ଦ୍ଦରୂପୀ ହାତମାନଙ୍କୁ ଝାଡ଼ି ଦେଉଥିଲ ଥଣ୍ଡାରେ..

ଡାକୁଥିଲ ମତେ ଆରେ ଆ ଝର୍କାଟା ବନ୍ଦ କରିଦେ

ନଚେତ ମତେ ନେଇଯା ତୋ ପାଖକୁ

ଶୀତର ଦାଉ ସହି ହେଉନି..

ମୁଁ କିନ୍ତୁ ଥିଲି ସମ୍ପୂର୍ଣ୍ଣ କ୍ଲାନ୍ତ,

ଉଠିବାକୁ ଚାହୁଁ ନ ଥିଲି ସେ ବେଳାରେ..

ତୁମର ବାରମ୍ବାର ଫର୍ ଫର୍ ଶବ୍ଦରେ

ମୁଁ ଉଠିଲି ବାଧ୍ୟ ହୋଇ,

ଝର୍କା ବନ୍ଦ କଲି..

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ତୁନି ହେଲ

ଚାଲି ଆସୁଥିଲି ପୁଣି ପୂର୍ବସ୍ଥାନକୁ

କିନ୍ତୁ ତୁମେ ଡାକିନେଲ ତୁମ ପାଖକୁ..

କହିଲ, ଆସିଲ ତ ଟିକେ ବସୁନ

ମତେ ଟିକେ ନିରେଖି ଦେଖୁନ

ସବୁବେଳେ ତ ଛାଡ଼ି ଚାଲି ଯାଉଛ

ଆଜି ଟିକେ ଗପୁନ

ସେମିତି ବି କାହିଁ କେତେଦିନୁ ଭଲ ସେ ତୁମକୁ ଦେଖିନି ମୁଁ

ମୋ ପାଖେ ଅନ୍ତତଃ ଅଧା ଘଣ୍ଟା ବସ

ସବୁବେଳେ ତ ମୋବାଇଲ ସାଙ୍ଗେ ସାଙ୍ଗ

ମୁଁ କଣ ଏତେ ଖରାପ, ମୁଁ କଣ ଏତେ ପର,

ନିଜ ବିବେକ ମତେ କହିଲା...

ସତେ ତ ମୁଁ ବହି କୁ ଗୁରୁତ୍ତ୍ୱ ଦେଉନି

ସେ ମୋ ଭଲ ପାଇଁ ଭାବୁଛି

ଯାହାକୁ ନେଇ ମୋର ଭବିଷ୍ୟତ..

ସତରେ ତାକୁ କେମିତି ଏମିତି ଅଣଦେଖା କରୁଛି ଯେ । ।

ଜିଲ୍ଲା :ବରଗଡ଼

ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁଧୀର ପ୍ରେମ



ଭବାନୀ ଶଙ୍କର
ଦାଶ

ମନର କବାଟ ରଖିଛି ଖୋଲା,
ଜଗିଛି ତୁମ ବାଟକୁ ଚାହିଁ
ପ୍ରେମ ସିନ୍ଦୂର ମଥାରେ ଦେଇ,
ରହିବି ବାକି ଜୀବନ ତୁମ ପାଇଁ ।
ଜୀବନ ପରା ଆଇନା ଘର,
ଆଘାତ ପାଇଲେ ଭାଙ୍ଗିତ ଯାଏ
ମନରେ ଥିବା କଳଙ୍କି ପ୍ରେମ,
କ୍ଷଣିକେ ସବୁ ଉଭେଇ ଯାଏ ।
କାମୁକ୍ତ ବଜାରେ ସ୍ୱାର୍ଥର ସଉଦା,
କରେ ମଣିଷକୁ ବିବେକ ଶୁନ୍ୟ
କଳଙ୍କି ପ୍ରେମର ଆଶ୍ରା ନେଇ,
ଭୁଲିତଯାଏ ପାପ କି ପୂଣ୍ୟ ।
ଛଳନା ସମ୍ପର୍କ ବନ୍ଧନରେ,
ଭୁଲେ ମଣିଷ ମଣିଷତ୍ୱ ତାର
ଇନ୍ଦ୍ରିୟ ସୁଖକୁ ମନରେ ଧରି,
ସୁଧୀର ପ୍ରେମକୁ କରଇ ପର ।

ଠିକଣା-ଗୌରାଦେଇପୁର,ଗଞ୍ଜାମ,ଓଡିଶା,
୭୬୧୦୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନଇଁ ଆସେ ସଞ୍ଜ



ମାନସ ରଞ୍ଜନ
ନାୟକ

ବେଳ ରତ ରତ, ନାଉରୀ ଗାଏ ଲେଉଟାଣି ଗୀତ
ହିସାବ ସରିନି ଏଯାଏଁ ଜୀବନ ହାଟରେ ମିତ !
ପଶ୍ଚିମେ ଅସ୍ତମିତ ସୂର୍ଯ୍ୟ, ନବ ଲୋହିତ ସଞ୍ଜ
ଅବସୋସ ବିଛଣାରେ ବାକି ରାତ୍ରିର ଦହଗଞ୍ଜ ।

ପୂର୍ବାଶାରେ ଅନାହୁତ କେଇଦଣ୍ଡ ବିଜୟୋଚ୍ଛ୍ୱାସ
ସୂର୍ଯ୍ୟମୁଖୀ ଫୁଲ ପରି ସଞ୍ଜରେ ମଳିନ ଆଶ୍ଳେଷ
ଦିବସ ଜଞ୍ଜାଳ ପରେ ନୀଡ଼କୁ ବେଳଲେଉଟାଣି
ଜୀବନ ନିର୍ଯାସର ମଧୁମୟ ରଙ୍ଗୀନ୍ ରୋଷଣୀ ।

ସଞ୍ଜକୁ ନଇଁ ଆସେ ଅପ୍ରାପ୍ତିର ବିଷାଦ ଅନ୍ଧାର
ଆତ୍ମ ଉଦବେଳନରେ ବିତେ ବାକି ସାଗ୍ରୁ ପ୍ରହର
ସମ୍ପର୍କର ଆହ୍ୱାନ ସାଜେ କର୍ତ୍ତବ୍ୟର ଓମକାର
ଅନିଦ୍ର ରଜନୀରେ ମତୁଆଲା ସ୍ୱପ୍ନର ଚିତ୍କାର ।

ସଞ୍ଜକୁ ଭାଗବତ ଟୁଙ୍ଗି ଆଲୁଅର ଆକର୍ଷଣ
ନିଶା-ପେଶା, ବୃତ୍ତି-ପ୍ରବୃତ୍ତିରୁ କ୍ଷଣିକ ଉତ୍ତରଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧ୍ୟବସାୟ ଆଢୁଆଳେ ସରେ ଆଧ୍ୟାତ୍ମିକ ସ୍ଫୁରଣ
ସୁଯୋଗ ସୁବିଧା ଭିତରେ ତୋ' ସୁଖର ଅନ୍ୱେଷଣ !

ଗୋଧୂଳି ଲଗନେ ଶୁଭେ ଅନ୍ତର୍ମନର ବଂଶୀସ୍ୱନ
ଭୋଗ ଭାଗ ଗଣିତରେ ଭାଗଶେଷର ଅନ୍ତର୍ଧାନ
କ୍ରମଶଃ ବର୍ଦ୍ଧିତ ପୁଣି ଅନ୍ଧାର ରାତ୍ରୀର ଜଡତ୍ୱ
ଚନ୍ଦ୍ରମାର ଶୁଭ୍ର କିରଣେ ନିର୍ଲିପ୍ତ ତୋର ବୌଦ୍ଧତ୍ୱ ।

ସଞ୍ଜବତି ଜାଳି ଅଜାଡିଦେ ସଶ୍ରଦ୍ଧ ସମର୍ପଣ
ମହ ମହ ବାସୁ ତୋର ମହାର୍ଘ ମହାପ୍ରୟାଣ
ସଂଧ୍ୟାଶଙ୍ଖ ହେଉ ତୋ' ଜୀବନ ଯୁଦ୍ଧର ପଞ୍ଚଜନ୍ୟ
ରାମନାମ ଜପକରି କାଟିଦେ.....ଜୀବନ କାରୁଣ୍ୟ ।

ମଞ୍ଜୁରୀ ରୋଡ୍, ଭଦ୍ରକ
ଭ୍ରାମ୍ୟଭାଷ- ୯୮୯୦୮୫୧୪୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝଡ଼



ଦିନେଶ ମେହେର

ଭାରି ଭୟ ଲାଗେ
କିଟି କିଟି ଅନ୍ଧାର ରାତିରେ
ଏକୁଟିଆ ଜିଇଁବାକୁ,

ଆକାଶକୁ ଆଁ, କରି
ଅନେଇଲା ବେଳକୁ
ବିଜୁଳିର ଆଲୁଅରେ
ସତେକି ଉଡ଼ିଯାଏ ପ୍ରାଣବାୟୁ
ଅଦିନିଆ ଘଡ଼ଘଡ଼ି
ଥରେଇ ଦିଏ
ଲୋମହୀନ ଟାଙ୍ଗରା ଛାତି କୁ !

ସୁଁ ସୁଁ ପବନର ଗର୍ଜନ
କହି ଦିଏ
କେଉଁ ଏକ ଅଶୁଭ ସଂକେତର
ବାର୍ତ୍ତା,
ତଥାପି ବି ତ
ଜିଇଁବାକୁ  ହେବ
ଅନ୍ଧାର ରେ,
ଅନ୍ଧାର କୁ ଡରି ଲାଭ ବା
କଣ ?

ଏବେ ତ ଆଉ ଗୋଟେ ଝଡ଼
ମାଡ଼ି ଆସୁଛି
ସେଇ ଦୂର ପାହାଡ଼ରୁ,
କେଜାଣି କେଉଁ ଯୁଗର
ବିନାଶ ବାର୍ତ୍ତା ନେଇ,
ତେବେ
ଏଥରକ
ପୁଣି ଥରେ ସଜାଡିବାକୁ ହେବ
ଆପଣା ଆପଣାର ନୀଡ଼ !

ପଳାସ, କଳାହାଣ୍ଡି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୋଇଗଲୁ ଆମେ ଏକ ନମ୍ବର



ପଙ୍କଜ କୁମାର ମଙ୍ଗଳ

ଅଭିନନ୍ଦନର କଥାଟେ ଏହି ନା ଚିନ୍ତାର ବିଷୟ,
କାଲି ରହିଥିଲୁ ଦ୍ୱିତୀୟ ଆଜି ବଦଳିଲା ସମୟ ।
ସଂଖ୍ୟାଧିକ ଯଦି ଯୋଗ୍ୟ ସମ୍ପୂର୍ଣ୍ଣ ବିଶ୍ୱେ ଶକ୍ତିଶାଳୀ ହେବୁ,
ଅଶିକ୍ଷିତ ଅବା ଅଯୋଗ୍ୟ ହେଲେ ଚିର ଅବିକଶିତ ରହିବୁ ।

ଶତାବ୍ଦୀ ଶତାବ୍ଦୀ ଧରି ଲୁଣ୍ଠିତ ଯେଦେଶ ବିଦେଶୀ ବଇରି ପାଇଁ,
ସେ ଦେଶ କେମିତି ବିକଶିତ ହେବ ଜନ ବିସ୍ଫୋରଣ ସାଥିରେ ନେଇ ।
ଯୋଜନା ଅଛି ଜନ ନିୟନ୍ତ୍ରଣ ନିମନ୍ତେ ହେଲେ ସଚେତନ ନାହିଁ ଜନତା,
ସ୍ୱଳ୍ପ ବୟସରେ ସଂସାର କରିଲେ ବେକାରୀ ସମସ୍ୟା ପ୍ରଥମ ଚିନ୍ତା ।

ସୀମିତ ସମ୍ବଳ ଅସଂଖ୍ୟ ଜନ କେମିତି ମିଳିବ କର୍ମ ନିଯୁକ୍ତି,
ଦକ୍ଷତା ବିହୁନେ ବେକାରୀ ବଢ଼ିବ ଦେଶର ନଥିବ ପ୍ରଗତି ।
ସମସ୍ୟା ଯେତିକି ଉତ୍କଟ ହୋଇବ ଅପରାଧୀ ବଢୁଥିବ,
ଏମିତି ଅସଂଖ୍ୟ ଜନତା ଥିଲେ କି ଦେଶ ପ୍ରଗତି ହବ ।
ସର୍ବ ନ୍ୟସ୍ତ କରି ସରକାର ହସ୍ତରେ ନିଜ କର୍ତ୍ତବ୍ୟ ଯଦି ନ କରିବୁ,
ବିଶାଳ ଜନଶକ୍ତି ଥାଇ ମଧ୍ୟ ଆମ୍ଭେ ସ୍ୱାବଲମ୍ବୀ କେବେ ନହେବୁ ।

ବଡ଼ପାହି, ଭୋଗରାଇ ,ବାଲେଶ୍ୱର
ଦୂରଭାଷ-୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅବ୍ୟକ୍ତ ବେଦନା



ପ୍ରଭାତ କୁମାର ନାୟକ

ତୁମେ ଉନ୍ମୁକ୍ତ ଆକାଶେ ମୁକ୍ତ ବିହଙ୍ଗୀ ଗୋ ପ୍ରୀତି ପ୍ରଣୟର ସ୍ୱର ,
ସମୟ ଜାଲରେ ଆବଦ୍ଧ ବିହଙ୍ଗ ମୁଁ ଯେ ନିରାଶାର ହାହାକାର ।
ତୁମେ ସାଗର ବୁକୁରେ ନର୍ତ୍ତନ ବିଭୋରା ଚୁନ ଚୁନା ନୀଳ ଉର୍ମି ,
ତପ୍ତ ମାର୍ତ୍ତଣ୍ଡର ପ୍ରଚଣ୍ଡ ଜ୍ୱାଳାରେ ମୁଁ ଯେ ସନ୍ତାପିତ ବେଳାଭୂମି ।

ତୁମେ ଫୁଲ ଫଗୁଣର ବିକୀର୍ଣ୍ଣ ବିଳାସ ବସନ୍ତର ମଧୁପ୍ରୀତି
ଉଦଗ୍ର ଗ୍ରୀଷ୍ମରେ ଭରା ମୋ ଜୀବନ କାଳ ବଇଶାଖୀ ତାତି ,
ତୁମେ ଚାନ୍ଦିନୀ ରାତ୍ରିର ଜୋଛନାରେ ଭରା ଅଳସୀ ରୂପସୀ ଜହ୍ନ,
ମୁଁ ଯେ ପଉଷ ନିଶିରେ ଜଳି ମରୁଥିବା ଡହଡହ ଯଉବନ ।

ତୁମେ ଆଦ୍ୟ ଆଷାଢ଼ର ପିରତି ପିଆଲା ପୀୟୂଷର ଘନରସ
ମୁଁ ଯେ ଆବେଗ ଆକୁଳେ ଚାହିଁ ବସିଥିବା ଚାତକ ପକ୍ଷୀର ଶୋଷ,
ତୁମେ ରାଜଅନ୍ତପୁରେ ସଯତ୍ନେ ବର୍ଦ୍ଧିତା ରୂପସୀ ସୁନ୍ଦରୀ ଜେମା ,
ବାମନ ହୋଇମୁଁ ଜହ୍ନ ଦେଖେ ସିନା,ତାକୁ ହାତ ବଢ଼େଇବା ମନା ।

ଗୋଲାପୀ ଓଠରୁ ଝରି ଯାଉଥିବା ତୁମେ ମଧୁର ମହକ ହସ ,
ମୁଁ ଯେ ପାହାନ୍ତି ପ୍ରହରେ ଝରା ଶେଫାଳିର ବାସହୀନ ଅବଶୋଷ ।

ଚେନ୍ନାଇ, ତାମିଲନାଡୁ , ମୋ - ୮୧୨୨୮୦୩୨୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅକ୍ଷୟ ତୃତୀୟା



ପବିତ୍ରା ଧଳ
(ମଲ୍ଲିକ)

ଭାରତ ଭୂଖଣ୍ଡ
କେତେ ଯେ ପବିତ୍ର
ଗହନ ଗୁପତ ସ୍ଥାନ,
ପୋଥି ପୁରାଣର
ପୃଷ୍ଠାରେ ରହିଛି
ରାଶି ରାଶି ତଥ୍ୟ ମାନ ।।

ଧରଣୀ ଅଙ୍ଗନେ
କେତେ ତଥ୍ୟାବଳୀ
ଘଟଣା କ୍ରମରେ ଥାଏ,
କେତେ ତଥ୍ୟାବଳୀ
କିର୍ତ୍ତୀ ହୋଇଥାଏ
କେତେ ସ୍ମୃତି ହୋଇ ରହେ ।।

ଅକ୍ଷୟ ତୃତୀୟା
ତିଥୀଟି ମହାନ
ଧରଣୀ ମାଆ ବନ୍ଦନ,
ଅଖି ମୁଠି ନାମେ
ବିଦିତ ଅଟଇ
ଚାଷୀ ର ଅଗ୍ର ପୂଜନ ।।

ଭାରତ ବର୍ଷର
ପୂଣ୍ୟ ତୋୟା ଗଙ୍ଗା
ଧରଣୀର ଆଗମନ,
ଏ ପୂଣ୍ୟ ତିଥିରେ
ସେ ଜଳ ପ୍ଲାବନେ ଭାରତ ହୋଇଛି
ଧନ୍ୟ ।।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସାଗର ଦୁଲଣୀ
ଲକ୍ଷ୍ମୀ ନାରାୟଣୀ
ଏ ପୂଣ୍ୟ ତିଥିରେ ଜାତ,
ପତିଦାତ୍ରୀଙ୍କର
ମହିମା ଜଗତେ
ସମସ୍ତଙ୍କୁ ଅବଗତ । ।

ପର୍ଶୁରାମ ଙ୍କର
ଜନ୍ମ ଏହିଦିନ
କୃଷ୍ଣ ସୁଦାମା ମିଳନ,
କୁରୁ ସଭାତଳେ
ଦ୍ରୌପଦୀଙ୍କ ଲଜ୍ଜା
ଶ୍ରୀ କୃଷ୍ଣ ଙ୍କ ନିବାରଣ । ।

ଏ ପୂଣ୍ୟ ତିଥିରେ
ଧନର ଭଣ୍ଡାର
କୁବେରକୁ ଯେ ପ୍ରଦାନ,
ସତ୍ୟ ତ୍ରେତୟା
ଯୁଗର ଆରମ୍ଭ
ଏ ପୂଣ୍ୟ ତିଥିରେ ଜାଣ । ।

ଜଗତର ନାଥ
ଜଗନ୍ନାଥଙ୍କ ର
ରଥ କାଠ ଅନୁକୂଳ,
ଏ ପବିତ୍ର ଦିନେ
ହୁଅଇ ଆରମ୍ଭ
ଖୁସି ଜଗତ ସକଳ । ।

କୃଷି କ୍ଷେତ୍ର ହୁଏ
କର୍ଷଣ ମୁଖର
ଚଷା ଭାଇ ଧାନ ନେଇ,
ପବିତ୍ର ପୂଜା ର
ସମ୍ଭାର ଘେନିଣ
ବିଲ ମୁଣ୍ଡେ ପୂଜେ ଯାଇ । ।

କୁଳ ଶ୍ରୀମନ୍ତିନି
ପଲ୍ଲୀ ଓଡିଆଣୀ
ସାରି ସ୍ନାନ ପରିପାଟି,
ଶୁଦ୍ଧ ପୂତ ଚିତ୍ତେ
ଦୂଆର ଆଗରେ
ପୂର୍ଣ କୁମ୍ଭେ ଦିଏ ଝୋଟି । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରିତି ପାର୍ବଣର
ଐତିହ୍ୟ କୁ ନେଇ
ପର୍ବ ହୁଏ କାଳଜୟୀ,
ଅକ୍ଷୟ ତୃତୀୟା
ନାମର ମାହାତ୍ମ୍ୟ
ରହିଛି ଅମର ହୋଇ ।।

ଏ ପୂଣ୍ୟ ତିଥିରେ
ପ୍ରଭୂ ପାଦତଳେ
କରୁ କୋଟି ନମସ୍କାର,
ଅକ୍ଷୟ ହେଉ
ଅକ୍ଷୟ ତୃତୀୟା
ରହୁ ସଦା ଅମର.......
ରହୁ ସଦା ଅମର ........

ଚାନ୍ଦକୁଡା,ଚାନ୍ଦବାଲି, ଭଦ୍ରକ
୯୦୯୦୬୩୬୬୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱକବି ରବିନ୍ଦ୍ରନାଥ



ସୁରେଶ ଚନ୍ଦ୍ର ପାଢ଼ୀ

ଗିତାଞ୍ଜଳି କାବ୍ୟର ସ୍ରଷ୍ଟା ହେ ବିଶ୍ୱ କବି

ସାରା ଭାରତରେ ତୁମେ ପୂଜ୍ୟ କି ରୂପେ କହିବି

ଧନ୍ୟ ତୁମ ପିତାମାତା ତୁମକୁ ଜନ୍ମ ଦେଲେ

ତୁମ ପରି ସୁଯୋଗ୍ୟ ସନ୍ତାନ ପାଇ

ଭାରତ ମାତା ଧନ୍ୟ ହେଲେ

ପିଲା ଦିନୁ ଈଶ୍ୱର ପ୍ରେମୀ ତୁମେ ହୋଇଥିଲ

ଶାନ୍ତି ନିକେତନରେ ତୁମେ ନିବାସ କରିଥିଲ

ତୁମେ ବାପୁଜୀଙ୍କୁ ମହାତ୍ମା କହି ସମ୍ବୋଧନ କରିଲ

ଗାନ୍ଧୀଜିଙ୍କ ତୁମେ ପ୍ରିୟ ହୋଇଥିଲ

ଜନ ଗଣ ମନ ଗୀତ ରଚନା କରି

ଦେଶ ଭକ୍ତି ଆଣିଲ

ଆମ ଜାତୀୟ ସଂଗୀତକୁ ତୁମେ ଦେଶ ପାଇଁ ଦେଲ

ତୁମେ ନୋବେଲ ପୁରସ୍କାର ପାଇ ସାରା ବିଶ୍ୱରେ ପରିଚିତ ହୋଇଲ

ବଙ୍ଗଳା ଓ ହିନ୍ଦୀ ସାହିତ୍ୟରେ କାଳ ଜୟୀ ସୃଷ୍ଟି ସର୍ଜନା କରିଲ

ତୁମରି ପାଦ ପଦ୍ମେ ଘେନ ଆମ କୋଟି ପ୍ରଣତୀ

ସାହିତ୍ୟରେ ଆଗକୁ ଯିବାକୁ ଦେଇ ଥାଅ ଶକତି

ବୁଗୁଡ଼ା,ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବବରଷ ଆଣୁ ହରଷ



ବିକାଶ କୁମାର ହୋତା

ଆସିଅଛି ଆଜି ମେଷ ସଂକରାନ୍ତି
ଓଡ଼ିଆ ନବ ବରଷ
ଘରେ ଘରେ ହୁଏ ପଣା ସଂକରାନ୍ତି
ଚୈତ୍ର ମାସ ହୁଏ ଶେଷ ।।(୧)
ରାମ ଭକ୍ତ ମହାବୀର ହନୁମାନ
ଜନମ ଆଜିର ଦିନେ
ସବୁଠି ହୁଅଇ ଦଣ୍ଡ ଝାମୁଯାତ
ଆନନ୍ଦ ମର୍ତ୍ତ୍ୟ ଭୁବନେ ।।(୨)
ବିଷୁବ ସଂକ୍ରାନ୍ତି ମନେ ଭରେ ଶାନ୍ତି
ହେବ ପିଠା ପଣା କ୍ଷୀରି
ମହାବୀର ପାଖେ ଶୁଭ ମନାସିବା
ଭୋଗ ରାଗ ଥାଳି ଧରି ।।(୩)
ପଣା ସଂକରାନ୍ତି ମହିମା ଅପାର
ଘରେ ଘରେ ବେଲ ପଣା
ବେଲ ପଣା ପିଇ ଯାତ ଦେଖିବାର
ମଜା ଓଡ଼ିଆଙ୍କୁ ଜଣା ।।(୪)
ଏହି ଦିନ ଠାରୁ ଆରମ୍ଭ ହୁଅଇ
ନୂଆ ପାଞ୍ଜି ପ୍ରଚଳନ
ମହାବୀର ଘଣ୍ଟ ଘୋଡ଼ାଇ ରଖିବେ
ପ୍ରତି ଓଡ଼ିଆ ଙ୍କ ପ୍ରାଣ ।।(୫)
ଓଡ଼ିଆ ଭାବରେ ଗର୍ବ କରୁ ଆମେ
ଏହା ଆମ ସ୍ୱାଭିମାନ
ଓଡ଼ିଆ ଜାତିର ସଂସ୍କୃତି, ଗୌରବ
ସବୁଠୁ ଅଟେ ମହାନ୍ ।।(୬)
ଭୁଲିଯାଉ ଅଛେ ଆମ ନବବର୍ଷ
ଓଡ଼ିଆ ଆମରି ଜାତି
ଓଡ଼ିଶା ରାଇଜେ ଜନମ ଆମରି
ଚାଲିବା ଫୁଲାଇ ଛାତି ।।(୭)
ହେ ନବ ବରଷ ଆଣିବ ହରଷ
ପ୍ରତି ଓଡ଼ିଆ ଙ୍କ ପ୍ରାଣେ
ଓଡ଼ିଆ ସଂସ୍କୃତି ପହଞ୍ଚାଇ ଦେବା
ପ୍ରତି କୋଣେ ଅନୁକୋଣେ ।।(୮)

ଦକ୍ଷିଣକାଳୀ ରୋଡ଼, ଢେଙ୍କାନାଳ
୮୭୫୮୨୯୨୦୫୧

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିରହର ନିଆଁ



ପ୍ରତିମା ମେହେର

ତନ୍ଦ୍ରା ବିହୀନ ନିସ୍ତବ୍ଧ ରାତିରେ
କିଏ ଖେଳେ ଲୁଚକାଳି
ସତ କୁହ ପ୍ରିୟତମ  !
ତୁମେ କି ଜାଣନା ପ୍ରୀତି ର ଜ୍ୱାଳା

ଦେଇଥିଲ ବୋଲି କଥାଟିଏ,ମଥାଛୁଇଁ
ଏତେ ଆବିଳତା,ଏତେ ଆକର୍ଷଣ
ମୋହାଚ୍ଛନ୍ନ ଭାବନାରେ
ସ୍ୱପ୍ନ ର ମହଲ
ଗଢି ତୋଳି ଦେବ,କହିଥିଲ
ନିରୋଳା ବେଳାରେ

ଆଜି କିଆଁ ନିରବତା,ମନର ସହରେ
ମୋ'ସ୍ୱପ୍ନ ର ବାତାୟନ ପଥେ
କେବେ ଯାଅ କେବେ ଆସ
ରଖିଛ କି ହିସାବ  !

ଛାଇ ଛାଇ ଦିଶେ କାହା ପ୍ରତିଛବି !
ତୁମେ ଆଉ ତୁମେ ନାହଁ
ଆନ ରଙ୍ଗେ ରଙ୍ଗାୟିତ
ତୁମ ସଜ ପଣ

କହିବିନି ପଳାତକ,ପୁଣି ଦଗାବାଜ !
କହିବିନି,ଭୁଲି ଗଲ ମୋ' ପ୍ରେମର ସରତାଜ
ତୁମେ ହିଁ ତ ମୋ ଦେହର
ଉଷୁମ ଛୁଆଁ, ଦେଇଥିଲ ଦିନେ କେବେ
ଆଲୁଳାଏ  ବାସ୍ନା

ବାସୁଅଛି ମହ ମହ
ସ୍ମୃତି ସ୍ନିଗ୍ଧ  ବାଆ
କୁହୁଳେ ରହି ରହି
ବିରହ ର ନିଆଁ

ପାଟଣାଗଡ଼, ଜିଲ୍ଲା.ବଲାଙ୍ଗିର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ବାସ୍ନା



ଆଶୁତୋଷ
ମେହେର

ଫୁଲର ମହକ ନାକ ବାରିଥାଏ
ପ୍ରେମର ମହକ ମନ,
ମନ ଦିଆନିଆ ଗହନ କଥା ସେ
ଦରଦୀ ମନର ଧନ ।।

ଧନ ଦଉଲତ ମିଛ ସଂସାରରେ
ଅଢେଇ ଦିନିଆଁ ଖେଳ,
ପ୍ରେମ ଭିଜା ବାସ୍ନା ଚଉ ଦିଗେ ଛୁଟେ
ଦୁଇ ମନ ଖାଏ ମେଳ ।।

ଫୁଲ ବାସ୍ନା ପାଇ ଭଅଁର ପାଗଳ
ଏ ଫୁଲୁ ସେ ଫୁଲ ଉଡେ,
ପ୍ରେମେ ଭରା ବାସ୍ନା ଦୁଇ ପ୍ରାଣ ଛନ୍ଦେ
ଜୀବନ ପଥକୁ ମୋଡେ ।।

ବିଭୁମୟ ଭାବ ମନେ ଯେବେ ଯୁଟେ
ବଇଁଶୀ ସୁରରେ ବାଇ,
ସେଇ ମନ ଏକା ଅନୁଭବି ପାରେ
ପ୍ରେମର ତୁଳନା ନାହି ।।

ପ୍ରେମ ବାସ୍ନା ମୋହେ ଅନ୍ତର ଆତ୍ମାକୁ
ଭରି ଦେଇ ଦିବ୍ୟ ଗୁଣ,
ସେ ବାସ କରିଛି ଯୁଗ ଯୁଗ ଧରି
ଜଗତ ଜାଜୁଲ୍ୟମାନ ।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାନବିକତା



ସରୋଜିନୀ ମିଶ୍ର

ହେ ମାନବିକତା
କାହିଁ ଗଲ ଲୁଚି
କାଳିର କରାଳ ଗହ୍ୱରେ ?
ବୟସର ବ୍ୟଙ୍ଗେ ?
ସ୍ୱାର୍ଥର ସୁଡଙ୍ଗେ ?
ଅବା
ତମସା ରାଜ୍ୟରେ ?

ମାତୃତ୍ୱର ସ୍ନେହସିକ୍ତ ସ୍ପର୍ଶ
ପାଇବା ପୂର୍ବରୁ
ଦେଖିବା ପୂର୍ବରୁ ନବସୂର୍ଯ୍ୟାଲୋକ
କନ୍ୟା ସନ୍ତାନଟିଏ
ନିଏ ଚିରନିଦ୍ରା
ଜନନୀ ଜଠରେ ।

ବୃଦ୍ଧ ପିତାମାତାଙ୍କ ମନ୍ଦିର
ହେଲା ଜରାଶ୍ରମ
ଜୀବନଟା ସ୍ୱପ୍ନର ସମାଧି
ଶରଶଯ୍ୟାରେ ମୁଦ୍ରିତ ନୟନ
ଅପେକ୍ଷାରତ
ମୃତ୍ୟୁର ପ୍ରଶାନ୍ତିପରଶେ ।

ସ୍ନେହଁ, ପ୍ରେମ, ଦୟା,
ଆନ୍ତରିକତା
ସୁପ୍ତ ଆଜି ଅତୀତ ଗହ୍ୱରେ
ଭାଇଭାଇ, ସ୍ୱାମୀ ସ୍ତ୍ରୀ, ବାପପୁଅ
ଖେଳୁଛନ୍ତି
ରକତରେ ହୋଲି
ସମ୍ପର୍କ ଉଡଇ
ସୁନୀଳ ଗଗନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବନାର ଡୋର ତାକୁ ନପାରଇ ଟାଣି ।

ଅନ୍ୟାୟ ଅନିତୀ ଚଢ଼ିଲେ
ଏଭେରେଷ୍ଟ ଶୃଙ୍ଗ
ଭ୍ରଷ୍ଟାଚାର କରି ସହଗାମୀ
ଅଟ୍ଟହାସ୍ୟେ କମ୍ପାଇ ଧରିତ୍ରୀ
ବିଜୟଶ୍ରୀ ଟିକା ସହ
ହୁଅନ୍ତି ଅମର ।


ହେ ମାନବିକତା
ଖେଳନାହିଁ ଲୁଚକାଳୀ ଖେଳ
ଫେରିଆସ
ଫେରିଆସି ମାନବ ସମାଜେ
ହୃଦେ ହୃଦେ ବିଞ୍ଛିଦିଅ
ସ୍ନେହଶ୍ରଦ୍ଧା ବୀଜ
ହସି ଉଠୁ
କ୍ରନ୍ଦନରତା ଧରିତ୍ରୀ ।

ଆଲୋକ ନଗର ,ଆମ୍ବପୁଆ,
ବ୍ରହ୍ମପୁର, ଗଞ୍ଜାମ, ୯୯୩୮୦୬୫୨୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜାଗି ଉଠ



ପ୍ରଲିପ୍ତା ଶତପଥୀ

ଜାଗି ଉଠ ସବୁ ଭାରତ ମାତାର
ସୁଯୋଗ୍ୟ ସନ୍ତାନ ଜାଗି ଉଠ,
ସଭିଙ୍କୁ ଏକାଠି ସମୃଦ୍ଧ କରହେ
ଭାରତ ମାତାର ଟେକ ରଖ ।

ସଭିଙ୍କ ମନରୁ ହଟାଅ ହିଂସା
ମନେ ସୃଷ୍ଟି କର ଜାତି ମୀମାଂସା ,
ନରଖ ମନେ ଭାବ ନିରାଶା
ଦୃଢ଼ୀଭୂତ କର ମନର ଆଶା ।

ହିଂସା ଅହିଂସାକୁ ସମାନ ରଖି
ସ୍ଥାନେ ସ୍ଥାନେ ତାକୁ ନିଅ ପରଖି
ମାଡି ଚାଲ ରକ୍ତ ଚନ୍ଦନ ମାଖି
ଠିକ୍ ସ୍ଥାନେ ତାକୁ ସୁଯୋଗ ଦେଖି ।

ତ୍ୟାଗ ମନରୁ କ୍ରୋଧ ଅହଙ୍କାର
ଘୃଣା ଅପ୍ରୀତି ହୋଇଯାଉ ଦୂର
ଶାନ୍ତି ଦିବ୍ୟତାରେ ମନ ପବିତ୍ର
ଏକତା ଅଟେ ଯେ ଆମ ସଂସ୍କାର ।

ଆସ ଆସ ଭାଇ ଭଉଣୀ ଆସ
ମିଳିମିଶି ସର୍ବେ ଶପଥ ନେବା,
ଜାତି ପାଇଁ ନିଜ ଜୀବନ ଦେଇ
ଭାରତ ମାତାର ଟେକ ରଖିବା ।

ରେଢ଼ାଖୋଲ,ସମ୍ବଲପୁର ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅତୀତରେ ଗତବର୍ଷ



ଶଙ୍କର ବିଶ୍ୱାଳ

ମୁଁ କେବଳ ମୁଁ ନୁହେଁ ଏହା ମୋ ଭିତରେ ଥିବା ଏକ ନୈପୂର୍ଣ୍ୟତା
ଏହା ମୁଁ ନୁହେଁ ମୋ ଭିତରେ ଲୁଚିଥିବା
କିଛି ଭୟଙ୍କର ରୂପ ଛବି ଯାହା
ଏ ପ୍ରେମକୁ କରେ ନିମନ୍ତ୍ରଣ
ଓ ସମୟକୁ କରେ ଆମନ୍ତ୍ରଣ ।

ମୁଁ ଖୋଜେ ସେହି ଛବି କୁ ଯିଏ
ଦିନେ ଦେଖାଇଥିଲା ଶୀର୍ଷତାରେ ପହଁଞ୍ଚିବାର ରାସ୍ତା
ଖୋଜେ ସେହି ଛବି ଯାହା ସୁନ୍ଦର
ରଙ୍ଗମୟ ଓ ଛନ୍ଦପୂର୍ଣ୍ଣ ।

ଅତୀତର ବିଦାୟ ବର୍ତ୍ତମାନର ଆଗମନ ଓ ପରିସ୍ଥିତିର ଚକ୍ରବ୍ୟୁହରେ ଫସି ଘୁରି ବୁଲୁଥିବା
କେବଳ ନିର୍ଭିକ ଚକପରି ଗଢିଚାଲିଛି ।
ସେହି ଅନୁସାରେ ସମୟ ମଧ୍ୟ ସରିଛି
ବେଳ ବୁଡିଛି
ଆଉ ଭବିଷ୍ୟତ ଆସୁଛି ।
ନବବର୍ଷ କେବଳ ଏକ ଦିନ ନୁହଁ
ଏହା ଏକ ଅଧ୍ୟାୟ ଯିଏ ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଠ୍ୟ ଖସଡାର କରେ

ପୁର୍ନରାବୃତ୍ତି , ପରିତୃପ୍ତି ଆଉ ସହମତି ।

ଅଶିର୍ବାଦରେ କେବଳ ଚଳେନା ଏଠି

ଏଠି ରଖିବାକୁ ହୁଏ ନିବିଡତା

ନୁହେଁ କି ବିଡମ୍ବିତା କେବଳ

ସମ୍ପର୍କତା ଆଉ ପରିତୃପ୍ତତା ।

କିଛି ରାଗ, ବିରାଗ, ଅଭିମାନ

ସହିଷ୍ଣୁ ସହକାରେ ବହୁକିଛି

ପ୍ରେମ, ସ୍ନେହ, ଭଲପାଇବାକୁ ଆପଣାଇଛି ଆଉ ଫେରିଛି

ସେହି ପିଲା ଦିନର ନବ ବର୍ଷର ବଣ ଭୋଜିକୁ ।

ତେଣୁ ପୁଣି କହିବି

ମୁଁ କେବଳ ମୁଁ ନୁହେଁ ଏହା ମୋ ଭିତରେ ଥିବା ଏକ ନୈପୂଣ୍ୟତା

ନା ମୋ ଭିତରେ ଲୁଚିରହିଥିବା ଏକ

ଭୟଙ୍କର ଛବି

ଗୁଡିଆଳୀ , କବିସୂର୍ଯ୍ୟ ନଗର , ଗଞ୍ଜାମ

+୨ କଳା ନାରାୟଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ଆଠଗଡ ପାଟଣା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ଝଡ଼



ନିରଞ୍ଜନ ସାହୁ

ଜୀବନରେ ଯେତେ ଝଡ଼ ଉଠିଲେ ବି
କଦାପି ଭାଙ୍ଗିବ ନାହିଁ
ଭାଙ୍ଗି ପଡିଲେ ତ ସବୁ ସରିଯିବ
ସପନ ରହିବ କାହିଁ ??

ବାଟ ଚାଲୁଚାଲୁ ଝୁଣ୍ଟିବ ନିଶ୍ଚୟ
ଖଣ୍ଡିଆଖାବରା ହେବ
ଗୋଲାପ ତୋଳିଲେ କଣ୍ଟା ତ ଫୁଟିବ
କିଏ ମନା କରିଦେବ
ହାରିବା ନାହିଁ କି ଡରିବା ନାହିଁ ତ
ବିଫଳ ଭୟକୁ ଚାହିଁ ।

ଅଣ୍ଟାକୁ ସଳଖି ପୁଣି ଛିଡାହେବା
ମନକୁ କରିକି ଦମ୍ଭ
ଆତ୍ମ ବିଶ୍ୱାସକୁ ଜାଗ୍ରତ କରିଲେ
ନୁହେଁ କିଛି ଅସମ୍ଭବ
ସଫଳତା ସିଡି ନିଶ୍ଚୟ ଚଢ଼ିବା
ଆମେ ତ ଆମରି ପାଇଁ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାନେ କିଛି କୁହ



ଦିବାକର ନାୟକ

କାଲି କହୁଥିଲି ସହଳ ଶୋଇବ
କାଲେ ବିଗିଡ଼ିବ ତମ ଦେହ
ଆଜି ମୁଁ କହୁଛି ପାଶେ ଚେଇଁ ରହି
କାନେ ମୋର କିଛି କଥା କୁହ (୦)

କାଲି ତମେ କାଳେ ଦୂରରେ ଥିଲ କି
ଦୂର ଆକାଶର ଜହ୍ନ ଭଳି
ଆଜି ମୋର ଏଇ ମନ ସରସୀରେ
କଇଁ ସାଜି ଖେଳୁଅଛ ଦୋଳି

ତମ ବୁକୁ ଆଉ ତମ ଚିବୁକେ ମୋ
ଓଠ ଦାଗ ଲିଭିବାର ନୁହେଁ..
କାଲି କହୁଥିଲି ସହଳ ଶୋଇବ
କାଲେ ବିଗିଡ଼ିବ ତମ ଦେହ (୧)

ରାତି ବଢୁଥିବ ମଧୁ ଝରୁଥିବ
ପ୍ରଣୟଶାଳାରେ ଖେଳି ଖେଳି
ପାହାନ୍ତି ପହର ଅଳସ ବେଳାରେ
ଘୁମେଇ ପଡ଼ିବ ଆଖି ମଳି

ବିହଗ କୁଜନେ ସରମୀ ସକାଳ
ବାସୁଥିବ ଖାଲି ମହମହ..
କାଲି କହୁଥିଲି ସହଳ ଶୋଇବ
କାଲେ ବିଗିଡ଼ିବ ତମ ଦେହ (୨)

ପାଟପୁର, କନିସି, ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁହାଗିନୀ



ସୁହଂସ ଭୋଇ

ପ୍ରେମର ସେ ଏକ ନଈ
ବୋହିଯାଏ ଧାର ହୋଇ ଏକାକାର
ସାଗରେ ମିଶିବା ପାଇଁ
ପ୍ରେମର ସେ ଏକ ନଈ (୦)

ଫୁଲଠୁ କୋମଳ ହୃଦୟ ତାହାର
ମନ ନିରିମଳ ପାଣି
ଜୀବନ ସରଳ ପିଇ ସେ ଗରଳ
ଅମୃତକୁ ଦିଏ ବୁଣି
ମାନ ଅଭିମାନ ତେଜି ସେ ଗୁମାନ
ସଭିଙ୍କୁ ନିଏ କୋଳେଇ
ପ୍ରେମର ସେ ଏକ ନଈ (୧)

ଜନନୀର ମୋହ ଭଗିନୀର ସ୍ନେହ
ବାନ୍ଧବୀ ରୂପେ କାମିନୀ
ପ୍ରଣୟର ବାଣୀ ବେଦ ସମ ମଣି
ସମର୍ପିତା ସୁହାଗିନୀ
ଦିନାନ୍ତରେ ନିତି ଜାଳେ ସଞ୍ଜବତୀ
ମଙ୍ଗଳ ଆରତୀ ଗାଇ
ପ୍ରେମର ସେ ଏକ ନଈ (୨)

ଭାଲେ ରକ୍ତଚୂର୍ଣ୍ଣ ପ୍ରତିଦାନ ଚିହ୍ନ
ତ୍ୟାଗର ଅଳତା ଗାର
ସୁହାଗିନୀ ପଥ ସୁଗମ ନୁହଇ
ଯେସନେ କୃପାଣ ଧାର
ମନରେ ଦୃଢତା ଥିଲେ ପରିଣୀତା
ସହଜେ ଦିଏ ଦୁରେଇ
ପ୍ରେମର ସେ ଏକ ନଈ (୩)

ପହଣ୍ଡି, ବରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନବଘନ, ମିନୁଁ ଓ କଇଁତୋଳା



ନୀଳମଣି ଚାନ୍ଦ

ଚୁପଚାପ୍
ସମସ୍ତେ କୂଳରେ ଠିଆ ହୁଅ
ଏଇ ପାଣିରେ ପଶିଲା ନବଘନ
ପାଟସାରା କଇଁରୁ
ପୁଞ୍ଜାଏ  ତୋଳିବାକୁ ହେବ ମିନୁପାଇଁ
ନଚେତ୍ ତା ମନ ଦୁଃଖ ହେବ
ଆଉ ତା ସାଙ୍ଗମାନେ କହିବେ
ନବଘନଟା କେଡ଼େ ଡରୁଆ ।

ସାହାସ ଜୁଟାଏ
ନଗି ଧରେ
ପାଣି, ଜୋକକୁ ଭୟ ନ କରି
ଗହୀରପାଟରେ ପଶେ
ସତେ ଯେମିତି ମରଣ ମୁହଁକୁ
ଲମ୍ଫମାରେ ।

କଇଁ ଫୁଲ ତୋଳିବା ଦିନ
ଭାଲୁକୁଣି ଓଷା ହୁଏ
ନା ଓଷାଦିନ କଇଁଫୁଲ ତୋଳାଯାଏ
ଏ ପ୍ରଶ୍ନର ଉତ୍ତର
ଏ ଯାଏଁ ପାଇନି ନବଘନ
ସେ ଖୁବ ସରଳ,ନିଷ୍ପାପ
କେବଳ ମିନୁପାଇଁ

ଏ ସବୁ ନବଘନର
ଶୈଶବର ସ୍ମୃତି
କେବେଠୁଁ ଛାଡ଼ିଛି ସେ ଗାଆଁ
ଏବେ ଏବେ ସୁରାଟରେ
ଏକାନ୍ତରେ ବସିଲେ
ମିନୁ କଥା ଖୁବ ମନେପଡ଼େ
ଭାବେ, ମିନୁ ଖୁବ୍ ବଡ଼ ହୋଇଥିବଣି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଏବେ ଦେଖାହେଲେ

କଇଁ ତୋଳିବାକୁ

ଅଳି କରିବ କି ନା ସେ କଥା ସେ ଜାଣେନା ।

ଥାଉ ସେ ଅଫେରା ଦିନ

ସେ କଥା ଭାବି ଲାଭ ବା କ'ଣ ?

ତଥାପି, ନବଘନ ଅପେକ୍ଷା କରିଥାଏ

ଭାଲୁକୁଣି ଓଷାକୁ

ମିନୁକୁ

ଭାବେ, ଦେଖାହେଲେ

ନିଶ୍ଚୟ ସେ ଅଳିକରିବ

କହିବ, ନବଘନ

ଯା' ଆମପାଇଁ

ପାଟରୁ ପୁଞ୍ଜେ କଇଁଫୁଲ ତୋଳିଦେଏ ।

୨୭, ମନ୍ତ୍ର ମାନୋର,ଗୋଠପାଟଣା

ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ କାହ୍ନା



ସୌଦାମିନୀ ସାହୁ

ନୀଳ ଜୀମୂତ କାନ୍ତି
ତୋ' ରୂପେ ଦେଖେ ନିତି
ତୁ ପରା ନିତ୍ୟ ସନାତନ,
ନୀଳ ସାଗର  କୋଳେ
ନୀଳିମା  ଫିକା ଲାଗେ
ତୋ ନୀଳ କଳେବର ଧନ   ।

ନବୀନ ପୀତବାସ
ନନ୍ଦନ ବନେ ବାସ
ଚନ୍ଦନ କସ୍ତୁରୀ ଶ୍ରୀଅଙ୍ଗେ
ନିନ୍ଦନ୍ତି  ମେଘମାଳା
ନିକ୍ୱଣେ କଟୀ ମେଖଳା
ନିର୍ନିମେଷ ନୟନର ରଙ୍ଗେ  ।

ନନ୍ଦ ନନ୍ଦନ  ହୋଇ
ନିନ୍ଦା ଶୁଣାଇ ରାଇ
ନିରବେ ନାଟ କରୁଥିଲୁ
ନିରଳସେ  ହକାରି
ନିବିବନ୍ଧ ଫେଇ ହରି
ନିର୍ଗୁଣ ଗୁଣକୁ  ଭେଇଲୁ  ।

ନାହିଁ ସେ ଗୋପପୁର
ନ ଶୁଭେ ବଂଶୀ ସୁର
ନୀଳାଚଳେ ହେଲୁ ଅବତାର
ନ ଶୁଣ  କର୍ଣ୍ଣେ କିଛି
ନୀଳଶଇଳବାସୀ
ନିନ୍ଦା କି ହେଉନି ତୁମର  ।


ନବ  ଯୁଗର ସ୍ରଷ୍ଟା
ନୂତନ ଦିଗ ଦ୍ରଷ୍ଟା
ନିରିଖି  ଦେଖ ବାରବାର
ନିରେଖ ଜନେ ଉଦ୍ଧର
ନିରାକାର ନୀଳବର
ନିବେଦନ ବାରେ ଘେନାକର  ।

ପ୍ରଧାନ ଶିକ୍ଷୟିତ୍ରୀ,
ନେହେରୁ ନୋଡାଲ ଉ.ପ୍ରା ବିଦ୍ୟାଳୟ
ସଫା, ଟାଙ୍ଗୀ, କଟକ-୭୫୪୦୨୨
ମୋ-୯୭୭୮୫୪୫୭୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା ତାରିଣୀ



ରୀନା ସେଠି

ଘଟଗାଁବାସିନୀ ମା ତାରିଣୀ
ଭକତ ଜନଙ୍କ ଦୁଃଖହାରିଣୀ
ମନସ୍କାମନା ମୋ ପୂର୍ଣ୍ଣ ହୋଇଲା
ତୋ ପାଖକୁ ଯିବାକୁ ଡ଼ୋରି ନ ଲାଗିଲା
କଳ୍ପବଟେ ତୋର ବାନ୍ଧିଛି ଡ଼ୋରି
ତୋ ପାଶକୁ ଯିବାକୁ ମନ ହେଉଛି ଘାରି
କି ଦୋଷ ମୁଁ ତୋର ପାରିନି ଜାଣି
ତୋ ପାଖକୁ ମୋତେ ନେଉନୁ ଟାଣି
ଯେତେ ଇଚ୍ଛା କଲେ ଯାଇ ପାରୁନି
ତୋ ରୁଣ ମୁଁ କିଛି ଶୁଝିପାରୁନି
କାହିଁକି ପରୀକ୍ଷା କରୁଛୁ ମୋତେ
ଦିନରାତି ଆଉ କେତେ ଡାକିବି ତୋତେ
ସତରେ ଯଦି ତୁ ଜଗତଜନଙ୍କ ମାତ
ତୋ ପାଖକୁ ମୋତେ ନେବୁ ତ୍ୱରିତ
ତେବେ ଯାଇ ମୋ ମନସ୍କାମନା ପୂର୍ଣ୍ଣ ହୋଇବ
ସଂସାର ମଧ୍ୟରେ ତୋର ବାନା ଉଡ଼ିବ ।

ଢେଙ୍କାନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମକୁ ମୁଁ ଝୁରେ



ନିରୁପମା ପାଣି

ଆଜି କାହିଁ ଲାଗ ତୁମେ
ଅଜଣା ଅଚିହ୍ନା
ଦେଖାହେଲେ ମୁହଁ ମୋଡ
ସତେ କି ଦେଖିନା ।।

ପଚାରୁନ କଥାପଦେ
କାହିଁକି ଭାବୁଛି
ଅଜାଣତେ ସତେ କିଛି
ଦୋଷ ମୁଁ କରିଛି ।।

କହିଦିଅ ମୁହଁଖୋଲି
ହୃଦୟେ ରଖନା
ବୁଝି ପାରୁନାହିଁ କିଛି
ସତ କି ଛଳନା ।।

ମନହୁଏ ପାଖେଯାଇ
ପଦେ ପଚାରନ୍ତି
ବିବେକଟା ବାଧାଦିଏ
ପାଦ ଅଟକନ୍ତି ।।

କଥାଥିଲା ଭୁଲିବାନି
କେହି ଯେ କାହାକୁ
ଜିଇଁଥିବା ଯାଏ ଆମେ
ଦୁହେଁ ଯେ ଦୁହିଁଙ୍କୁ ।।

ବାଟ ଚାଲୁଥିବା ପୁଣି
ସାଥୀହୋଇ ଆମେ
କେଉଁ ଅପରାଧେ ଆଜି
ବଦଳିଲ ତୁମେ ।।

ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଇ ଝିଅଟି



ସିଦ୍ଧେଶ୍ୱର ତ୍ରିପାଠୀ

ସିଏ ମୋ ମନର ନିଆରା ଇଲାକା
ଦେହ ଦହନର ଧାସ
ସିଏ ମୋ ପ୍ରେମର ଗୋଟିଏ ନାୟିକା
ଜୀବନର ଅବଶୋଷ ।

ଗହମ ରଙ୍ଗର ଚେହେରା ତାହାର
ସବୁଠୁ ନିଆରା ଆଖି
ଏ ପାଗଳ ମନ ପ୍ରେମରେ ପଡିଲା
ତା ନିଆରା ପଣ ଦେଖି ।

ଏତେ ଗୁଣ ତାକୁ ଦେଇଛି ଦଇବ
ଲେଖିଲେ ହେବନି ଶେଷ
ସିଏ ମୋ ମନର ଗୋଟିଏ ନାୟିକା
ଜୀବନର ଅବଶୋଷ ।

ଲେଖିଥିଲା ସିଏ ମୋ ପାଇଁ କବିତା
ପ୍ରୀତିଗୀତ ଗାଇଥିଲା
କଥା ଦେଇଥିଲା ଏଇ ଦେହ ମନ
ସବୁତ ତୁମର ହେଲା ।

ଶେଷରେ ତାରି ପଦିଏ କଥାରେ
ସବୁକିଛି ହେଲା ଶେଷ
ସିଏ ମୋ ମନର ଗୋଟିଏ ନାୟିକା
ଜୀବନର ଅବଶୋଷ ।

କବିରଘର, କୁଣ୍ଡିଲୋ. କେରଙ୍ଗ
ଖୋର୍ଦ୍ଧା, ୭୦୦୮୩୯୫୦୪୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁହେଳିକା



ପ୍ରହ୍ଲାଦ ସାହୁ

ଧୂଆଁ ଧୂଆଁ ଆକାଶର ଛାତି ଚିରି
ମନ ହୁଏ ଉଡିଯିବାକୁ
ଆଉ ଏକ ସ୍ୱଚ୍ଛ ସୁନିର୍ମଳ ସୁବର୍ଣ୍ଣ ସମ
ନୂଆ ଦୁନିଆକୁ;
ଏଠି ଆକାଶର ଛାତିରେ
ଆଚ୍ଛାଦିତ ଧୂଆଁ ଠାରୁ
ମନର କୋଷିକାରେ
ବହଳ ଧୂଆଁର ବାଦଲ
ଅହରହ ଭୀତତ୍ରସ୍ତ କରେ ।

ଏହି ଧୂଆଁ ଧୂଆଁ ଆକାଶ ସତେ ଗୁଣ ଭଲ
ଅଳିଆ ଆବର୍ଜନା ଭରା
କୋଡା ଦାନା ଠାରୁ ଅମୂଲମୂଲ
ଏଠି ହୃଦୟରେ ଜମାଟ ବାନ୍ଧିଛି
କେତେ ପରସ୍ତର ଧୂଆଁ
ତାର ହିସାବ ବୁଝୁଛି କିଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଧୁନିକତାର ଖୋଳପା ଭିତରେ
ଏଠି ସମସ୍ତେ ଅତ୍ୟାଧୁନିକ ପାଲଟିଛନ୍ତି
ନହେଲେ, ଏ ନୈସର୍ଗିକ ପ୍ରକୃତି ଆଖିରେ
କାହାପାଇଁ ଲୁହର ଧାର ?

ବିପର୍ଯ୍ୟସ୍ତ କ୍ଷତବିକ୍ଷତ ପର୍ଯ୍ୟାବରଣ
ଅସାମଞ୍ଜସ୍ୟ ଋତୁଚକ୍ର, ଆହତ ବାତାବରଣ
ସମୁଦ୍ର ଅଥୟ, ସୁନାମୀ ଅବଶମ୍ଭାବୀ
ଗ୍ରହ-ନକ୍ଷତ୍ର କକ୍ଷଚ୍ୟୁତ, ପ୍ରତିକ୍ଷଣେ ଉଲକାପାତ
ବନ୍ୟା, ବାତ୍ୟା, ମରୁଡିର ବିଭତ୍ସ ଦୃଶ୍ୟ
ଅକସ୍ମାତ ଜଙ୍ଗଲେ ଅଗ୍ନି ବର୍ଷା
ଅସମୟେ କୁଆପଥର ବୃଷ୍ଟି
ଧୂଆଁ ଧୂସରିତ ଆକାଶରେ ବାଦଲର ପ୍ରଳାପ
ଚଡକପାତରେ ଅବିଶ୍ୱସନୀୟ ଦୁର୍ଦ୍ଦଶା
ଘୂର୍ଣ୍ଣୀ-ବାୟୁ ର ତାଣ୍ଡବ ଲୀଳା ।

ମିଛ ପ୍ରହେଳିକାର ଧୂମ୍ରାଭ ଇନ୍ଦ୍ରଜାଲ
ଚୋରି ନାରୀ ଡକାୟତି ଲୁଣ୍ଠନ
ଅସହାୟତାର ଶୀକାର ସରଳ ମନୁଷ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନର କୋହ ଗଗନ ପବନ ପରିବ୍ୟାପ୍ତ

ମିଛ ସତର ମାୟାଜାଲରେ

ଅନ୍ଧ ପାଲଟିଛି ଏ କାମାର୍ତ୍ତ ମଣିଷ

ମୁଖା ପିନ୍ଧା ଅମଣିଷ ଜାତି

ବର୍ବରତା ଅମାନୁଷିକତା ବିଷ ପିଇ

ଅମୃତ ଉଦ୍ଗାରିବାର ବ୍ୟର୍ଥ ଚିନ୍ତା

ଏ ଅମୂଲ୍ୟ ଜୀବନକୁ ଜାଳି ପୋଡି

ଧ୍ୱଂସ କରିବାର ପ୍ରୟାସରେ

କେବଳ କୋହଳି ଧୂଆଁ ହେଉଛି

ନିଜର ମହନୀୟତା ପାଇଁ ଆକାଶ

ସୁବିସ୍ତୃତ ଅନନୁମେୟ ସୀମାରେଖା

ଯେଉଁଠି ସବୁଯାକ ଧୂଆଁ ଲହଡି ଭାଙ୍ଗୁଛନ୍ତି ।।

ନିଜୁଦିଲ୍ଲୀ

୯୫୪୦୫୩୧୨୭୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଶାଣି ତୁଳସୀ



ଦଣ୍ଡାସି ପ୍ରଧାନ

ନିଜର ନିଜ ଉପରେ ଭରସା ଅତୁଟ ରହିଲେ ,

ପାଦ ତଳର

ତରଳା ମାଟି ଭିତରେ ମଧ୍ୟ

ସାଉଁଟି ହୁଏ, ଧୈର୍ଯ୍ୟର ପଥର,

ପାଣିରେ ଚାଲିବାର ସଙ୍କଳ୍ପ ସୂତ୍ର

ଆଶ୍ରୟ ସମ୍ଭାର ।

ତା' ଯେବେ ନ ହୁଏ --

ଚାଲିବା କଥା ଦୂରେ ଥାଉ ,ଠିଆ ହେବାକୁ

ଦମ୍ଭ ସାଉଁଟୁ ସାଉଁଟୁ-

ମିଳିଯାଏ ସର୍ବନାଶ ଆଖଡା ; କୁସଙ୍ଗର ।

ଆଉ ମୁହଁରେ ଦାଢି ଲମ୍ବା ହେବା ଆଗରୁ-

ବାବୁ ବନିଯା'ନ୍ତି ମଦର ବାଦସାହା !

ନିଶାଖୋର୍ ସୁରା ସମ୍ରାଟ ;

ବିଭସ୍ର ସାମ୍ରାଜ୍ୟର, ଯେତେସବୁ ଯନ୍ତ୍ରଣା ସାଉଁଳି ,

ବିବିଧେ ବିଭ୍ରାଟ ସଂରଚନା ।

ମହିଏ ମହିଏ ନାଲି ପାଣି ମଜାର ପ୍ରତିକ୍ରିୟାରେ,

ଦେଖୁ ଦେଖୁ ଉଜୁଡି ଯାଏ ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଖର ସୁନ୍ଦର ସଂସାର ଆଖି ପିଛୁଳାକେ ।

ଅସ୍ତମିତ ସମୟର ନିଃସହାୟ ଅତର୍ପିତ ପିତା ମାତା ;

ସଦାସଦ୍ୟ ସ୍ୱପ୍ନିଳ ଅତୀତ ସ୍ମରଣେ ଓ ସୁନିଶ୍ଚିତ

ଅନ୍ଧାର ଭବିଷ୍ୟତ ଆଶଙ୍କାକୁ ନେଇ

ଏଠି ଆଜି ଲୁହସ୍ନାତ ବିଦାରିତ ସିକ୍ତ ହୃଦୟ ।

ପିଲା କୁଟୁମ୍ବ ଭାରିଜାକୁ ନେଇ, ଗଢି ଉଠିଥିବା ମନ୍ଦିରକୁ

ସଜାଇ ଦିଏ, ଦୁଃଶାସନର ଦରବାର --

ଭାଗ୍ୟକୁ ବାହାନା ବନେଇ ।

ଅନ୍ୟ ମାନଙ୍କ ଉପରେ ବିବିଧ ଦୋଷକୁ ଲଦି ଦିଏ ,

ଅପାରଗ ବ୍ୟକ୍ତିତ୍ୱ ।

ବିନା କାରଣରେ ବିପରୀତ ବୁଦ୍ଧି ।

ଦୁଃଶ୍ଚିନ୍ତାରେ ଏଠି ଏବେ ମଣିଷର ମର୍ଯ୍ୟାଦା ସବୁ

ଅବାଞ୍ଛିତ 'ମଶାଣି ତୁଳସୀ' ।

ଆପେ ଧରି ନିଏ ,

ନିଜ ଜୀବନ ଜିଇଁବା ଓ ମରିବାରେ

ମାନେ କଣ ଅଛି ବୋଲି ?

ଅଧୋଗାମୀ ତାମସିକ ଭାବନା ।

ଏଇଠି ଏକ ପ୍ରଶ୍ନ ?

କାହିଁକି ତୁମ ପୌରୁଷର ମାନ ଏତେ ନ୍ୟୁନ ?

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜସ୍ୱ ବାହୁ ବଳ ସାମର୍ଥ୍ୟକୁ କୁହ /

ଅବା କର୍ମକୁଣ୍ଠ ଅକୁଶଳପଣ ?

କେଉଁ ନ୍ୟାୟରେ ତୁମର ଏ ଆତ୍ମଘାତୀ ପନ୍ଥାନୁସରଣ ??

ତୁମେ ଜୀବ ସତ୍ତାର ପରମ

ଐଶରୀୟ ବରଦାନୀ ଆଭୂଷଣ ।

ତୁମକୁ ଏ ଶାଶ୍ୱତ ସତ୍ୟ ଭୁଲି ଯିବା କେତେ ଶାସ୍ତ୍ର ସମ୍ମତ ???

ଏକଥାକୁ ସୁସ୍ଥ ମନରେ ଥରେ ବିଚାର କରି ଦେଖ ;

ମେଘୁଆ ଆକାଶରେ ବି ତାରା ଗୁଡିକ

ଜଳଜଳ ଜ୍ୱଳନ୍ତ ଦିଶିବ ।

ପଥରେ ପଡିଥିବା କଣ୍ଟା କିବା ପଥର

ରାସ୍ତରୁ ଆପେ ହଟିଯିବେ; ନିଜେ ନିଜର ବାଟ ଦେଖି ।

ଆଜି ଯେ ଛି' ଛାକର କରୁଛିନ୍ତି /

ତୁମକୁ ଯେ ମୁଣ୍ଡରେ ନ ଥାପିବ, ତାହା ବି ଅର୍ଥ ନୁହେଁ ।

'ଶ୍ମଶାନ ତୁଳସୀ ' ଯେ ,ତା'ର ଗୁଣ ସତ୍ତା ହରାଇ ଅପୂଜ୍ୟ ;

ଅଥବା ବଞ୍ଚିପାରେ ନାହିଁ /

ଏହାର କୌଣସି ଯଥାର୍ଥ ଉତ୍ତରର ଅପେକ୍ଷା ରଖି ନାହିଁ ତ ?

ସାହିତ୍ୟ ସମ୍ପାଦକ,

ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,

ପାତ୍ରପୁର, ଗଞ୍ଜାମ ।

ଭ୍ରାମ୍ୟଭାଷ ୦୮୭୬୦୧୯୪୯୭୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସବୁ ଏଠି କ୍ଷୁଧା



ଡଃ ମନୋରଞ୍ଜନ
ବିଷୋୟୀ

ସବୁ ଆଡ଼େ ଖାଲି କ୍ଷୁଧା
ପାଶବିକତାର ତୁମୂଳ ନର୍ତ୍ତନ
ଆଉ କଠିନ ବନ୍ଧନ ।
ବ୍ୟଭିଚାର ଚାଲେ ଏଠି
ଏଇ ଧର୍ମପୀଠେ
ଯୁବତୀ କରେ
ନୈଶ୍ୟ ଅଭିସାର
ଭକ୍ତିନାମେ ପ୍ରେମ ଚାଲେ
କ୍ଷୁଧିତ ଶରୀର ଚାହେଁ
କ୍ଷଣିକ ସାହାରା
ଆଉ ଆଖିର ଇସାରା ।
ଭକ୍ତି ପାରାବାରେ
କ୍ଷୁଧାର ତରଙ୍ଗ
ଜଗାଏ ସେ ନୂତନ ଚେତନା
ଜୀବନର ବେଳାଭୂମି ଦିଶେ ଲାଲ
କାମନାର ରଙ୍ଗେ ।
ରେଣୁ ରେଣୁ ଦଗ୍ଧ ତପ୍ତ
ବାଲୁକାର ଶଯ୍ୟା
ସେଇଠାରେ ମାନବର
ଗୁପ୍ତ ଅଭିସାର
ହୁଏନା ସାର୍ଥକ ।
ମାନବିକତାର ଦ୍ୱାହି ଦେଇ
ପାଶବିକତାର ବନ୍ଧନ ଭିତରେ
ଆଜିର ମାନବ ଚାହେଁ
ମୁକ୍ତି ଆଉ ଶାନ୍ତି
କିନ୍ତୁ ପାଏନା କାଣିଚେ ।
ଜୀବନର ଚୌମୁହାଣୀରେ
ଯୌବନର ଅଙ୍କାବଙ୍କା ରେଖା
ତା' ଜୀବନରେ ନଦିଏ ଆହ୍ଲାଦ
ତୃପ୍ତି ଆଉ ଅତୃପ୍ତିର
ଗୋଲକ ଧନ୍ଦାରେ
ଜୀବନଟା ଭରେ ଅବସାଦ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୦୪୦୭୨୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍ୱପ୍ନର ନାୟିକା



ଯାଦବ ପ୍ରଦୀପ ପରୁଆ

ରୂପା ଜହ୍ନ ପରି ତା ମୁଖର ଶୋଭା ତେଜ ପୂର୍ଣ୍ଣିମାର ଚାନ୍ଦ,
କୁରଙ୍ଗୀ ନେତ୍ରକୁ ଭୃଲତାର ଠାଣି ହସ ଓଠେ ମନ୍ଦ ମନ୍ଦ ।
ଶ୍ୟାମଳୀ ସୁନ୍ଦରୀ ତନୁ ପାତଳି ସେ ରସ ଜୁଡୁବୁଡୁ ତନୁ,
କି ଉପମା ଦେବି ବାଙ୍କ ଚାହାଣିକୁ ଭୁଲି ହେଉ ନାହିଁ ମନୁ ।
ସରସୀର ନୀର ଭେଦିକି ଉଠିଲା କାଖ ପରେ ଘେନି କୁମ୍ଭ,
ଆତୁର ନୟନେ ଚାହିଁ ରହିଥିଲି ତୁଟି ଯାଉଥିଲା ଦମ୍ଭ ।
ପାଖକୁ ଆସିଣ ଯେବେ ଚାଲିଗଲା ଅତର ବାସ୍ନା ଛୁଟାଇ,
ହୃଦୟର ଧନୁ ଟଙ୍କାର ନାଦରେ ମନ ମୋ ଗଲା ଶୀତେଇ ।
ଅଧରର ଶବ୍ଦ ଅଟେ ମଧୁସମ କଣେଇ କି ଦେଲା ଚାହିଁ,
ମୃତ ପଦ୍ମ ବନେ ଜୀବନ ସଂଚାର ଆଣି କି କରିଲା ବିହି ।
କର୍ଣ୍ଣ ପଟଳରେ କରାଘାତ କରି ଜନନୀ ମୋ ଦେଲେ ବାଧା,
ସ୍ୱପ୍ନ ଦେଖୁ ଦେଖୁ ରାତି ପାହିଗଲା ସ୍ୱପ୍ନ ରହିଗଲା ଅଧା ।

ମୋ-୯୩୪୮୨୭୨୭୮୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟି ମା’ ଓ ମମତା



ଚନ୍ଦନ କୁମାର ଜେନା

ଉକ୍ତ ପଦ୍ୟଟି “ମ” ଆଦ୍ୟାନୁପ୍ରାସରେ ରଚିତ । ମାଟି ମା’ ଗୋଟେ ମଣିଷର ଜନ୍ମ ଠାରୁ ମୃତ୍ୟୁ ଯାଏ କିପରି ଯତ୍ନ ନେଇଥାଏ ଓ ପାଳନ ପୋଷଣ କରିଥାଏ ତଥା ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ ସେ ବିଷୟରେ ଏଠାରେ ସଂକ୍ଷେପରେ ଆଲୋଚନା କରାଯାଇଛି ।

ମା’ ଗରଭରୁ ବାହାରିଲା ପରେ କୋଳେଇ ନେଇଛୁ ତୁ ।
ମୁକ୍ତ ଆକାଶ, ଜୀବନ(ଜଳ), ପବନ ଅଜାଡ଼ି ଦେଇଛୁ ତୁ ।।(୧)
ମୋ ସଠି ନିଆଁ ଦେଖିଛୁ ତୁହିଲୋ, ଦେଖିବୁ ଦିନେ ମୋ ଚିତା ।
ମାଟି ଖାଇ ଖାଇ ଆଣ୍ଠେଇ ଶିଖିଲି, ଜଗତ ଜାଣେ ସେ କଥା ।।(୨)
ମାଟିଖଡ଼ି ଧରି, ମାଟି ସିଲଟରେ, ମୁଣ୍ଡୁଳା ଶିଖିଛି ମୁଁ ।
ମାଟି କାଦୁଅରେ ଖେଳନା ବନେଇ ସେଥିରେ ଖେଳିଛି ମୁଁ ।।(୩)
ମାମତାମୟୀ ତୁ କଲ୍ୟାଣମୟୀ ତୁ, କେତେଯେ ସହିଛୁ ମତେ ।
ମତୁଆଲା ହୋଇ ସଙ୍ଗୀତ ତାଳରେ କୁଦିଛି ତୋ ବକ୍ଷେ କେତେ ।।(୪)
ମେଲେଇ ଦେଇଛୁ ସବୁଜିମା ତୁ ଲୋ ପ୍ରାଣୀ ପ୍ରାଣକୁ ପୋଷିବା ପାଇଁ ।
ମୂରୁଖ ଚାଷୀ ମୁଁ ଲଙ୍ଗଳ ଟାଣିଛି ତୋ ବକ୍ଷେ କେତେ ଯେ କାହିଁ ।।(୫)
ମରୁଭୂମି ହୋଇ କଠୋର ସାଜିଛୁ, ସିନ୍ଧୁ–ସର ଧରିଣ ଶୀତଳ ।
ମେରୁ ଅଞ୍ଚଳରେ ବରଫ ଘୋଡ଼ିଛୁ, ନିତି ଲୋଡ଼ା ସେଠି କମ୍ବଳ ।।(୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମେଘର ପ୍ରଥମ ଅଶଳା ପାତରେ, ଜୀବଜଗତ ଧରଇ ରାହା ।

ମହକ ଛୁଟାଏ ଭିଜା ମାଟି ତୋର , କେଡ଼େ ସୁନ୍ଦର ସୁବାସ ଆହା ।। (୭)

ମନଦୁଃଖ ବେଳେ, ତୋ ତୃଣ ଗାଲିଚା ଆଉଁସି ଦେଇଛି ମୋତେ ।

ମା' ବୋଲି କେବେ ଡାକିଦେଲେ ତୋତେ, 'ଆହା' କି କରିବୁ ସତେ ? ।।(୮)

ମହଲ–ପ୍ରାସାଦ, ଝାଟିମାଟି ମୋର,ସବୁରେ ତୋହରି ଦାନ ।

ମାଂସ–ରକ୍ତ–ହାଡ଼େ ପିତୁଳା ଟି ଦିନେ ହୋଇବ ତୋ ଗାତ୍ରେ ଲୀନ ।।(୯)

ମୃଗାଙ୍କ କିରଣେ ସଜେଇ ହଉତୁ; ଶଶାଙ୍କର ସୁନା ଭଉଣୀ ।

ମାତ୍ରା ସରିଯିବ, ଭାଷା ନିଅଣ୍ଟିବ, ବ୍ୟାଖ୍ୟା କଲେ ତୋ କାହାଣୀ ।। (୧୦)

ସ୍ନାତକୋତ୍ତର ଫାର୍ମାସୀ ଛାତ୍ର,

ରୋଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର

ଦୂରଭାଷ – ୯୩୩୭୩୭୦୮୫୨

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତମେ



ଶ୍ରୀକ୍ଷେତ୍ର ସୁନ୍ଦର

ଏ ! ତମ ରାଣ ,

ତମେ ଆଜି ସତେ କେତେ ସୁନ୍ଦର ଦିଶୁଛ ମ

ଏ ଧୁଆଁଳିଆ କଳା କିଟିମିଟି ଅନ୍ଧାରର ବୁକୁ ଚିରି

ତମର ସେ ତୋଫା ମୁହଁଟା ..........

ମୋତେ ଚାହିଁ ମୁରୁକି ମୁରୁକି ହସି ମୁହଁ ପୋତିଦଉଛ ଯେ ,

କଣ କୁହ ?

ଏଇ ଦେଖନା ଆମ ଭିତରେ ଯୋଜନ ଯୋଜନର ଦୂରତା

କିନ୍ତୁ ତମେତ ଜାଣ ମୁଁ ତମର କେତେ ନିକଟତମ

ତମେ ଭଲ ଅଛ ନା ?

ଭଲ ଥିବ ନିଶ୍ଚୟ

ତମ ମଙ୍ଗଳ ମନାସି

ତମର ମୁଁ ...

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ ବରଗଡ଼

ମୋ ୯୦୯୦୨୭୭୮୦୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିମ୍ପୁଡ଼ି ଓ ମନୁଷ୍ୟ



ଅମୃତନାରାୟଣ ଶତପଥୀ

କାଣିଚାଏ ଖାଦ୍ୟ କେଉଁଠି ପଡ଼ିଲେ ପିମ୍ପୁଡ଼ି ହୁଅନ୍ତି ମେଳି,

ଛୋଟ ମୁହଁରେ ବଡ଼ ଖାଦ୍ୟ ଦାନା ବୁହନ୍ତି ନକରି କଳି ।(୧)

ହେଲେ ମନୁଷ୍ୟ ଯେତେ ବି ପାଇଲେ ଆହୁରି କରି ଅଳି,

କୃପଣ ସ୍ୱଭାବେ ଅନ୍ୟକୁ ଦେବାକୁ ଚାହେଁ ନାହିଁ ଦେହ ମଳି ।(୨)

ଦିବ୍ୟଜ୍ଞାନ ଥାଇ ଇତର ପରାଏ ହୁଏ ହିଂସ୍ର ଜନ୍ତୁ ଭଳି,

ଅନ୍ୟର ଉନ୍ନତି ଦେଖି ପୁଣି କାହିଁ ଇର୍ଷାରେ ଯାଏ ଜଳି ?(୩)

ପାଞ୍ଚ ମନ ପୁଣି ପଚିଶି ପ୍ରକୃତି ମନୁଷ୍ୟର ଭଳି ଭଳି,

ସ୍ୱାର୍ଥ ପାଇଁ ପୁଣି ସମୟେ ସମୟେ ଯାଏ ଅନେକ ବଦଳି ।(୪)

ପିମ୍ପୁଡ଼ି ପରି ଏକତାର ସହ ରହିଯାଅ ସବୁ ଚଳି,

ଚରିତ୍ର ନିଜର ବିକଶିତ କର ଯିବା ଆଗୁ ପ୍ରାଣ ଢଳି ।(୫)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୃଶ୍ୟାନ୍ତର



ନିହାର ରଞ୍ଜନ ଦାଶ

କାଚ କାଞ୍ଚନ

କଜ୍ଜଳ କାଇଁଚମାଳୀ

ସବୁ ଯାଇଛି

ଲୋ ବଉଳ !

ଆର ଗାଁ ଢିପକୁ

ମୋ ଗାଁ ପାହାଡ

ଏ ସନ ଫୁଟୁଛି

ଠୋଠା ହୋଇ ।

ଖଟ ବାଟ

କବାଟ କୈବର୍ତ୍ତ

ସଭିଏଁ ଗୋଟାପଣେ

ବୁଢା ହୋଇଛନ୍ତି

ଏକା ମାଡକେ ।

କୋହ ମୋହ

ସପନ ସଳିତା

ରଜ ଦୋଳି ନାଲି ଅଳତା

ମାଣ ଲଙ୍ଗଳ

କଂସା ବାସନ

ଜେଜେଙ୍କ କୋଥଳି

ମା ପାନପେଡ଼ି

ନୂଆଉଙ୍କ ସଜଡା

ବାପାଙ୍କ ବଙ୍କୁଲି ।

ସବୁ ଯାଉଛି ଢିପକୁ ।

ସରଧା ଓ ସିନିହ ପୁଟୁଳି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାଜନ, ଭାଗଚାଷୀ

ହଉ ଅବା ଦିନ ମଜୁରିଆ

ସଭିଏଁ ଏକାକାର

ରଂଗ ଫରୁଆ ।

ପୁରୁଗ ପୁରୁଗ ଧାନ

କୋଳଥ ମାଣ୍ଡିଆ ।

ଚୋକଡ ଛଣ ପାଳ

ହଳ ଲଙ୍ଗଳ ଟାଙ୍ଗିଆ ।

ଏ ଗାଁର ପଥ

ପୋଖରୀ ତୋଟା

ଗାଁ ଜଙ୍ଗଲ ବଗିଚା

ଯନ୍ତ୍ର ଯାତନା ତଳେ

ସମତୁଲ ସାଇତା

କାରଖାନା ଗଢିବ

ଢିପରେ ସାହୁକାର ।

ମୋ ସପନ ମୋ ବ୍ୟସନ

ସବୁ ଏଠି ମିଛ ।


ଗାଁ ପାହାଡ ଫୁଟିଲାଣି

ତାଙ୍କ ମନ ଉଚାଟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦୟ ବା ରୂପ



ମମତା ଦାଶ ମିଶ୍ର

ଲୋଡ଼ା ନାହିଁ ପ୍ରଭୁ ଅପୂର୍ବ ମାନବ
ଆଖିକୁ ସୁନ୍ଦର ଯିଏ ।
ସୁନ୍ଦର ମନଟେ ଖୋଜେ ସ୍ନେହୀ ମନ
ଏତିକି ପ୍ରଭୁ ମୁଁ ଚାହେଁ ।।
ସୁନ୍ଦର ମୂର୍ତ୍ତିରେ ଅଛି ଅବା କିସ
ହୃଦୟେ ଯଦି ବସାଅ ।
ମୁହଁକୁ ନ ଦେଖି ହୃଦୟ ପରଖ
ଏହି ଶିକ୍ଷା ତୁମେ ଦିଅ ।।
ମତ୍ସ୍ୟ ବା କଚ୍ଛପ ଅବା ନରସିଂହ
ସବୁ ରୂପେ ତୁମେ ଧ୍ୟେୟ ।
ପାପ ଭାରା ତୁମେ ହରି ନିଅ ବୋଲି
ସବୁବେଳେ କମନୀୟ ।।
ଛାର ମୁଁ ମଣିଷ କିସ ବା ଶିଖିବି
କରୁଛି ଏତିକି ଆଶ ।

ପାଦ ତଳେ ନୁହେଁ କହନ୍ତା କି କିଏ
ହୃଦୟରେ ମୋର ବସ ।।
ସେହି ସିନା ହେବ ମନର ମଣିଷ
ହୃଦୟରେ ଦେଲେ ବାସ ।
ହୃଦୟଟି ଯଦି କଳୁଷିତ ହେବ
ସୁନ୍ଦରମୁହେଁ କି ତୋଷ !!!!
ତୁମ ନରସିଂହ ମୂର୍ତ୍ତି ଦେଖି ଅବା
କେବେ କିଏ ଭୟ ପାଏ ।
ମାତ୍ର ମା'ଲକ୍ଷ୍ମୀଙ୍କୁ ହୃଦୟରେ ଦେଖି
ମନଟି ବଦଳି ଯାଏ ।।
କମନୀୟ ରୂପ ଧରି ତୁମେ ପ୍ରଭୁ
ଅନନ୍ତଶୟନେ ଥାଅ ।
ହେଲେ ମା'ଲକ୍ଷ୍ମୀଙ୍କୁ ପାଦ ତଳେ କାହିଁ
ସର୍ବଦା ବସାଇ ଥାଅ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଲୟେ ଶୁଭେ

ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

( ୪)

ଆଖିନୁ ଝରେଇ ଲହ କହେଲେ ଚଂଚଲା

ଜୁଆଖେଲ ର୍ ସତ ତମର୍ କେନ୍ ଆଡେ ଗଲା ।

କହିଥିଲ ଯିବାର୍ ଲାଗି ଗୁରୁବାରେ ମୁଇ ବୁଲି

ସବୁ ଜାତିକେ ଅରନ୍ ଦେମି କାଁଏ ଯେ ଗଲ ଭୁଲି ।

ହାଡ଼ି ଦୁଆରେ ଠିଆ ହେଲି ଯେ ଜାତି ଯଦି ଗଲା

ତମେ କେନ୍ତା ଗଉର୍ ଘରେ କରୁଥିଲ ଲୀଳା ।

ଶବର ଘରେ ଖାଇଛ ତମେ ଦାସ ଘରେ ଖାଇଛ

ଆପେ ଜାଏତ୍ ବୁଡ଼ା ହେଇ ମତେ ନିନ୍ଦା କରୁଚ ।

କେନ୍ତା ତମେ ନାଇଁ କରୁଛ ବିଚାର୍ ଟିକେ ମନେ

ଯା ଯା ବୋଲି ଖେଦୁଚ ମତେ ସିଂ ଦୁଆର ଠାନେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହରି ବଏଲେ କଥା ମାନି ଯାଇ ଥା ଦିନା କେତେ
ଖାନା ଖର୍ ଚା ପିନ୍ଧନା ପଟା ପଠେଇ ଦେମି ତତେ ।
ଦିନାଦୁଗଲେ ଆନି ଯିମି ମନେଇ କରି ଦାଦା କେ
ତାକେ ସିନା ଦେଖମି ଏଛେନ୍ ନାଇଁ ଦେଖେ ତତେ ।
କହେଲେ ଶିରି ଥାଉ ଥାଉ ନାଇଁ ଦେବ କିଛି
ବୁଆ ଘର୍କେ ଯିମି ମୁଇ ନାଇଁ ସେ ଅଲାର୍ ଦୁଖୀ ।
ତମେଦେଲା ସୁନା ରୁପା କାଢି ଦେମି ନିଅ
ନେଲା ବୋଲି ପଛେ କହେବ ନିନ୍ଦା କରି ଜହ ।
ଥାଉ ଥାଉ କହେତେ ହରି ନାଇଁ ମାନ୍ ଲେ ଲଖି
ହିଟେଇ କରି ସା ଜୋ ବା ଜୋ ଆଘେ ଦେଲେ ରଖି ।
କଣ୍ଠ ଫୁଲ ନାକ୍ ଚୁଟୁକି ହାର ମାଲି ଚୁରି
ଅଂଟା ସୁତା ମଥା ମନୀ ସବୁ ଦେଲେ ଖୁଲି ।
ମୁଦି ପଞ୍ଝୁଲ୍ ବାହସୁତା ମକୁଟ୍ ହୀରା ମୋତି
ଝଲଝଲ ଝକୁ ଥିଲା ଯେନ୍ତା ଜନକ ରାତି ।
ଧରେଇ ଦେଲେ ନିଅ ଆହୋ କାଇଁଚ ମାଲିଆ
ତାକେ ପିନ୍ଧାବ ହେବ ଜେଭେ ଆରୁ ଗୁଟେ ବିହା ।
ମୁଇ ଯଉଁଛେ ଛାର୍ଡି ହେଇ ଛାଡି ଦେଲ ବୋଲି
ଗଲା ବେଲେ ସାଏପ୍ ଦେଉଁଛେ ରବି ସାକ୍ଷୀ କରି ।
ବାର ବଛର୍ ଯାକେ ତମକୁ ଅରନ୍ ନାଇଁ ମିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁହିଭାଇ ବୁଲୁ ଥିବ ଭୁଖେ କଲ ବଲେ ।

ମୁଇଁ ଚଣ୍ଡାଲେନ୍ ଯେଭେଁ ଟେକି ଦେମି ଅରନ୍

କାଲିଆ ବଲିଆ ଦୁହେଁ କରି ପାର୍ବ ଭୋଜନ୍ ।

ଏତେ କହି ଗୁଟେ ମୁହାଁ ଭାଗିଗଲେ ରମା

ସାଗର୍ ଖନି ବିସ୍ କର୍ମା ର୍ କଲେ ସୁମରନା ।

ସେ ଘଡିକେ ବିଶ୍ୱକର୍ମା ଠାନେ ହେଲେ ଠିଆ

ମହଲ୍ ଗୁଟେ ବନ ବୋଲି କହେଲେ ମହା ମାୟା ।

ଆଜ୍ଞା ପାଇ ବିସ୍ କର୍ମା ବନାଲେ ଗୁଟେ ମହଲ୍

ରହେଲେ ତହିଁ ପଦ୍ମଲୟା ,ଦାସୀ ଗହଲ୍ ଚହଲ୍ ।

ସୁନା ରୁପା ହୀରା ନିଲା ମୋତି ମାନିକ୍ ଖଞ୍ଜି

ବନେଇ ଦେଲା କାରିଗର ମାତା ର୍ ମନ ରଂଜି ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେଶ୍ ମାର୍



ସୁନୀଲ କୁମାର ଅଗସ୍ତି

ପାଏଲୁ ଗୁଟେ କବାର୍

ଯବର୍ ଦରବାରୀ,

ଗେରଫେଇ କୋଟି ଶୁଇଲୁ

ଘରେ ହାଏ କରି,,

ସରଲା ସୁରଲିର୍ ମାଡକେ

ଯାଏସନ୍ ବାହାରି ଭାବର୍ ବୁଏଡେ

ଭାବ୍ ବନ୍ଧନ୍ ଡୋର୍,

ଯେହେନସି କିସମର୍ କବାର୍ ଦରବାରୀ

ମାଡକେ 'ରୁଟି'ର୍

ପହେଲ୍ ପହର୍ ହେଇ ଯାଏସି ଡୋର୍,,

କାଁ' ଯେ ବୁଆ ଏ' ବୁଆ ଧନ

ଧାଏଁବୁ ତୁଇ ଆଙ୍ଗରା ଉପରେ,

ଯାଉଛେ କାଏଁ ତର୍

ଆସୁ ପଛକର୍ ଦୁକାଲ୍ ଦେଶେ,,

ଟିଟିଲାଗଡ଼, ବଲାଙ୍ଗୀର

ମୋ/୭୭୩୪୮ ୭୬୬୪୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳାକାରଙ୍କୁ ଚିହ୍ନନ୍ତୁ - ୨



ସୌମ୍ୟ ରଞ୍ଜନ ସାମଲ

ଶିଳ୍ପୀ ଓମକାର ଏସ. ରାୟ



ସମଗ୍ର ବିଶ୍ୱରେ ସୁପରିଚିତ ଆଧୁନିକ ଶିଳ୍ପୀ ପାବ୍ଲୋ ପିକାସୋଙ୍କ କହିବା ଅନୁସାରେ, 'ପ୍ରତ୍ୟେକ ଶିଶୁ ଜଣେ ଜଣେ କଳାକାର', କାରଣ କଳା ହେଉଛି ମନୁଷ୍ୟର ଅଭିବ୍ୟକ୍ତିର ମାଧ୍ୟମ । କଳା ହେଉଛି, ମନୁଷ୍ୟ ସମାଜ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ, ତେଣୁ କଳାର ପରିପ୍ରକାଶ ପାଇଁ କୌଣସି ଅନୁଷ୍ଠାନର ଆବଶ୍ୟକତା ନାହିଁ, କେବଳ ଆବଶ୍ୟକତା ଅଛି ସାଧନାର । ଆମ ସମାଜରେ ଅନେକ ଶିଳ୍ପୀ ରହିଛନ୍ତି, ଯେଉଁମାନେ ବିନା କୌଣସି ଅନୁଷ୍ଠାନ ତଥା ବିନା କୌଣସି ତାଲିମରେ, ଉତ୍କୃଷ୍ଟ କଳା ପ୍ରଦର୍ଶନ କରି ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ସେହିପରି, ଜଣେ ପ୍ରତିଭାଶାଳୀ ଚିତ୍ରଶିଳ୍ପୀ ହେଉଛନ୍ତି କଟକ ଜିଲ୍ଲାର ଓମକାର ଏସ. ରାୟ, ଯିଏ ବିନା କୌଣସି କଳା ଶିକ୍ଷାରେ, ଆଜି ଆନ୍ତର୍ଜାତୀୟ ସ୍ତରରେ ନିଜ ପରିଚୟ ସୃଷ୍ଟି କରିପାରିଛନ୍ତି, ଓ ଏହା ପ୍ରମାଣ କରିଛନ୍ତି ଯେ, କଳା ସୃଷ୍ଟି ପାଇଁ କଳା ଶିକ୍ଷା କରିବା ନିତାନ୍ତ ଆବଶ୍ୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୁହେଁ ।



ଶିଳ୍ପୀ ଓମକାର, ୨୦୦୦ ମସିହା ମାର୍ଚ୍ଚ ମାସ ୩୦ ତାରିଖରେ କଟକ ଜିଲ୍ଲାର ଚୌଦ୍ୱାର ଠାରେ ଏକ ଯୌଥ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଶ୍ରୀଯୁକ୍ତ ସତ୍ୟନାରାୟଣ ଏସ. ରାୟ ପେଶାରେ ଜଣେ ଚାଷୀ, ଓ ମାତା ସୁକାନ୍ତି ଏସ. ରାୟ ଜଣେ ସୁଗୃହିଣୀ ଅଟନ୍ତି । ପିଲାଟି ବେଳୁ ହିଁ ତାଙ୍କର କଳା ପ୍ରତି ଅହେତୁକ ଆଗ୍ରହ ରହିଥିଲା, କିନ୍ତୁ ପରିବାରର ଆର୍ଥିକ ସ୍ଥିତି, ସେ ଆଗ୍ରହ ସାମ୍ନାରେ ବାଧା ସାଜୁଥିଲା । ତେବେ ଏସବୁକୁ ଭ୍ରୂକ୍ଷେପ ନକରି, ସେ ନିଜ ରାସ୍ତାରେ ଆଗେଇ ଚାଲିଥିଲେ । ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ, ସେ ପ୍ରଥମ କରି ନିଜ ପାଇଁ ଏକ ସ୍ମାର୍ଟ ଫୋନ କିଣିଥିଲେ, ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ସେ ବିବିଧ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରୁ କଳା ସମ୍ପର୍କରେ ଅଧିକ ଜାଣିବାକୁ ପାଇଥିଲେ । ଯାହା ତାଙ୍କୁ ଭବିଷ୍ୟତରେ କଳାକାର ହେବାକୁ ପ୍ରୋତ୍ସାହନ ଯୋଗାଇଥିଲା ।

ଜଣେ କଳାକାରକୁ ଦର୍ଶକମାନଙ୍କର ପ୍ରଶଂସା ହିଁ କଳା ସୃଷ୍ଟି ପାଇଁ ପ୍ରେରଣା ଯୋଗାଇଥାଏ । ଠିକ ସେହିପରି ଭାବେ ନିଜ ବନ୍ଧୁବର୍ଗ ଓ ବୟୋଜ୍ୟେଷ୍ଠଙ୍କ ପ୍ରଶଂସା ଶିଳ୍ପୀ ଓମକାରଙ୍କୁ କଳା ସୃଷ୍ଟି ପାଇଁ ପ୍ରେରଣା ଯୋଗାଇଥିଲା । ବିବିଧ ସୋସିଆଲ ମିଡ଼ିଆ ସମେତ ସେ ଅନେକ ସ୍ଥାନୀୟ କଳାକାର ଯେପରିକି ଦୀପକ ବିଶ୍ୱାଳ, ଯତୀନ ତରାଇ ଓ ଠାକୁର ସଂଗ୍ରାମ ସିଂହଙ୍କ ଠାରୁ ଅନୁପ୍ରାଣିତ ହେଲେ, ଓ କଳା ପ୍ରତି ତାଙ୍କ ସାଧନା ଜାରିରଖିଲେ ।

କଟକରେ ହିଁ ସେ ନିଜ ସ୍ନାତକ ଶିକ୍ଷା ସାରିବାପରେ, କଳା କ୍ଷେତ୍ରରେ ଶିକ୍ଷା ଲାଭ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବା ପାଇଁ ପ୍ରସ୍ତୁତ ହେଲେ, ଏବଂ ବିଭିନ୍ନ କଳା ମହାବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ନିଜ ପରିବାରର ଆର୍ଥିକ ସ୍ଥିତି ଓ ଅନ୍ୟାନ୍ୟ କାରଣ ଯୋଗୁଁ, କୌଣସି ମହାବିଦ୍ୟାଳୟରେ ତାଙ୍କର ଚୟନ ହୋଇପାରିଲାନାହିଁ । ଯଦିଓ ଏହି ଘଟଣାଟି ତାଙ୍କୁ ସାମୟିକ ଦୁଃଖ ଦେଲା, ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ବିନା କଳା ଶିକ୍ଷାରେ ଏକ ସୁପରିଚିତ କଳାକାର ହେବାପାଇଁ, ଏହା ତାଙ୍କ ମଧ୍ୟରେ ଏକ ଜିଦ ବା ଉତ୍ସାହ ଭରିଦେଲା । ପୂର୍ବ ଅପେକ୍ଷା ସେ ଅଧିକରୁ ଅଧିକ କଳା ପ୍ରତି ଧ୍ୟାନ ଦେବାକୁ ଲାଗିଲେ । ଏହି ସମୟରେ ସେ ମୁଖ୍ୟତଃ ବ୍ୟବସାୟ ପାଇଁ ଚିତ୍ରକଳା ପ୍ରକାଶ କରିବାକୁ




ଲାଗିଲେ, ଓ ନିଜେ ପିଲାମାନଙ୍କୁ କଳା ଶିକ୍ଷା ଦେବା ସହ, ଅନାଥ ଆଶ୍ରମରେ ବିନା ମୂଲ୍ୟରେ ଶିକ୍ଷାଦାନ କଲେ ।

ନିଜର କଳା ଅଭ୍ୟାସ ତଥା କଳାକାରମାନଙ୍କ ମାର୍ଗଦର୍ଶନ ପାଇଁ କଟକର ଷ୍ଟୋନୀ ରୋଡ଼ ଠାରେ, ନିଜ ଆର୍ଟ ଷ୍ଟୁଡ଼ିଓର ସ୍ଥାପନା କଲେ । ସେ ନିଜ ୟୁଟ୍ୟୁବ ଚ୍ୟାନେଲ 'ଆର୍ଟିଷ୍ଟ ଓମକାର ଏସ. ରାୟ' ନାମରେ ଆରମ୍ଭ କରିଛନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି କଳା ଓ କଳାକାର ମାନଙ୍କର ବିକାଶ ।

ଶିଳ୍ପୀ ଓମକାର ତାଙ୍କ କଳାକାର ଜୀବନରେ ଅନେକ ମାଧ୍ୟମରେ ଚିତ୍ରକଳା ପ୍ରକାଶ କରିଛନ୍ତି, ଯେପରିକି ଚାରକୋଲ, ଗ୍ରାଫାଇଟ, ସଫ୍ଟ ପାଷ୍ଟେଲ, ଅଏଲ ପାଷ୍ଟେଲ, ପେନ ଆଣ୍ଡ ଇଙ୍କ, ଏକ୍ରିଲିକ, ଓ ଅଏଲ ପେଣ୍ଟିଙ୍ଗ । ତେବେ ଏତଦବ୍ୟତୀତ, ସେ କଫି ଦ୍ୱାରା ମଧ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com




ଅନେକ କଳାକୃତି କରିଛନ୍ତି । ଏହିସବୁ ମାଧ୍ୟମ ମାନଙ୍କ ମଧ୍ୟରୁ ତାଙ୍କ ବ୍ୟକ୍ତିଗତ ପସନ୍ଦ ହେଉଛି, ଚାରକୋଲ, କାରଣ ତାଙ୍କ ଅନୁସାରେ ଚାରକୋଲ ଦ୍ୱାରା ପ୍ରସ୍ତୁତ କଳା ଧଳା ଚିତ୍ରର ଅନୁଭବ ଖୁବ ନିଆରା । ତାଙ୍କୁ ମୁଖ୍ୟତଃ ବ୍ୟକ୍ତିଚିତ୍ର, ଧାର୍ମିକ ତଥା ତାନ୍ତ୍ରିକ ବିଷୟବସ୍ତୁ ଅଙ୍କନ କରିବା ପସନ୍ଦ । ତେବେ ବିନା କଳା ଶିକ୍ଷାରେ, ଫ୍ରାନ୍ସ ଓ ଆମେରିକା ଭଳି ଦେଶରେ ଗ୍ରାହକ ମାନଙ୍କୁ କଳାକୃତି ବିକ୍ରି କରିବା ତାଙ୍କ କଳାକାର ଜୀବନର ସଫଳତା ବୋଲି ସେ କହିଛନ୍ତି । ଏତଦବ୍ୟତୀତ ସେ ତାଙ୍କ କଳାକୃତି ଯୋଗୁଁ ବିବିଧ ସ୍ତରରେ ଅନେକଥର ପୁରସ୍କୃତ ମଧ୍ୟ ହୋଇଛନ୍ତି ଓ ଅନେକ ଏକକ ତଥା ସାମୁହିକ ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି ।

ପ୍ରତ୍ୟେକ ଶିଳ୍ପୀ ଅନ୍ୟ ଶିଳ୍ପୀର ଶୈଳୀକୁ ଅନୁକରଣ ନକରି, ନିଜସ୍ୱ ସ୍ୱତନ୍ତ୍ର ଶୈଳୀରେ କାର୍ଯ୍ୟ କରନ୍ତୁ ବୋଲି ଆଶାୟୀ ଶିଳ୍ପୀମାନଙ୍କୁ ତାଙ୍କର ଉପଦେଶ । ଉତ୍କଳୀୟ ସଂସ୍କୃତି ଓ କଳା କିପରି ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିବ ସେ ଦିଗରେ କାର୍ଯ୍ୟ କରିବା ଓ ବର୍ତ୍ତମାନିକ ଯୁବସମାଜରେ କଳା ପ୍ରତି ଜାଗରଣ ସୃଷ୍ଟି କରିବା ତାଙ୍କ କଳାକାର ଜୀବନର ଲକ୍ଷ୍ୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ କ'ଣ ଏତେ ମୂଲ୍ୟହୀନ !



ସୌମ୍ୟରଂଜନ ପାଢ଼ୀ

ମନୁଷ୍ୟ ଜୀବନ ହେଉଛି ଭଗବାନଙ୍କ ବରଦାନ । ସମସ୍ତେ କୁହନ୍ତି ମନୁଷ୍ୟ ଜୀବନ ପାଇବା ପାଇଁ ପୂର୍ବଜନ୍ମରେ ଅନେକ ପୂଣ୍ୟଅର୍ଜନ କରିବାକୁ ପଡିଥାଏ । ହେଲେ କାହିଁକି ଆଜି ଏ ଜୀବନ ତୁଚ୍ଛ ହେଇଗଲାଣି । ଏହାର ପରିଣାମ ବିଗତ କିଛି ବର୍ଷ ଧରି ଦେଖିବାକୁ ମିଳୁଛି ସମାଜର ଘୃଣ୍ୟ ମାନସିକତାରେ ପରିପୂର୍ଣ୍ଣ ଲୋକଙ୍କ ପାଖରେ ଆତ୍ମହତ୍ୟା ଭଳି ଏକ ଚିନ୍ତାଧାରା ଗ୍ରାସ କରିଛି । ହେଲେ ଏହା ଯେ ଏକ ଧ୍ରୁତବ୍ୟ ଅପରାଧ ଏସବୁ ଜାଣିବି ମନୁଷ୍ୟ ଜାତି ଏପରି ଏକ କଠୋର ପନ୍ଥା ଆପଣେଇ ନେଉଛି ।

ଏହି ବାଟଟି ମନୁଷ୍ୟ ଅତି ସହଜରେ ଆପଣେଇ ନେଇପାରେ କାରଣ ସେ ଅଧର୍ଯ୍ୟ ହୋଇପଡେ ଆୟୁଷର ପରିସମାପ୍ତି ଅପେକ୍ଷା କରିବାରେ । ସମସ୍ତ ସାମର୍ଥ୍ୟକୁ ହରାଇଲା ପରେ ମନେମନେ ନିଜକୁ ଭାବେ ଯେ ଯେମିତି ନିଜ ହାତରେ ସମସ୍ତ ରାସ୍ତାକୁ ବନ୍ଦ କରିଦେଇଛି ଆଉ କେବେ ସେ ଫେରି ପାରିବନି ସୌନ୍ଦର୍ଯ୍ୟଭରା ଦୁନିଆକୁ । ଯେଉଁ ଦୁନିଆର ଲୋକମାନେ ତାକୁ ସନ୍ଦେହ ଭରା ଚକ୍ଷୁରେ ଚାହୁଁଥିଲେ ସେମାନଙ୍କୁ ବି ଆଉ ସାମ୍ନା କରିବାକୁ ପଡିବନି । ହୃଦୟ ଭିତରୁ ଏକ ଅବିସ୍ମୟ ବ୍ୟକ୍ତିର ସ୍ୱର ପରି ଶୁଣାଯାଏ ଯାହାକୁ ସେ ସ୍ପଷ୍ଟ ଭାବେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣିପାରେନି । ନିଜ ଆଖି ଆଗରେ କଳା ବାଦଲ ପରସ୍ତ ପକାଇ ବସିଥାଏ ଫମ୍ପା ସମାଜର ଶବ୍ଦଭେଦି ଲୋକକଥା ।

ଜୀବନ ବି ଏତେ ତୁଚ୍ଛ ଓ ମୂଲ୍ୟହୀନ ନୁହେଁ ଯେ ଆମେ ତାକୁ ହାରିବା ପାଇଁ ଆତ୍ମହତ୍ୟା ଭଳି ଘୃଣ୍ୟ ଓ ଶସ୍ତା ପଦକ୍ଷେପ ନେବା । ଜୀବନ ତ ସବୁବେଳେ ସମସ୍ୟା ବହୁଳ ଆଉ ଆମେ ଏତେ ଦୁର୍ବଳ ନୁହେଁ ଯେ ଆମେ ଆମ ସମସ୍ୟା ସହ ଲଢି ପାରିବା ନାହିଁ । ଯଦି ଜୀବନ ସୁଯୋଗ ଦେଉଛି ଜିଇଁବାକୁ ଏହାକୁ ମନୋଭରି ଉପଭୋଗ କରିବା ଉଚିତ୍ । ମୃତ୍ୟୁ ତ ଅବିସମ୍ଭବ ହେଲେ ମୃତ୍ୟୁର ଆଗମନ ପୂର୍ବରୁ ନିଜେ ନିଜକୁ ମାରିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ । ବର୍ତ୍ତମାନ ଯୁଗରେ ଆତ୍ମହତ୍ୟା ଶବ୍ଦଟି ଗୋଟେ ସାଧାରଣ ଶବ୍ଦଟିଏ ହୋଇଗଲାଣି । ଯେ୍ଵ ଆତ୍ମହତ୍ୟା କ'ଣ ସବୁ ସମସ୍ୟାର ସମାଧାନ ? ନା ଗୋଟେ ପାଗଳାମି ? ଯେତେବେଳେ ଦେଖିବେ କେହି ନା କେହି ଯେ କୌଣସି କାରଣରୁ ଆତ୍ମହତ୍ୟା କରୁଛି । କିଏ ଚାପରେ ପଡି ଆତ୍ମହତ୍ୟା କରୁଛି ତ, କିଏ ନିଜ ପ୍ରେମରେ ବିଫଳ ହେବାରୁ ଆତ୍ମହତ୍ୟା କରୁଛି, ତ ପୁଣି କିଏ ଘରୋଇ ହିଂସା କାଣ୍ଡରୁ ତ ପୁଣି କିଏ ଅର୍ଥନୈତିକ ଓ ସାମାଜିକ ଅବସାଦଗ୍ରସ୍ତରୁ ତ ପୁଣି କିଏ ସରକାରୀ ଚାକିରି କରିବାରେ ବିଫଳ ହେବାରୁ ଆତ୍ମହତ୍ୟାର ବାଟ ବାଛି ନେଉଛି । କିନ୍ତୁ ଜଣେ ଆତ୍ମହତ୍ୟା କରିବା ପୂର୍ବରୁ ଥରଟିଏ ବି ଚିନ୍ତା କରୁନି ଯେ ଯେ୍ଵ ଆତ୍ମହତ୍ୟା କରିବା ଦ୍ୱାରା କ'ଣ ସବୁ ସମସ୍ୟା ସମାଧାନ ହେଇଯିବ ? ନା ସମସ୍ୟାର ସମାଧାନ କେମିତି ହେବ ଅନ୍ୟମାନଙ୍କ ପାଖରେ ଆଲୋଚନା କରିବା କିମ୍ବା ନିଜେ ଶାନ୍ତ ମନର ବସି ଚିନ୍ତା ନକରି କେବଳ ଆତ୍ମହତ୍ୟାକୁ ଆପଣେଇ ନିଅନ୍ତି କିଛି ମାନସିକ ଦୁଷ୍ଚିନ୍ତାଧାରି ମଣିଷ ।

ହୁଏତ ଆମପାଇଁ ଜୀବନର ମୂଲ୍ୟ କିଛି ନ ରହିପାରେ କିନ୍ତୁ ସେମାନଙ୍କ ପାଇଁ ଅଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯେଉଁମାନେ ଆମକୁ ଏ ଦୁର୍ଲଭ ଜୀବନ ଦେଇ ଏ ଦୁନିଆକୁ ଆଣିଛନ୍ତି ଆଉ କେତେ ଯେ ପରିଶ୍ରମ ଓ ବଳିଦାନ ଦେଇ ଆମକୁ ଛୋଟରୁ ବଡ କରି ଗଢି ତୋଳିଛନ୍ତି । ବୋଧହୁଏ ଆମ ଠୁ ଆମ ଜୀବନ ଉପରେ ସେମାନଙ୍କ ଅଧିକାର ବେଶୀ ରହିବା କଥା । ମଣିଷ ଯେବେ ନିରୂପାୟ ହୋଇ ଯାଇ ନିଜକୁ ଅସହାୟ ମନେକରେ ତା ପାଖର ବଞ୍ଚିବା ପାଇଁ କୌଣସି ବିକଳ୍ପ ନଥାଏ । ନିଜେ ନିଜର ଆତ୍ମାକୁ ଚିହ୍ନି ନପାରି ଆତ୍ମହତ୍ୟାର ବାଟକୁ ଆପଣେଇ ନେଇଥାଏ । ନିଜେ ନିଜର ସର୍ବସ୍ୱକୁ ଜଳାଞ୍ଜଳି ଦେଇ ନିଜର ସର୍ବନାଶ କରିବସେ । ଜୀବନର ଏମିତି କିଛି ସମସ୍ୟା ନାହିଁ ଯାହାର ସମାଧାନ ନାହିଁ । ମଣିଷ ମାତ୍ର ହିଁ ଲଢିବା ସଂଘର୍ଷ କରିବା ପାଇଁ ଜନ୍ମ ନେଇଛି ଆଉ ଆମେ ଯଦି ନ ଲଢି; ଭୀରୁ ଓ ପଳାୟନ ପନ୍ଥା ଅବଲମ୍ବନ କରିବା କେମିତି ହେବ ?

ହେଲେ ମୂର୍ଖ ସିଏ ଯିଏ ଅତି ସହଜରେ ନିଜ ଜୀବନକୁ ମୃତ୍ୟୁ ନିକଟରେ ଆତ୍ମସମର୍ପଣ କରିଦିଏ । ଯେଉଁ କାରଣକୁ ନିଜ ଜୀବନରୁ ଅଲଗା କରିବାକୁ ଯାଇଯାଇ ନିଜକୁ ସମାଜ ଆଗରେ ନିନ୍ଦା ମୁକ୍ତ କରିବାର ନିଷ୍ପତ୍ତି ନେଇଥାଏ । ସେ ବିଚରା ଜାଣିପାରେନି ଯେ ଆତ୍ମହତ୍ୟାର ଉଦାହରଣ ବେଳେ ତାକୁ ତା ସତ ଅବା ମିଛର ଲାଞ୍ଛନା ସହିତ ମନେ ପକାଯିବ । ଆତ୍ମହତ୍ୟା କରିଥିବା ବ୍ୟକ୍ତି ତ ସବୁବେଳେ ଦୟା ଓ ସହାନୁଭୂତିର ପାତ୍ର ହୋଇଥାଏ ହେଲେ ତା ପାଇଁ ଯେତିକି ଦୁଃଖ ଲାଗି ନଥାଏ ଦୁଃଖ ତ ଲାଗେ ସେହି ପରିବାର ପାଇଁ ଯାହାକୁ ସେ ଦୁଃଖୀ ଓ ଅସହାୟ କରି ପଛରେ ଛାଡି ଚାଲିଯାଇଥାଏ ।

ହେଲେ କାହିଁକି ନିଜ ଉପରେ ଭରସା କରି ପାରୁନି ସମାଜର ଶ୍ରେଷ୍ଠଜୀବ ବୋଲାଇଥିବା ଏହି ମଣିଷସମାଜ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ସାରା ବିଶ୍ୱର ପ୍ରତିବର୍ଷ ପ୍ରାୟ ୮ ଲକ୍ଷ ଲୋକ ନିଜ ଜୀବନ ନିଜେ ନେଉଛନ୍ତି; ଏମିତିକି ଆମ ଭାରତରେ ପ୍ରାୟ ୧.୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲକ୍ଷ ଲୋକ ପ୍ରତିବର୍ଷ ଆମହତ୍ୟାର ରାସ୍ତା ବାଛିନେଉଛନ୍ତି କାହିଁକି ଆମହତ୍ୟାର କାଳ କବଳରୁ ବାହାରି ପାରୁନି ବିଶ୍ୱ । ପ୍ରତିବର୍ଷ ଯଦିଓ ସେପ୍ଟେମ୍ବର୧୦ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସ ପାଳନ କରାଯାଉଛି ଏଥିରୁ କିଛି ସୁଫଳ ନ ମିଳିବା ପରି ମନେହେଉଛି । ଆତ୍ମହତ୍ୟା କମିବା ପରିବର୍ତ୍ତେ ବଢିବାରେ ଲାଗିଛି । ଏଥିପ୍ରତି ଜନସଚେତନତାର ଆବଶ୍ୟକ ରହିଛି । କିପରି ଭାବେ ମାନସିକ ଚାପଗ୍ରସ୍ତରୁ ମୁକୁଳି ପାରିବା ଏଥିପ୍ରତି ଧ୍ୟାନ ଦେବାର ସମୟ ଆସିଛି । ଏଣୁ ପ୍ରତିକୂଳ ପରିସ୍ଥିତିରେ ବି ଆମେ ନିଜକୁ କିପରି ଭାବରେ ଖାପଖୁଆଇ ଚଳି ପାରିବା ଓ ବ୍ୟସ୍ତ ବିବ୍ରତ ନହୋଇ କିପରି ଭାବରେ ନିଜକୁ ଆୟତ୍ତରେ ରଖିବା ଏହା ହିଁ ମୁଖ୍ୟ ଉଦ୍ଦେଶ୍ୟ ହେଉ ଆଜିର ସମାଜରେ ।

ଜୀବନ ତ ଏକ କାହାଣୀଟିଏ ପରି ଶେଷ ପୃଷ୍ଠା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଦେଖିବେ କାହାଣୀ ସମାପ୍ତ ହେବନି ବରଂ ନୂଆ ଏକ ଅଧ୍ୟାୟ ଆରମ୍ଭ ହେବ । ଏହା ହିଁ ହେଉ ଆଜିର ଯୁବପିଢ଼ି ଙ୍କ ଆଭିମୁଖ୍ୟ ।

ନାମ-ସୌମ୍ୟରଂଜନ ପାଢ଼ୀ
ଠିକଣା-ବିଲବାମନବିନ୍ଧା, ସାହାପୁର, ପିରହାଟ ବଜାର,
ତିହିଡି, ଭଦ୍ରକ, ୭୫୬୧୩୧
ମୋ-୬୩୭୦୫୫୮୦୦୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...



ପଙ୍କଜ କୁମାର ପାଣିଗ୍ରାହୀ

ହିନ୍ଦୁ ସଂସ୍କାର, ସଂସ୍କୃତି ଜଡିତ ଉପରୋକ୍ତ ଉକ୍ତିଟିକୁ ଅତ୍ୟାଧୁନିକ ମଣିଷ ଉପସ୍ଥିତ ସମୟ ସାପେକ୍ଷ ଚେତନାରେ ମୁଖରିତ କରି ଯେଉଁସବୁ ଶିକ୍ଷା ସମାଜରେ ବିତରଣ କରୁଛନ୍ତି ସେସବୁ ସମ୍ପୃକ୍ତ ଦାର୍ଶନିକଙ୍କ ପ୍ରକୃତ ସନ୍ଦେଶ ନୁହେଁ । ଆମ ସଂସ୍କୃତିର ପ୍ରାୟତଃ ସମସ୍ତ ଜ୍ଞାନସିକ୍ତ ବକ୍ତବ୍ୟ ଗୁଡିକୁ ବିକୃତ, ବିଭସ୍ସ କରି ଅମାନୁଷିକ ସ୍ୱାର୍ଥନ୍ୱେଷୀ ଆଜି ଯାହାସବୁ ବିପରୀତମୁଖୀ ଚେତନା ସମାଜରେ ବିତରଣ କରୁଛନ୍ତି ସେଗୁଡିକୁ ସମୀକ୍ଷା କରିବା ମଣିଷ କ୍ଷୀଣ । ଉପସ୍ଥିତ ସମୟରେ କେତେକ ଅଜ୍ଞାନ ଚତୁର ସ୍ୱାର୍ଥନ୍ୱେଷୀ ନିଜକୁ ସୁହାଇଲା ଭଳି ଅନେକ ମନ୍ତବ୍ୟ ପ୍ରଚାର ପ୍ରସାର କରି ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରି ଠକୁଥିବା ନବୁଝି ସେମାନଙ୍କ କଥାକୁ ମହତ୍ୱର ସହିତ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି ସମସ୍ତଙ୍କ କ୍ଷେତ୍ରରେ । ପ୍ରମାଣପତ୍ର ଶୂନ୍ୟ ଅନ୍ତର୍ଜ୍ଞାନୀ ଦାର୍ଶନିକ ଯାହାସବୁ ଚେତନଜ୍ଞାନ ଦେଇ ଯାଇଛନ୍ତି ସେଗୁଡିକୁ କଦର୍ଥ କରି ଶିକ୍ଷା ପ୍ରମାଣପତ୍ରଧାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜରେ ନିଜର ସ୍ୱୟଂସିଦ୍ଧତା ସାବ୍ୟସ୍ତ କରିବା ଲକ୍ଷ୍ୟରଖି ଯାହା ସବୁ ପ୍ରେରଣା ଦେଉଛନ୍ତି ତାହାଦ୍ୱାରା ମଣିଷ ସମାଜ ଉନ୍ନତି କରିବା ପରିବର୍ତ୍ତେ ଅବନତିର ବିଭୀଷିକା ଆଜକୁ ମୁଖରିତ । ଏହି ମର୍ମରେ ସମ୍ପୃକ୍ତ ଉକ୍ତିଟିର ସମୀକ୍ଷା କରି ସମୁଚିତ ଶିକ୍ଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇବା ବିଷୟ ଏହାକି...

ପ୍ରଥମେ ଆମକୁ ଧନ ଏବଂ ଧର୍ମର ମହତ୍ୱକୁ ବୁଝିବାକୁ ହେବ । ତତ୍ପରବର୍ତ୍ତୀ ସେଗୁଡିକର ଆହରଣ ଏବଂ ସଂରକ୍ଷଣ ବିଷୟ ବିଚାରକୁ ନେଇ ନିଜସ୍ୱ ଜୀବନ ଶୈଳୀକୁ ସରସ ସୁନ୍ଦର କରିବା ସମ୍ଭବ ହେବ୍ । ଅର୍ଥାତ ଧନ କାହାକୁ କୁହାଯାଏ ବଚାର କରି ଦେଖିବା । କୌଣସି ବିଷୟ କିମ୍ବା ବସ୍ତୁର ବାସ୍ତବବାଦୀ ଚେତନା ଜ୍ଞାନ ତଥା ସତ୍ୟାସତ୍ୟ ଉନ୍ମୋଚନ କରି ସ୍ମରଣିକା ମଧ୍ୟରେ ସଂସ୍ଥାପନ କରିବା ଦ୍ୱାରା ମଣିଷର ପ୍ରକୃତ ଜ୍ଞାନ ଉଦୟ ହୋଇଥାଏ । ସେହି ପ୍ରକୃତ ଜ୍ଞାନକୁ ବିନିଯୋଗ କରି ମଣିଷ ଅନେକ କିଛି ହାସଲ କରିବା କ୍ଷମତା ପ୍ରାପ୍ତ ହୋଇଥାଏ । ସମୟ ସାପେକ୍ଷ ଜ୍ଞାନର ବ୍ୟବହାର ମଣିଷକୁ ସାହସ, ଆନନ୍ଦ ଓ ମାନବିକ ପ୍ରେରଣା ଦେଇଥାଏ ଯଦ୍ୱାରା ମଣିଷର ଅଭାବନିୟତା ଦୂର କରିବାରେ ଅତ୍ୟନ୍ତ ଉପାଦେୟ ହୋଇଥାଏ । ଏହାର ତାତ୍ୱିକ ନିଦର୍ଶନ ଏହା କି ଜ୍ଞାନ ଦ୍ୱାରା ଜୀବନର ଯେକୌଣସି ପରିସ୍ଥିତିକୁ ମୁକାବିଲା କରାଯାଇ ପାରିବ । କିନ୍ତୁ ଟଙ୍କା ଦ୍ୱାରା କେବଳ ଖୁବ୍ କମ୍ ସମସ୍ୟାର ସମାଧାନ ସମ୍ଭବ, ଆଉ କେତେବେଳେ ଟଙ୍କା ମୁକାବିଲା କରିପାରିବା କ୍ଷମତା ବହିର୍ଭୁତ ପରିସ୍ଥିତି ସୃଷ୍ଟି କରିବାରେ ସହଯୋଗୀ ହୋଇଥାଏ । ଟଙ୍କା ଜୀବନ ଘାତକର କାରଣ, ଟଙ୍କା ମାନସିକ ଅସନ୍ତୁଳନର କାରଣ ହେଉଥିବା କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ ଯାହା ସମସ୍ତେ ଜାଣନ୍ତି । ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାନ୍ତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ । ତେଣୁ ଦାର୍ଶନିକ, ମଣିଷର ଅନ୍ତର୍ଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ । ଅର୍ଥାତ ସେହି ଜ୍ଞାନ ରୂପକ ଧନକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟବହାର କରି ଆମେ ଆନନ୍ଦରେ କାଳାତିପାତ କରିପାରିବା । ଅନୁରୂପ ଏଠାରେ ମଣିଷକୁ ସତ୍ୟ ଉପରେ ଆଧାରିତ ସାମାଜିକ, ମାନବିକ ଚେତନା ତଥା ତାହାର ବ୍ୟବହାରକୁ ଧର୍ମ ବୋଲି କୁହାଯାଇ ଅଛି ଯାହା ପ୍ରକୃତ ପକ୍ଷେ ମାନବଧର୍ମ ଅଟେ । ମଣିଷର ପ୍ରବାହିତ ଚରିତ୍ର, ଆଚରଣ ଏବଂ ସାମାଜିକ କର୍ତବ୍ୟନିଷ୍ଠତାକୁ ପ୍ରକୃତ ଧର୍ମ ବୋଲି କୁହାଯାଏ । ତେଣୁ ଆମକୁ ମାନବିକ ଚେତନାରେ ଅଭିଷିକ୍ତ ହୋଇ ସମାଜର ମଙ୍ଗଳ ଦିଗରେ ବ୍ରତୀ ହେବା ପାଇଁ ଆହ୍ୱାନ ପୂର୍ବକ ଦାର୍ଶନିକ ତାହାର ସୁବିନିଯୋଗ କରି ମାନବ ମଙ୍ଗଳ ଦିଗରେ ନିୟୋଜିତ କରିବା ପାଇଁ ପ୍ରେରଣା ଦେଇଛନ୍ତି । ସେଗୁଡିକୁ ବିଭସ୍ର, କଦର୍ଥ କରି ଅଜ୍ଞାନ ଚତୁର ଯେଉଁ ସମୟସାପେକ୍ଷ ଯୁକ୍ତି ପ୍ରଦାନ କରୁଛନ୍ତି ତାହା ସାଧାରଣ ନିର୍ବୋଧଙ୍କ ଅଜ୍ଞାତରେ ପରିଚାଳିତ କରୁଥିବା ହେତୁ ସମାଜରେ ଅନ୍ୟାୟ, କୁସଂସ୍କାର ଦିନକୁ ଦିନ ବଢ଼ିବାରେ ଲାଗିଛି ।

ଉପସ୍ଥିତ ସମୟରେ ଦୁଇଟି ଗୋଷ୍ଠୀର ବ୍ୟପାରୀ ନିଜସ୍ୱ ସ୍ୱାର୍ଥକୁ ସମ୍ମୁଖରେ ରଖି ସାଧାରଣ ଲୋକଙ୍କୁ କହୁଛନ୍ତି ଯେ ଧନ କହିଲେ ଟଙ୍କା ଏବଂ ଧର୍ମ କହିଲେ କାଠ, ପଥର, ଧାତୁ, କାଗଜର ମୂର୍ତ୍ତିକୁ ଫୁଲ, ଚନ୍ଦନ, ଅର୍ଘ୍ୟ, ବ୍ୟଞ୍ଜନ ପ୍ରଦାନ ପୂର୍ବକ ପୂଜା ! ! ତେଣୁ ଏହି ଦୁଇଟିକୁ ମନଲାଖି ଆହରଣ କରିବା ଏବଂ ତାହାର ସଂଚୟ, ବିନିଯୋଗ କରିବା ଦ୍ୱାରା ମଣିଷ ସୁଖ ଶାନ୍ତି ପାଇ ପାରିବ, ଯାହା ସମ୍ପୂର୍ଣ୍ଣ ବ୍ୟର୍ଥ ପରିକଳ୍ପନା ମାତ୍ର ! ସାଧାରଣ ମଣିଷ ସମୂହ ସେମାନଙ୍କ ଏହି ବୃଥା, ମିଥ୍ୟା ପ୍ରେରଣାକୁ ଅଂତରଣୀୟ କରି କାର୍ଯ୍ୟ କରିବା ଦ୍ୱାରା ସେହି ଦୁଇ ଗୋଷ୍ଠୀର ବ୍ୟପାରୀ ସମାଜରୁ କେମିତି ପରୋକ୍ଷରେ ସ୍ୱାର୍ଥ ହାସଲ କରୁଛନ୍ତି ଏବଂ ନିର୍ବୋଧ କେମିତି ପ୍ରତାରିତ ହେଉଛନ୍ତି ଆଜି ସମୟରେ ବିଚାର କରିବା । ସେମାନଙ୍କ ପ୍ରଚାର, ପ୍ରସାର ଜନିତ ସାମାଜିକ ବିଭୀଷିକା ବିଷୟରେ ସମ୍ୟକ୍ ଆଲୋଚନା କରାଗଲେ ନିଷ୍କର୍ଷ ଏହା ମିଳିବ ଯେ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ମଣିଷ ତାହାର ବ୍ୟବହାର ଆବଶ୍ୟକ ବହିର୍ଭୁତ ଯେଉଁ ଧନରାଶି ଉପାର୍ଜନ କରିଥାଏ ତାହାର କିଛି ଅଂଶ ଦୈନନ୍ଦିନ ଚଳଣିରେ ବ୍ୟବହାର କରିବା ପରେ ଅବଶିଷ୍ଟାଂଶ ସଂଚୟ କରିଥାଏ ଯାହା ବିଭିନ୍ନ ସାମାଜିକ ସଂଚୟ ସଂସ୍ଥା ମଧ୍ୟରେ ସମାହିତ । ସେହି ସଂଚୟ ଟଙ୍କାକୁ ସାଧାରଣ ନିର୍ବୋଧ ମଣିଷଟିଏ ବର୍ଷ ବର୍ଷ ଧରି ସମ୍ପୃକ୍ତ ଜମାକାରୀ ସଂସ୍ଥାରେ ନିୟୋଜିତ କରି ଶେଷରେ ଯେଉଁ ବର୍ଦ୍ଧିତ ରାଶି ପ୍ରାପ୍ୟ ହୋଇଥାଏ ସେଗୁଡିକ ସମ୍ପୃକ୍ତ ମଣିଷର କୌଣସି କାର୍ଯ୍ୟରେ ନଲାଗି ପୁନର୍ବାର ଅନ୍ୟ ଏକ ଦିଗରେ ନିବେଶ କରାଯାଇ ଥାଏ । ଅଧିକନ୍ତୁ ଅନେକ ବର୍ଷର ସଂଚୟକୁ କିଛି ଶୁଦ୍ଧ ସମେତ ପାଇଲା ବେଳକୁ ସେହି ସମୁଳ ଶୁଦ୍ଧ ଧନର ସାମାଜିକ ମୂଲ୍ୟ ହୁଏତ ସେହି ପୂର୍ବ ସମୟ ସହିତ ସମାନ ରହିଥାଏ ତ ଆଉ କେତେବେଳେ କମ୍ ହୋଇଥାଏ ଯାହା ସାଧାରଣରେ କୌଣସି ଲୋକ ଜାଣିପାରନ୍ତି ନାହିଁ । ଇତି ମଧ୍ୟରେ ସମ୍ପୃକ୍ତ ଜମାକାରୀ ସଂସ୍ଥା ସେହି ଧନରାଶି ବିନିଯୋଗ କରି ଯଥେଷ୍ଟ ଲାଭ ପାଇଥିବା ବେଳେ ନିବେଶକଙ୍କ ପ୍ରାପ୍ୟ ଅତି ନଗଣ୍ୟ ହୋଇଥାଏ ତୁଳନାତ୍ମକ ସେମାନଙ୍କ ଲାଭ । ପୁନର୍ବାର ସେହି ଧନରାଶିକୁ ନିବେଶକ ଅନ୍ୟ ଏକ ଦିଗରେ ନିବେଶ କରିବା ଛଡା କୌଣସି ପ୍ରକାରେ ନିଜର ବ୍ୟବହାର ଉପଯୋଗୀ ଖର୍ଚ୍ଚ ନକରି ପୁନର୍ବାର ସେହି ନିବେଶ ଧାନକୁ କୌଣସି ପ୍ରକାରେ ଉପଭୋଗ ନକରି ଜୀବନ ଶେଷ କରୁଥିବା ଉଦାହରଣ ୯୦ ପ୍ରତିଶତରୁ ଅଧିକ ଦେଖିବାକୁ ମିଳିବ ଉପଯୁକ୍ତ ଅନୁଧ୍ୟାନ କଲେ । ସାଧାରଣ ମଣିଷ ଗୁଡିକ ବ୍ୟାପକ ପରିଶ୍ରମ କରି ହେଉ କିମ୍ବା ଅନୈତିକ ଉପାୟରେ ଅର୍ଜିତ ଧନର ନିଜକୁ ପ୍ରୟୋଜନ ନଥାଇ କେବଳ ସେହି ଚତୁର ବ୍ୟବସାୟୀଙ୍କୁ ପୋଷିବା ଛଡା କୌଣସି ମୂଲ୍ୟଯୁକ୍ତ ଅନୁଭବ କରିନଥା'ନ୍ତି । ତେଣୁ ଚତୁର ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥା'ନ୍ତି ଯେ ଧନ ସଂଚୟ କଲେ ଭବିଷ୍ୟ ଉଜ୍ଜ୍ୱଳ ହେବ ଯାହା ଏକ ଅଲୌକିକ ବିଚାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟରେ ଅସମାହିତ ଭାବେ ସମ୍ପୂର୍ଣ୍ଣ କରି ଶରୀର ତ୍ୟାଗ କରିଥା'ନ୍ତି ନିବେଶକ ସାଧାରଣ ମଣିଷ୍ । ସେସବୁ ଏକ ସାମାଜିକ କୁହେଳିକା ବ୍ୟତୀତ ପ୍ରକୃତ ଧନ ଉପଭୋଗର କୌଣସି ନିଦର୍ଶନ ରଖିନଥାଏ ସାଧାରଣ ଲୋକଙ୍କ କ୍ଷେତ୍ରରେ ।

ଅନୁରୂପ ଧର୍ମ ବୋଲି କହି ଯେଉଁ ଜଡ଼ବସ୍ତୁ ଗୁଡିକୁ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ ତାହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ ! କାରଣ ଜୀବନ ବିହୀନ ଅଦୃଶ୍ୟ, ଅସ୍ପୃଶ୍ୟ କୌଣସି ଜଡ଼ ବସ୍ତୁଟିଏ ସମ୍ମୁଖରେ କେତେ ମୁଣ୍ଡ ପିଟି ପ୍ରାର୍ଥନା କଲେ ମଧ୍ୟ ଫଳ ପ୍ରାପ୍ତିର କୌଣସି ନିଦର୍ଶନ ରହିନଥାଏ ଯାହା ପ୍ରାକୃତିକ ନିୟମ ସାପେକ୍ଷ । କି'ନ୍ତୁ ସାଧାରଣ ଲୋକଙ୍କୁ ବିଭିନ୍ନ ଭୟାବହ ସନ୍ଦେଶ ଦେଇ ଚତୁର ଧର୍ମ ପ୍ରଚାରକ ଏବଂ ସେମାନଙ୍କ ସହଯୋଗୀମାନେ ପୂଜା ଆରାଧନା ନାମରେ ବ୍ୟାପକ ଧନ ଆହରଣ କରୁଥିବା ବେଳେ ସେମାନଙ୍କୁ ନିଜର ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ଏହିଭଳି ଅଯୌକ୍ତିକ, ଅମାନବୀୟ ପ୍ରେରଣା ଦେଇଥା'ନ୍ତି ଯାହା ସାଧାରଣ ନିର୍ବୋଧ କିଛି ନବୁଝି କେବଳ ଭୟରେ ସେଗୁଡିକୁ ଗ୍ରହଣ କରି ଚାଲିଥିବା ଆମ ସମାଜର ବିଭୀଷିକା ଅତ୍ୟନ୍ତ ମର୍ମସ୍ପର୍ଶୀ । ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଗଲେ ଭାରତୀୟ ସନାତନ ଧର୍ମ ଏକ ବୈଜ୍ଞାନିକ ଚେତନାଶୀଳ ଶାସ୍ତ୍ର ଯେଉଁଥିରେ କୌଣସି ମୂର୍ତ୍ତି ପୂଜା କିମ୍ବା ଭଗବାନଙ୍କ ଉପସ୍ଥିତି ବିଷୟରେ ବର୍ଣ୍ଣିତ ହୋଇନାହିଁ ! ସନାତନ ଧର୍ମ କେବଳ ମଣିଷକୁ ମଣିଷ ଭଳି ଗଢି ତୋଳିବାର ପ୍ରୟାସ କରି ଏକ ମାନବୀୟ ସତ୍ୟ ଆଧାରିତ ପ୍ରେରଣା ଦେଇଛି ଯାହା ସାଧାରଣ ଲୋକଙ୍କୁ ଆଦୌ ଗୋଚର ନାହିଁ ! କାରଣ ଚତୁର ବ୍ୟପାରୀ ଧର୍ମ ଗୁରୁ, ପ୍ରଚାରକ ସେଗୁଡିକୁ କଦର୍ଥ କରି ତାହାର ବିପରୀତରେ ବିଭିନ୍ନ ମିଥ୍ୟା ସନ୍ଦେଶ ଦେଇ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ବିଭୀଷିକାର ଅନ୍ତ ନାହିଁ । ସେମାନଙ୍କ ସେହି ଅବୈଜ୍ଞାନିକ, ଅସତ୍ୟ ବାଚାଳ ପ୍ରେରଣାରେ ଅଭିଷିକ୍ତ ହୋଇ ସାଧାରଣ ନିର୍ବୋଧ ଜୀବନର ଅନେକ କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଷ୍ଟ କରିବା ସହିତ ସାରା ଜୀବନ ସମାନଙ୍କ ଭୃତ୍ୟ ହୋଇ ଜୀବନ ଶେଷ କରୁଥିବା ଦୃଶ୍ୟ ଅତ୍ୟନ୍ତ ଦୁଖଦଃ ମର୍ମସ୍ପର୍ଶୀ ହୋଇଥାଏ ଆମ ଦେଶ କାହିଁକି ବରଂ ପ୍ରାୟତଃ ସବୁ ଧର୍ମ ସମ୍ପ୍ରଦାୟ ସବୁ ରାଷ୍ଟ୍ରରେ ବିଶ୍ୱ ବ୍ୟାପି !

ତେଣୁ ସାଧାରଣ ମଣିଷମାନେ ଏହି ପିଲାଳିଆମୀ, ବାଚାଳାମି ପରିତ୍ୟାଗ କରି ସତ୍ୟର ପଥ ଉନ୍ମୋଚନ, ଅନୁସରଣ କରିବା ନଶିଖିଲେ ଏମିତି ସବୁ କଥାର ବିପରୀତମୁଖୀ ପ୍ରେରଣା ଗୁଡିକୁ ନେଇ ଜୀବନ ସାରା ପ୍ରତାରଣାର ଶିକାର ହୋଇ ନିଜ ଜୀବନକୁ ବିଭ୍ରାନ୍ତିକର, ଦୁଃଖଦ ପରିବେଶ ମଧ୍ୟରେ ରଖି ଜୀବନ ଶେଷ କରିବାକୁ ପଡୁଥିବ ପିଢ଼ିକୁ ପିଢ଼ି । ସବୁ ବର୍ଗର ସାଧାରଣ ମଣିଷ ମାନେ କ୍ଷୁଦ୍ର ରାସ୍ତାରେ ଅଧିକ ଲାଭ ପାଇବା ଆଶା ଛାଡି ପ୍ରକୃତ ବାସ୍ତବ ପଥରେ ଅତିକ୍ରମ କରିବା ଶିକ୍ଷା ନକରିବା ପର୍ଯ୍ୟନ୍ତ ଏହି ଦୁଃସ୍ମୃତ କେଳେଙ୍କାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜକୁ ଏମିତି ଲୁଟୁଥିବେ ଏବଂ ସାଧାରଣ ଲୋକେ ସେମାନଙ୍କ ପ୍ରତାରଣାର ଶିକାର ହୋଇ ଚାଲିଥିବେ ବୋଲି ଆମ ବି·ରରେ ଆପଣଙ୍କ ଅନୁଭୂତି ବ୍ୟକ୍ତ କରିବେ ବୋଲି ଅନୁରୋଧ ପୂର୍ବକ ରହିଲି...

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୭୨୪୯୧୭.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଡଃ ଆମ୍ବେଦକର



ଅସିତ ମହାନ୍ତି

## ଡ. ଆମ୍ବେଦକରଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ମୂଲ୍ୟାଙ୍କନ ଆବଶ୍ୟକ

ଯଦି ଇଶ୍ୱରଙ୍କଠାରୁ ନ୍ୟାୟ ମିଳୁଥାନ୍ତା, ତେବେ କୌଣସି କୋର୍ଟ ନଥାନ୍ତା । ଯଦି ସରସ୍ୱତୀଙ୍କଠାରୁ ଜ୍ଞାନ ଗ୍ରହଣ କରାଯାଉଥାନ୍ତା, ତେବେ ବିଦ୍ୟାଳୟ ହୋଇନଥାନ୍ତା । ଯଦି ପ୍ରାର୍ଥନା କଲେ କାମ ଚଳି ଯାଉଥାନ୍ତା, ତେବେ ଔଷଧାଳୟ ତିଆରି ହୋଇନଥାନ୍ତା । ଯଦି କାମ ନକରି ଭାଗ୍ୟ ଉଜ୍ଜ୍ୱଳ ହୁଏ, ତେବେ କୌଣସି କାର୍ଯ୍ୟାଳୟ ନଥାନ୍ତା । ମନ୍ଦିର ହେଉଛି ଧର୍ମର ଏକ ଘରୋଇ ଦୋକାନ । ସେଠାକୁ ସେହିମାନେ ଯାଆନ୍ତି, ଯେଉଁମାନେ ମନର ଦାସ ହୋଇଥାନ୍ତି । - ଡକ୍ଟର ଆମ୍ବେଦକର

ଭୀମରାଓ ରାମଜୀ ଆମ୍ବେଦକର, ଡ. ବାବାସାହେବ ଆମ୍ବେଦକର (୧୪ ଏପ୍ରିଲ ୧୮୯୧ - ୬ ଡିସେମ୍ବର ୧୯୫୬) ଭାବରେ ଜଣାଶୁଣା ଜଣେ ଭାରତୀୟ ସ୍କଲାର, ଆଇନଜୀବୀ, ଅର୍ଥନୀତିଜ୍ଞ, ରାଜନେତା ଏବଂ ସାମାଜିକ ସଂସ୍କାରକ ଥିଲେ । ସେ ଦଳିତ ବୌଦ୍ଧ ଆନ୍ଦୋଳନକୁ ପ୍ରେରଣା ଦେଇଥିଲେ ଏବଂ ଅସ୍ପୃଶ୍ୟ ବ୍ୟକ୍ତିଙ୍କ ବିରୋଧରେ ସାମାଜିକ ଭେଦଭାବ ବିରୋଧରେ ପ୍ରଚାର କରିଥିଲେ । ଶ୍ରମିକ, କୃଷକ ଏବଂ ମହିଳାଙ୍କ ଅଧିକାରକୁ ମଧ୍ୟ ସମର୍ଥନ କରିଥିଲେ । ସର୍ବୋପରି ସେ ଆମ ଦେଶ ଭାରତର ସମ୍ବିଧାନ ଲେଖିବାରେ ଅମୁଲ୍ୟ ଯୋଗଦାନ ଦେଇଥିଲେ । ଆମ୍ବେଦକର ଜଣେ ବିରାଟ ପ୍ରତିଭାର ଛାତ୍ର ଥିଲେ । ସେ ଉଭୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲମ୍ବିଆ ୟୁନିଭରସିଟି ଏବଂ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରୁ ଅର୍ଥନୀତିରେ ଡକ୍ଟରେଟ୍ ଗ୍ରହଣ କରିଥିଲେ ଏବଂ ଆଇନ, ଅର୍ଥନୀତି ଏବଂ ରାଜନୀତି ବିଜ୍ଞାନରେ ଅନୁସନ୍ଧାନ କରିଥିଲେ । ବୃତ୍ତିଗତ ଜୀବନର ପ୍ରାରମ୍ଭରେ ସେ ଅର୍ଥନୀତିର ପ୍ରଫେସର ଥିଲେ ଏବଂ ଆଇନ ଅଭ୍ୟାସ ମଧ୍ୟ କରିଥିଲେ । ତାଙ୍କର ପ୍ରାରମ୍ଭିକ ଏବଂ ପରବର୍ତ୍ତୀ ଜୀବନ ରାଜନୈତିକ କାର୍ଯ୍ୟକଳାପରେ ଅଧିକ ବିତାଇଥିଲେ । ଏହା ପରେ ଆମ୍ବେଦକର ଭାରତର ସ୍ୱାଧୀନତା ପାଇଁ ପ୍ରଚାର ଏବଂ ଆଲୋଚନାରେ ଜଡିତ ହୋଇଥିଲେ । ଏବଂ ପତ୍ରିକା ପ୍ରକାଶନ, ଦଳିତଙ୍କ ପାଇଁ ରାଜନୈତିକ ଅଧିକାର ତଥା ସାମାଜିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି ସେ ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୫୬ ମସିହାରେ, ହିନ୍ଦୁ ଧର୍ମରେ ପ୍ରଚଳିତ ଛୁଆଁ-ଛୁତ ଏବଂ ଅସ୍ପୃଶ୍ୟତା ଅଭ୍ୟାସରେ କ୍ଳାନ୍ତ ହୋଇ ସେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ୧୯୯୦ରେ, ତାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ପ୍ରଦାନ କରାଯାଇଥିଲା । ୧୪ ଏପ୍ରିଲରେ ତାଙ୍କର ଜନ୍ମଦିନ ଭାରତ ସମେତ ସାରା ବିଶ୍ୱରେ ଆମ୍ବେଦକର ଜୟନ୍ତୀ ଭାବରେ ପାଳନ କରାଯାଏ । ସାଧାରଣତଃ ଭାରତରେ ସମସ୍ତ ରାଜନୈତିକ ଦଳ ଆମ୍ବେଦକରଙ୍କ ଜନ୍ମଦିନକୁ ସମ୍ବିଧାନ ବଞ୍ଚାଅ ଦିବସ ରୂପେ ପାଳନ କରିଥାନ୍ତି । କିନ୍ତୁ ଗଭୀର ଭାବେ ଅଧ୍ୟୟନ କଲେ ଜଣାପଡେ ସେ ଯେଉଁ ସାମାଜିକ ଆନ୍ଦୋଳନର ନେତୃତ୍ୱ ଦେଇଥିଲେ ତାହା ହେଉଛି ଜାତିବାଦ ଏବଂ ଅସ୍ପୃଶ୍ୟତା । ପିଲା ଦିନରୁ ଏହି ଦୁଇଟି ବିଷୟ ବିରୁଦ୍ଧରେ ତାଙ୍କୁ ସଂଗ୍ରାମ କରିବାକୁ ପଡିଥିଲା .ଜୀବନର ଶେଷ ପର୍ଯ୍ୟନ୍ତ ଏହି ସଙ୍ଗ୍ରାମକୁ ଛାଡ଼ିନଥିଲେ । ତାଙ୍କୁ ଜଣାଥିଲା ଜାତିବାଦ ଭାରତ ସନ୍ଦର୍ଭରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଭାରତର ବିକାଶରେ ଜାତିପ୍ରଥା ଏକ ପ୍ରତିବନ୍ଧକ । ଯଦିଓ ଏହି ପ୍ରଶ୍ନଟି ସମାଜ ବ୍ୟବସ୍ଥା ସହିତ ଓତପ୍ରୋତ ଭାବେ ଜଡିତ । ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରେ ଜାତିପ୍ରଥାକୁ ପାଳି - ପୋଷି ରଖାଯାଏ, ଯାହାଫଳରେ ଭୋଟ ରାଜନୀତି ଠିକ୍ ଭାବେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରାଯାଇପାରେ । ଏହି ଦୁଇଟି ବିଷୟ ବାସ୍ତବରେ ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଆମ ସମାଜରେ ଅତ୍ୟନ୍ତ ଗଭୀର ଭାବେ ବିଦ୍ୟମାନ ଏବଂ ସମସ୍ତ ରାଜନୈତିକ ଦଳ ମାନେ ଏହାର ଉପଯୋଗ କରୁଛନ୍ତି ଢ଼ ଜାତି କ'ଣ ଏବଂ ଏହାକୁ କିପରି ନଷ୍ଟ କରି ଏକ ଉନ୍ନତ ସମାଜ ଗଠନ ଏକ ବଡ଼ ପ୍ରଶ୍ନ ହୋଇଛି । ବାବା ସାହେବ ଆମ୍ବେଦକର ତାଙ୍କର ଏକ ଲିଖିତ ଭାଷଣରେ ଏହାର ସମ୍ପୂର୍ଣ୍ଣ ଉତ୍ତର ଦେଇଛନ୍ତି । ଦୁର୍ଭାଗ୍ୟବଶତ । ତାଙ୍କୁ ଏହି ଭାଷଣ ଦେବାକୁ ମଧ୍ୟ ଅନୁମତି ଦିଆଯାଇନଥିଲା । ଏହା ତାଙ୍କ ଜୀବନର ଶେଷ କାର୍ଯ୍ୟ ଥିଲା ।

"ଜାତିର ବିନାଶ' ହେଉଛି ଡକ୍ଟର ଆମ୍ବେଦକରଙ୍କ ସବୁଠାରୁ ପ୍ରସିଦ୍ଧ ଐତିହାସିକ ବକ୍ତବ୍ୟ, ଯାହା ତାଙ୍କୁ ଲାହୋରର ଜାତପାତ ତୋଡକ ମଣ୍ଡଳର ୧୯୩୬ ରେ ଅଧିବେଶନ ପାଇଁ ଆଧ୍ୟକ୍ଷୀୟ ଭାଷଣ ଭାବରେ ଲେଖାଯାଇଥିଲା, କିନ୍ତୁ ମତ ସହ ମତଭେଦ ହେତୁ ଅଧିବେଶନ ନିଜେ ବାତିଲ ହୋଇଯାଇଥିଲା । ଏହି ବକ୍ତୃତା ଆଜି ମଧ୍ୟ ପ୍ରାସଙ୍ଗିକ, କାରଣ ଜାତିର ପ୍ରଶ୍ନ ହିନ୍ଦୁ ସମାଜର ସବୁଠାରୁ ଜ୍ୱଳନ୍ତ ପ୍ରଶ୍ନ ଯାହା ବିରୁଦ୍ଧରେ ଆମ୍ବେଦକର ଆଜୀବନ ସଂଘର୍ଷ କରିଥିଲେ । ଡକ୍ଟର ଆମ୍ବେଦକର ହେଉଛନ୍ତି ପ୍ରଥମ ଭାରତୀୟ ସମାଜବିଜ୍ଞାନୀ ଯିଏ ହିନ୍ଦୁ ସମାଜରେ ଜାତିର ଉତ୍ପତ୍ତି ଏବଂ ବିକାଶ ବିଷୟରେ ବୈଜ୍ଞାନିକ ଅଧ୍ୟୟନ କରିଥିଲେ । ସେ ୧୯୧୬ ମସିହାରେ ଏହି ବିଷୟ ଉପରେ ପ୍ରଥମ ଅନୁସନ୍ଧାନ କାର୍ଯ୍ୟ କରିଥିଲେ, ଯାହା 'କାଷ୍ଟ ଇନ୍ ଇଣ୍ଡିଆ' ଭାବରେ ଜଣାଶୁଣା । ସେ ଏକ ଅବିସ୍ମରଣୀୟ ପ୍ରମାଣ ସହିତ ପ୍ରମାଣ କରିଛନ୍ତି ଯେ ଝିଅ -ବିବାହ, ଆଜୀବନ ବିଧବା ଏବଂ ବିଧବାଙ୍କୁ ଜୀବନ୍ତ ଜାଳି ଦେବା ପ୍ରଣାଳୀ ଏକ ସ୍ୱତନ୍ତ୍ର ଶ୍ରେଣୀକୁ ବନ୍ଦ ଶ୍ରେଣୀରେ ପରିଣତ କରିବାର ପ୍ରଣାଳୀ ଥିଲା । ଏହି ପ୍ରଣାଳୀ ଜାତି ପ୍ରଣାଳୀକୁ ବିକଶିତ କଲା ଢ଼ ସେ 'ଜାତିର ବିନାଶ'ରେ ବର୍ଣ୍ଣ ପ୍ରଣାଳୀକୁ କଡ଼ା ସମାଲୋଚନା କରି ଏହାକୁ ଦୁନିଆର ସବୁଠାରୁ ଅବୈଧ ପ୍ରଣାଳୀ ବୋଲି କହିଥିଲେ । ତାଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିବାନୁସାରେ, ଭାରତକୁ ଏକ ରାଷ୍ଟ୍ରରେ ପରିଣତ କରିବାରେ ଜାତି ହେଉଛି ସବୁଠାରୁ ବଡ ପ୍ରତିବନ୍ଧକ । ସେଥିପାଇଁ ସେମାନେ କୁହନ୍ତି, ଯଦି ଭାରତ ଏକ ରାଷ୍ଟ୍ର ହେବାକୁ ଯାଉଛି, ତେବେ ଜାତିକୁ ସମାପ୍ତ କରିବାକୁ ପଡ଼ିବ ଏବଂ ଏଥିପାଇଁ ଧର୍ମ ଶିକ୍ଷା କରୁଥିବା ଧର୍ମଶାସ୍ତ୍ରୀମାନଙ୍କୁ ଡାଇନାମାଇଟ୍ ସହିତ ଉଡ଼ାଇବାକୁ ପଡ଼ିବ । ଜାତିଭେଦ ଭାରତୀୟ ରାଜନୀତି ପାଇଁ ଏକ ବଡ଼ ବିପଦ । ସ୍ୱାଧୀନତା ହାସଲ ପରେ ସମସ୍ତ ରାଜନୈତିକ ଦଳ ଜାତିକୁ ନେଇ ରାଜନୈତକ ଲାଭ ନେବାରେ ଲିପ୍ତ ଅଛନ୍ତି । ଆମ୍ବେଦକରଙ୍କ ନାମରେ ଅନେକ ସଂଗଠନ ଗଠନ କରାଯାଇଛି, ଏପରିକି ଶ୍ରମିକ ସଂଗଠନ, ଯାହା ଦ୍ୱାରା ଲୋକମାନେ ଜାଣିପାରିବେ ଯେ ଏହି ସଂଗଠନ କେବଳ ଦଳିତ ଏବଂ ପଛୁଆ ଜାତିଙ୍କର ଅଟେ । ଆଶ୍ଚର୍ଯ୍ୟର କଥା ଆମ ଦେଶରେ ଜାତିକୁ ନେଇ ଶିକ୍ଷଣ ସଂସ୍ଥାନରେ ପୃଥକ ହଷ୍ଟେଲ ମଧ୍ୟ ରହିଛି । ତାହେଲେ ଦେଖନ୍ତୁ ଜାତିପ୍ରଥାର ପ୍ରଶ୍ନ ଭାରତବର୍ଷରେ କେତେ ଗଭୀର । ଆମ୍ବେଦକର ଏହି ପ୍ରଶ୍ନକୁ ନେଇ ଆଜୀବନ ଲଢେଇ କରିଛନ୍ତି । ୧୯୫୩ ମସିହାରେ ରାଜ୍ୟସଭାରେ ଏକ ବିତର୍କ ସମୟରେ, ଆମ୍ବେଦକର ସେହି ସମୟରେ ଗୃହମନ୍ତ୍ରୀ କୈଳାଶ ନାଥ କାଟଜୁଙ୍କ ସହ ଜାତିବାଦ ବିଷୟରେ ବିତର୍କ କରୁଥିଲେ । ଏହି ଯୁକ୍ତି ସମୟରେ ଆମ୍ବେଦକର ଏହିପରି କିଛି କହିଥିଲେ - କାଟଜୁ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ, ଶ୍ରୀ ଆମ୍ବେଦକର, ତୁମେ କ'ଣ କହୁଛ ! ଆପଣ ଜାଣନ୍ତି କି, ଆପଣ ଯାହା କହୁଛନ୍ତି ତାହା ଆପଣଙ୍କ ଦ୍ୱାରା ତିଆରି କରାଯାଇଥିବା ସମ୍ବିଧାନ ବିରୁଦ୍ଧରେ ଯାଉଛି । ଆପଣ ନିଜେ ଲେଖିଛନ୍ତି, କିନ୍ତୁ ବର୍ତ୍ତମାନ ଆପଣ ଏହା ବିରୁଦ୍ଧରେ କହୁଛନ୍ତି । ଏହାର ଉତ୍ତରରେ ଆମ୍ବେଦକର ଉତ୍ତର ଦେଇଥିଲେ - ଏହା ମୋ ଜୀବନର ସବୁଠାରୁ ବଡ ଦୁଃଖଦ ଘଟଣା । ଏହି କଥା ରାଜ୍ୟସଭାର ପ୍ରୋସିଡିଙ୍ଗରେ ଲିପିବଦ୍ଧ ଅଛି .. ଏହା କୌଣସି ମନଗଢା କଥା ନୁହେଁ ୧୯୫୩ ରେ ପାର୍ଲିଆମେଣ୍ଟରେ ପ୍ରୋସିଡିଙ୍ଗରେ ରାଜ୍ୟସଭାରେ ଏହି ତଥ୍ୟ ରହିଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜାତିବାଦକୁ ନେଇ ସମ୍ବିଧାନରେ ଯାହା କିଛି ଲେଖାଯାଇଛି ସେଗୁଡିକୁ ଆମ୍ବେଦକରଙ୍କ ଉପରେ ଅନେକ ଚାପ ସୃଷ୍ଟି ଲେଖାଯାଇଥିଲା ଏବଂ ସେଗୁଡିକୁ ସେ ଲେଖିବା ପାଇଁ ବାଧ୍ୟ ହୋଇଥିଲେ । ତାଙ୍କ ଅନୁସାରେ ଏହି କାର୍ଯ୍ୟ ପାଇଁ ମୋତେ ହାଇଜାକ କରାଯାଇଥିଲା । ଅର୍ଥାତ ସେ ଯାହା ଲେଖିବାକୁ ଚାହିଁ ନଥିଲେ ସେଗୁଡିକୁ ଚାପ ପକାଇ ଲେଖିବାକୁ ବାଧ୍ୟ କରାଯାଇଥିଲା । ଅନ୍ତିମ ସମୟରେ ସେ ଏହି ମର୍ମ ବସ୍ତୁକୁ ବିଭିନ୍ନ ଉପାୟରେ କହିବାକୁ ଚେଷ୍ଟା କରିଛନ୍ତି ଯେ, ଯାହା କିଛି ଜାତିକୁ ନେଇ ସମ୍ବିଧାନରେ ଲେଖାଯାଇଛି ତାହା ଅସମ୍ପୂର୍ଣ୍ଣ .ଏହା ଥିଲା ବାସ୍ତବରେ ଆମ୍ବେଦକରଙ୍କ ଉକ୍ତି । ଡକ୍ଟର ଆମ୍ବେଦକରଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ମୂଲ୍ୟାଙ୍କନ ଏପର୍ଯ୍ୟନ୍ତ ହୋଇନାହିଁ । ଆଜି ବି ତାଙ୍କୁ ଅନୁସୂଚିତ ଜାତିର ନେତା ଭାବରେ ପଦୋନ୍ନତି ଦିଆଯାଉଛି । ବାସ୍ତବରେ, ଏହା ତାଙ୍କ କାର୍ଯ୍ୟ ଏବଂ ବ୍ୟକ୍ତିତ୍ୱ ପ୍ରତି ଚରମ ଅନ୍ୟାୟ । ବାସ୍ତବରେ ଐତିହାସିକ ତଥ୍ୟ ଆଧାରରେ ଯଦି ଆମ୍ବେଦକରଙ୍କ ଜାତିକୁ ନେଇ ଯେଉଁ ଚିନ୍ତା ଏବଂ ଏବଂ ସେଥିପାଇଁ ଯେଉଁ ସଂଘର୍ଷ କରିଥିଲେ -ସେ ବିଷୟରେ ମୂଲ୍ୟାଙ୍କନ କରାଯାଏ ତେବେ ଦେଖାଯିବ ଯେ ସମ୍ପୂର୍ଣ୍ଣ ରୂପେ ଜାତି ବର୍ଣ୍ଣର ବିରୋଧୀ ଥିଲେ ଏବଂ ସେଥିପାଇଁ ନିରଳସ ସଂଗ୍ରାମ କରିଥିଲେ । ବାସ୍ତବରେ ଯଦି ଏହି ତଥ୍ୟ ଗୁଡିକୁ ବାହାର କରାଯାଏ ତାହେଲେ ଯେଉଁମାନେ ଆମ୍ବେଦକରଙ୍କୁ ନେଇ ରାଜନୀତି କରୁଛନ୍ତି ସେମାନଙ୍କ ମୁଖୋଉଟା ପଦାକୁ ଆସିଯିବ ।ବାସ୍ତବରେ ରାଜନୈତିକ ଦଳମାନେ ଆମ୍ବେଦକରଙ୍କ ମୁଖ୍ୟ ବିଷୟଟିକୁ ଲୁଚାଇ ରଖିବାକୁ ଚାହୁଁଛନ୍ତି । କେବଳ ସେ ସମ୍ବିଧାନ ପ୍ରଣେତା ଏବଂ ଦଳିତ ନେତା ବୋଲି ପ୍ରଚାର କରାଯାଉଛି । ବର୍ତ୍ତମାନ ସମୟ ଆସିଛି ତାଙ୍କର ଠିକ-ଠିକ ମୂଲ୍ୟାଙ୍କନ କରିବା ।

ସୁଜନପୁର , ଯାଜପୁର
୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିବର୍ତ୍ତନରେ ପରିବର୍ତ୍ତନ



ଗୌତମ ନାୟକ

ବିବର୍ତ୍ତନ କହିଲେ ହଠାତ୍ ଆମ ମନକୁ ଆସେ କି ଏହାର ଅର୍ଥ ହେଉଛି ଏକକୋଷୀ, ଅମେରୁଦଣ୍ଡୀୟ ପ୍ରାଣୀରୁ ଏହି ବହୁକୋଷୀ, ମେରୁଦଣ୍ଡୀ ମଣିଷର ଉତ୍ପତ୍ତି । ବିବର୍ତ୍ତନ ତ ପରିବର୍ତନ ବିନା ଅସମ୍ଭବ । ମୁଁ ଆଜି ଆପଣଙ୍କ ସମ୍ମୁଖକୁ ଆଣିଛି ପ୍ରଯୁକ୍ତି ବିଦ୍ୟାର କିଛି ବିବର୍ତ୍ତନ ଯାହା ମନୁଷ୍ୟକୁ ଇ,ଜି, ଯୁଗରୁ ଆରମ୍ଭ କରି ୫ଜି ଯୁଗରେ ପହଞ୍ଚାଇ ପାରିଛି ବିଶେଷ କିଛି ପରିବର୍ତ୍ତନ ସହ; କିଛି କ'ଣ ବଡ଼ ପରିବର୍ତ୍ତନ ସହ । ମୁଁ ଯାହା ଆଲୋଚନା କରିବାକୁ ଯାଉଛି ତାହା ଏକ ଶବ୍ଦରେ କହିଲେ ପ୍ରଯୁକ୍ତି ବିଦ୍ୟା ଓ ପ୍ରଯୁକ୍ତି ବିଦ୍ୟାକୁ ହିଁ ବୁଝାଏ ଯାହାର ଉପଲବ୍ଧିର ଅଭାବ ଆଜିର ଦୁନିଆରେ ଏକ ସାମାନ୍ୟ କାର୍ଯ୍ୟକୁ ବାଧାପ୍ରାପ୍ତ କରିପାରେ ।

ଆପଣମାନେ କେବେ ବିଚାର କରିଛନ୍ତି ନା ନାହିଁ ଜାଣିନି କି ଏହି ପ୍ରଯୁକ୍ତି ବିଦ୍ୟା ଆମକୁ ଆଙ୍ଗୁଠି ଛାପ ଦେବାଠୁ ଆଣି ସେଇ ଆଙ୍ଗୁଠି ଛାପ ଦେବା ପାଖରେ ହିଁ ଆଣି ପହଞ୍ଚେଇଛି, କିନ୍ତୁ ଫରକ ହେଉଛି କି ଆଗେ ଆଙ୍ଗୁଳି ଛାପ ପ୍ରତ୍ୟକ୍ଷ ଉପସ୍ଥିତିରେ ଦିଆଯାଉଥିଲା ଯାହା ଏବେ ପରୋକ୍ଷ ଉପସ୍ଥିତିରେ ସମ୍ଭବ ହୋଇପାରିଛି ।

ଏବେ ତ ଇଣ୍ଟର୍-ନେଟ୍ ଓ ପ୍ରଯୁକ୍ତି ବିଦ୍ୟାର ଚାହିଦା ଏତେ ଯେ ମତେ ତ ଲାଗୁଛି କେଇ ବର୍ଷ ପରେ ନବଜାତ ଶିଶୁ ଧରାବତରଣ କରିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁର୍ବରୁ ସ୍ମାର୍ଟଫୋନ୍ କିମ୍ବା ଯେକୌଣସି ଗ୍ୟାଜେଟ୍ ଦାବି କରିବ ! ମନେହୁଏ ବର୍ତ୍ତମାନ ଯୁଗରେ ସ୍ମାର୍ଟଫୋନ୍ ମନୁଷ୍ୟର ହାର୍ଟ୍ ଏବଂ ଇଣ୍ଟର୍-ନେଟ୍ ଅକ୍-ସିଜେନ୍ ପାଲଟିଛି । ବେଳେବେଳେ ଅନୁଭୂତ ହୁଏ କି ଆଜିର ମଣିଷ ବିନା ହାର୍ଟ୍ ଓ ଅକ୍-ସିଜେନ୍ ଦ୍ୱାରା ହୁଏତ ବଞ୍ଚିଯାଇପାରେ, କିନ୍ତୁ ବିନା ସ୍ମାର୍ଟଫୋନ୍ ଓ ଇଣ୍ଟର୍-ନେଟ୍ ଦ୍ୱାରା ନୁହେଁ । ଆଉ ହଁ ଏକଥା ଆପଣ ନିଶ୍ଚେ ଜାଣିଥିବେ କି ଟି.ଭି. ଖାଦ୍ୟ ଖାଇବାରେ ଏବଂ ମୋବାଇଲ୍ ଖାଦ୍ୟ ହଜମରେ ସହାୟକ ହୁଏ ସେ ବୁଢ଼ା ହେଉ କି ପିଲା ।

ଛୋଟ ପିଲାଙ୍କର ଜୀବନକୁ ଇଣ୍ଟର୍-ନେଟ୍ ଏତେ ପ୍ରଭାବିତ କରିଛି ଯେ ଯଦି ଆପଣ ଗୋଟିଏ ପିଲାକୁ କୁଆଡ଼େ ବୁଲିଯିବା ପାଇଁ ପଚାରିବେ, ତ ଉତ୍ତରରେ ନିଶ୍ଚେ ପାଇବେ ଇନ୍ଷ୍ଟା-ଗ୍ରାମ, ଦିନସାରା ନିଜ ପାଠ୍ୟକ୍ରମ ବୁକ୍ ଖୋଲୁ କି ନଖୋଲୁ ଫେସ୍-ବୁକ୍ ନିଶ୍ଚୟ ଖୋଲିଥିବ । ଆଜିକାଲିର ପିଲା ମୋବାଇଲରେ ଏକ ଗେମ୍ ଖେଳନ୍ତି, ଯାହା ତାଙ୍କ ଜୀବନକୁ ଫ୍ରିରେ ନିଆଁ ଲଗାଇ ଜାଳିପୋଡ଼ି ନଷ୍ଟ କରିଦିଏ । ଗେମ୍ ଟିର ନାମ ଫ୍ରି-ଫାୟାର୍ ।

ଅବଶ୍ୟ ପ୍ରଯୁକ୍ତି ବିଦ୍ୟା ଯାଦୁବିଦ୍ୟାର ଅନ୍ୟ ଏକ ରୁପ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଯାହା ଅର୍ଡ଼ର୍ କରିଦେଲେ ହାତ ପାହାନ୍ତାରେ ମିଳି ଯାଉଛି; ଘରକରଣା ସାମଗ୍ରୀଠୁ ଆରମ୍ଭ କରି ରନ୍ଧା ହୋଇଥିବା ଖାଦ୍ୟ ପର୍ଯ୍ୟନ୍ତ, କେବଳ ଏତିକି ବାକି ଅଛି କି କେବେ ସିଧାସଳଖ ଇଣ୍ଟର୍-ନେଟ୍ ରୁ ଡାଉନ୍-ଲୋଡ୍ କରିହେବ ତାହାର ଅପେକ୍ଷା ରହିଛି । ମ୍ୟାଜିକ୍ କହିବାର ଆଉ ଗୋଟିଏ ଅର୍ଥ ହେଉଛି ଯେମିତି ଯାଦୁଗର୍ ଅନୁପସ୍ଥିତ ବସ୍ତୁବିଶେଷକୁ ଆମ ସମ୍ମୁଖକୁ ଆଣିଦିଏ ଏବଂ ଉଭାନ୍ କରିଦିଏ, ସେହିପରି ହଲୋଗ୍ରାମ ୩-ଡି ଚିତ୍ର ତିଆରି କରିପାରେ ।

ଗୋଟିଏ ବସ୍ତୁର ଭଲ ଓ ଖରାପ ଏପରି ଦୁଇଟି ପାର୍ଶ୍ୱ ଥାଏ । ପ୍ରଯୁକ୍ତି ଜ୍ଞାନରେ ଏହିସବୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁବିଧା ଓ ଉପଲବ୍ଧି ମନୁଷ୍ୟର ଆଳସ୍ୟକୁ ଆହ୍ୱାନ୍ କରୁଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ପ୍ରଯୁକ୍ତି ବିଦ୍ୟା ଅର୍ଥନୈତିକ ଓ ପାରିଶ୍ରମିକ ସମସ୍ୟାକୁ ସମାଧାନ କରୁଥିଲେ ହେଁ ବ୍ୟକ୍ତିଗତ ଓ ମାନସିକ ସମସ୍ୟା ବଢ଼ାଉଛି । ପ୍ରଯୁକ୍ତି ଜ୍ଞାନର ଏମିତି କ୍ଷମତା ଅଛି କି ଆପଣଙ୍କୁ ଏକାକୀ କରିପାରେ କିମ୍ବା ଦୂର ସାଙ୍ଗମାନଙ୍କର ମିଳନ କରିପାରେ କିନ୍ତୁ ପାଖରେ ଥିବା ସାଙ୍ଗ, ସମ୍ପର୍କୀୟଙ୍କୁ ଦୂରରେ ରଖେ, ନିଜେ ବିଚାର କରନ୍ତୁ ଯେପର୍ଯ୍ୟନ୍ତ ଆପଣ ମୋବାଇଲ୍, କମ୍ପ୍ୟୁଟର୍ ସହ ସଂଶ୍ଲିଷ୍ଟ ଥାଆନ୍ତି କେତେଦୂର୍ ପାଖ ଲୋକଙ୍କ ସହ ମିଶନ୍ତି ?

ସୃଷ୍ଟି ମନୁଷ୍ୟକୁ ଶ୍ରେଷ୍ଠ ଜୀବର ମାନ୍ୟତା ଦେଇଛି କିନ୍ତୁ ମନୁଷ୍ୟ ପ୍ରଯୁକ୍ତି ବିଦ୍ୟାକୁ ନିଜଠାରୁ ଶ୍ରେଷ୍ଠ ବନାଇଛି ଯେ, କମ୍ପ୍ୟୁଟର୍ ରେ କିଛି ତଥ୍ୟ ପ୍ରବେଶ କରାଇବା ବେଳେ ସେ ମଣିଷକୁ ପଚାରୁଛି "ଆପଣ ରୋବୋଟ୍ କି ?(ହଁ/ନାଁ)" । ସତରେ ମଣିଷ ଯେତେ ଅଗ୍ରିମ ବ୍ୟବହାର ଯୋଗ୍ୟ ବସ୍ତୁ ତିଆରି କରୁଛି, ମନୁଷ୍ୟ ନିଜେ ସେତେ ଅବ୍ୟବହୃତ ପାଲଟିଯାଉଛି ।

ବେଳେବେଳେ ସାମାନ୍ୟ ମୋବାଇଲ୍ କିମ୍ବା କମ୍ପ୍ୟୁଟର୍ ଗତିରେ ଟିକିଏ ଶିଥିଳ ହୋଇଯାଇ (ଯାହାକୁ ଆମେ କୁହନ୍ତି ହ୍ୟାଙ୍ଗ୍ ହବା) ଆମର ରାଗ ବଢ଼ାଇ ଦିଏ ଏବଂ ଅନୁଭୁତି କରାଏ କି ସେ ରାଗିଲେ କ'ଣ କରିପାରେ । ଆମ ଜୀବନକୁ ସୁନ୍ଦର ଓ ସୁଗମ କରୁଥିବା ଏହି ପ୍ରଯୁକ୍ତି ବିଜ୍ଞାନ ଆମ ବିନାଶର କାରଣ ବନିବନି ତ ! ଏହାର ଉତ୍ତର ଦେବାକୁ ଯାଇ ବୈଜ୍ଞାନିକଙ୍କ ଉପସ୍ଥାପନା ରହିଛି ଯେ ଏହା ସୌରମଣ୍ଡଳରେ ଚୁମ୍ବକୀୟ ଝଡ଼ର ରୁପ ନେଇପାରେ, ଯାହା ଆମ ଇଣ୍ଟର୍-ନେଟ୍ ବ୍ୟବହାରକୁ ବାଧାପ୍ରାପ୍ତ କରିପାରେ । ଆହୁରି ମଧ୍ୟ ମଣିଷ ନିଜର ସମସ୍ତ ବୁଦ୍ଧି ପ୍ରୟୋଗ କରି ଯେଉଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ୍ ପ୍ରସ୍ତୁତ କରିଛି ତାହା ମନୁଷ୍ୟର କଥାରେ ପରିଚାରିତ ହେବା ପରିବର୍ତ୍ତେ ବିରୁଦ୍ଧରେ ଯଦି କାର୍ଯ୍ୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରେ ଏବଂ ମଣିଷ ଉପରେ ରାଜତ୍ୱ କରେ ସେହି ଡ଼ର ମଣିଷକୁ ଘାରୁଛି । ବିପର୍ଯ୍ୟୟ ହେବ କି ଏହାର ସମାଧାନ ସବୁ ସମୟ କୁ ଅପେକ୍ଷା......

[ବି.ଦ୍ର.: ମୁଁ ଉପରୋକ୍ତ ଦ୍ୱାରା ପ୍ରଯୁକ୍ତି ଜ୍ଞାନର ନିନ୍ଦା କରୁନାହିଁ, କେବଳ ପ୍ରଯୁକ୍ତି ଜ୍ଞାନର ପ୍ରସାର ଯୋଗୁଁ ସମାଜରେ ପରିବର୍ତ୍ତନକୁ ଆଖି ଆଗରେ ରଖି ଏହି ସଂକ୍ଷେପ ଆଲେଖ୍ୟ । ଆପଣଙ୍କ ପରି ମୋର ଜୀବନଶୈଳୀ ମଧ୍ୟ ପ୍ରଯୁକ୍ତି ବିଦ୍ୟା ବିନା ଅଧୁରା..

ଗୌତମ ନାୟକ

ଫାର୍ମାସୀ ସ୍ନାତକ(ଆର୍.ଆଇ.ପି.ଏସ୍) ,

ରୋଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲାଳିକା



କିରନ୍ ସ୍ୱାଇଁ

କବିତା ହେଉଛି ଏକ ସୂକ୍ଷ୍ମ କଳା । ପ୍ରାଚୀନରୁ ଆଧୁନିକ କାଳର ପ୍ରତିଟି ସୋପାନରେ କବିତା ବିଭିନ୍ନ ଶୈଳୀ ଓ ଭାବସତ୍ତାରେ ସ୍ୱତନ୍ତ୍ର । ଲୋକ ପ୍ରସିଦ୍ଧି ଅର୍ଜନ କରିଥିବା ଯେ କୌଣସି ଉତ୍ତମ କବିତାର ରଚନାରୀତି ଓ ଭାବବସ୍ତୁର ବ୍ୟଙ୍ଗାତ୍ମକ ଅନୁକରଣରେ ରଚିତ କବିତା ହେଉଛି ଲାଳିକା (Parody) । ବ୍ୟଙ୍ଗ କବିତାର ଏକ ପ୍ରଭାବଶାଳୀ ଅଙ୍ଗ ରୂପେ ଏହା ବିବେଚିତ । ସବୁ ବ୍ୟଙ୍ଗ କବିତା ଲାଳିକା ହୋଇନପାରେ, କିନ୍ତୁ ସବୁ ଲାଳିକା ବ୍ୟଙ୍ଗ ହେବାକୁ ବାଧ୍ୟ । ସାମାଜିକ ସମସ୍ୟା, ଦୋଷତ୍ରୁଟି, ବ୍ୟକ୍ତିର ଅସାମାଜିକ କାର୍ଯ୍ୟକଳାପ, ଅନୁକରଣଧର୍ମୀ ମନୋବୃତ୍ତି ପ୍ରଭୃତିକୁ ବ୍ୟଙ୍ଗ-ବିଦ୍ରୁପ ମାଧ୍ୟମରେ ଉପହାସ କରିବା ହେଉଛି ଲାଳିକାର ବିଶେଷତ୍ୱ । ଲାଳିକା ଯେ କେବଳ ବ୍ୟଙ୍ଗ କରେ ତାହା ନୁହଁ, ବ୍ୟଙ୍ଗ ମାଧ୍ୟମରେ ଅସଂଯତ ମଣିଷକୁ ସଂଯତ କରେ, ଉପଦେଶାତ୍ମକ ଶିକ୍ଷା ଦିଏ । ପାଶ୍ଚାତ୍ୟ ସେଲୀ, ବ୍ରାଉମିଙ୍ଗ, ସାଉଦି ପ୍ରଭୃତି କବିଙ୍କ ପ୍ରଭାବରେ ଆଧୁନିକ ଓଡ଼ିଆ କବିମାନେ ମଧ୍ୟ 'Parody' ବା ଲାଳିକା ରଚନା କରିଛନ୍ତି । କୌଣସି ପ୍ରସିଦ୍ଧ କବିତାର ଆଙ୍ଗିକ ଶୈଳୀ, ଛନ୍ଦବଦ୍ଧତା ଓ ବିବିଧ ଭାବବସ୍ତୁକୁ ନେଇ ଏ ଧରଣର କବିତା ଲେଖାଯାଏ । କୌଣସି ସ୍ଥାନରେ ମୂଳ ରଚନା ଭଳି ଅବିକଳ ଛନ୍ଦବଦ୍ଧ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇନପାରେ, କିନ୍ତୁ ସେ ଶୈଳୀ ବା ଭାବରେ ଲେଖାଯାଇଥାଏ । ଗୋଟିଏ ଭଲ ଲାଳିକାର ଏହା ବିଶେଷତ୍ୱ ଯେ, ଏହା ପୂର୍ବ ବା ମୂଳ ରଚନାକୁ ମନେ ପକେଇ ଦିଏ । ପୁରାତନ ଶୈଳୀ ସହିତ ଆଧୁନିକତାର ବା ସାଂପ୍ରତିକତାର ମିଶ୍ରଣରେ ଏ ଧରଣର କବିତା ରଚିତ ।

ଏଠାରେ କିଛି ଓଡ଼ିଆ ଲାଳିକା ଓ ଲାଳିକାକାକରଙ୍କ ବିଷୟରେ ଆଲୋଚନା କରାଯାଇ ଲାଳିକାର ବିଶେଷତ୍ୱକୁ ସ୍ୱଷ୍ଟୀକରଣ କରାଯାଇପାରେ । ଫକୀରମୋହନ ସେନାପତିଙ୍କ ଉପନ୍ୟାସରେ କେତେକ ସ୍ଥଳରେ କବିତାଂଶକାରରେ ଲାଳିକା ପ୍ରୟୋଗକୁ ଲକ୍ଷ୍ୟ କରାଯାଇପାରେ । ସଂସ୍କୃତ ସାହିତ୍ୟରେ କାଳିଦାସଙ୍କ ସରସ୍ୱତୀ ବନ୍ଦନା 'କଜ୍ଜ୍ୱଳ ପୂରିତ ଲୋଚନ ଭାଲେ'ର ଅନୁକରଣରେ ବ୍ୟାସ କବି ଫକୀରମୋହନ ସେନାପତି 'ଛ' ମାଣ ଆଠଗୁଣ୍ଠ' ଉପନ୍ୟାସରେ ପ୍ରତିନାୟିକା ଚମ୍ପାର ଚାରିତ୍ରିକ ବୈଶିଷ୍ଟ୍ୟ ଲାଳିକା ଆକାରରେ ପ୍ରକାଶ କରିଛନ୍ତି, ଯଥା –

" କଜ୍ଜ୍ୱଳ ପୂରିତ ଲୋଚନ ଭାଲେ
ଗୁଣ୍ଡିମିଶା ଦିଲ୍ଲୀ ଗୁଞ୍ଜିତ ଗାଲରେ
ତୈଳ ହରିଦ୍ରା ବୋଳିତ ଦେହେଃ" ଇତ୍ୟାଦି ।

ଫକୀରମୋହନ ସେହିପରି ସପ୍ତଶତୀ ଚଣ୍ଡୀଙ୍କ ଦୁର୍ଗାସ୍ତୁତି 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା' ଅନୁକରଣରେ 'ଛ' ମାଣ ଆଠଗୁଣ୍ଠ' ଉପନ୍ୟାସରେ ବୁଢ଼ୀମଙ୍ଗଳା ଦେବୀଙ୍କୁ ବର୍ଣ୍ଣନା କରି ଲେଖିଛନ୍ତି –

"ଯା ଦେବୀ ବୃକ୍ଷ ମୂଳେଷୁ ଶିଳା ରୂପେଣ ସଂସ୍ଥା
ମୃତ୍ତିକାଶ୍ୱ ଗଜାରୂଢ଼ା ବନ୍ଧାୟାଃ ପୁତ୍ର ଦାୟିନୀ
ବାଡ଼ି ସଂହାରିଣୀ ଦେବୀ ନାରାୟଣୀ ନମୋଃସ୍ତୁତେ" ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଳିକାର ସ୍ପଷ୍ଟ ରୂପ କବିତା ମାଧ୍ୟମରେ ହିଁ ପ୍ରକାଶିତ । ଫକୀରମୋହନ ଏଭଳି ତାଙ୍କର 'ଉତ୍କଳ ଭ୍ରମଣଂ' କାବ୍ୟ, 'ମୁଁ ହାଟ ବାହୁଡ଼ା' କବିତା ପ୍ରଭୃତି ଅନେକ ରଚନାରେ ମଧ୍ୟ ଲାଳିକା ପ୍ରୟୋଗ କରିଛନ୍ତି । ଶିକ୍ଷାଦୀକ୍ଷାହୀନ, ଆଚାରଭ୍ରଷ୍ଟ ତତ୍କାଳୀନ ବ୍ରାହ୍ମଣଙ୍କୁ ବ୍ୟଙ୍ଗ କରି ସେ ନବାକ୍ଷରୀ ବୃତ୍ତରେ ଲେଖିଛନ୍ତି –

"ଶୁଣ ପରୀକ୍ଷା ନରନାଥ । ତାମ୍ପଡ଼ା ଶୁଖୁଆ ପଖାଳ ଭାତ ।
'ସି' ଅକ୍ଷର ବିବର୍ଜିତ । ଚିତା ପଇତାଦି ଶୋଭିତ ।
ବିଲ ବାଛିବାକୁ ଆଗ । ଦହିଚୂଡ଼ାକୁ ବାଘ ।
ପୂଜା ଗାୟତ୍ରୀହୀନ । ବିଲରୁ ବାଛନ୍ତି ମୀନ ।
ପୋଥିରୁ ନ ଫିଟେ ଡୋରି । ଯଜମାନ ଚାଉଳ ଚୋରି" ।

ପରବର୍ତ୍ତୀ କାଳରେ ଓଡ଼ିଆରେ ଲାଳିକା ରଚନା ବିକାଶଲାଭ କରିଛି । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଚଟକ ଚନ୍ଦ୍ରହାସ ଚମ୍ପୂ' ଲାଳିକା ରଚନାର ଏକ ସାର୍ଥକ ନିଦର୍ଶନ ରୂପେ ବିବେଚିତ ହୁଏ । ଏହା ମଧ୍ୟ କବିସୂର୍ଯ୍ୟ ବଳଦେବ ରଥଙ୍କ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ର ଶୈଳୀ – 'କ' ରୁ 'କ୍ଷ' ଅନୁସରଣରେ ଆଧୁନିକ ଭାବବସ୍ତୁକୁ ନେଇ ରଚିତ । ଏଥିରେ ସେଇ ପ୍ରାଚୀନ ରାଧା-କୃଷ୍ଣ ଚରିତ୍ର ନାହାନ୍ତି, ଅଛନ୍ତି ଆଧୁନିକ ଯୁଗର ପୁରୁଷ-ନାରୀ । ମି. ଚଟକ ଚନ୍ଦ୍ର ଓ ମିସ୍ ନିବିନା ଏଭଳି ଆଧୁନିକ ଚରିତ୍ରଙ୍କୁ ଉପସ୍ଥାପନା କରି ବ୍ୟଙ୍ଗ କରିଛନ୍ତି ।

'କ'ରେ କବି ଲାଳିକା କରି କହିଛନ୍ତି –

"କି ହେଲାରେ କହିତ ନୁହଇ ଭାରତୀରେ
କାଲି ଯା କେନାଲ କୂଳେ, କଳନା କଲି ଏ ଡୋଲେ
କାର କଳା ନମ୍ର ମୂରତିରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିବା କଥା ସେ ନୁହେଁ କୋହରେ କଲିଜା ଦହେ

କଣ୍ଠକୁ ପକାଇ କରତି ରେ” ।

ଏହାର ଉତ୍ତର ଦେଇ ମିସ୍ ନିବିନା କହୁଛି ‘ଖ’ରେ –

“ଖରାପ ତୁ ହେଲୁରେ

ଖେଳା ଲୋଳା ଆଖି କି ସାହସ କଲୁରେ

ଖଣ୍ଟ ଠେଇଁ ଜାଣୁ ତଣ୍ଟି ପତାଇଲୁ ରେ

ଖଚଡ଼ା ଜନେ ଗୁପତ ବାଟ ବତାଇଲୁ ରେ” ।

ଏଭଳି ଭାବେ ମୂଳ ରଚନାର ଶୈଳୀ ରହିଛି, ତା’ ମଧ୍ୟରେ ଆଧୁନିକ କୁଆଚରଣକୁ ବ୍ୟଙ୍ଗ-ବିଦ୍ରୁପ କରାଯାଇଛି । ସେହିପରି ଅଭିମନ୍ୟୁ ସାମନ୍ତସିଂହାରଙ୍କ ‘କଳା ମାଣିକରେ'କୁ ନେଇ 'ଧଳା ମାଣିକରେ’ ଲାଳିକା ରଚନା କରିଛନ୍ତି ଲକ୍ଷ୍ମୀକାନ୍ତ ମହାପାତ୍ର ।

ନିତ୍ୟାନନ୍ଦ ମହାପାତ୍ର ରାଧାନାଥ ରାୟଙ୍କ ‘ଦରବାର’ କାବ୍ୟର ଲାଳିକା କରି 'ନବଦରବାର’ ଲେଖିଛନ୍ତି । ପୁଳିନ ବିହାରୀ ରାୟ ମାୟାଧର ମାନସିଂହଙ୍କ ‘ତରୁଣ କବିର ଆଶା’ କବିତାକୁ ନେଇ ‘ହାୟରେ ତରୁଣ କିରାଣୀର ଆଶା’ ଲେଖିଛନ୍ତି । ପୁଣି ଗୋଦାବରୀଶ ମହାପାତ୍ର, ହୁସେନ ରବି ଗାନ୍ଧୀ, ଯଦୁନନ୍ଦନ ବିଶ୍ୱାଳ, ଫତୁରାନନ୍ଦ ବା ରାମଚନ୍ଦ୍ର ମିଶ୍ର ପ୍ରମୁଖ କବିମାନେ ମଧ୍ୟ ଅନେକ ଲାଳିକା ରଚନା କରିଛନ୍ତି ।

ଫତୁରାନନ୍ଦ 'କବି ଲଢ଼େଇ’, 'ଫଟା ରସିକ ହେ’, 'ଯା ରେ ଭାସି ଭାସି ଯା’, ‘କଲିକତା ଚେଙ୍ଗ’ ପ୍ରଭୃତି ଅନେକ ଲାଳିକାର ସାର୍ଥକ ରଚୟିତା । ତାଙ୍କର ପ୍ରଥମ ଲେଖା 'କବି ଲଢ଼େଇ’ ଧାରାବାହିକ ଭାବେ 'ଡଗର’ ପତ୍ରିକାରେ (୧୦ ମ ବର୍ଷ-୨୦-୨୧ ସଂଖ୍ୟା) ପ୍ରକାଶ ପାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଠକ ମହଲରେ ବେଶ୍ ଚହଳ ସୃଷ୍ଟି କରିପାରିଥିଲା । ଜଣେ ତରୁଣୀ ସ୍ନାନ କରିବାକୁ ଯାଇଛନ୍ତି – ଏଇ ପ୍ରସଙ୍ଗକୁ ପୁରାଣ ଯୁଗରୁ ଆରମ୍ଭ କରି ଏ ଯୁଗର କବିମାନଙ୍କ ପର୍ଯ୍ୟନ୍ତ ବିଭିନ୍ନ କବି ନିଜସ୍ୱ ରୀତିରେ ଏହାକୁ କିପରି ବର୍ଣ୍ଣନା କରିବେ ଏହାକୁ କିପରି ବର୍ଣ୍ଣନା କରିବେ ଏହାକୁ ଫତୁରାନନ୍ଦ ଅତ୍ୟନ୍ତ ଚମତ୍କାର ଭାବେ ଚିତ୍ରଣ କରିଛନ୍ତି – ଉଦାହରଣ ସ୍ୱରୂପ ଚୋଖୀ ବୃତ୍ତରେ ରଚିତ ଗଙ୍ଗାଧର ମେହେରଙ୍କ ବର୍ଣ୍ଣନା ଅନୁରୂପ ଲେଖିଥିଲେ, ଯଥା –

"ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଦୃଶା
ସରସୀ ସ୍ନାହାନ ତୃଷା ହୃଦୟେ ବହି
କାମିନୀ ହୁଏ ବାହାର ମନ୍ଥର ଗତି ତାହାର
ଜଳକୁମ୍ଭ ଧରି କର ଅଳସେ ଚାହିଁ
କଳକଣ୍ଠ କଣ୍ଠେ କହିଲା
ଅବଗାହନ କରିବି ରାତି ପାହିଲା" ।

ଏଭଳି ଭାବରେ ଅନେକ ଲାଳିକାକାର ପ୍ରାଚୀନ ରଚନା, ପ୍ରସିଦ୍ଧ ରଚନା, ଭଜନ, ଜଣାଣ, ପୁରାଣ ଆଦିର ଲାଳିକା କରି ଆଧୁନିକ ଅନ୍ଧ ସମାଜ ଓ ବ୍ୟକ୍ତିକୁ କଟାକ୍ଷ କରି ସୁଧାରିବାର ପ୍ରୟାସ କରିଛନ୍ତି । ଏହି ଲାଳିକାର ମୁଖ୍ୟ ଉଦ୍ଦେଶ୍ୟ ହୋଇଛି ସାମାଜିକ ଦୁର୍ନୀତି ପ୍ରତି କଟାକ୍ଷ, ହାସ୍ୟରସ ସୃଷ୍ଟି, ଭାଷା ଚାତୁରୀ ପରିପ୍ରକାଶ ଓ ଆଧୁନିକ ଭାରତର ମଣିଷମାନଙ୍କ ମନ, ସ୍ୱଭାବ ଓ କୁଆଚରଣକୁ ବ୍ୟଙ୍ଗ କରିବା । ସ୍ୱାର୍ଥୀ ସମାଜ ଓ ମଣିଷକୁ ତୀବ୍ର ବ୍ୟଙ୍ଗ କରାଯାଇଛି ଏଥିରେ । ସାହିତ୍ୟ ରସ ପ୍ରଦାନ କରିବା ସହ ସମ ପରିମାଣରେ ସମାଜର ହିତସାଧନ କରେ ଏବଂ ସାହିତ୍ୟର ଏକ ବଳିଷ୍ଠ ବିଭାଗ କବିତାର ଏକ ଶକ୍ତିଶାଳୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଙ୍ଗିକ ତଥା ଭାବରୂପ ରୂପେ ଲାଳିକା ମଣିଷକୁ ଆନନ୍ଦ ଦେବା ସହ ସମାଜ ସୁଧାରିବାର ଭୂମିକା ନିର୍ବାହ କରେ, ବ୍ୟକ୍ତିକୁ ସଂଶୋଧନ କରିବାର ପ୍ରୟାସ କରେ । ତେଣୁ ଏ ସବୁକୁ ଲକ୍ଷ୍ୟ କଲେ ଦେଖାଯାଏ ଆଧୁନିକ ଯୁଗରେ ଓଡ଼ିଆ କବିତାର ରୂପ ବୈଚିତ୍ର୍ୟ ଯେ ସମ୍ପୂର୍ଣ୍ଣ ପରିବର୍ତ୍ତିତ ଏହାର ଏକ ସୁନ୍ଦର ସୁସ୍ପଷ୍ଟ ଉଦାହରଣ ହେଉଛି ଲାଳିକା ।

କିରନ୍ ସ୍ୱାଇଁ ( Kiran Swain )

ବହିଆପଦର, ବରପାଲି, ଜିଲ୍ଲା - ବରଗଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ଥାପତ୍ୟ ଶିଳ୍ପୀ- ରଘୁନାଥ ମହାପାତ୍ର



ଅକ୍ଷୟ କୁମାର ରାଉତ

ମଣିଷ ମାନଙ୍କଦ୍ୱାରା ଦେଶ, ଜାତି, ରାଷ୍ଟ୍ର ଓ ସମାଜ ଗଢ଼ାଯାଇଛି । ପ୍ରତ୍ୟେକ ସମାଜର ଦୁଇଟି ଆଖି ଥାଏ, ତାହା ହେଉଛି ସଭ୍ୟତା ଓ ସଂସ୍କୃତି । ସଂସ୍କୃତି ହେଉଛି ସମାଜର ଦେବତା, ସଭ୍ୟତା ତାର ବାହନ । ମଣିଷର ସଂସ୍କୃତି ସଂକୀର୍ଣ୍ଣ ହେଲେ ତା'ର ସଭ୍ୟତା ବିପଦରେ ପଡ଼ିଥାଏ । ଆମ ଓଡ଼ିଶା ହେଉଛି ସାହିତ୍ୟ, କଳା, ଭାସ୍କର୍ଯ୍ୟ ଓ ସଂସ୍କୃତି ସଭ୍ୟତାର ଦେଶ । ଯେଉଁଠି ଶିଳାରେ ସୌରଭ ଭରି ନିହାଣ ମୁନରେ ନିର୍ଜୀବ ପାଷଣକୁ ଜୀବନ୍ୟାସ ଦେଇ କୀର୍ତିମାନ ସ୍ଥାପନ କରନ୍ତି ଶିଳ୍ପୀ । ସେହି ଦେଶରେ ଏକ ସାଧାରଣ ପରିବାରରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ପୁରୀ (ହରଚଣ୍ଡିସାହି) ପଥୁରୀୟା ସାହିରେ ଜନ୍ମ ଗ୍ରହଣ କରିଥିଲେ । ସଂସଦ ପଦ୍ମ ବିଭୁଷଣ ଡ଼. ରଘୁନାଥ ମହାପାତ୍ର, ପିତା- ଦାମୋଦର ମହାପାତ୍ର ଓ ମା ସୁକାନ୍ତି ଦେବୀ ।

ରଘୁନାଥଙ୍କୁ ଯେତେବେଳେ ୫ ବର୍ଷ ସେତେବେଳେ ତାଙ୍କୁ ଜ୍ୱର ହୋଇଥିଲା । କୌଣସି ଔଷଧ କାର୍ଯ୍ୟ କଲାନାହିଁ । ଡ଼ାକ୍ତର କହିଲେ ଅଳ୍ପ ସମୟରେ ପିଲାଟି ମରିଯିବ । ପିତାମାତା ମା ହରଚଣ୍ଡିଙ୍କ ଆଶ୍ରୟ ନେବାରୁ ସେ ଭଲ ହୋଇଗଲେ । ସେହି ଦିନଠାରୁ ରଘୁନାଥ ମା'ଙ୍କ ଭକ୍ତ ପାଲଟି ଗଲେ । ଘରଦ୍ୱାର ଛାଡ଼ି ସେ ମା'ଙ୍କୁ ଖୋଜିବା ପାଇଁ ବଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଙ୍ଗଲରେ ଅଖିଆ ଅପିଆ ବୁଲିଲେ । ସେ ଜଣେ ସାଧୁଙ୍କ ସାନ୍ନିଧ୍ୟ ପାଇଁ ରାମେଶ୍ୱରଠାରେ ସାଧାନାରେ ବ୍ରତୀ ହେଲେ । ଶେଷରେ ସେ ଶିବଙ୍କର ଆଶୀର୍ବାଦ ପ୍ରାପ୍ତ ହେଲେ । ଦୁଇବର୍ଷ ପରେ ସେ ଘରକୁ ଫେରି ଜଗନ୍ନାଥଙ୍କ ଭାବଭକ୍ତିର ଆଶ୍ରୟ ନେଇ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ ।

ସେ ଛୋଟ ବେଳୁ ଅଜା ଅପର୍ତି ମହାପାତ୍ରଙ୍କ ଠାରୁ ମୁର୍ତି ଗଢ଼ିବା ଶିକ୍ଷା ଲାଭ କରିଥିଲେ । ରଘୁନାଥ ପୁରୀ ବଡ଼ଦାଣ୍ଡରେ ଥିବା ବିଭିନ୍ନ ଦୋକାନରେ ମୂର୍ତ୍ତି ବିକ୍ରି ପାଇଁ ଦିଅନ୍ତି ଆଉ କିଛି ମୂର୍ତ୍ତି ସମୁଦ୍ର କୂଳରେ ବିକ୍ରି କରି ସଂନ୍ଧ୍ୟା ବେଳକୁ ଦୋକାନୀଙ୍କ ଠାରୁ ପଇସା ଆଦାୟ କରି ଘରକୁ ଫେରନ୍ତି । ଏହା ଥିଲା ତାଙ୍କର ନିତିଦିନିଆ ବେଉସା । ଦିନେ ମୂର୍ତ୍ତି ଗଢ଼ିବା ସମୟରେ ପଥୁରୀଆ ସାହିକୁ ଓଡ଼ିଶା ଓ କଲିକତାର ଡ଼ିଜାଇନ୍ ସେଣ୍ଟରର ଦୁଇ ନିର୍ଦ୍ଦେଶକ ଆସିଥିଲେ । ସେମାନେ ରଘୁନାଥଙ୍କ କାର୍ଯ୍ୟ ଦେଖି ଖୁସି ହୋଇ ତାଙ୍କୁ ଆତ୍ମନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ । କାଳବିଳମ୍ବ ନ କରି ରଘୁନାଥ ଭୁବନେଶ୍ୱରଠାରେ ଥିବା ହ୍ୟାଣ୍ଡିକ୍ରାଫ୍ଟ ଡ଼ିଜାଇନ ଆଣ୍ଡ ଟେନିଂ ସେଣ୍ଟରରେ ଚାକିରିରେ ଯୋଗ ଦେଲେ । ଏଠାରେ କାର୍ଯ୍ୟ କରିବା ସମୟରେ କାରିଗର ଜୀବନର ଏକ ପରିବର୍ତନ ଆସିଲା । ସେ ସର୍ବଭାରତୀୟ ହସ୍ତଶିଳ୍ପ ବୋର୍ଡ଼ ପକ୍ଷରୁ ହେଉଥିବା ପ୍ରତିଯୋଗିତାରେ ଭାଗ ନେଲେ । ସେ କୋଣାର୍କ ଘୋଡ଼ା ତିଆରୀ କରି ପ୍ରତିଯୋଗିତାକୁ ପଠାଇଥିଲେ । ଏହି ପ୍ରତିଯୋଗିତାରୁ ସେ ପ୍ରଥମ କରି ଜାତୀୟ ସ୍ୱୀକୃତି ପାଇ ରାଷ୍ଟ୍ରପତି ଡ଼ଃ ଭି.ଭି.ଗିରିଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।

ଜାପାନର ଫୁଜି ଗୁରୁଜୀଙ୍କ ଦିଗଦର୍ଶନରେ ରଘୁନାଥ ମହାପାତ୍ର ଧଉଳି ଠାରେ ୧୮ ଫୁଟର ବୁଦ୍ଧ ମୂର୍ତି ନିର୍ମାଣ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ । ଫୁଜି ଗୁରୁଜୀ ତାଙ୍କର ନିର୍ମାଣ ଶୈଳୀ ଦେଖି ଜାପାନ ଯିବାକୁ ତାଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ତାଙ୍କ ପ୍ରସ୍ତାବ ରଘୁନାଥ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରତ୍ୟାଖାନ କରିଥିଲେ । ଶ୍ରୀ ଜଗନ୍ନାଥଙ୍କର ପ୍ରରମ ଭକ୍ତ ଭାବେ ଜଣାଶୁଣା ରଘୁନାଥ ଶିଳ୍ପୀଗୁରୁ କଳାଜଗତରେ ଗୋଟିଏ ପରେ ଗୋଟିଏ ଅନନ୍ୟ କଳାର ସୃଷ୍ଟି କରି ଦେଶ ବିଦେଶରେ ପରିଚିତ ହୋଇ ଥିଲେ । ତାଙ୍କର କଳାକୃତି ଥିଲା, ଯଥା- ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ କୋଣାର୍କ ଘୋଡ଼ା, କଟକ ବାରବାଟି ଷ୍ଟାଡ଼ିୟମରେ କୋଣାର୍କ ଘୋଡ଼ା, ଭୁବନେଶ୍ୱର ଏୟାର ପୋର୍ଟରେ ୧୬ ଟି କୋଣାର୍କ ଚକ୍ର, ଟିଟିଲାଗଡ଼ରେ ୭୦ ଫୁଟ ଉଚ୍ଚତାର ୩ଟି ମନ୍ଦିର, ଗଞ୍ଜାମର ନୂତନ ତାରାତାରିଣୀ ମନ୍ଦିର, ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିର, ଧଉଳିରେ ୨ଟି ବୌଦ୍ଧ ମୂର୍ତି, ସଂସଦରେ ସ୍ଥାପିତ ସୂର୍ଯ୍ୟ ନାରାୟଣ ମୂର୍ତି, ରାଜିବ ଗାନ୍ଧୀଙ୍କ ସମାଧୀପୀଠ, ନୂଆଦିଲ୍ଲୀ ଅଶୋକା ହେଟେଲରେ କୋଣାର୍କ ଚକ୍ର, ହରିଆନା ସୂରଜକୁଣ୍ଡରେ ୧୫ ପୁଟର ବୁଦ୍ଧ ମୂର୍ତ୍ତି, ଆମେରିକାର ଉତ୍ତର ଆଲବାମାରେ ଜଗନ୍ନାଥ ମନ୍ଦିର, ଲଦାଖରେ ୨୦ ଫୁଟ ଉଚ୍ଚତା ବିଶିଷ୍ଠ ୩ଟି ବୌଦ୍ଧ ମୂର୍ତି, ଫ୍ରାନ୍ସରେ କାଠର ବିଶାଳ ବୌଦ୍ଧ ମୂର୍ତି, ଜାପାନରେ ୧୫ ଫୁଟ ଉଚ୍ଚତାର ଅଶୋକସ୍ତମ୍ଭ । ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଦେଶର କିଛି ବ୍ୟାକ୍ତିଙ୍କ ମଧ୍ୟରୁ ଜଣେ ଯିଏକି ତିନୋଟି ପଦ୍ମ ସମ୍ମାନ ପାଇବାରେ ହକଦାର ହୋଇଥିଲେ । ସେ ପ୍ରସ୍ତର ଶିଳ୍ପ କୃତି ପାଇଁ ୩୩ବର୍ଷ ବୟସରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୦୦୧ ମସିହାରେ ସେ ପଦ୍ମଭୂଷଣ ପୁରସ୍କାର ପାଇଥିଲେ । ୨୦୧୩ରେ ତୃତୀୟ ଓଡ଼ିଆ ଭାବେ ପଦ୍ମବିଭୁଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ଅନ୍ୟାନ ପୁରସ୍କାର ଭାବେ ନୃତ୍ୟଗୁରୁ କେଳଚ ଚରଣ ମହାପାତ୍ର ଓ କବି ସୀତାକାନ୍ତ ମହାପାତ୍ର ପୁରସ୍କାରରେ ପୁରସ୍କୃତ ହୋଇଥିଲେ । ଏକାଡ଼େମୀର ଧର୍ମପଦ ପୁରସ୍କାର, ଶିଳ୍ପୀଗୁରୁ ସମ୍ମାନ, ଭରତମୁନି ସମ୍ମାନ ଓ ମହ୍ଲାର ପ୍ରଭୃତି ଅନ୍ୟାନ ବହୁ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ୨୦୦୦ରେ ତାଙ୍କୁ ଆଇସିସିଆର ସଭ୍ୟ ଭାବେ ଭାରତ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାର ମନୋନୀତ କରିଥିଲେ । ସେ ମଧ୍ୟ ଓଡ଼ିଶା ଲଳିତ କଳା ଏକାଡ଼େମିର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଏହିଭଳି ପ୍ରତିଭାଧାରୀଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନିତ କରିଥିଲେ ।

ତାଙ୍କର ତିନିପୁଅ ଓ ଦୁଇଝିଅ । ତାଙ୍କ ଜୀବିତ ଅବସ୍ଥାରେ ସାନ ପୁଅକୁ ହରାଇଥିଲେ । ତାଙ୍କର ଅନ୍ତ୍ୟେଷ୍ଟିକ୍ରୟା ମଧ୍ୟରେ ଅନ୍ୟ ଦୁଇପୁଅ ଯଶୋବନ୍ତ ଓ ପ୍ରଶାନ୍ତ କୋରୋନା ମହାମାରୀର କରାଳ ଗର୍ଭରେ ବିଲିନ ହୋଇ ଯାଇଥିଲେ ।

ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ  ନିର୍ମାଣର ସ୍ୱପ୍ନ, ନିରବୀଗଲା ନିହଣର ମୁନ, କରୋନାର କରାଳ ଛାୟାରେ ସବୁଦିନ ପାଇଁ ଲୁଚିଗଲା ମହାନ୍ ସ୍ଥାପତ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ଅସୁମାରୀ ଆଶା ଓ ଆକାଂକ୍ଷା । ମହାମାରୀ କରୋନାରେ ପିଡ଼ିତ ହୋଇ ୨୦୨୧ ମସିହା ମେ ମାସ ୯ ତାରିଖରେ ୭୮ ବର୍ଷ ବୟସରେଙ୍କ ଭୁବନେଶ୍ୱର ଏମସ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଜୀବନ ପ୍ରଦୀପ ଅସ୍ତମିତ ହୋଇଗଲା । ଏହି ମହାନ ଶିଳ୍ପି ତାଙ୍କର ହାତର ସ୍ପର୍ଶରେ ହଜାର ହଜାର ପଥରକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ । ଯାହା ଆଜି ମଧ୍ୟ ଜନମାନସକୁ ଆକର୍ଷିତ କରୁଛି । ତାଙ୍କର ପାର୍ଥିବ ଶରୀର ଆଜି ଆମ ଗହଣରେ ନାହିଁ ସତ, କିନ୍ତୁ ସେ ଯୁଗଯୁଗ ଧରି ତାଙ୍କର ସୃଷ୍ଟି ପଥରମୂର୍ତ୍ତିରେ ଜୀବନ୍ତ ହୋଇ ରହିଛନ୍ତି । ରାଜ୍ୟ ତଥା ଦେଶର କଳା ଜଗତ ତାଙ୍କର ଅମ୍ଳାନ କୃତୀ କୁ ସଦାସର୍ବଦା ଚିରସ୍ମରଣୀୟ କରି ରଖିବ  ।

ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର,
ମୋ-୯୯୩୭୬୯୯୪୭୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁନ ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ଜୁନ ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan